# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୭/୨୦୨୨ (୧୬ ପୃଷ୍ଠା) | Bhubaneswar, Thursday, November 17/2022 Page 16 ₹ 7.00 | ★★★★

୪୮ଶ ଭାଗ ୩୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 351 | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP Quality Since 1965
MADHUBAN
Safal TM
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।



## ବ୍ରାଜିଲ ଦଳ ସହ ନେମାରଙ୍କ ଅଭ୍ୟାସ

ଫ୍ରାନ୍ସରୁ ଫେରି କାତାର ଫିଫା ବିଶ୍ୱକପପାଇଁ ବ୍ରାଜିଲ ଦଳ ସହ ଅଭ୍ୟାସ ଆରମ୍ଭ କରିଛନ୍ତି ତାରକା ଖେଳାଳି ନେମାର।

୧୪

୦୮

## ଅର୍ବାଜଙ୍କୁ ମଲାଇକାଙ୍କ ଶୁଭେଚ୍ଛା

ବଲିଉଡ୍ ଅଭିନେତା ଅର୍ବାଜ୍ ଖାନ୍‌ଙ୍କ ଅପ୍ କମିଂ ଫିଲ୍ମ 'ପାଟନା ଶୁକ୍ଲା' ପାଇଁ ମଲାଇକା ଅରୋରା ଶୁଭେଚ୍ଛା ଜଣାଇଛନ୍ତି।





ବାଲିରେ ଜି୨୦ ସମିଟ୍ ଅବସରରେ ବୁଧବାର ଅଧ୍ୟକ୍ଷତା ହସ୍ତାନ୍ତର ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କଠାରୁ ଅଧ୍ୟକ୍ଷତା ଗ୍ରହଣ କରୁଛନ୍ତି।

# ଭରସା ପାଉନି, ଜୀବନ ହାରୁଛନ୍ତି

- ପୋଲିସ ବ୍ୟବହାରରେ ଆସୁନି ପରିବର୍ତ୍ତନ
- ଚରମ ନିଷ୍ପତ୍ତି ନେଉଛନ୍ତି ସାଧାରଣ ଲୋକ
- ବାଟବଣା ଆମ ପୋଲିସ କାର୍ଯ୍ୟକ୍ରମ

**ସତ୍ୟଜିତ ରାଉତ, ସୁବାସ ଚନ୍ଦ୍ର ପାଢ଼ୀ**
**ଭୁବନେଶ୍ୱର (ବ୍ୟୁରୋ)/ ବ୍ରହ୍ମପୁର ଅଫିସ, ୧୬।୧୧**

ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ପୋଲିସ ବ୍ୟବସ୍ଥା ରହିଛି। ପୋଲିସ ବିଭାଗରେ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରି ଅନେକ ସଂସ୍କାର ଆଣୁଛନ୍ତି। ଏପରି କି ପୋଲିସ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଏବଂ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସରକାର ଏହାକୁ ୫-ଟି ଅଧୀନକୁ ଆଣିଛନ୍ତି। ଆମ ପୋଲିସ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରାଯାଉଛି। ହେଲେ କିଛି ପୋଲିସ କର୍ମଚାରୀଙ୍କ ମାନସିକତା କିମ୍ବା ବ୍ୟବହାରରେ ପରିବର୍ତ୍ତନ ଆସୁନାହିଁ। ସେମାନେ ଠିକ୍ ଭାବରେ ଲୋକଙ୍କ ସମସ୍ୟା ବୁଝୁ ନାହାନ୍ତି। ଏପରି କି ଲୋକଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ସେମାନଙ୍କୁ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଉଛନ୍ତି। ଫଳରେ ନ୍ୟାୟ ଆଶାରେ ଆସିଥିବା ଲୋକ ପୋଲିସ ବ୍ୟବହାରରେ ଅତିଷ୍ଠ ହେବା ସହ ଭରସା ହରାଇ ଥାନା ପରିସର, ଏସ୍‌ପି ଅଫିସ ଏବଂ ବିଧାନସଭା ନିକଟରେ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ଏପରିକି କିଛି ଲୋକ କିରୋସିନ ଢ଼ାଳି ହୋଇ ଆତ୍ମାହୁତି ଦେବାକୁ ଚେଷ୍ଟା କରୁଛନ୍ତି। ଚଳିତବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରେ ୧୫ରୁ ଉର୍ଦ୍ଧ୍ୱ ଏଭଳି ଘଟଣା ଘଟିଛି। ବିଶେଷକରି ଗଞ୍ଜାମ ଜିଲାରେ କେବଳ ୫ଜଣଙ୍କ ମୃତ୍ୟୁ ଘଟିଛି, ଯାହାକି ରାଜ୍ୟ ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଚଳିତବର୍ଷ ଜାନୁଆରୀ ୩୧ରେ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ସମ୍ମୁଖରେ ରଣ୍ଡା ଗ୍ରାମର ସନ୍ତୋଷ ସାମନ୍ତରାୟ ଆତ୍ମାହୁତି ଦେଇଥିଲେ। ସନ୍ତୋଷ ଥାନାକୁ ଆସି ତାଙ୍କୁ କେହି ଜଣେ ଧମକ ଦେଉଥିବା ନେଇ ଅଭିଯୋଗ କରିଥିଲେ। ହେଲେ ଥାନାଧିକାରୀଙ୍କ ଠାରୁ ନିରାଶ ହେବା ପରେ ସନ୍ତୋଷ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଏପରି କି ନିଆଁ ଲାଗିଥିବା ଅବସ୍ଥାରେ ଜୀବନ ବିକଳରେ ସେ ଥାନା ଭିତରେ ଜଣେ ପୋଲିସ କର୍ମଚାରୀଙ୍କୁ ଧରି ପକାଇଥିଲେ। ପରେ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପର ଦିନ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସଠାରୁ ନ୍ୟାୟ ନ ପାଇ ସେ ଏଭଳି ଚରମ ନିଷ୍ପତ୍ତି ନେବାକୁ ଯାଉଛନ୍ତି ବୋଲି ମୃତ୍ୟୁ ପୂର୍ବରୁ ଏସ୍‌ପିଙ୍କ ନିକଟକୁ ପଠାଇଥିବା ଏକ ଚିଠି ଭାଇରାଲ ହେବା ପରେ ଜଣାପଡ଼ିଥିଲା। ଅନ୍ୟ ଏକ ଘଟଣାରେ ମେ ୩ ତାରିଖରେ ଗୋଳନ୍ଥରା ଥାନା ଅନ୍ତର୍ଗତ ରଙ୍ଗିପୁର ଗ୍ରାମର ଗଣେଶ ଡାକୁଆଙ୍କୁ ପୋଲିସ ଏକ ଗଣ୍ଡଗୋଳ ମାମଲାରେ ଆଣି ଥାନାରେ ଅଟକ ରଖିଥିଲା। ହେଲେ ରାତ୍ର ୮ଟାରେ ଗଣେଶ ☞ପୃଷ୍ଠା-୨




# କୋଟିପତି ସହକାରୀ ନିର୍ବାହୀ ଯନ୍ତ୍ରୀ ରବିନାରାୟଣ ଗିରଫ

### ୬ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ

**ଭୁବନେଶ୍ୱର, ୧୬।୧୧ (ବ୍ୟୁରୋ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ମୟୂରଭଞ୍ଜ ଜିଲା ଉଦଳା ସବ୍-ଡିଭିଜନ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ରବିନାରାୟଣ ପଣ୍ଡାଙ୍କୁ ବୁଧବାର ଭିଜିଲାନ୍ସ ଗିରଫ କରିଛି। ଚଢ଼ାଉ ଓ ଯାଞ୍ଚରୁ ତାଙ୍କ ସହ ପରିବାର ସଦସ୍ୟଙ୍କ ନାଁରେ ୬ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏହି ସମ୍ପତ୍ତି ସଂକ୍ରାନ୍ତରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ରବିନାରାୟଣ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା (ନଂ.୮/୨୦୨୨) ରୁଜୁ କରାଯାଇଛି। ତେବେ ଗିରଫ ପରେ ଅଭିଯୁକ୍ତ ରବିନାରାୟଣଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଆଣବିକ ଶକ୍ତି ଉତ୍ପାଦନ ଧୂମ୍ମା**

# ପଦ୍ମପୁରକୁ ମିଳିବ ଜିଲା ମାନ୍ୟତା

### ନବୀନଙ୍କ ପ୍ରତିଶ୍ରୁତି

- ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ: କଂଗ୍ରେସ
- ପଦ୍ମପୁରବାସୀଙ୍କୁ ଛଳନା କରାଯାଇଛି: ଭାଜପା

**ଭୁବନେଶ୍ୱର, ୧୬।୧୧ (ବ୍ୟୁରୋ)**



ପଦ୍ମପୁରକୁ ୨୦୨୩ ଡିସେମ୍ବର ୩୧ ସୁଦ୍ଧା ଜିଲା ମାନ୍ୟତା ଦିଆଯିବ। ପଦ୍ମପୁର ଉପନିର୍ବାଚନ ଲାଗି ବିଜେଡି ଇସ୍ତାହାରରେ ବି ଏହା ସ୍ଥାନ ପାଇବ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କୁ ଏପରି ପ୍ରତିଶ୍ରୁତି ଦେଇଛନ୍ତି। ପଦ୍ମପୁର ଉପନିର୍ବାଚନ ନିମନ୍ତେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ହିସାବରେ ନୁହେଁ, ବିଜେଡି ସଭାପତି ହିସାବରେ ଅଞ୍ଚଳବାସୀଙ୍କୁ ଏହି ପ୍ରତିଶ୍ରୁତି ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ପଦ୍ମପୁରବାସୀ ଉତ୍ସାହିତ ହୋଇପଡ଼ିଥିବା ବେଳେ ସେମାନଙ୍କ ଦୀର୍ଘଦିନର ଦାବି ପୂରଣ ହେବ ବୋଲି ଆଶାବାଦୀ ଅଛନ୍ତି।

ପଦ୍ମପୁର ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ନେଇ ବୁଧବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ନବୀନ ନିବାସରୁ ବାହାରି କମିଟିର ସଦସ୍ୟମାନେ ଆଲୋଚନା ସଫଳ ହୋଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ହେଲେ ଏ ସମ୍ପର୍କରେ ଇସ୍ତାହାରରେ ଉଲ୍ଲେଖ ହେବା ପରେ ହିଁ ପଦ୍ମପୁରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଚାଲିଥିବା ଆନ୍ଦୋଳନ ପ୍ରତ୍ୟାହାର କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଉପନିର୍ବାଚନ ପରେ ଯଦି ମୁଖ୍ୟମନ୍ତ୍ରୀ ନିଜ ନିଷ୍ପତ୍ତିରୁ ଓହରିଯିବେ, ୨୦୨୪ ସାଧାରଣ ନିର୍ବାଚନରେ ଏହି ପ୍ରସଙ୍ଗକୁ ଜୋରଦାର କରାଯିବ ଏବଂ ଏହାର ଜବାବ ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଉପନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଥିବା ବେଳେ ପଦ୍ମପୁର ଜିଲା ଘୋଷଣା ଏବଂ ଚାଷୀଙ୍କୁ ବୀମା ରାଶି ପ୍ରଦାନ ଘୋଷଣା ରାଜନୀତିକୁ ଆହୁରି ସରଗରମ କରିଛି।

ନବୀନଙ୍କ ଘୋଷଣାକୁ ଭାଜପା ଓ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। ପଦ୍ମପୁର ଉପନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ଏଭଳି ଘୋଷଣା ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ। ଭାରତର ନିର୍ବାଚନ ☞ପୃଷ୍ଠା-୨

# ୧୦୦ କୋଟି ଯୁବପିଢ଼ି ଶ୍ରବଣଶକ୍ତି ହରାଇପାରନ୍ତି

### ହେଡ୍‌ଫୋନ୍, ଲାଉଡ୍ ମ୍ୟୁଜିକ୍ ମୁଖ୍ୟ କାରଣ: ଡବ୍ଲ୍ୟୁଏଚ୍‌ଓ

**ପ୍ୟାରିସ୍, ୧୬।୧୧**

ନୂଆ ଟ୍ରେଣ୍ଡକୁ ଯୁବପିଢ଼ି ଅତି ସରାଗରେ ଆପଣାଇବାରେ ଲାଗିଛନ୍ତି। ଜୀବନକୁ ନିଜ ଇଚ୍ଛା ଅନୁସାରେ ଜୀଇଁବା ପାଇଁ ସେମାନେ ୱିକେଣ୍ଡ୍ ପାର୍ଟି, ପବ୍ ଓ ମ୍ୟୁଜିକ୍ କନ୍‌ସର୍ଟରେ ମଜ୍ଜି ରହୁଛନ୍ତି। ଏହି ସବୁ କାର୍ଯ୍ୟକ୍ରମରେ ଲାଗୁଥିବା ଲାଉଡ୍ ମ୍ୟୁଜିକ୍ ସେମାନଙ୍କ ଶରୀର ପାଇଁ ଘାତକ ହେବା ଜାଣି ମଧ୍ୟ ସେମାନେ ଏହାକୁ ଅଣଦେଖା କରୁଛନ୍ତି। ଲାଉଡ୍ ମ୍ୟୁଜିକ୍ ବା ଉଚ୍ଚ ଶବ୍ଦଯୁକ୍ତ ସଙ୍ଗୀତ ଯୋଗୁ ଯୁବପିଢ଼ି ଶ୍ରବଣଶକ୍ତି ହରାଇବା ଆଶଙ୍କା ଥିବା ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏଚ୍‌ଓ) କହିଛି। ଏ ନେଇ ଡବ୍ଲ୍ୟୁଏଚ୍‌ଓ ନେତୃତ୍ୱରେ କରାଯାଇଥିବା ଅଧ୍ୟୟନ ଅନୁସାରେ ହେଡ୍‌ଫୋନ୍ ଓ ଲାଉଡ୍ ମ୍ୟୁଜିକ୍ କାରଣରୁ ବିଶ୍ୱରେ ୧୦୦ କୋଟି (୧ ବିଲିୟନ) ଯୁବପିଢ଼ି ଶ୍ରବଣଶକ୍ତି ହରାଇପାରନ୍ତି।



ଏ ନେଇ ସତର୍କତା ଅବଲମ୍ବନ କରିବା ସହ ସରକାର ଓ ହେଡ୍‌ଫୋନ୍ ନିମଣକାରୀ କମ୍ପାନୀ ଯୁବପିଢ଼ିଙ୍କ ଶୁଣିବାଶକ୍ତି ଯେପରି ପ୍ରଭାବିତ ନ ହେବ ସେଥିପ୍ରତି ଦୃଷ୍ଟି ଦେବା ଜରୁରୀ ବୋଲି ଡବ୍ଲ୍ୟୁଏଚ୍‌ଓ କହିଛି। ଏ ସଂକ୍ରାନ୍ତୀୟ ୩୩ଟି ଅଧ୍ୟୟନ ରିପୋର୍ଟ ବିଏମ୍‌ଜେ ଗ୍ଲୋବାଲ୍ ହେଲ୍‌ଥରେ ପ୍ରକାଶ ପାଇଛି, ଯାହା ଇଂଲିଶ, ସ୍ପାନିସ୍, ଫ୍ରେଞ୍ଚ୍ ଏବଂ ରୁଷିଆନ ଭାଷାରେ ଲେଖାଯାଇଛି। ଗବେଷକମାନେ ୨୦ ବର୍ଷ ଧରି ଶ୍ରବଣଶକ୍ତି ଜନିତ ଅଧ୍ୟୟନ କରୁଥିବାବେଳେ ୧୨ରୁ ୩୪ ବୟସ ବର୍ଗର ୧୯,୦୦୦ ଏଥିରେ ସାମିଲ ହୋଇଛନ୍ତି। ହେଡ୍‌ଫୋନ୍ ତଥା ସ୍ମାର୍ଟଫୋନ୍‌ର ବହୁଳ ବ୍ୟବହାର କାରଣରୁ ୨୪% ଯୁବପିଢ଼ିଙ୍କ ଶ୍ରବଣ ସମ୍ବନ୍ଧୀୟ ଅସୁବିଧା ଥିବା ଗବେଷକ ଅନୁଧ୍ୟାନ କରିଥିବାବେଳେ ୪୮%ଙ୍କ ନଏଜ୍ ଲେଭଲ ଖୁବ୍ ଉଚ୍ଚ ରହିଛି। ଆଗାମୀ ଦିନରେ ୬,୭୦,୦୦୦ରୁ ୧୩୦ କୋଟି ଯୁବପିଢ଼ିଙ୍କ କ୍ଷେତ୍ରରେ ଶ୍ରବଣଜନିତ ସମସ୍ୟା ଦେଖାଦେଇପାରେ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ବିଶ୍ୱର ୪୩୦ ନିୟୁତ ଲୋକ ଏପ୍ରକାର ସମସ୍ୟା ଦେଇ ଗତି କରୁଥିବାବେଳେ ୨୦୨୫ବେଳକୁ ଏହି ସଂଖ୍ୟା ୭୦୦ ନିୟୁତରେ ପହଞ୍ଚିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ☞ପୃଷ୍ଠା-୨



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତା' କଥା ତାକୁ ଜଣା,**
**ମିଛେ ବୋଲୁଥାଇ ମୋହର କିଣା।**

କାହା ଅନ୍ତର କଥା କେହି ବୁଝି ପାରନ୍ତିନାହିଁ। ଅନ୍ୟର ମନ ତଳର ଗହନ କଥା ବୁଝିବା ଅତ୍ୟନ୍ତ କଷ୍ଟକର ହୋଇଥାଏ। ତେଣୁ ମୁହଁରେ ଯିଏ ଯାହା କହେ ସେହି କଥାକୁ ନିଜ ବୁଦ୍ଧିରେ ସତ କିମ୍ବା ମିଛ ବୋଲି ଧାରଣା କରିବା ହିଁ ଉଚିତ ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ତାଟିଆ ପାଖରେ କୁଡ଼ିକି**
**ବୁଢା ଛାଡୁନାହିଁ ବୁଢ଼ୀକି।**

ସାଧାରଣତଃ ମଣିଷ ବୁଢାବୁଢ଼ୀ ହୋଇଗଲେ ଉଭୟଙ୍କ ମଧ୍ୟରେ ଆକର୍ଷଣ ପ୍ରଗାଢ ହୁଏ ବୋଲି ଜଣାଯାଇଥାଏ। ଏହା ବହୁ ମନସ୍ତତ୍ତ୍ୱବିତଙ୍କର ମତ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବାଲିଯାତ୍ରା ପଥୋତ୍ସବରେ ନବୀନ ବନ୍ଦନା

**ପୁରୀ ପରେ କଟକ**

■ **ହେ ନବୀନ ବାବୁ ଆମେ ତମ ଫ୍ୟାନ**

କଟକ ଅଫିସ,୧୬।୧୧

ପୁରୀରେ ହବିଷିଆଳିଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବନ୍ଦନା ଗାନ କରାଯାଇଥିଲା। ସେତେବେଳେ ଏହା ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏବେ ଏହି ନବୀନ ବନ୍ଦନାର ପୁନରାବୃତ୍ତି ଘଟିଛି କଟକ ବାଲିଯାତ୍ରାରେ, ଯାହାକୁ ନେଇ ପୁଣି ଥରେ ରାଜ୍ୟରେ ଚର୍ଚ୍ଚା ହେବାରେ ଲାଗିଛି।

ସବୁଦିନ ଭଳି ବୁଧବାର ସକାଳେ ବାଲିଯାତ୍ରାର ପଥୋତ୍ସବ ଅନୁଷ୍ଠିତ ହୋଇଥିଲା। ଅକ୍ଷୟ ମହାନ୍ତି ମଞ୍ଚରେ ଚାଲିଥିଲା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ। ଠିକ୍ ସେହି ସମୟରେ ମଞ୍ଚରେ ଚଢ଼ି ଯାଇଥିଲେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅବିନାଶ ମହାନ୍ତି। ସେଠାରେ ଛିଡ଼ା ହୋଇ ଗାଇଥିଲେ 'ହେ ନବୀନ ବାବୁ ଆମେ ତମ ଫ୍ୟାନ୍'। ଗତ ନିର୍ବାଚନ ପ୍ରଚାରବେଳେ ଏହି ଗୀତ ପ୍ରସ୍ତୁତ ହୋଇଥିଲା। ତେବେ ଅବିନାଶ ଏହି ଗୀତ ଗାଉଥିବା ସମୟରେ ସେଠାରେ କଟକ ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ଜିଲା ସଂସ୍କୃତି ବିଭାଗ ଅଧିକାରୀଙ୍କ ସମେତ ବହୁ ସରକାରୀ ଅଧିକାରୀ ଓ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ହେଲେ କେହି ଜଣେ ଏହାର ପ୍ରତିବାଦ କରି ନ ଥିଲେ। ଐତିହାସିକ ବାଲିଯାତ୍ରା ସହ କଟକ ସମେତ ସାରା ଓଡ଼ିଶାର ଭାବାବେଗ ଜଡ଼ିତ। ଏହା କୌଣସି ରାଜନୈତିକ ଦଳର କାର୍ଯ୍ୟକ୍ରମ ନୁହେଁ। କଟକ ଜିଲା ପ୍ରଶାସନ ଓ କଟକ ମହାନଗର ନିଗମ(ସିଏମ୍‌ସି)ର ମିଳିତ ଆନୁକୂଲ୍ୟରେ ପ୍ରତିବର୍ଷ ବାଲିଯାତ୍ରା ହୋଇଆସୁଛି। ଦଳ, ମତ, ସମ୍ପ୍ରଦାୟ ନିର୍ବିଶେଷରେ ସବୁବର୍ଗର ଲୋକେ ବାଲିଯାତ୍ରାରେ ସାମିଲ ହେଉଛନ୍ତି। ଏସବୁ ସତ୍ତ୍ୱେ ମଞ୍ଚରେ ନବୀନ ବନ୍ଦନା ପରିବେଷଣକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି।

ଏ ସମ୍ପର୍କରେ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି, ଏହା ହେଉଛି ଗାୟକଙ୍କ ପର୍ସନାଲ ଚଏସ। ଜଣେ ଗାୟକ କ'ଣ ଗାଇବ ସେଥିରେ ତାଙ୍କ ସ୍ୱାଧୀନତା ଥାଏ। ସେ ରାଜନୈତିକ ଦଳର କର୍ମକର୍ତ୍ତା ନେଇ ମୋ' ପାଖରେ ଖବର ନାହିଁ। ଏ ବାବଦରେ ଆଗକୁ ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ଏଭଳି ଗୀତ ଗାଇବାକୁ କେହି ପ୍ରୋତ୍ସାହନ ଦେଉନାହାନ୍ତି। ଯେମିତି ଆଗକୁ ଏହାର ପୁନରାବୃତ୍ତି ନହେବ, ସେଥିପ୍ରତି ଦୃଷ୍ଟି ଦିଆଯିବ।



ଜାତୀୟ ପ୍ରେସ୍ ଦିବସରେ ବୁଧବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ଆୟୋଜିତ ଖବରକାଗଜ ପ୍ରଦର୍ଶନୀକୁ ଛାତ୍ରୀମାନେ ବୁଲି ଦେଖୁଛନ୍ତି।

# ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରିଲେ ଶିକ୍ଷକ

■ **୨୦୦୪-୧୩ ଠିକା ନିଯୁକ୍ତି ଉଚ୍ଛେଦ ଦାବି**

■ **ମାଟ୍ରିକ୍ ପରୀକ୍ଷା ଖାତା ମୂଲ୍ୟାୟନ ବର୍ଜନ ଚେତାବନୀ**

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ରାଜ୍ୟ ସରକାର ଚୁକ୍ତିଭିତ୍ତିକ ବା ଠିକା ନିଯୁକ୍ତିକୁ ଉଚ୍ଛେଦ କରିଛନ୍ତି। ହେଲେ ୨୦୦୪ ମସିହାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଯେଉଁ ଠିକା ନିଯୁକ୍ତି ଆରମ୍ଭ ହୋଇଥିଲା, ତାକୁ ଉଚ୍ଛେଦ କରାଗଲା ନାହିଁ। ତେଣୁ ସରକାରଙ୍କ ଏହି ନିଷ୍ପତ୍ତିର ପୁନର୍ବିଚାର ଦାବିରେ ଆନ୍ଦୋଳନକୁ ଓହ୍ଲାଇଛି ନୂତନ ପେନ୍‌ସନ୍ ଯୋଜନାଭୁକ୍ତ (ଏନ୍‌ପିଏସ୍) ମାଧ୍ୟମିକ ଶିକ୍ଷକ ସଂଘ। ରାଜ୍ୟ ସରକାରଙ୍କ ପାତରଅନ୍ତର ନୀତି ବିରୋଧରେ ବୁଧବାର ଶିକ୍ଷକମାନେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ବାସଭବନକୁ ଘେରାଉ କରିଥିଲେ। ତୁରନ୍ତ ଦାବି ଅନୁସାରେ ସମସ୍ୟାର ସମାଧାନ ନ ହେଲେ ବିଧାନସଭା ଆଗରେ ଆନ୍ଦୋଳନ ସହ ଆଗାମୀ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ବର୍ଜନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, ଠିକା ପ୍ରଥା ଉଚ୍ଛେଦ ଘୋଷଣା କେବଳ ୨୦୧୩ ମସିହା ପରବର୍ତ୍ତୀ ଠିକା ନିଯୁକ୍ତି ପାଇଥିବା ସରକାରୀ କର୍ମଚାରୀଙ୍କ ପାଇଁ ଲାଗୁ। ୨୦୦୪ଠାରୁ ୨୦୧୩-୧୪ ମସିହା ପର୍ଯ୍ୟନ୍ତ ସ୍ୱଳ୍ପ ଦରମାରେ କାମ କରିଥିବା ଚୁକ୍ତିଭିତ୍ତିକ ସରକାରୀ କର୍ମଚାରୀ ତଥା ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ଏହା ପ୍ରଯୁଜ୍ୟ ନୁହେଁ। ଫଳରେ ୨୦୧୩ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକ ଏବଂ ୨୦୧୩ ପରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ମଧ୍ୟରେ ବରିଷ୍ଠତା ଓ ଦରମା ନେଇ ଅସଙ୍ଗତି ଦେଖାଦେବ। ମୁଖ୍ୟମନ୍ତ୍ରୀ ପ୍ରଥମେ ଠିକା ଭିତ୍ତିରେ ୨୦୦୪ରୁ ଯେଉଁ ନିଯୁକ୍ତି ଦେଇଥିଲେ ସେମାନଙ୍କ କଥା ଭୁଲିଯିବା ଗ୍ରହଣୀୟ ନୁହେଁ। ଏ ନେଇ ସଂଘର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟ ଶାସନ ସଚିବ ଏବଂ ବିଭାଗୀୟ ଅଧିକାରୀଙ୍କୁ ଭେଟି ଦାବି ଜଣାଇଥିଲେ। ହେଲେ କୌଣସି ଫଳପ୍ରଦ ହେଲା ନାହିଁ। ସେହିପରି ୨୦୧୩ ଚୁକ୍ତିଭିତ୍ତିକ ନିୟମରେ ଯେଉଁମାନେ ଆସୁଛନ୍ତି, ସେମାନଙ୍କ ପାଇଁ ମଧ୍ୟ ସରକାର ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନେଉନାହାନ୍ତି। ଏହାଦ୍ୱାରା ହଜାର ହଜାର ଶିକ୍ଷୟିତ୍ରୀଶିକ୍ଷକ ନିୟମିତ ହୋଇପାରୁନାହାନ୍ତି। ତେଣୁ ସରକାର ତୁରନ୍ତ ଆମ ଦାବି ସମ୍ପର୍କରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସଂଘର ସାଧାରଣ ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ, ମହାସଚିବ ବିଶ୍ୱଜିତ ବିଶ୍ୱାଳ, ଆବାହକ ନିରୋଦ ରଥ, ସାଙ୍ଗଠନିକ ସମ୍ପାଦକ ଜିତେନ୍ଦ୍ର ମହାରଣା ଚେତାବନୀ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗୁରୁ ଦୃଷ୍ଟିରେ ତିନୋଟିଗ୍ରହ ଆପଣଙ୍କ ଆର୍ଥିକ, ମାନସିକ ଏବଂ ସାମାଜିକ ସ୍ଥିତିକୁ ରୁଦ୍ଧିମନ୍ତ କରିବ। କୌଣସି ପରିସ୍ଥିତି ଓ ପରିବେଶରେ ନିଜକୁ ଆଡ୍‌ଜଷ୍ଟ କରିନେବାରେ କୃତକାର୍ଯ୍ୟ ହେବେ। ବାଲ୍ୟବନ୍ଧୁଙ୍କ ଆଗମନରେ କିଛି ସମୟ ଅତିବାହିତ କରିବାକୁ ପଡିପାରେ । ସରକାରୀ କାମରେ ହଠାତ୍ ବାହାରକୁ ଯାତ୍ରା କରିପାରନ୍ତି।

**ବୃଷ** ଶୁକ୍ର ସହ ବୁଧ ଓ ରବିଙ୍କ ସୁପ୍ରଭାବରୁ ମନରେ ବିଭିନ୍ନ ପ୍ରକାରର କାର୍ଯ୍ୟପଦ୍ଧତିର ଯୋଜନା କରିବେ। ପରିବର୍ତ୍ତିତ ପରିସ୍ଥିତିରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇ ଖୁସି ମନେଇବେ। ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ କାମ କରି କିଛିଟା ସଫଳତା ମଧ୍ୟ ପାଇବେ।

**ମିଥୁନ** ଆଜି ଆର୍ଥିକ ଉପଯୋଗ ଓ ଯୁକ୍ତିଯୁକ୍ତ କଥା ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ କରିବ। ଶନିଙ୍କ କୁପ୍ରଭାବରେ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକିରହିବ। ପ୍ରିୟ ବନ୍ଧୁ ସମ୍ମୁଖରେ କୌଣସି ଗୋପନୀୟ କଥା କୁହିବାକୁ ମନସ୍ଥ କରୁଥିଲେ ମଧ ପଛେଇ ଯିବେ। ଛୋଟ କଥାକୁ କେନ୍ଦ୍ରକରି ମତାନ୍ତରରୁ ବିତର୍କ ସୃଷ୍ଟି ହୋଇପାରେ।

**କର୍କଟ** ମଙ୍ଗଳଗ୍ରହ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟକୁ ସଫଳତାର ଶୀର୍ଷକୁ ନେଇଯିବ। ଆଜି ଅର୍ଥ ଓ ସମ୍ମାନ ଲାଭରେ ନିଜକୁ ଗୌରବାନ୍ୱିତ ମନେକରିବେ। ପାରିବାରିକ ଶୃଙ୍ଖଳା ରକ୍ଷା ଦିଗରେ ନିଜର ଅଭିଜ୍ଞତା ଓ ଦୂରଦର୍ଶିତା ଆପଣଙ୍କୁ ସାହାଯ୍ୟ କରିବ। ସଭାସମିତି, ଆନୁଷ୍ଠାନିକ କାମ ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ।

**ସିଂହ** ରବିଙ୍କ ଦୁର୍ବଳତା କାରଣରୁ ଉପରିସ୍ଥଙ୍କ ବିରାଗଭାଜନ ହେବେ। ଆତ୍ମବଳ ଅଭାବରୁ ପ୍ରତ୍ୟେକ କାମରେ ଆଗଧାଡ଼ିରେ ରହିବା ଭଳି ସାହସ ପ୍ରଦର୍ଶନ କରିପାରିବେ ନାହିଁ। ଭୁଲ୍ ବୁଝାମଣା କାରଣରୁ ପରିବାର ଭିତରେ ସମ୍ପର୍କ ହାନି ଘଟିପାରେ। ଅବଶ୍ୟ ସାହିତ୍ୟ, ସଙ୍ଗୀତ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ।

**କନ୍ୟା** ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ସପ୍ତମସ୍ଥ ଗୁରୁଜନିତ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବା କାରଣରୁ ଚିନ୍ତିତ ରହିପାରନ୍ତି। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ସମୟାନ୍ତରରେ ଟେନ୍‌ସନ ଦୂର ହେବ ଓ ପ୍ରିୟଜନଙ୍କ ସହିତ ସୁଖଭ୍ରମଣ ଯୋଗ ରହିଛି।

**ତୁଳା** ଲାଭସ୍ଥାନରେ ଚନ୍ଦ୍ରଥିବାରୁ କର୍ମକ୍ଷେତ୍ରରେ କାର୍ଯ୍ୟରେ ସଫଳତା ହେତୁ ପ୍ରଶଂସିତ ହେବେ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଜମିଜମା ପ୍ରଭୃତି କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ସାମୟିକ ବିଚଳିତ ହେବେ।

**ବିଛା** ଆଜି ରାଶିସ୍ଥ ଗ୍ରହମାନେ ବୃହସ୍ପତି ଦୃଷ୍ଟିରେ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ଶୀର୍ଷକୁ ଯିବେ। ସାହାଯ୍ୟକାରୀ ମନୋଭାବ ହେତୁ ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି ହୋଇପାରେ। ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ବେଶି ସମୟ ତିଷ୍ଠି ରହିବନାହିଁ। ବନ୍ଧୁମାନଙ୍କଠାରୁ ମିଥ୍ୟା ଗୁଜବ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ** ଶନି ଓ ବୃହସ୍ପତି ପ୍ରଭାବରେ ଭୁଲ୍ ବୁଝାମଣା ଦୂର ହେବା କାରଣରୁ ପାରିବାରିକ ଶାନ୍ତି ଫେରି ଆସିବ। ନିଜ ଘର ଅପେକ୍ଷା ବାହାର ଲୋକମାନେ ଆପଣଙ୍କ ପକ୍ଷ ସମର୍ଥନ କରିବେ। ଅଟକି ରହିଥିବା କାମ ହାସଲ ପାଇଁ ଚେଷ୍ଟା କଲେ ସଫଳତା ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସାଧାରଣ ସମସ୍ୟାଗୁଡିକ ପାଇଁ ଅସୁବିଧା ହେବ ନାହିଁ।

**ମକର** ଏକାଦଶସ୍ଥ ଗୁରୁ ଓ କେନ୍ଦ୍ରସ୍ଥ ବୃହସ୍ପତି ଯୋଗୁ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବାକି ପଡ଼ିଥିବା ଅର୍ଥ ଆଦାୟରେ ସକ୍ଷମ ହେବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ କିନ୍ତୁ ସାମୟିକ ଅସ୍ଥିରତା ଦେଖାଦେବାର ସମ୍ଭାବନା ରହିଛି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା ବିଫଳ ହେବ ନାହିଁ।

**କୁମ୍ଭ** ଶୁଭଗ୍ରହ ପ୍ରଭାବରୁ ଯୁକ୍ତିଯୁକ୍ତ କଥା କହି ବିବଦମାନ ସ୍ଥିତିକୁ ସୁଧାରି ନେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସୁଧାରିବାରେ ନିକଟସ୍ଥ ଲୋକମାନେ ସାହାଯ୍ୟ କରିବେ। ଲଘୁ କ୍ରୋଧର ବଶବର୍ତ୍ତୀ ହୋଇ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପିଲାମାନଙ୍କ ଶିକ୍ଷାର ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମୀନ** ଗୁରୁଶୁକ୍ର ପାରସ୍ପରିକ ଦୃଷ୍ଟିଜନିତ ହିତୈଷୀଙ୍କ ପରାମର୍ଶରେ ପାରିବାରିକ ସ୍ଥିତିରେ ସୁଧାର ଆଣିପାରିବେ। କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସାମାଜିକ ସ୍ତରରେ ନୀଚ ବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ।

ଆଜି ନଭେମ୍ବର ୧୭ ତାରିଖ, ମାର୍ଗଶିର କୃଷ୍ଣପକ୍ଷ, କାଞ୍ଜିଅଁଳା ନବମୀ, ମାଣବସା ଗୁରୁବାର ଦ୍ୱିତୀୟପାଳି, ଶ୍ରୀମା'ଙ୍କ ମହାପ୍ରୟାଣ ଦିବସ, ଲାଲା ଲଜପତ୍ ରାୟଙ୍କ ତିରୋଧାନ ଦିବସ, ଡ. ଶ୍ରୀରାମଚନ୍ଦ୍ର ଦାଶଙ୍କ ଜୟନ୍ତୀ, ରାଶିନକ୍ଷତ୍ର- ମଘା/ସିଂହ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୯ ଗତେ ଘ.୦୭।୨୮ ମଧ୍ୟେ ଶୁଭବେଳା। ଦିବା ଘ.୧୨।୫୪ ଗତେ ଘ.୦୨।୧୭ ମଧ୍ୟେ ରାହୁକାଳ।

## ଭରସା ପାଉନି, ଜୀବନ ...

ପିନ୍ଧିଥିବା ଏକ ବେଲ୍ଟକୁ ଝରକା ଲୁହାରେ ଲଗାଇ ଆତ୍ମହତ୍ୟା କରିଥିଲେ। ସେହିପରି ମେ ୧୪ରେ ଛତ୍ରପୁରସ୍ଥିତ ଗଞ୍ଜାମ ଏସ୍‌ପି ଅଫିସ ଆଗରେ ରମ୍ଭା ଥାନା ବୋରିଗାଁର ବାଦଲ ସାହୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ। ୧୨ ବର୍ଷ ଧରି ପରିବାରକୁ ଗାଁ ଲୋକେ ବାସନ୍ଦ କରି ରଖିଥିବାରୁ ସେ ଏଥିପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ପରେ ବାଦଲ ଏସ୍‌ପିଙ୍କୁ ଭେଟି ନ ପାରି ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପରଦିନ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ଜୁଲାଇ ୨୯ ତାରିଖ ସନ୍ଧ୍ୟାରେ ଗୋପାଳପୁର ଥାନା ପରିସରରେ କୀଟନାଶକ ପିଇ ଟିଙ୍କିନା ଦାସ ନାମ୍ନୀ ଜଣେ ମହିଳା ଆତ୍ମହତ୍ୟା କରିଥିଲେ। ଘଟଣା ଦିନ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଥିଲା। ମହିଳା ଜଣକ ପାରିବାରିକ ବିବାଦ ଅଭିଯୋଗ ନେଇ ନିଜ ୫ବର୍ଷର ପୁଅ ସହ ଗୋପାଳପୁର ଥାନାକୁ ଆସିଥିଲେ। ହେଲେ ପୋଲିସ ତାଙ୍କ କଥା ନ ଶୁଣିବାରୁ ସେ ଏଭଳି ଚରମ ପଦକ୍ଷେପ ନେଇଥିଲେ। ସେହିପରି ଚମାଖଣ୍ଡି ଥାନାରେ ଅଟକ ଥିବା ସିଏଚ ତ୍ରିଲୋଚନ ରେଡ୍ଡୀ(୨୧) ନାମକ ଜଣେ ଯୁବକ ଗତ ସେପ୍ଟେମ୍ବର ୩୦ ବିଳମ୍ବିତ ରାତିରେ ଥାନା ପରିସରରେ ଥିବା ପାଇଖାନାରେ ଆତ୍ମହତ୍ୟା କରିଥିଲେ। ପୋଲିସର ହୁଗୁଳା ସୁରକ୍ଷା ବ୍ୟବସ୍ଥା ଯୋଗୁ କିଏ ଦାୟୀ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହେଉଛି।

କଟକ ଜିଲା କିଶନନଗର ଥାନା ଅଞ୍ଚଳର ଗୁଣନିଧି ବିଶୋୟୀ ଜମିବାଡ଼ି ବିବାଦରେ ଅତିଷ୍ଠ ହୋଇ ନ୍ୟାୟ ଆଶାରେ ପୋଲିସ ପାଖକୁ ଯାଇଥିଲେ। ହେଲେ ପୋଲିସ ତାଙ୍କ କଥା ଶୁଣି ନ ଥିଲା। ଗତ ଜୁନ ୨୩ରେ ଥାନା ପରିସରରେ ଗୁଣନିଧି ନିଜ ଶରୀରରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଏହା ପରଦିନ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଭଦ୍ରକ ଜିଲା ଟାଉନ ଥାନା ଅନ୍ତର୍ଗତ ଗବସାହିରେ ଗୃହଦାହ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଥିଲା। ପ୍ରତିବାଦସ୍ୱରୂପ ପରିବାର ପକ୍ଷରୁ ଥାନା ଓ ଏସ୍‌ପି ଅଫିସ ସାମ୍ନାରେ ଧାରଣା ଦିଆଯାଇଥିଲା। ଏପରି କି ୨୦୨୨ ମେ ୧୩ରେ ଏସ୍‌ପି ଅଫିସ ସମ୍ମୁଖରେ ପରିବାର ଲୋକେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଅନ୍ୟ ଏକ ଘଟଣାକ୍ରମରେ ଜଣେ ଅପହୃତା ନାବାଳିକା ଝିଅକୁ ଉଦ୍ଧାର ପାଇଁ ମା' କେନ୍ଦୁଝର ଟାଉନ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଗୁରୁତ୍ୱ ଦେଇ ନ ଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନରେ ଅସନ୍ତୁଷ୍ଟ ହୋଇ ଶେଷରେ ମହିଳା ଜଣକ ଜୁନ ୧୭ରେ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ କିରୋସିନ ଢାଳିହୋଇ ଆତ୍ମାହୁତି ଉଦ୍ୟମ କରିଥିଲେ। ସେହିପରି ମାଲ୍‌କାନଗିରିରେ ଜଣେ ମହିଳା ପାରିବାରିକ ନିର୍ଯ୍ୟାତନା ସହି ନ ପାରି ଥାନାରେ ଅଭିଯୋଗ କରିଥିଲେ। ବାରମ୍ବାର ଥାନାକୁ ଦୌଡ଼ିବା ପରେ ମଧ୍ୟ ପୋଲିସ କିଛି ନ ଶୁଣିବାରୁ ମେ ୧୯ତାରିଖରେ ମାଲକାନଗିରି ଥାନା ପରିସରରେ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅନ୍ୟଏକ ଘଟଣାରେ ଶ୍ୱଶୁର ଘର ଲୋକଙ୍କ ନିର୍ଯ୍ୟାତନା ସହି ନ ପାରି ବାଲେଶ୍ୱର ଜିଲା ସିଂଲା ପୋଲିସଠାରୁ ନ୍ୟାୟ ନ ପାଇ ମା' ଓ ଝିଅ ଜୁଲାଇ ୧୫ରେ ବିଧାନସଭା ସମ୍ମୁଖରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ସେହିପରି ଗତ ୧୮ ତାରିଖରେ ଅନୁଗୋଳର ଜଣେ ମହିଳା ଥାନାରୁ ନ୍ୟାୟ ନ ପାଇ ଆତ୍ମହତ୍ୟା କରିବାକୁ ବିଧାନସଭା ପରିସରକୁ ପ୍ରବେଶ କଲାବେଳେ ପୋଲିସ ତାଙ୍କୁ ପୋଲିସ ଉଦ୍ଧାର କରିଥିଲା। ନ୍ୟାୟ ପାଇଁ ଗୁହାରି କରିବାକୁ ଯାଇ ବିଫଳ ହେବା ପରେ ଲୋକେ ଶେଷରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ଯାଉଥିବା ଯୋଗୁ ଏହା ସରକାର ଓ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହି ସମସ୍ତ ଘଟଣା ଅତ୍ୟନ୍ତ ଚିନ୍ତାଜନକ ଏବଂ ଲୋକେ ପ୍ରଶାସନିକ କାର୍ଯ୍ୟକଳାପ ଉପରେ ବିମୁଖ ହେବାର କାରଣଗୁଡ଼ିକ ସୁଧାରିବାର ସମୟ ଆସିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜିପି ସତ୍ୟବ୍ରତ ଭୋଇ ଥାନା ପରିସରରେ ଆତ୍ମହତ୍ୟା ପ୍ରସଙ୍ଗରେ କହିଛନ୍ତି, ପୋଲିସ ସମାଜରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହ ଥାନାକୁ ଅଭିଯୋଗ ନେଇ ଆସୁଥିବା ପ୍ରତ୍ୟେକ ଲୋକଙ୍କୁ ନ୍ୟାୟ ପ୍ରଦାନ କରି ଆସୁଛି। ମୋ ସରକାର ବ୍ୟବସ୍ଥାରେ ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ଲୋକମାନେ ଯଦି ଥାନାଧିକାରୀ କିମ୍ବା ପୋଲିସ ନିକଟରୁ ଠିକ ନ୍ୟାୟ ପାଇପାରୁ ନାହାନ୍ତି ବୋଲି ହୃଦ୍‌ବୋଧ କରୁଛନ୍ତି,ସେମାନେ ପୋଲିସ ବରିଷ୍ଠ ପଦାଧିକାରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବାର ବ୍ୟବସ୍ଥା ରହିଛି। ଅନ୍ୟପଟେ ଥାନାକୁ ବିଭିନ୍ନ ଅଭିଯୋଗରେ ଅଣାଯାଉଥିବା ଲୋକମାନଙ୍କ ବିରୋଧରେ ହୋଇଥିବା ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ପୋଲିସ ଅନୁସନ୍ଧାନ କରୁଛି। ତେବେ ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ଅଭିଯୋଗକାରୀ ହୁଅନ୍ତୁ ଅବା ପଚରାଉଚରା ପାଇଁ ଅଣାଯାଉଥିବା ଅଭିଯୁକ୍ତମାନେ ବେଳେବେଳେ ଅକାରଣରେ ନିଜର ମାନସିକ ଭାରସାମ୍ୟ ହରାଇ ଥାନା ପରିସରରେ ଆତ୍ମହତ୍ୟା କରୁଥିବା ଅନୁମାନ କରାଯାଉଛି। ଥାନାକୁ ନ୍ୟାୟ ପାଇଁ ଆସୁଥିବା ଜନସାଧାରଣ ପୋଲିସ ଉପରେ ଭରସା ରଖିବା ଉଚିତ ବୋଲି ସେ କହିଛନ୍ତି। ଥାନାକୁ ଆସୁଥିବା ଲୋକମାନଙ୍କୁ ପୋଲିସ ପକ୍ଷରୁ କାଉନ୍‌ସେଲିଂ କରାଯାଉଛି। ବେଳେବେଳେ ସେମାନଙ୍କ ମାନସିକ ସ୍ଥିତି ଜାଣିବା ପୋଲିସ ପକ୍ଷରୁ ସମ୍ଭବ ହୋଇପାରୁନି ବୋଲି ଭୋଇ କହିଛନ୍ତି।

ଖଲ୍ଲିକୋଟ କେଶପୁର ମହାବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ପ୍ରାଧ୍ୟାପିକା ରାଜଲକ୍ଷ୍ମୀ ପଟ୍ଟନାୟକଙ୍କ ମତରେ ସମ୍ପ୍ରତି ଯୁବ ସମାଜ ସେମାନଙ୍କ ମାନସିକ ସ୍ଥିତିକୁ ସନ୍ତୁଳିତ ରଖି ପାରୁନାହାନ୍ତି। ବର୍ତ୍ତମାନ ଶିକ୍ଷା ଓ ପାରିପାର୍ଶ୍ୱିକ ସ୍ଥିତି ଅସନ୍ତୁଳିତ ହୋଇପଡ଼ିଛି। ସାମାଜିକ ଚଳଣି ଭିତରେ ମୂଲ୍ୟବୋଧ ଶିକ୍ଷା ଓ ନୈତିକ ଶିକ୍ଷାର ଘୋର ଅଭାବ ପରିଲକ୍ଷିତ ହେଉଛି। ଫଳରେ ଯୁବକମାନେ ଅନେକ ସମୟରେ ଆତ୍ମହତ୍ୟା କରିବାକୁ ପଛାଉ ନାହାନ୍ତି। ଅନ୍ୟପଟେ ପୋଲିସ ସଂସ୍କାରଭିତ୍ତିକ ପଦକ୍ଷେପ ନେବା ଉଚିତ। ବିଭିନ୍ନ ସମୟରେ ଥାନାକୁ ଆସୁଥିବା ଲୋକମାନେ ବେଳେବେଳେ ଦୋଷ ନ କରି ଦୋଷୀ ହେଉଛନ୍ତି। ଗୋଟିଏ ଛୋଟ ସମସ୍ୟାର ବଡ଼ ସମାଧାନ/ଆକସ୍ମିକ ସମାଧାନ ଭାବି ସାମାଜିକ ଭୟ, ସମ୍ମାନ ଓ ଆତ୍ମସମ୍ମାନରେ ବାଧା ଯୋଗୁ ସେମାନେ ଆତ୍ମହତ୍ୟା କରୁଛନ୍ତି, ତାହା ବାସ୍ତବରେ ଠିକ୍ ନୁହେଁ। ବେଳେବେଳେ ପୋଲିସ ଚାପରେ ରହି ଜଣେ ନିରୀହକୁ ଥାନାକୁ ଆଣି ମାତ୍ରାଧିକ ଦୁର୍ବ୍ୟବହାର ଦେଉଥିବା ଯୋଗୁ ଏଭଳି ଆତ୍ମହତ୍ୟା ଭଳି ଘଟଣା ବଢ଼ିବାରେ ଲାଗିଛି ବୋଲି ପଟ୍ଟନାୟକ କହିଛନ୍ତି।

ପୂର୍ବତନ ପୋଲିସ ଡିଜି ଗୋପାଳ ଚନ୍ଦ୍ର ନନ୍ଦ କହିଛନ୍ତି, ଏହି ଘଟଣା ପାଇଁ ପୋଲିସର ଅବହେଳା ବୋଲି କହିବି ନାହିଁ। ପୋଲିସକୁ ଯେଉଁ ଦାୟିତ୍ୱ ଦିଆଯାଇଛି କ୍ରମଶଃ ତାହା ଅଧିକରୁ ଅଧିକ ହେଉଛି। ସେହି ଅନୁସାରେ ପୋଲିସ ବ୍ୟବସ୍ଥାରେ ଭିତ୍ତିଭୂମି ଏବଂ ମାନବ ସମ୍ବଳକୁ କରାଯାଇନାହିଁ। ବର୍ତ୍ତମାନ ମାମଲା ସଂଖ୍ୟା ବୃଦ୍ଧି ପାଉଛି। ଯଦି ସେହି ଅନୁସାରେ ତଦନ୍ତ ନ ହେବ, ତାହାଲେ ଏଭଳି ଘଟଣା ଘଟିବ। ତଦନ୍ତକୁ ଯେତିକି ସମୟ ଦରକାର ଅଧିକାରୀମାନେ ସେହି ଅନୁସାରେ ଦେଇପାରୁ ନାହାନ୍ତି। ମାନବସମ୍ବଳ ଅଧିକ ଥିବା ହେତୁ ସିବିଆଇ ଏବଂ ଭିଜିଲାନ୍ସର ସଫଳତା ପ୍ରତିଶତ ଅଧିକ। ଏ ବିଷୟରେ ଉଚ୍ଚସ୍ତରରେ ଆଲୋଚନା ହେବା ଦରକାର। କେଉଁ ଥାନାକୁ କେତେ ପୋଲିସ କର୍ମଚାରୀ ଦରକାର। କେତେ ମାନବ ସମ୍ବଳ ଦେଲେ ତଦନ୍ତରେ ସ୍ୱଚ୍ଛତା ଆସିବ, ଏହି ସମସ୍ୟାକୁ ଅଧିକ ଧ୍ୟାନ ଦେଲେ ଏଭଳି ଘଟଣା ଘଟିବ ନାହିଁ ବୋଲି ନନ୍ଦ କହିଛନ୍ତି।

ମାନବାଧିକାରି କର୍ମୀ ପ୍ରଦୀପ ନାୟକ କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୋଲିସ ରିଫର୍ମ କମିଶନ ବସିଥିଲା। ଆଇନ ଶୃଙ୍ଖଳା ଏବଂ ତଦନ୍ତକୁ ଅଲଗା କରି ୨ଟି ଉଇଙ୍ଗ କରିବାକୁ ଉକ୍ତ କମିଶନ ପରାମର୍ଶ ଦେଇଥିଲା। ହେଲେ ସରକାର ଏପର୍ଯ୍ୟନ୍ତ ଏଦିଗରେ ଦୃଷ୍ଟି ଦେଇନାହାନ୍ତି। ଫଳରେ ଅଧିକାଂଶ ପୋଲିସ ଅଧିକାରୀ ବିଭିନ୍ନ ସ୍ଥାନରେ ଚାପରେ ରହି ସାଧାରଣ ଲୋକଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ସବୁ ପୋଲିସ ଅଧିକାରୀ ଏଭଳି ନୁହନ୍ତି। ହେଲେ କିଛି ପୋଲିସ ଅଧିକାରୀ ତଦନ୍ତରେ ହେଳା କରି ଲୋକଙ୍କୁ ଦୁର୍ବ୍ୟବହାର କରିବା ଯୋଗୁଁ ଏଭଳି ଘଟଣା କମୁନାହିଁ। ପୋଲିସ ବିଭାଗରେ କର୍ମଚାରୀ ଅଭାବ ମଧ୍ୟ ଏହାର ଏକ ପ୍ରମୁଖ କାରଣ। ସହରାଞ୍ଚଳରେ ପୋଲିସର ତଦନ୍ତ ଏବଂ ବ୍ୟବହାର କିଛିଅଂଶରେ ଭଲି ରହୁଥିବା ବେଳେ ଗ୍ରାମାଞ୍ଚଳରେ ଏହା ହେଉନାହିଁ। ଅନେକ ସ୍ଥାନରେ ରାଜନୈତିକ ହସ୍ତକ୍ଷେପ କରାଯାଉଥିବାରୁ ମଧ ପୋଲିସ ଅଭିଯୋଗକାରୀଙ୍କୁ ପକ୍ଷପାତିତା କରୁଛି। ପୋଲିସ ବିଭାଗକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଏହା କେବଳ ନାମକୁ ମାତ୍ର। ଉପରିସ୍ଥ ସରକାରୀସ୍ତରରେ ଏଥିପ୍ରତି ଦୃଷ୍ଟି ଦେଲେ ଏଭଳି ଘଟଣାର ମାତ୍ରା କମିପାରିବ ବୋଲି ପ୍ରଦୀପ କହିଛନ୍ତି। ସାଧାରଣ ନାଗରିକ ଉତ୍କଳ କେଶରୀ ସାମଲ କହିଛନ୍ତି, ଅଧିକାଂଶ ଥାନାରେ ଏବେବି ଅଭିଯୋଗକାରୀଙ୍କ କଥାକୁ ଗୁରୁତ୍ୱ ଦିଆଯାଉନାହିଁ। ଟଙ୍କା ନେଇ ପୋଲିସ କାମ କରୁଥିବା ଦେଖାଯାଉଛି। ଉପରସ୍ତରରୁ ପ୍ରତି ଥାନା ଅଧିକାରୀଙ୍କୁ ଏ ଦିଗରେ ସଚେତନ କରାଯିବା ଦରକାର ବୋଲି ସେ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ପଦ୍ମପୁରକୁ ମିଳିବ ...

କମିଶନ ନିଜଆଡ଼ୁ ଏ ନେଇ ମାମଲା ରୁଜୁ କରିବା କଥା। ସବୁ ଜାଣି ନିର୍ବାଚନ କମିଶନ ଚୁପ୍ ରହିବା କେତେଦୂର ଯଥାର୍ଥ ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସବୁବେଳେ ପଶ୍ଚିମ ଓଡ଼ିଶା ଲୋକଙ୍କୁ ମିଛ କୁହନ୍ତି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀଙ୍କର ପ୍ରତିଶ୍ରୁତି କୁଆଡ଼େ ଗଲା। ପଦ୍ମପୁରକୁ ଜିଲା ଘୋଷଣା ଦାବି ଅନେକ ବର୍ଷର ପୁରୁଣା। ଏନେଇ ଭାଜପା ମଧ୍ୟ ଅନେକ ଦିନ ଧରି ଆନ୍ଦୋଳନରେ ସାମିଲ ଅଛି। ହଠାତ୍ ପଦ୍ମପୁର ଉପନିର୍ବାଚନକୁ ଦେଖି ଜିଲା କ୍ରିୟାନୁଷ୍ଠାନ କମିଟିକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେବା ଏକ ଛଳନା। ଯେଉଁ ରାଜ୍ୟ ସରକାର ପଦ୍ମପୁରକୁ ସବ୍‌ଡିଭିଜନ ଘୋଷଣା କରିବା ପାଇଁ ରାଜି ନ ଥିଲେ ଆଜି ଜିଲା ଘୋଷଣା କଥା କହି ପଦ୍ମପୁରବାସୀଙ୍କୁ କେବଳ ଛଳନା ଓ ପ୍ରତାରଣା କରୁଛନ୍ତି ବୋଲି ସେ କହିଛନ୍ତି।

## ୧୦୦ କୋଟି ଯୁବପିଢ଼ି ...

ଶ୍ରବଣଜନିତ ଭୟାବହତା ଦୂର କରିବା ପାଇଁ ଅତିକମ୍ ସମୟ ଓ କମ୍ ଭଲ୍ୟୁମ୍‌ରେ ହେଡ୍‌ଫୋନ୍ ବା ମୋବାଇଲ୍ ବ୍ୟବହାର ଜରୁରୀ ବୋଲି ସାଉଥ୍ କାରୋଲିନାର ମେଡିକାଲ ୟୁନିଭର୍ସିଟି ଅଡିଓଲୋଜିଷ୍ଟ ଲରେନ ଡିଲାର୍ଡ କହିଛନ୍ତି। ଭବିଷ୍ୟତରେ ହେବାକୁ ଥିବା ଶ୍ରବଣଶକ୍ତି ଜନିତ ବ୍ୟତିକ୍ରମ ଦୂର କରିବା ଲାଗି ବିଭିନ୍ନ ଦେଶର ସରକାର ମ୍ୟୁଜିକାଲ ପାର୍ଟି, ପବ୍, କନସର୍ଟ ଆଦିରେ ବ୍ୟବହାର କରାଯାଉଥିବା ଉଚ୍ଚ ଶବ୍ଦଯୁକ୍ତ ସଙ୍ଗୀତରେ ନିୟନ୍ତ୍ରଣ ଲଗାଇବା ଜରୁରୀ।

## କୋଟିପତି ସହକାରୀ ନିର୍ବାହୀ ...

ଏହି ଘଟଣାରେ ଅଧିକ ତଦନ୍ତ କରାଯାଉଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ପରେ ଭିଜିଲାନ୍ସ ପକ୍ଷରୁ ସୋମବାର ରବିନାରାୟଣଙ୍କ ଘର ସମେତ ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଖୋର୍ଦ୍ଧାର ୮ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚରୁ ଭୁବନେଶ୍ୱର ଆଇଗିଣିଆରେ ୩ ମହଲା କୋଠା, ପାତ୍ରପଡ଼ା 'ବ୍ଲୁ ହ୍ୱିଲ୍' ଆପାର୍ଟମେଣ୍ଟର ଫ୍ଲାଟ୍ ସହ ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ୫ ପ୍ଲଟ, କଟକରେ ୨ଟି ଓ କେନ୍ଦ୍ରାପଡ଼ାରେ ୫ ସମେତ ମୋଟ ୧୨ଟି ପ୍ଲଟ ମଧ୍ୟ ଠାବ ହୋଇଥିଲା। ଏଥିସହ ନଗଦ ୨୮.୯ ଲକ୍ଷ ଟଙ୍କା, ୨.୩ କେଜିର ସୁନାଅଳଙ୍କାର, ୪ଟିଚାରିଚକିଆ ଯାନ, ୩ଟି ବାଇକ, ୨୪ ଲକ୍ଷ ଟଙ୍କାର ଘରୋଇ ଉପକରଣ ଏବଂ ୧.୨୦ କୋଟି ଟଙ୍କାର ବ୍ୟାଙ୍କ ଓ ଜୀବନବୀମା ଜମା ମିଳିଥିଲା। ସେହିପରି ବିଭିନ୍ନ ବ୍ୟାଙ୍କରେ ଏକାଧିକ କ୍ରେଡିଟ୍ କାର୍ଡ ଦ୍ୱାରା ରବିନାରାୟଣଙ୍କ ପୁଅ ସୌମିତ ପଣ୍ଡା ୧ କୋଟିର ନେଣଦେଣ କରିଥିବା ମଧ୍ୟ ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ଭିଜିଲାନ୍ସର ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ୮ଜଣ ଡିଏସ୍‌ପି, ୫ଜଣ ଇନ୍ସପେକ୍ଟର, ଜଣେ ଏସ୍‌ଆଇ, ୧୧ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଥିଲେ।



ରବିନାରାୟଣ ପଣ୍ଡା

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୪,୧୨,୩୮,୦୬୩ | ୬୬,୧୮,୬୬୪ | ୬୨,୦୮,୫୯,୩୪୧ |
| ଭାରତ | ୪,୪୬,୬୭,୭୪୪ | ୫,୩୦,୫୩୫ | ୪,୪୧,୨୮,୫୮୦ |
| ଓଡ଼ିଶା | ୧୩,୩୬,୩୫୯ | ୯୨୦୪(+୫୩) | ୧୩,୨୭,୦୧୭ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## କ୍ଲାଇମେଟ୍ ଚେଞ୍ଜ: ଦି ପାୱାର ଅଫ୍ ୟୁଥ୍

# ବହି ଲେଖି ପରିବେଶକୁ ଦାନ

**ଜଳବାୟୁପରିବର୍ତ୍ତନ ସାରା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଥିବାବେଳେ ଯୁବପିଢ଼ି କିପରି ଏ ଦିଗରେ ସଚେତନ ହେବେ ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍-୨୦୨୨'। ନଭେମ୍ବର ୨୪ ତାରିଖ 'ଧରିତ୍ରୀ'ର ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜନ ହେବାକୁ ଥିବା ଏହି ଯୁବ ସମ୍ମିଳନୀରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ। ଏଥିସହିତ ରାଜ୍ୟର ବହୁ ଶିକ୍ଷାନୁଷ୍ଠାନରୁ ଯୁବବକ୍ତା ଅଂଶଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତାମତ ଦେବେ। ଯୁବ ପରିବେଶବିତ୍‌ଙ୍କ ସମ୍ପର୍କରେ...**




**ସାଗର ପ୍ରଧାନ**

'ଧରିତ୍ରୀ' ପକ୍ଷରୁ ଆସନ୍ତା ୨୪ତାରିଖରେ 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍'-୨୦୨୨ ଆୟୋଜନ ହେବାକୁ ଯାଉଛି। ଏହି ଯୁବ ସମ୍ମିଳନୀରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ। ସେମାନଙ୍କ ମଧ୍ୟରେ ରହିଛନ୍ତି ଓଡ଼ିଶାର ଉଦୀୟମାନ ଯୁବ ଲେଖକ ତଥା ଗବେଷକ ସାଗର ପ୍ରଧାନ। ସାଗର ପୁସ୍ତକ ରଚନା କରି ସଂଗୃହୀତ ଅର୍ଥକୁ ପରିବେଶ ସୁରକ୍ଷା ଦିଗରେ ଲଗାଉଛନ୍ତି, ଯାହାକି ବହୁ ଯୁବପିଢ଼ିଙ୍କ ପାଇଁ ସେ ଆଦର୍ଶ ହୋଇପାରିଛନ୍ତି। ପେସାରେ ଜଣେ ସଫ୍ଟୱେର ଇଞ୍ଜିନିୟର। କିନ୍ତୁ ନିଶା ହେଉଛି ପୁସ୍ତକ ରଚନା ଏବଂ ପରିବେଶ ସୁରକ୍ଷା କରିବା। ୩୧ବର୍ଷୀୟ କେନ୍ଦ୍ରାପଡ଼ାର ସାଗର ପ୍ରଧାନଙ୍କୁ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ମିଳିତ ଜାତିସଂଘ ପକ୍ଷରୁ ୨୦୨୧ରେ 'ବିଶ୍ୱ ପରିବେଶ ଦିବସ ହିରୋ-୨୦୨୦' ଭାବେ ସମ୍ମାନିତ କରାଯାଇଛି। ଏହାପୂର୍ବରୁ ୨୦୧୯ରେ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କୁ ସମ୍ମାନିତ କରିଥିଲେ। ଏଥିସହ ସେ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହି ପ୍ରତିଭା ପାଇଁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ୨୦୨୨ରେ ବି ସ୍ଥାନ ପାଇଛନ୍ତି।

ସାଗର ବାଙ୍ଗାଲୋରର ଏକ କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟରତ। ଛୋଟ ବେଳରୁ ପୁସ୍ତକ ରଚନା କରିବାର ସ୍ୱପ୍ନ ଥିବାରୁ ଧୀରେ ଧୀରେ ଲେଖିବା ଆରମ୍ଭ କରିଥିଲେ। ବିଶେଷକରି ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧୀୟ ପୁସ୍ତକ ରଚନା କରୁଛନ୍ତି। ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍‌ସ, ଜାଭା ପ୍ରୋଗ୍ରାମିଂ, ବେସିକ ଜାଭା ବୁକ୍, ଇ-କର୍ମସ ଭଳି ପୁସ୍ତକ ରଚନା କରିଛନ୍ତି।



ସାଗର ଏହାରି ଭିତରେ ୭ଟି ପୁସ୍ତକ, ୨୮ଟି ଅନୁସନ୍ଧାନ ଆଲେଖ୍ୟ ସହ ଅନେକ କ୍ଷୁଦ୍ର ଗଳ୍ପ ସଙ୍କଳ୍ପ ମଧ୍ୟ ରଚନା କରିଛନ୍ତି। ତାଙ୍କ ରଚିତ ପୁସ୍ତକ କେବଳ ଭାରତ ନୁହେଁ, ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନରେ ପଢ଼ାଯାଉଛି। ବିଶ୍ୱବଜାରରେ ଏହି ପୁସ୍ତକ ଉପଲବ୍ଧ ହେଉଛି। ଏଥିରୁ ଯେଉଁ ରୟାଲ୍‌ଟି ପାଉଛନ୍ତି, ତାକୁ ନିଜେ ନ ରଖି ଏକ ମହତ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଚିନ୍ତା କରିଥିଲେ। ସାଗରଙ୍କ ମତରେ ବହି ରଚନା କଲେ ଆମେ ଯେଉଁ କାଗଜ ବ୍ୟବହାର କରୁଛେ, ତା' ପ୍ରତି ବଦଳରେ ଆମେ ପରିବେଶକୁ ଯଦି କିଛି ଦେବା ନାହିଁ, ତା'ହେଲେ ଆମ କାର୍ଯ୍ୟଧାରା ନିରର୍ଥକ ହୋଇଯିବ। ଗୋଟେ ପୁସ୍ତକ ରଚନାରେ ଯେମିତି ଜଣେ ଲେଖକ, ପ୍ରକାଶକଙ୍କ ଅବଦାନ ରହିଛି, ସେମିତି ଗୋଟେ ବୃକ୍ଷର ସବୁଠାରୁ ବଡ଼ ଅବଦାନ ରହୁଛି। କାରଣ ପୁସ୍ତକଟି କାଗଜରେ ଲେଖାଯାଉଛି ଏବଂ ସେହି କାଗଜ ପାଇଁ ଗୋଟେ ଗଛର ଜୀବନ ଯାଉଛି। ତେଣୁ ସେ ପୁସ୍ତକରୁ ଯେଉଁ ରୟାଲ୍‌ଟି ଆସୁଛି ତାକୁ ପରିବେଶ ସୁରକ୍ଷା ଦିଗରେ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ସେ ମିଳିତ ଜାତିସଂଘ ସହ ଯୋଡ଼ିହେଲେ। ତାଙ୍କ ପୁସ୍ତକ ଆଲେଖ୍ୟରୁ ଆସୁଥିବା ସମସ୍ତ ଅର୍ଥକୁ ସେ ମିଳିତ ଜାତିସଂଘ ଦ୍ୱାରା ପରିଚାଳିତ ପରିବେଶ ସୁରକ୍ଷା ସଂସ୍ଥାକୁ ଦାନ କରୁଛନ୍ତି। ଗତ ୧୦ବର୍ଷ ହେଲାଣି ସେ ଏଭଳି ଦାନ କରି ଆସୁଛନ୍ତି। ତାଙ୍କ ଅର୍ଥରେ ୧୦ହଜାରରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିବାବେଳେ ୧୨ଟି ଛୋଟ ହ୍ରଦର ପୁନରୁଦ୍ଧାର କରାଯାଇପାରିଛି। ଏ ନେଇ ସାଗର କୁହନ୍ତି, ପୁସ୍ତକ ରଚନା କିମ୍ବା କୌଣସି ଶିକ୍ଷାକୁ ନେଇ ମୋର ବ୍ୟବସାୟ କରିବାର ଉଦ୍ଦେଶ୍ୟ ନ ଥିଲା। ଏବେ ମଧ୍ୟ ନାହିଁ। ନିଜେ ପଢ଼ିବା ସମୟରେ ଭଲ ପ୍ରକାଶକଙ୍କ ପୁସ୍ତକ କିଣିବା ପାଇଁ ସାମର୍ଥ୍ୟ ନ ଥିବାରୁ ଜେରକ୍ସ କରି ଆଣି ପଢୁଥିଲି। ଯେହେତୁ ମୁଁ ଭଲ ନୋଟ୍ କରେ, ତେଣୁ ଭାବେ, ଯଦି ମୁଁ କେବେ ବହି ଲେଖିପାରନ୍ତି ତେବେ ଏହିଭଳି ପୁସ୍ତକକୁ କମ୍ ଟଙ୍କାରେ ବିକ୍ରି କରିପାରନ୍ତି। ଫଳରେ ବହୁ ପିଲା ଉପକୃତ ହୋଇପାରିବେ। ଯେତେବେଳେ ପୁସ୍ତକ ପ୍ରକାଶ ପାଇଲା ଏବଂ କିଛି ଅର୍ଥ ପାଇଲି, ସେତେବେଳେ ସେହି ଅର୍ଥକୁ କିପରି ପରିବେଶ ସୁରକ୍ଷା ଦିଗରେ ନିୟୋଜିତ କରିବି ତାହା ଚିନ୍ତା କଲି। ତେଣୁ ମିଳିତ ଜାତିସଂଘ ସହ ଯୋଡ଼ିହୋଇ ସେହି ଟଙ୍କାକୁ ପରିବେଶ ସୁରକ୍ଷା ଦିଗରେ ନିୟୋଜିତ କରିବା ପାଇଁ ନିଷ୍ପତ୍ତି ନେଲି। ତେବେ ୨୦୧୪ରେ ପ୍ରଥମ ପୁସ୍ତକ 'ଜାଭା' ପ୍ରକାଶ ପାଇଥିଲା। ତାହା ଅଳ୍ପ ଲୋକପ୍ରିୟ ହୋଇଥିଲା। କିନ୍ତୁ ୨୦୧୮ରେ ଦ୍ୱିତୀୟ ପୁସ୍ତକ 'ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍‌ସ' ମୋତେ ପରିଚୟ ଦେଇଥିଲା।

# 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଯୋଜନା ଶୁଭାରମ୍ଭ




ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ର ଉଦ୍‌ଯାପନୀ ଉତ୍ସବରେ ଛାତ୍ରୀଛାତ୍ରଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

### ସରିଲା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

- ବର୍ଷକୁ ୫୦ ହଜାର ଛାତ୍ରୀଛାତ୍ର ପାଇବେ ପୁରସ୍କାର
- ଶିକ୍ଷାରେ ଉତ୍କର୍ଷ ପାଇଁ ୧୦୦ କୋଟି ଟଙ୍କାର ପୁରସ୍କାର ଘୋଷଣା
- ବୋର୍ଡ ପାଇଁ ଡିଜି ଲକର ବ୍ୟବସ୍ଥା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୬।୧୧ (ବ୍ୟୁରୋ)**

୫-ଟି ରୂପାନ୍ତରିତ ସ୍କୁଲ ତଥା ଅନ୍ୟ ସ୍କୁଲଗୁଡ଼ିକ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଯୋଜନାର ଶୁଭାରମ୍ଭ କରିଛନ୍ତି। ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ଲାଗି ପ୍ରତିବର୍ଷ ୧୦୦ କୋଟି ଟଙ୍କାର ପୁରସ୍କାର ମିଳିବ। ୫୦ ହଜାର ଛାତ୍ରୀଛାତ୍ର, ୧୫୦୦ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଶିକ୍ଷକ, ସ୍କୁଲ ପରିଚାଳନା କମିଟି, ସରପଞ୍ଚ ଏବଂ ପୁରାତନ ଛାତ୍ରଙ୍କୁ ବ୍ଲକ୍, ଜିଲା ଓ ରାଜ୍ୟସ୍ତରରେ ଏହି ପୁରସ୍କାର ପ୍ରଦାନ କରାଯିବ। ୟୁନିଟ୍-୯ସ୍ଥିତ ସରକାରୀ ବାଳକ ଉଚ୍ଚବିଦ୍ୟାଳୟରେ ରାଜ୍ୟସ୍ତରୀୟ ଶିଶୁ ଦିବସ ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପାଇଁ ଭର୍ଚୁଆଲ ଡିଜି ଲକର ବ୍ୟବସ୍ଥାର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏଥିରେ ଛାତ୍ରୀଛାତ୍ରଙ୍କ ସାର୍ଟିଫିକେଟ୍, ମାର୍କଶିଟ୍ ଓ ଅନ୍ୟାନ୍ୟ ଡକ୍ୟୁମେଣ୍ଟ ସୁରକ୍ଷିତ ରହିପାରିବା ସହିତ ସୁବିଧାରେ ଉପଲବ୍ଧ ମଧ୍ୟ ହେବ। ଏଥିରେ ଚୋରି ବା ହଜିଯିବାର କୌଣସି ସମ୍ଭାବନା ରହିବ ନାହିଁ।

ସମାରୋହରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ୩ଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ପରାମର୍ଶ ଦେଇଥିଲେ। ସେ କହିଥିଲେ, ଛାତ୍ରୀଛାତ୍ରଙ୍କ ପାଇଁ ସମୟ ହେଉଛି ଗୁରୁତ୍ୱପୂର୍ଣ୍ଣ। ଠିକ୍ ସମୟରେ ଠିକ୍ କାମ କଲେ, ପିଲାମାନେ ଆଗରେ ରହିପାରିବେ। ବର୍ତ୍ତମାନ ହେଉଛି ପିଲାଙ୍କ ଜ୍ଞାନ ଅର୍ଜନ କରିବାର ସମୟ। ପାଠ ସହିତ ଖେଳକୁଦ, ନାଚଗୀତ-ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ନିଜ ପାଇଁ ପରିଚୟ ସୃଷ୍ଟି କର। ପରିବର୍ତ୍ତନ ଅବଶ୍ୟମ୍ଭାବୀ। ତେଣୁ ସମୟ ସହ ତାଳ ଦେଇ ଆଗକୁ ବଢ଼ିବାକୁ ହେବ ଓ ପରିବର୍ତ୍ତନକୁ ଗ୍ରହଣ କରିବାକୁ ହେବ। ସମୟର ଆହ୍ୱାନକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେବା ସହିତ ନିଜ ଭିତରେ ବୈଜ୍ଞାନିକ ମନୋବୃତ୍ତିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ପିଲାଙ୍କୁ ଦାୟିତ୍ୱବୋଧତା ସମ୍ପର୍କରେ ବୁଝାଇ ମୁଖ୍ୟମନ୍ତ୍ରୀ କହିଥିଲେ, ତୁମମାନଙ୍କ ଜୀବନ ଗଢ଼ିତୋଳିବାରେ ଯେଉଁମାନଙ୍କ ଅବଦାନ ରହିଛି, ଶିକ୍ଷକ, ପରିବାର, ଗୁରୁ, ନିଜ ଗାଁ ଓ ସ୍କୁଲ, ସେମାନଙ୍କ ପ୍ରତି ନିଜର ଦାୟିତ୍ୱ ଓ ସମ୍ମାନକୁ କେବେହେଲେ ଭୁଲନାହିଁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ଏକ କଫି ଟେବୁଲ ପୁସ୍ତକ, ମାଗାଜିନ ଓ ମୋ ସ୍କୁଲ ନ୍ୟୁଜ୍ ଲେଟର ଉନ୍ମୋଚନ କରିଥିଲେ।

ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ରହି ଗୁରୁ, ଶିକ୍ଷାନୁଷ୍ଠାନ ଓ ପାଠପଢ଼ା ଆଦି ସଂକ୍ରାନ୍ତରେ ପିଲାଙ୍କୁ ପରାମର୍ଶ ଦେବା ସହ ଉତ୍ସାହିତ କରିଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ଅଶ୍ୱଥି ଏସ୍ ସ୍ୱାଗତ ଭାଷଣ ଓ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଧନ୍ୟବାଦ ଦେଇଥିଲେ।










E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**SKY AUTOMOBILES**
BHUBANESWAR: PATIA: 7381045356. CUTTACK: 9776677771, 7381873818, DHENKANAL: 7381045357. NARSINGHPUR: 7381045357. KAMAKHYANAGAR: 7381045357. JAJPUR: 9776900777. SALEPUR: 9583544555. CHANDIKHOL : 9583544555. TANGI: 7381045356.

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450.

**ODYSSEY MOTORS**
ANGUL: 7752076136, 9776901481. PALLAHARA: 7873565435, 9437831123.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMPARA: 7381094851. PARADEEP: 9583022034/ 48.

*Offer includes consumer offer, exchange bonus, institutional offer or rural offer, Gold voucher and spot booking offer (wherever applicable) on selected models/ variants. Above mentioned savings amount is the value of maximum savings on selected models. *Terms and conditions apply. Terms and conditions are subject to change without any prior notice. #As certified by Test agency under Rule 115(G) of CMVR 1989. This fuel efficiency is for AMT variant. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th November, 2022.

ମଣିଷ ଗୋଟିଏ ମଧ୍ୟବର୍ତ୍ତିକାଳୀନ ଜୀବସତ୍ତା। ସେ କିନ୍ତୁ ସୃଷ୍ଟି ବିକାଶର ଶେଷ ପର୍ଯ୍ୟାୟ ନୁହେଁ। ମଣିଷଠାରୁ ଅତିମାନବ ଆଡ଼କୁ ପଦକ୍ଷେପ ନେବା ହେଉଛି ପୃଥିବୀ ବିବର୍ତ୍ତନର ଆଗାମୀ ସଫଳତା। ଏହା ଅପରିହାର୍ଯ୍ୟ। କାରଣ ଏହା ଏକାବେଳକେ ଅନ୍ତରାତ୍ମାର ଉଦ୍ଦେଶ୍ୟ ଓ ପ୍ରକୃତିର ପ୍ରକ୍ରିୟାର ଯୁକ୍ତିସଙ୍ଗତ କାରଣ। -ଶ୍ରୀଅରବିନ୍ଦ



# ଆଣବିକ ଶକ୍ତି ଉତ୍ପାଦନ ଧିମା



ଆଣ୍ଟୋନି ଫ୍ରୋଗାତ

ଜୀବାଶ୍ମ ଇନ୍ଧନ ଉପରେ ୟୁରୋପର ନିର୍ଭରଶୀଳତା ଅତ୍ୟନ୍ତ ବିପଜ୍ଜନକ ଓ ଏଭଳି ମନୋଭାବକୁ ରୁଷିଆର ୟୁକ୍ରେନ୍ ଆକ୍ରମଣ ଲୋକଲୋଚନକୁ ଆଣିଛି। ଠିକ୍ ସେହିଭଳି ଜୀବାଶ୍ମ ଇନ୍ଧନ ନିର୍ଭରଶୀଳତା ଯୋଗୁ ଲଗାତର ବୃଦ୍ଧିପାଉଥିବା ଏବଂ ଗମ୍ଭୀର ଜଳବାୟୁଜନିତ ପାଣିପାଗ ଘଟଣାଗୁଡ଼ିକ ବିଶ୍ୱରେ ମୃତ୍ୟୁ ଓ ବ୍ୟାପକ କ୍ଷତିକୁ ସାମ୍ନାକୁ ଆଣିଛି। ଏହା ସ୍ପଷ୍ଟ ଯେ, ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରିବା, ଅସୁରକ୍ଷିତ ଶକ୍ତି ଯୋଗାଣରୁ ଦୂରେଇଯିବା ସହ ଅଧିକ ଚାହିଦା ଥିବା ଏକ ନୂଆ, ଭରସାଯୋଗ୍ୟ, ସୁରକ୍ଷିତ ଏବଂ ଶସ୍ତା ଶକ୍ତି ଉତ୍ସ ପାଇଁ ରାଜନୈତିକ ଓ ସାର୍ବଜନୀନ କ୍ଷେତ୍ରରେ ଦାବି ଉଠୁଛି, ଚାପ ମଧ୍ୟ ବଢୁଛି। କିନ୍ତୁ ଏ କ୍ଷେତ୍ରରେ ଶୀଘ୍ର ଆଗକୁ ବଢିବା ପରିବର୍ତ୍ତେ କେଉଁ ବିକଳ୍ପ ସବୁଠୁ ବାସ୍ତବବାଦୀ ହେବ ଏବଂ କିଭଳି ସେଗୁଡ଼ିକ ଲାଗୁ ହେବ ଓ ବିଶ୍ୱରେ କାର୍ଯ୍ୟ କରିବ ସେ ସମ୍ପର୍କରେ ଆମକୁ ସତର୍କତାର ସହ ବିଚାର କରିବାକୁ ପଡ଼ିବ। ଆଣବିକ ଶକ୍ତି କଥା ବିଚାରକୁ ନିଆଯାଉ। ଅନେକ ଦେଶ ଏବଂ କମ୍ପାନୀ ଏବେ ଏହାକୁ ଏକ ଦ୍ୱିତୀୟ (ଏପରିକି ତୃତୀୟ) ବିକଳ୍ପ ଭାବେ ଗୁରୁତ୍ୱ ଦେଉଛନ୍ତି। ୨୦୨୨ ୱାର୍ଲ୍ଡ ନ୍ୟୁକ୍ଲିୟର ଇଣ୍ଡଷ୍ଟ୍ରି ଷ୍ଟାଟସ ରିପୋର୍ଟ (ଡବ୍ଲ୍ୟୁଏନ୍ଆଇଏସ୍ଆର୍) ବା ବିଶ୍ୱ ଆଣବିକ ଶିଳ୍ପ ସ୍ଥିତି ରିପୋର୍ଟ ଆଣବିକ ଶକ୍ତି କ୍ଷେତ୍ରର ପ୍ରଗତି ସମ୍ପର୍କରେ ମହତ୍ତ୍ୱପୂର୍ଣ୍ଣ ତଥା ସ୍ପଷ୍ଟ ଧାରଣା ଦେଇଛି। ବ୍ୟାପକ ଶକ୍ତି କ୍ଷେତ୍ର ପାଇଁ ଗତ ୧୨ ମାସକୁ ଏକ ଟର୍ନିଂ ପଏଣ୍ଟ ଭାବେ କୁହାଯାଉଛି। ହେଲେ ଆଣବିକ ଶକ୍ତି କ୍ଷେତ୍ରରେ ଏହା ହୋଇପାରିନାହିଁ। ୨୦୨୧ରେ ବିଶ୍ୱରେ ମୋଟ ବ୍ୟବସାୟିକ ବିଦ୍ୟୁତ୍ ଉତ୍ପାଦନର ଆଣବିକ ଶକ୍ତି ଅଂଶ ୯.୮%କୁ ଖସିଥିଲା। ୪ ଦଶନ୍ଧି ମଧ୍ୟରେ ଏହା ପ୍ରଥମ ଥର ପାଇଁ ୧୦%ରୁ ତଳକୁ ଖସିଛି ଓ ୧୯୯୬ରେ ବୃଦ୍ଧି ପାଇଥିବା ୧୭.୫%ର ଅଧାରୁ ଏହା ସାମାନ୍ୟ ଅଧିକ। ଏହି ସମୟରେ ପ୍ରଥମ ଥର ପାଇଁ ୨୦୨୧ରେ ପବନ ଓ ସୌର ଶକ୍ତି ଆଣବିକ ଶକ୍ତିକୁ ଟପିଯାଇଛି। ଏହି ଦୁଇ ଶକ୍ତିର ମୋଟ ଶକ୍ତି ଉତ୍ପାଦନ ୧୦.୨%ରେ ପହଞ୍ଚିଥିଲା।

ଏଭଳି ଭିନ୍ନ ଧାରା ସବୁଆଡ଼େ ହୋଇଥିବା ନିବେଶ, ବଣ୍ଟନ ଏବଂ ଉତ୍ପାଦନର ପ୍ରତ୍ୟେକ ସୂଚକାଙ୍କରେ ସ୍ପଷ୍ଟ ଭାବେ ଦେଖିବାକୁ ପାଇବା। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା(ଆଇଏଇଏ) ଅନୁଯାୟୀ ୨୦୧୮ରେ କାର୍ଯ୍ୟଶୀଳ ରିଆକ୍ଟରଗୁଡ଼ିକ ଉଭୟ ସଂଖ୍ୟା(୪୪୯) ଏବଂ ମୋଟ କ୍ଷମତା(୩୯୬.୫ଗିଗାୱାଟ) ଦୃଷ୍ଟିରୁ ଶୀର୍ଷରେ ରହିଥିଲା। ଆଇଏଇଏ ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୨୧ ଶେଷସୁଦ୍ଧା ବିଶ୍ୱରେ ୪୩୭ ରିଆକ୍ଟର କାର୍ଯ୍ୟକ୍ଷମ ଥିଲା। ଏହାସହ ୨୩ଟି ରିଆକ୍ଟର ଅତି କମ୍‌ରେ ୯ ବର୍ଷ ହେଲା କାମ କରି ନ ଥିବା ଓ ସେଗୁଡ଼ିକ ଆଉ ପୂର୍ବ ଭଳି ସମାନ ଭାବେ କାର୍ଯ୍ୟ କରିବା ଆଦୌ ସମ୍ଭାବନା ନାହିଁ ବୋଲି ଦର୍ଶାଇଛି। ୨୦୧୮ରେ ସ୍ଥାପିତ ଆଣବିକ କ୍ଷମତା ୪୦୦ ଗିଗାୱାଟ୍ ରହିଥିଲାବେଳେ ସୌର ଓ ପବନ ଶକ୍ତି କ୍ଷମତା ରହିଥିଲା ୧,୦୦୦ ଗିଗାୱାଟ୍ ଏବଂ



ପରେ ଏହା ୨୦୨୧ ଶେଷସୁଦ୍ଧା ୧,୬୬୦ ଗିଗାୱାଟ୍‌ରେ ପହଞ୍ଚିଛି। ମାତ୍ର ତିନି ବର୍ଷରେ ଆଣବିକ ଶକ୍ତିଠାରୁ ସୌର ଓ ପବନ ଶକ୍ତି ତା 'ଶେଷ କ୍ଷମତା ସ୍ତର ତୁଳନାରେ ଦୁଇ ତୃତୀୟାଂଶରୁ ଅଧିକ ବୃଦ୍ଧି ହୋଇଛି। ସ୍ଥାପିତ କ୍ଷମତାକୁ ଦେଖିଲେ ୟୁନିଟ୍ ପିଛା ସୌର ଓ ପବନ ଶକ୍ତି ତୁଳନାରେ ଆଣବିକ ଶକ୍ତି ଉତ୍ପାଦନ ଅଧିକ ହୋଇଥାଏ। କିନ୍ତୁ ଉପାଦନ ପରିମାଣରେ ଏଭଳି ଭିନ୍ନତା ବାସ୍ତବରେ ଆଶ୍ଚର୍ଯ୍ୟଜନକ।

୨୦୨୧ରେ ଜଳବିଦ୍ୟୁତ୍‌କୁ ଛାଡ଼ି ଅନ୍ୟସବୁ ଅକ୍ଷୟଶକ୍ତିରେ ନିବେଶ ରେକର୍ଡ ପରିମାଣ ୩୬୬ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଥିଲା ଓ ବିଦ୍ୟୁତ୍ ଗ୍ରୀଡ୍‌ରେ ଅଭୁତପୂର୍ବ ଭାବେ ମୋଟରେ ୨୫୭ ଗିଗାୱାଟ୍ ବୃଦ୍ଧି ଘଟିଥିଲା। ଅନ୍ୟପକ୍ଷରେ ସେହି ସମୟରେ ଆଣବିକ ଉତ୍ପାଦନ କ୍ଷମତା ୦.୪% ହ୍ରାସ ଘଟିଥିଲା। ସେହି ବର୍ଷ କେବଳ ୬ଟି ଆଣବିକ ରିଆକ୍ଟର ଗ୍ରୀଡ୍ ସହ ସାମିଲ ହୋଇଥିଲା ଓ ଏଥିରେ ଚାଇନାର ଅଧା ଥିଲା। ପରେ ୨୦୨୨ର ପ୍ରଥମାର୍ଦ୍ଧରେ ସାମିଲ ହୋଇଥିବା ଆଉ ୫ଟି ନୂଆ ରିଆକ୍ଟର ମଧ୍ୟରେ ଚାଇନାର ଥିଲା ଦୁଇଟି। କିନ୍ତୁ ୨୦୨୨ ମଧ୍ୟଭାଗ ସୁଦ୍ଧା ଚାଇନାର ୨୧ଟି ରିଆକ୍ଟର ତା'ଦେଶରେ ନିର୍ମାଣାଧୀନ ରହିଛି, ବିଦେଶରେ ନୁହେଁ। ରୁଷିଆ ମଧ୍ୟ ସେହିଭଳି ଭୂମିକା ନେଇ ଆସିଥିଲା। କିନ୍ତୁ ଏବେ ନିର୍ମାଣାଧୀନ ୨୦ଟି ୟୁନିଟ୍ ମଧ୍ୟରୁ ୨୦୨୨ ମଧ୍ୟଭାଗ ସୁଦ୍ଧା ୧୭ଟି କୁ ୭ଟି ଦେଶରେ ନିର୍ମାଣ କରି ଅନ୍ତର୍ଜାତୀୟ ମାର୍କେଟରେ ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରୁଥିଲାବେଳେ କଟକଣା ଏବଂ ଦେଖାଯାଇଥିବା ଶକ୍ତିଶାଳୀ ଭୂରାଜନୈତିକ ସ୍ଥିତି ଯୋଗୁ ଏଥିମଧ୍ୟରୁ ଅନେକ ପ୍ରୋଜେକ୍ଟରେ ଅନିଶ୍ଚିତତା ଦେଖାଦେଇଛି।

ଏବେ ୩୩ ଦେଶରେ ଆଣବିକ ଶକ୍ତି ଉତ୍ପାଦନ କେନ୍ଦ୍ର କାର୍ଯ୍ୟକରୁଛି। ବାଂଲାଦେଶ, ଇଜିପ୍ଟ ଓ ତୁର୍କୀ ପ୍ରଥମଥର ପାଇଁ ରୁଷୀୟ ଆଣବିକ ଶିଳ୍ପ ଭାଗୀଦାରିରେ ଏହା ନିର୍ମାଣ କରୁଛନ୍ତି। ପୃଥିବୀରେ ନିର୍ମାଣାଧୀନ ୫୨ଟି ପ୍ରୋଜେକ୍ଟ ମଧ୍ୟରୁ ୨୬ଟିର ନିର୍ମାଣରେ ବିଭିନ୍ନ କାରଣରୁ ବିଳମ୍ବ ଘଟିଛି। ଏଥିମଧ୍ୟରୁ ଅତି କମ୍‌ରେ ୧୪ଟିରେ ଅତ୍ୟଧିକ ବିଳମ୍ବ ହୋଇଥିବା ଜଣାପଡ଼ିଛି। ଗତ ବର୍ଷ ଆରମ୍ଭ ହେବାକୁ ଥିବା ଆଉ ଦୁଇଟି ନୂଆ ୟୁନିଟ୍ ନିର୍ମାଣରେ ବିଳମ୍ବ ହୋଇଥିବା ବି ସ୍ପଷ୍ଟ ହୋଇଛି। ପ୍ରଥମଥର ଲାଗି ଡବ୍ଲ୍ୟୁଏନ୍ଆଇଏସ୍ଆର୍ ଆଣବିକ ଶକ୍ତି ଓ ଯୁଦ୍ଧ ବିପଦ ସମ୍ପର୍କରେ ଆକଳନ କରିଛି। ଚଳିତବର୍ଷ ମାର୍ଚ୍ଚ ୪ରୁ ରୁଷିଆ ସେନା ଦଖଲ କରିଥିବା ୟୁକ୍ରେନ୍‌ର ଜାପୋରିଝଝିଆ ଆଣବିକ ଶକ୍ତି କେନ୍ଦ୍ରକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଅତ୍ୟଧିକ ଆଶଙ୍କା ପ୍ରକାଶ ପାଇଆସିଛି। ସେହି ପ୍ଲାଣ୍ଟ ଓ ତା'ଚତୁଃପାର୍ଶ୍ୱକୁ ବାରମ୍ବାର ଆକ୍ରମଣ ଯୋଗୁ ପ୍ଲାଣ୍ଟ ଉତ୍ପାଦନ କ୍ଷମତା ହରାଇଚାଲିଛି। ନିକଟରେ ଆଇଏଇଏ ସତର୍କ କରିଦେଇଛି ଯେ, ଆକ୍ରମଣ ପରିପ୍ରେକ୍ଷୀରେ ତାକୁ ସୁରକ୍ଷିତ ରଖିବା ସମ୍ଭବ ନୁହେଁ। ଏକ ଆଣବିକ ଶକ୍ତି ଉତ୍ପାଦନ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବାରେ ସଙ୍କଳ୍ପବଦ୍ଧ, ସୁସ୍ଥ ଓ କୁଶଳୀ କର୍ମଚାରୀ ଆବଶ୍ୟକ। କିନ୍ତୁ ଏବେ ଜାପୋରିଝଝିଆର ୟୁକ୍ରେନୀୟ କର୍ମଚାରୀମାନେ ଅତ୍ୟଧିକ ଚାପରେ ରହିଛନ୍ତି। ଆଣବିକ ଇନ୍ଧନ ଧାରଣ କରିଥିବା ଓ ଆଣବିକ କ୍ରିୟା ସମ୍ପାଦିତ ହେଉଥିବା ଅଂଶ (ରିଆକ୍ଟର କୋର୍) ପାଇଁ ଲଗାତର ଶୀତଳୀକରଣ ବ୍ୟବସ୍ଥା ସଞ୍ଚାଳନ କରିବା ଏକ ମୁଖ୍ୟ ଆହ୍ୱାନ ହୋଇଯାଇଛି। ରିଆକ୍ଟର ବନ୍ଦ ହେବା ପରେ ସଞ୍ଚିତ ବ୍ୟବହୃତ ଇନ୍ଧନର ମଧ୍ୟ ରକ୍ଷଣାବେକ୍ଷଣ ଆବଶ୍ୟକ। କ୍ଷୟିତ ଅବଶେଷାଂଶରୁ ଜାତ ଉତ୍ତାପ ଦୂର କରିବାରେ ବିଫଳ ହେଲେ ରିଆକ୍ଟର ଆଭ୍ୟନ୍ତର କ୍ଷତି ଘଟି ଆଣବିକ ବିପର୍ଯ୍ୟୟ ଦେଖାଦେବ କିମ୍ବା କିଛି ଦିନ କିମ୍ବା ସପ୍ତାହ ମଧ୍ୟରେ ବ୍ୟବହୃତ ଇନ୍ଧନରେ ନିଆଁ ଲାଗି ଅତ୍ୟଧିକ ରେଡିଓଆକ୍ଟିଭିଟି ନିଃସରଣ ହେବାର ଅଧିକ ସମ୍ଭାବନା ରହିଛି।

ଇଜିପ୍ଟରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ସମ୍ମିଳନୀ କପ୍୨୭ରେ ବିଶ୍ୱ ନେତାଗଣ ବିଶ୍ୱରେ କାର୍ବନ ନିର୍ଗମନ ହ୍ରାସ କରିବା କାର୍ଯ୍ୟପନ୍ଥା ଉପରେ ଆଲୋଚନା କରୁଛନ୍ତି। ବିଶ୍ୱ ସ୍ତରରେ ଜୀବାଶ୍ମ ଇନ୍ଧନ ଦୂର କରିବା ସହ କାର୍ବନ ନିର୍ଗମନ ହ୍ରାସ କରିବାକୁ ଶୀଘ୍ର କାର୍ଯ୍ୟକାରୀ କରାଯାଇପାରୁଥିବା ଟେକ୍‌ନୋଲୋଜି ଉପରେ ସେମାନେ ଗୁରୁତ୍ୱ ଦେବା ଦରକାର। ତେବେ ଡବ୍ଲ୍ୟୁଏନ୍ଆଇଏସ୍ଆର୍ ଦ୍ୱାରା ଲଗାତର ଭାବେ ପ୍ରକାଶିତ ଅନେକ ରିପୋର୍ଟରୁ ସ୍ପଷ୍ଟ କରିଛି ଯେ, ଶକ୍ତି ଉତ୍ପାଦନ ଦକ୍ଷତା ବୃଦ୍ଧି କରିବା ଓ ଅକ୍ଷୟ ଶକ୍ତି ସହ ପ୍ରତିଯୋଗିତାଭିତ୍ତିରେ ଅଧିକ ଶକ୍ତି ଉତ୍ପାଦନ କରିବାରେ ଆଣବିକ ଶକ୍ତି ଅତ୍ୟନ୍ତ ଧିମା ଏବଂ ଅତି ବ୍ୟୟବହୁଳ।

**ସହ-ଲେଖକ, ବିଶ୍ୱ ଆଣବିକ ଶିଳ୍ପ ସ୍ଥିତି ରିପୋର୍ଟସ୍**

# ମଣିଷ ପାଇଁ ସତର୍କ ଘଣ୍ଟି



ଚିତ୍ତରଞ୍ଜନ ପୃଷ୍ଟି

ସମାଜ ସର୍ବଦା ଏକ ସୁସ୍ଥ ପରିବେଶ ଉପରେ ନିର୍ଭର କରେ। ସୁସ୍ଥ ଓ ନିରାମୟ ଜୀବନଯାପନ ପାଇଁ ପ୍ରଦୂଷଣମୁକ୍ତ ପରିବେଶ ଏକାନ୍ତ ପ୍ରୟୋଜନ। ବିଶୁଦ୍ଧ ପରିବେଶ ସୁସ୍ଥ ଜୀବନଯାପନର ଏକ ମାନଦଣ୍ଡ। ପରିବେଶ ଆମର ରକ୍ଷାକବଚ, ଯାହା ଆମ ପାଇଁ ପ୍ରକୃତିର ବଡ଼ ଅବଦାନ ଏବଂ ଆମର ଜୀବନ ରକ୍ଷାକାରୀ। ଜୀବଜଗତ ବଞ୍ଚିବା ପାଇଁ ବାୟୁ ଏକ ଅପରିହାର୍ଯ୍ୟ ଉପାଦାନ। ନ ଖାଇ ଆମେ କିଛିଦିନ ବଞ୍ଚିଯିବା ମାତ୍ର ବାୟୁ ବିନା କିଛି କ୍ଷଣ ବଞ୍ଚିବା ଅସମ୍ଭବ। ଶିଳ୍ପାୟନ ଓ ନଗରୀକରଣ ଯୋଗୁ ପରିବେଶ ପ୍ରଦୂଷିତ ହେବା ସହ ଅନେକ ଧନଜୀବନ କ୍ଷତି ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତଥ୍ୟ ଅନୁଯାୟୀ, ବାୟୁ ପ୍ରଦୂଷଣ ଯୋଗୁ ବିଶ୍ୱରେ ବାର୍ଷିକ ୫ କୋଟି ୪୦ ଲକ୍ଷ ଏବଂ ଭାରତରେ ବର୍ଷକୁ ପ୍ରାୟ ୧୨ ଲକ୍ଷ ଲୋକଙ୍କ ଜୀବନ ଚାଲିଯାଉଛି। ଯାନବାହନ ସଂଖ୍ୟା ବୃଦ୍ଧି, ଦ୍ରୁତ ଶିଳ୍ପାୟନ, ଆଣବିକ ପରୀକ୍ଷଣ, ଖଣିଜ ପରିବହନ ଆଦି ଯୋଗୁ ପରିବେଶ ପ୍ରଦୂଷିତ ହେଉଛି। ଡିଜେଲ, କୋଇଲା ଓ ଅନ୍ୟ ଶିଳ୍ପ ଇନ୍ଧନ ଦହନରୁ ବାହାରୁଥିବା ବିଷାକ୍ତ ନାଇଟ୍ରୋଜେନ୍ ଅକ୍ସାଇଡ, କାର୍ବନ୍ ମନୋକ୍ସାଇଡ ଓ ଡାଇଅକ୍ସାଇଡ, ଓଜୋନ, ଆମୋନିଆ, ସଲ୍‌ଫର ଡାଇଅକ୍ସାଇଡ୍ ପରି ବିଷାକ୍ତ ବାଷ୍ପ ବାୟୁମଣ୍ଡଳକୁ ପ୍ରଦୂଷିତ କରିଥାଏ। ପରିବେଶ ପ୍ରଦୂଷଣ ଆମ ସ୍ୱାସ୍ଥ୍ୟ ଉପରେ ବିଭିନ୍ନ ପ୍ରତିକୂଳ ପ୍ରଭାବ ପକାଇଥାଏ। ଶିଶୁ ମୃତ୍ୟୁ, ଶ୍ୱାସକ୍ରିୟାଜନିତ ସମସ୍ୟା, ଆଲର୍ଜି, ହୃଦ୍‌ରୋଗ, ମାନସିକ ବିକୃତି ଭଳି ରୋଗର ଏହା କାରଣ ହେବା ସହ ଅନ୍ୟାନ୍ୟ କ୍ଷତିକାରକ ପ୍ରଭାବ ରହିଛି। ବାୟୁ ପ୍ରଦୂଷଣର ବ୍ୟାପକ ପ୍ରଭାବ ଶିଶୁମାନଙ୍କ ଉପରେ ରହିଛି।

ଦିଲ୍ଲୀରେ ପ୍ରଦୂଷଣ ଉଦ୍‌ବେଗଜନକ ସ୍ତରରେ ପହଞ୍ଚିଛି। ବର୍ତ୍ତମାନ ଖରାପ ସ୍ଥିତିରେ ଦିଲ୍ଲୀର ବାୟୁ ଗୁଣବତ୍ତା। ଦିଲ୍ଲୀରେ ବାୟୁ ଗୁଣବତ୍ତା ଅଧିକ ଖରାପ ହେଉଥିବା ବେଳେ ଅଣନିଃଶ୍ୱାସୀ ହେଉଛନ୍ତି ସ୍ଥାନୀୟବାସୀ। ଲଗାତର ରାଜଧାନୀ ଦିଲ୍ଲୀର ବାୟୁ ଗୁଣବତ୍ତା ଅତି ଖରାପ ସ୍ଥିତିରେ ରହିଛି, ଯାହାକି ଦିଲ୍ଲୀ ପାଇଁ ଅତ୍ୟନ୍ତ ଜଟିଳ ସ୍ଥିତି ସୃଷ୍ଟି କରିଛି। ପବନର ଗତି, ଚାଷଜମିରେ ଅଗ୍ନିକାଣ୍ଡ ଯୋଗୁ ସ୍ଥିତି ଜଟିଳ ହୋଇଛି। ପଞ୍ଜାବ ଓ ହରିୟାଣାର ଚାଷୀ ନଡ଼ା ଜଳାଇବା ଯୋଗୁ ପ୍ରଦୂଷଣ ବଢୁଛି। ବାୟୁ ପ୍ରଦୂଷଣ ପାଇଁ କେବଳ ଚାଷୀ ନୁହନ୍ତି, ଏଥିପାଇଁ ସରକାର ମଧ୍ୟ ସମାନ ପ୍ରତିଶତ ଦାୟୀ। କ୍ଷେତରେ ଅମଳ ପରବର୍ତ୍ତୀ ସମୟରେ ଚାଷୀ ନଡ଼ା ଜଳାଇବା ଯୋଗୁ ବାୟୁ ପ୍ରଦୂଷଣ ବଢୁଛି। ଏହି ବିଷାକ୍ତ ବାୟୁ କେବଳ ପଞ୍ଜାବ, ହରିୟାଣା ନୁହେଁ ପୂରା ଉତ୍ତର ଭାରତରେ ବ୍ୟାପୁଛି। ଫଳରେ ଲୋକଙ୍କୁ ନିଃଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହେଉଛି। ଚଳିତ ବର୍ଷ ପଞ୍ଜାବରେ ଫସଲ ଅମଳ ବଢ଼ିଥିବାରୁ ନଡ଼ା ଜାଳିବା ମଧ୍ୟ ବଢ଼ିଛି। ଗତବର୍ଷ ଅପେକ୍ଷା ଚାଷୀଙ୍କ ନଡ଼ା ଜାଳିବା ୨୨ ପ୍ରତିଶତ ବଢ଼ିଛି। ଭାରତ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଏଜେନ୍ସି, 'ସଫର' ଅନୁଯାୟୀ, ଚାଷୀ ନଡ଼ା ଜାଳିବା ଯୋଗୁ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ୩୪ ପ୍ରତିଶତ ବାୟୁ ପ୍ରଦୂଷଣ ବଢ଼ିଛି। ଗତବର୍ଷ ଅପେକ୍ଷା ଏହା ୭ ପ୍ରତିଶତ ବୃଦ୍ଧି ପାଇଛି। ଦେଶର ରାଜଧାନୀ ଦିଲ୍ଲୀରେ ଲଗାତର ପ୍ରଦୂଷିତ ବାୟୁ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବାୟୁ ଗୁଣବତ୍ତା ସୂଚକାଙ୍କର ମାନଦଣ୍ଡ ପୂରଣ କରିବାରେ ସବୁ ଦେଶର ସହର ବିଫଳ ହୋଇଛନ୍ତି। ଭାରତର କୌଣସି ସହର ପ୍ରଦୂଷଣ ପ୍ରସଙ୍ଗରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡ ପୂରଣ କରୁନାହାନ୍ତି। ପ୍ରଦୂଷଣ ଯୋଗୁ ଭାରତର ବାର୍ଷିକ ୧୫୦ ବିଲିୟନ ଡଲାର ଆର୍ଥିକ କ୍ଷତି ଘଟୁଛି ଓ ସ୍ଥିତି ଏମିତି ହୋଇଛି ଯେ ପ୍ରଦୂଷଣ ପ୍ରତି ମିନିଟ୍‌ରେ ଭାରତରେ ୩ ଜଣଙ୍କର ପ୍ରାଣ ନେଉଛି। ଗତବର୍ଷ ତୁଳନାରେ ଦିଲ୍ଲୀ ସମେତ କୋଲ୍‌କାତା ଓ ମୁମ୍ବାଇ ଭଳି ମହାନଗରୀର ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇଛି। ବାୟୁ ପ୍ରଦୂଷଣର ମାତ୍ରା ଏତେ ବଢ଼ିଯାଇଛି ଯେ ତାହା ଶରୀର ପକ୍ଷେ ଅତ୍ୟନ୍ତ ଭୟଙ୍କର। ସେହିଭଳି ଭୁବନେଶ୍ୱରର ଅବସ୍ଥା ମଧ୍ୟ ଶୋଚନୀୟ। ଦୈନିକ ପାଖାପାଖି ୧୦ ଲକ୍ଷରୁ ଅଧିକ ଗାଡ଼ି ଚଳାଚଳ କରୁଛି। ତା'ସହିତ ରାସ୍ତାଘାଟ, କୋଠାବାଡ଼ି ନିର୍ମାଣ ଦ୍ୱାରା ଧୂଳି ଉଡ଼ି ବାୟୁ ପ୍ରଦୂଷଣ କରୁଛି। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ଚିହ୍ନଟ କରିଥିବା ୧୦୨ ସହର ମଧ୍ୟରେ ଭୁବନେଶ୍ୱର, କଟକ, ଅନୁଗୋଳ, ତାଳଚେର, ବାଲେଶ୍ୱର ଓ ରାଉରକେଲା ସ୍ଥାନ ପାଇଛି। ପ୍ରଦୂଷଣର ମାତ୍ରା ଯେଉଁଭଳି ଭାବରେ ବୃଦ୍ଧି ପାଉଛି ଭବିଷ୍ୟତରେ ଦିଲ୍ଲୀ ସହର ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ। ତେଣୁ ପୂର୍ବର ସେହି ସୁସ୍ଥ ପରିବେଶକୁ ଫେରାଇ ଆଣିବାକୁ ସମଗ୍ର ମାନବ ଜାତି ଚେଷ୍ଟା କରିବା ଆବଶ୍ୟକ।

**ନିମାପଡ଼ା, ପୁରୀ,**
**ମୋ:୯୭୭୮୧୭୭୫୦୧**

## ଏଇ ଭାରତରେ

ବ୍ୟବହୃତ ରନ୍ଧାତେଲ ସଂଗ୍ରହ କରି ତାହାକୁ ବାୟୋଫୁଏଲ ବା ଜୈବଇନ୍ଧନ କରୁଛନ୍ତି ଦିଲ୍ଲୀର ଏକ ଦମ୍ପତି। ରାଜସ୍ଥାନ ବୁନ୍ଦି ଜିଲାର ମୂଳ ନିବାସୀ କୀର୍ତ୍ତି ଓ ସୁଶୀଲ ବୈଷ୍ଣବ ଛୋଟ ଜଳଖିଆ ଓ ରେସ୍ତୋରାଁଗୁଡ଼ିକରୁ ବ୍ୟବହୃତ ରନ୍ଧାତେଲ ସଂଗ୍ରହ କରି ସେଥିରୁ ପରିବେଶ ସହନୀୟ ଇନ୍ଧନ ପ୍ରସ୍ତୁତ କରୁଛନ୍ତି; ଯାହା ଜୀବାଶ୍ମ ଇନ୍ଧନ ତୁଳନାରେ ୮୦% କମ୍ କାର୍ବନ ନିର୍ଗମନ କରୁଛି। ୨୦୧୯ରେ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡସ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍ଏସ୍ଏସ୍ଏଆଇ) ରେସ୍ତୋରାଁ କିମ୍ବା ଜଳଖିଆ ଦୋକାନଗୁଡ଼ିକ ରନ୍ଧା ତେଲକୁ ତିନି ଥରରୁ ଅଧିକ ବ୍ୟବହାର କରିପାରିବେ ନାହିଁ ବୋଲି ଘୋଷଣା କରିବା ପରେ ଉକ୍ତ ଦମ୍ପତି ତାହାର ପୁନଃ ଉପଯୋଗ କଥା ଚିନ୍ତା କରିଥିଲେ। ପରେ ସେମାନେ କେଏନ୍‌ପି ଆରିଜ୍ ନାମକ ଷ୍ଟାର୍ଟଅପ୍ ଗଠନ କରି ବ୍ୟବହୃତ ତେଲ ସଂଗ୍ରହ କରି ତାହାକୁ ବାୟୋଫୁଏଲ କରୁଛନ୍ତି। ଏବେ ସୁଦ୍ଧା ସେମାନେ ୪୦ରୁ ଅଧିକ ସହରରୁ ୩ ମିଲିୟନ ଲିଟର ବ୍ୟବହୃତ ଖାଇବା ତେଲ ସଂଗ୍ରହ କରିସାରିଛନ୍ତି। ଏହା ସହ ସେମାନେ ବିଭିନ୍ନ ବର୍ଜ୍ୟକୁ ୧୦୦ ପ୍ରତିଶତ ରିସାଇକେଲ କରିବାକୁ ଯୋଜନା କରିଛନ୍ତି। ସୁଶୀଲ ଫୁଡ ଟେକ୍ନୋଲୋଜି ସହ ଏମ୍‌ବିଏ କରିଛନ୍ତି। କୀର୍ତ୍ତି ଇଲେକ୍‌ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିଛନ୍ତି। ସେ ଏବେ ବାୟୋଡିଜେଲ ପ୍ରସ୍ତୁତ କରିବାକୁ ତାଙ୍କର ପ୍ଲାଣ୍ଟ ସ୍ଥାପନ କରିନାହାନ୍ତି। ଏଥିପାଇଁ ସେମାନେ ଅନ୍ୟ କମ୍ପାନୀ ଉପରେ ନିର୍ଭରଶୀଳ। ଏହି ଜୈବଇନ୍ଧନକୁ ପ୍ରମୁଖ ପବ୍ଲିକ ସେକ୍ଟର ଅଏଲ ମାର୍କେଟିଂ କମ୍ପାନୀକୁ ବିକ୍ରି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ନଭେମ୍ବର ୧୯୯୭

- ମଧ୍ୟପ୍ରାଚ୍ୟ ଶାନ୍ତି ପ୍ରକ୍ରିୟାରେ ଇସ୍ରାଏଲ ପ୍ରତିବନ୍ଧକ ସୃଷ୍ଟି କରୁଥିବା ପ୍ରତିବାଦରେ ଦୋହା ଅର୍ଥ ସମ୍ମିଳନୀକୁ ୬ ଆରବ ରାଷ୍ଟ୍ର ବର୍ଜନ କରିଛନ୍ତି।
- ଚାଇନାର ବିଶିଷ୍ଟ ଗଣତନ୍ତ୍ର ସପକ୍ଷବାଦୀ ନେତା ରାଜନୈତିକ ବନ୍ଦୀ ୱେଇ କିଙ୍ଗଶେଙ୍ଗ ଜେଲ୍‌ରୁ ମୁକ୍ତ।
- ଟାଟା ଷ୍ଟିଲ୍‌ର ପରିଚାଳନା ନିର୍ଦ୍ଦେଶକ ଜେ.ଜେ. ଇରାନୀଙ୍କୁ ପ୍ରଥମ ଜାତୀୟ ଧାତବବିତ୍ (ମେଟାଲର୍ଜିଷ୍ଟ) ପୁରସ୍କାର ପ୍ରଦାନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | 7 | | | 3 |
| 4 | | | | | | | | |
| 6 | | | | | | 8 | | |
| 5 | | | | | | 1 | 4 | |
| | 6 | 2 | | | | | | |
| | | 4 | 9 | | | 2 | 3 | 7 |
| | | | | | 4 | | 1 | 8 |
| 2 | | | 3 | | | | 9 | |
| | 3 | | 1 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 9 | 4 | 2 | 7 | 3 | 8 | 6 |
| 7 | 2 | 3 | 8 | 5 | 6 | 9 | 4 | 1 |
| 8 | 6 | 4 | 3 | 9 | 1 | 5 | 2 | 7 |
| 3 | 5 | 7 | 2 | 1 | 4 | 8 | 6 | 9 |
| 6 | 9 | 8 | 7 | 3 | 5 | 4 | 1 | 2 |
| 2 | 4 | 1 | 9 | 6 | 8 | 7 | 5 | 3 |
| 1 | 7 | 2 | 5 | 4 | 3 | 6 | 9 | 8 |
| 9 | 8 | 5 | 6 | 7 | 2 | 1 | 3 | 4 |
| 4 | 3 | 6 | 1 | 8 | 9 | 2 | 7 | 5 |

ଗତକାଲିର ଉତ୍ତର

# ସାଇକେଲ: ଶସ୍ତା ହୋଇ ମୂଲ୍ୟବାନ୍



ଡ.ନିଖିଳାନନ୍ଦ ପାଣିଗ୍ରାହୀ

"ଜୀବନ ଏକ ସାଇକେଲ ଭଳି। ଭାରସାମ୍ୟ ରଖିବାକୁ ହେଲେ ଏହା ଚାଲିବା ଦରକାର।"-ଆଲବର୍ଟ ଆଇନଷ୍ଟାଇନଙ୍କ ଏହି ଉକ୍ତିରେ ଜୀବନ ଓ ସାଇକେଲ ମଧ୍ୟରେ ଥିବା ସମ୍ପର୍କ ଯେମିତି ବର୍ଣ୍ଣିତ, ଏହାର ଅନ୍ୟ ଯାହା କିଛି ମହତ୍ତ୍ୱ ଥାଉ ନା କାହିଁ କି, ଏହାଦ୍ୱାରା ସାଇକେଲ ଅବଶ୍ୟ ମହିମାମଣ୍ଡିତ ହୋଇଛି।

ସାଇକେଲ ନିମ୍ନ ସାମାଜିକ ସ୍ତର ପାଇଁ ଏକ ଶସ୍ତା ଯାନ ବୋଲି ନ୍ୟୂନ ଦୃଷ୍ଟିରେ ଦେଖାଯାଇଥାଏ। କିନ୍ତୁ ସାଇକେଲ ଚାଳନାରୁ ଆମ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପଡ଼ିଥାଏ। ଅନ୍ୟ ଯାନ ଅପେକ୍ଷା ଏଥିରେ ଚାଳନା ଦକ୍ଷତା ଓ ଆଘାତ କମ୍। ମାଂସପେଶୀର(ବିଶେଷତଃ ଜଙ୍ଘର ବଡ଼ ମାଂସପେଶୀ) ସକ୍ରିୟତା, ମନରେ ପ୍ରଫୁଲ୍ଲତା, ହୃତ୍‌ପିଣ୍ଡ ଓ ଧମନୀ ସମ୍ବନ୍ଧୀୟ ସୁସ୍ଥତା, ଗଣ୍ଠିଗୁଡ଼ିକର ସଚଳତା, ଅବସାଦ ସ୍ତର ହ୍ରାସ, ଅସ୍ଥିର ଦୃଢ଼ତା, ଚର୍ବିସ୍ତରର ଲାଘବ, ଅଙ୍ଗଭଙ୍ଗୀରେ ସମାନୁପାତିକତା, ମେଦବୃଦ୍ଧି ଓ ଅତ୍ୟଧିକ ଓଜନର ନିୟନ୍ତ୍ରଣ, ଏପରିକି କର୍କଟ, ବହୁମୂତ୍ର, ବାତ ପରି ଗମ୍ଭୀର ରୋଗଗୁଡ଼ିକୁ ରୋକିବାରେ ସହାୟକ ହେବା ପରି ଅନେକ ଉପକାର ଏଥିରୁ ପ୍ରାପ୍ତ ହୁଏ।

ତେଣୁ ପ୍ରସିଦ୍ଧ ଅପରାଧ କାହାଣୀ ସେରଲକ ହୋମ୍‌ସ(୧୮୮୭)ର ଲେଖକ ସାର୍ ଆର୍ଥର କାନନ ଡୟଲ(୧୮୫୯-୧୯୩୦)ମତଦେଇଥିଲେ: "ଯେତେବେଳେ ମନ ଖରାପ ଥାଏ, ଯେତେବେଳେ ଦିନ ଅନ୍ଧକାରମୟ ଦେଖାଯାଏ, ଯେତେବେଳେ କାର୍ଯ୍ୟ ନିରସ ବା ବିରକ୍ତିକର ଲାଗେ, ଯେତେବେଳେ ମଣିଷ ଆଶାଶୂନ୍ୟ ହୋଇଯାଏ, ସେତେବେଳେ ଖଣ୍ଡେ ସାଇକେଲ ଧରି ବାହାରି ପଡ଼। ମନରେ କୌଣସି ପ୍ରକାର ଚିନ୍ତା ନ ରଖି ରାସ୍ତାରେ ସାଇକେଲ ଚଲାଅ। ପ୍ରକାଶ ଥାଉକି, କାନନ ଡୟଲ କେବଳ ଗୋଇନ୍ଦା ଉପନ୍ୟାସ ରଚନାରେ ସିଦ୍ଧହସ୍ତ ନ ଥିଲେ, ସେ ପେସାରେ ଜଣେ ଡାକ୍ତର ଥିଲେ। ତେଣୁ ଶରୀର ଓ ସ୍ୱାସ୍ଥ୍ୟ ସମ୍ପର୍କରେ ତାଙ୍କ ମତ ଅନୁଭୂତି ଦ୍ୱାରା ପରୀକ୍ଷିତ ଅବଶ୍ୟ।

ବାସ୍ତବିକ ସାଇକେଲ-ଆରୋହୀ ଯେଉଁ ସୁଖ ଅନୁଭବ କରେ, ତାହା କୌତୁକାବହ। ଏହା ଚଲାଇବା ବେଳେ ପବନ ତାକୁ ଆଗକୁ ଆଗକୁ ପେଲି ଦେଇପାରେ କିମ୍ବା ପଛକୁ ପଛକୁ ଠେଲି ଦେଇପାରେ। ତେବେ ପବନ ତାକୁ ଶାନ୍ତିରେ ଛାଡ଼ି ଦେବ ନାହିଁ। ପୁଣି ଅନ୍ୟ ଯାନ ଅପେକ୍ଷା ଏଥିରେ ସେ ଅଧିକ ପାରିପାର୍ଶ୍ୱିକ ଦୃଶ୍ୟ ତନ୍ନ ତନ୍ନ କରି ପ୍ରାଞ୍ଜଳଭାବେ ଦେଖିପାରେ, ବହୁ ସଂଖ୍ୟକ ଲୋକ, ବିଶେଷତଃ ପଥଚାରୀଙ୍କୁ ସାକ୍ଷାତ୍ କରିପାରେ। ଏହି ପୃଷ୍ଠଭୂମିରେ ଏହାର ପ୍ରଚଳନ ପ୍ରସାରିତ ହେବା ସ୍ୱାଗତଯୋଗ୍ୟ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ୨୬ ନଭେମ୍ବର ୨୦୧୮ରେ ୩ଶହ ସାଇକେଲ ଉତ୍ସାହୀ ବ୍ୟକ୍ତିଙ୍କ ସମାବେଶରେ 'ମୋ ସାଇକେଲ' ଯୋଜନା ଆରମ୍ଭ କଲେ। ସେହି ସାଇକେଲ ଯାତ୍ରା ଥିଲା ଭୁବନେଶ୍ୱର ବିମାନବନ୍ଦର ଛକଠାରୁ କଳିଙ୍ଗ ଷ୍ଟାଡିୟମ ପର୍ଯ୍ୟନ୍ତ। କିନ୍ତୁ ଏହି ଯୋଜନା ସମ୍ପୂର୍ଣ୍ଣ ଭାବେ ଫସର ଫାଟିଗଲା। ଏହି ଯୋଜନା ଅନ୍ତର୍ଗତ ଶହ ଶହ ଦାମିକା ସାଇକେଲ ରାସ୍ତା କଡ଼ରେ ଅବ୍ୟବହୃତ ହୋଇ ଖତ ଖାଇଲା। ପୁଣି ଏହା ରାସ୍ତାକୁ ଅସୁନ୍ଦର କରିବା ସହ ଅବରୋଧ କଲା। ପରିଶେଷରେ ଏଗୁଡ଼ିକ କବାଡ଼ି ଦୋକାନକୁ ଶସ୍ତାରେ ଯିବା ଅଭିଯୋଗ ଶୁଣିବାକୁ ମିଳିଲା। ସେରିଂ ସିଷ୍ଟମ ଭିତ୍ତିରେ ଉପଲବ୍ଧ ସାଇକେଲଗୁଡ଼ିକର ଏହି ଦୁର୍ଦ୍ଦଶା ଦୁଃଖଦାୟକ। ପ୍ରକାଶ ଥାଉକି ରାଜ୍ୟ ସରକାର କିଛି ଅଫିସରଙ୍କୁ ଏହି ସମ୍ପର୍କରେ ଜ୍ଞାନାର୍ଜନ ପାଇଁ ଆମଷ୍ଟରଡାମ୍ ପଠାଇଥିଲେ। ତେବେ ମୁମ୍ବାଇରେ ଏହି ଧରଣର 'ସାଇକେଲ ଚଲାଓ' ପାଇଲଟ୍ ପ୍ରୋଜେକ୍ଟ ୨୦୧୧ରେ ମୁଲୁନ୍ଦ ଇଷ୍ଟ ରେଲ୍‌ୱେ ସିଷ୍ଟମ ଓ ଭାଜ କେଲକାର କଲେଜ ମଧ୍ୟସ୍ଥିତ ଅଢ଼େଇ କିଲୋମିଟର ରାସ୍ତା ପାଇଁ ପ୍ରଚଳିତ ହୋଇଥିଲା। ଯାହା ଯୁବଗୋଷ୍ଠୀଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଥିଲା। ଏହାର ସାଫଲ୍ୟ ବେଶ୍ ଉତ୍ସାହବର୍ଦ୍ଧକ ଓ ନବଯୁଗର ବାର୍ତ୍ତାବହ।

ବର୍ତ୍ତମାନ 'ସାଇକ୍ଲୋଲୋଜି' ନାମକ ଏକ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏହା ଏକ ଅଜବ ନାମ। ଏହାର ଅର୍ଥ ଜଣେ ସହଜେ ବୁଝି ପାରିବନି। ଏପରିକି ସେଥିପ୍ରତି ଅନାସ୍ଥା ଭାବ ପ୍ରକଟ କରିପାରେ। ଏହି ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ, ନିକଟରେ ଆଇଆଇଟି ତରଫରୁ 'ଡଗ୍-ହ୍ୟାଣ୍ଡଲର' ନାମକ ଏକ ଚାକିରି ପାଇଁ ଗୋଟିଏ ବିଜ୍ଞାପନ ବାହାରି ଥିଲା, ଯାହା ସକାଶେ ବିଟେକ୍ ଯୋଗ୍ୟତା ଆବଶ୍ୟକ। ଏହି ଚାକିରି ପାଇଁ କାମ ହେଉଛି ସେ କୁକୁରକୁ ବୈଜ୍ଞାନିକ ପଦ୍ଧତିରେ ସାଥିରେ ବୁଲାଇନେବ। ଏମିତି ବିଚିତ୍ର ବିଜ୍ଞାପନର ହେତୁ କେହି ବୁଝି ପାରିଲେ ନାହିଁ, କୁକୁର ସାଥିରେ ଚାଲିବାକୁ ଇଞ୍ଜିନିୟରିଂ ଯୋଗ୍ୟତାର ଯଥାର୍ଥତା କ'ଣ ଥାଇପାରେ? ଏହି ବିଷୟରେ ପ୍ରଶ୍ନ ଉଠିବାରୁ କର୍ତ୍ତୃପକ୍ଷ ସଫେଇ ଦେଲେ ଯେ, ଏହା ଭେଟେରିନାରି ଡାକ୍ତର ଡିଗ୍ରୀ ହେବା କଥା, ଭୁଲ୍‌ରେ ବିଟେକ୍ ହୋଇଯାଇଛି। ତଥାପି ଜଣେ ପ୍ରାଣୀଡାକ୍ତର କ'ଣ କୁକୁରକୁ ବୁଲାଇବ?

ସେ ଯାହା ହେଉ, 'ସାଇକ୍ଲୋଲୋଜି' କୋର୍ସ ପାଇଁ ଯେତେବେଳେ ବିଜ୍ଞାପନ ପ୍ରକାଶ ପାଇଲା, ଏଥିରେ କେହି କୌତୂହଳୀ ହେଲେ ତ, ଅନ୍ୟ କେହି ଧୂଆଁବାଣ ବୋଲି ଭାବିଲେ। କିନ୍ତୁ ବାସ୍ତବରେ ଏହା ଥିଲା ଏକ ଉତ୍ତମ ପଦକ୍ଷେପ। ସ୍କୁଲରେ ପଢ଼ାଯିବାକୁ ଏହି କୋର୍ସ ଅନୁସାରେ ଛାତ୍ରୀଛାତ୍ରଙ୍କୁ ସାଇକେଲ ଚାଳନା ଇ-ଲର୍ଣ୍ଣି ମାଧ୍ୟମରେ ଶିଖାଇବା। ନେଦରଲାଣ୍ଡ ରାଜଧାନୀ ଆମଷ୍ଟରଡାମସ୍ଥିତ ବିଥ୍ୱାଇସିଏସ୍ ସଂସ୍ଥା ଦ୍ୱାରା ତିଆରି ସିଲାବସ ଏଥିରେ ଅନୁସୃତ ହେବ। ଗୁଜରାଟର ସୁରଟରେ ଏହା ଆରମ୍ଭ କରାଯିବ ଏବଂ ତୃତୀୟ, ଚତୁର୍ଥ ଶ୍ରେଣୀ ପିଲା ଏହା ଶିଖିବେ। ପଦ୍ମଶ୍ରୀ ପ୍ରାପ୍ତ ପ୍ରସିଦ୍ଧ ସାଇକେଲ ଚଢ଼ାଳି ଯାଜଦି କରଞ୍ଜିଆ, ସାର୍ବଜନୀନ ଏଜୁକେଶନ ସୋସାଇଟି ଓ ସେଠାକାର ନେଚର କ୍ଲବ ଏହାର ପ୍ରଯୋଜକ। ଏଥିରେ ବିଷୟବସ୍ତୁ ରହିବ ସାଇକେଲ-ଚାଳନା, ଟ୍ରାଫିକ୍ ନିୟମ, ପରିବେଶ, ସ୍ୱାସ୍ଥ୍ୟ ତଥା ଏଥିରୁ ସାମାଜିକ ଓ ଆର୍ଥିକ ଲାଭ। ତା'ସହ ରହିଛି କ୍ରୀଡ଼ାରେ ସାଇକେଲ ଚାଳନା ପ୍ରତିଯୋଗିତା। ସମ୍ପ୍ରତି ବିଶ୍ୱସ୍ତରରେ ସାଇକେଲର ଚାହିଦା ବଢୁଛି। ୧୯୭୦ ଦଶକ ପରେ ୨୦୦୦ରେ ସର୍ବାଧିକ ସାଇକେଲ ବିକ୍ରୟ ହୋଇଥିଲା। ମାନିଲା(ଫିଲିପାଇନ୍‌ସ), ରୋମ(ଇଟାଲୀ)ରେ ସାଇକେଲ ପାଇଁ ସ୍ୱତନ୍ତ୍ର ସମର୍ପିତ ରାସ୍ତା ନିର୍ମାଣ କରାଯାଇଛି। ଇଟାଲୀ ସରକାର ସାଇକେଲ କ୍ରୟ ପାଇଁ ଶତକଡ଼ା ୪୦ ଭାଗ ରିହାତି ଦେଇଛନ୍ତି। ଭାରତର ବେଙ୍ଗାଲୁରୁରେ ସାଇକେଲ ଲେନ୍ ବ୍ୟବସ୍ଥା କରାଗଲାଣି। ତେବେ ଗୃହ ମାଲିକ ଓ ଦୋକାନୀମାନେ ପାର୍କିଂ ସ୍ପେସ୍ ନ ଛାଡ଼ିବା, ଠେଲାଗାଡ଼ି ରାସ୍ତା ମାଡ଼ି ବସିବା ଆମର ପ୍ରଧାନ ଅନ୍ତରାୟ। ମୋଟର ଚାଳିତ ଯାନ ବାହନ ଗମନାଗମନ ଓ ସବୁଜ ଗୃହ ପ୍ରଭାବରୁ ପରିବେଶ ବିପର୍ଯ୍ୟସ୍ତ ହୋଇଛି। ତେଣୁ ମୋଟର ଯାନର ପ୍ରାଦୁର୍ଭାବକୁ ସାଇକେଲ ଯଥା ସମ୍ଭବ ହ୍ରାସ କରିପାରିଲେ ପର୍ଯ୍ୟାବରଣ ପାଇଁ ଏହା ଏକ ଅପୂର୍ବ ବରଦାନ ହେବ।



ନ୍ୟାଶନାଲ ଜିଓଗ୍ରାଫିକ ମାଗାଜିନ ଓ ଗାଲାପ ସଂସ୍ଥା ୨୦୧୭-୧୮ରେ କରିଥିବା ସର୍ଭେରୁ ଜଣାଯାଏ ଯେ, ଯୁକ୍ତରାଷ୍ଟ୍ରର ସର୍ବାଧିକ ପାଞ୍ଚଟି ସୁଖୀ ସହରରେ ଯାନବାହନ ଓ ସୁଖ ମଧ୍ୟରେ ଅନ୍ତରଙ୍ଗ ସମ୍ପର୍କ ଅଛି। ଯେଉଁଠାରେ ପଦଚାରୀ ଓ ସାଇକେଲ ଆରୋହୀମାନେ ନିରାପଦରେ ଯାତାୟାତ କରନ୍ତି, ସେଠାରେ ଟ୍ରାଫିକ ଭିଡ଼ କମ୍ ରୁହେ ଓ ପରସ୍ପର ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟ ବୃଦ୍ଧି ପାଏ। ଆମ ସର୍ବାଙ୍ଗୀନ ଉନ୍ନତି ପାଇଁ କମ୍ ଦୂରତା ଲାଗି ମୋଟର ଗାଡ଼ି ବ୍ୟବହାରକାରୀମାନେ ଆଉ "ବାଇସାଇକେଲ! ବାଏ ବାଏ" ବୋଲି ନ କହନ୍ତେ କି?

**ମୋ: ୯୦୭୮୭୪୩୮୪୩**

## ପାଠକ ଶ୍ରେଷ୍ଠ ବିଚାରକ

### ନିଶା କବଳିତ ଗୁଜରାଟ

ମହାଶୟ,

ଚଳିତବର୍ଷ ସେପ୍ଟେମ୍ବର ୧୯ ରେ ଗୁଜରାଟର ମୁନ୍ଦ୍ରା ବଜାରରେ ରାଜସ୍ୱ ଗୋଇନ୍ଦା ବିଭାଗ ୪୮ କୋଟି ଟଙ୍କାର ଇ-ସିଗାରେଟ ଷ୍ଟିକ୍ ଜବତ କଲା। ଏହା ପୂର୍ବରୁ ସେପ୍ଟେମ୍ବର ୫ରେ ସୁରଟ ସହରର ୨୦ କୋଟି ଟଙ୍କାର ଇ- ସିଗାରେଟ୍ ବୋଝେଇ ଟ୍ରକ୍ ଜବତ ହୋଇଥିଲା। ୨୦୧୯ରୁ ସରକାର ଇ-ସିଗାରେଟ୍‌ର ଉତ୍ପାଦନ, ରପ୍ତାନି, ଆମଦାନୀ ଓ ବିଜ୍ଞାପନ ଉପରେ ନିଷେଧାଦେଶ ଜାରି କରିଥିଲେ ମଧ୍ୟ ଏହାର ବହୁଳ ବ୍ୟବହାର ହେଉଛି। କେବଳ ଇ-ସିଗାରେଟ୍ ନୁହେଁ, ଗତବର୍ଷ ସେପ୍ଟେମ୍ବର ୧୯ରେ ମୁନ୍ଦ୍ରା ବନ୍ଦରରୁ ୩୦୦୦ କୋଟି ଟଙ୍କାର ହେରୋଇନ ଜବତ ହୋଇଥିଲା। କହିବା ନିଷ୍ପ୍ରୟୋଜନ, ଗୁଜରାଟ ନିଶା କାରବାରର ହବ୍‌ରେ ପରିଣତ ହୋଇଛି। ନିଶାମୁକ୍ତ ଭାରତ ଗଠନ ସ୍ୱପ୍ନ ଦେଖିଥିବା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଓ କର୍ମପୀଠ ଗୁଜରାଟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ନିଜ ରାଜ୍ୟ ଗୁଜରାଟ। ଦୀର୍ଘ ୨୨ ବର୍ଷ ଧରି ଭାଜପା ସେଠାରେ ଶାସନରେ ଅଛି। ଏଭଳି ସ୍ଥଳେ ଗୁଜରାଟ ନିଶା କବଳିତ ହେବା ବିଡ଼ମ୍ବନାର ବିଷୟ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି,ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅନ୍ତରେ କେତେ କାରଣ ବିହୀନ ବାସନା
ଦେଲା ଲେଖି
ଅର୍ଥବିହୀନ କେତେ ସୁଖ କେତେ ଯାତନା
ହେଲା ସେ କି।
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ


ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ନିର୍ବାଚନ କମିଶନ କାର୍ଯ୍ୟାଳୟ ଆଗରେ ଆମ୍ ଆଦ୍ମୀ ନେତାଙ୍କ ସହ ଧାରଣାରେ ବସିଛନ୍ତି।

# ଆଜି ନାମାଙ୍କନ ଭରିବେ ସବୁ ଦଳର ପ୍ରାର୍ଥୀ

**ପଦ୍ମପୁର ଉପନିର୍ବାଚନ**

ପଦ୍ମପୁର,୧୬।୧୧(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ଦିବସ ଗୁରୁବାର ରହିଛି। ତେବେ ବୁଧବାର ସୁଦ୍ଧା କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ଗତ ସୋମବାର ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଶୋଭାଯାତ୍ରା କରି ନାମାଙ୍କନ ଦାଖଲ କରିବାକୁ ଆସିଥିଲେ ମଧ୍ୟ ଫେରିଯାଇଥିଲେ। ବୁଧବାର ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ନାମାଙ୍କନପତ୍ର ଦାଖଲ କରିବେ ବୋଲି ଦଳ ପକ୍ଷରୁ ଘୋଷଣା କରାଯାଇଥିଲା। କିନ୍ତୁ ବିଜେଡି ବୁଧବାର ଏଥିରୁ ବିରତ ରହିଥିଲା। ଫଳରେ କୌଣସି ରାଜନୈତିକ ଦଳ ଚାଷୀମାନଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହୁଁ ନ ଥିବା ଏଥିରୁ ସ୍ପଷ୍ଟ ହୋଇଛି। ତେବେ ଗୁରୁବାର ନାମାଙ୍କନ ଦାଖଲର ଶେଷ ଦିବସ ଥିବାରୁ ସବୁ ଦଳର ପ୍ରାର୍ଥୀ ଏହି ଦିନ ନାମାଙ୍କନ ଦାଖଲ କରିବେ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ କହିଛନ୍ତି, ଗୁରୁବାର ଅପରାହ୍ନ ୨ଟା ସୁଦ୍ଧା ସେ ପ୍ରାର୍ଥିପତ୍ର ଦାଖଲ କରିବେ। କଂଗ୍ରେସ ଜିଲା ସଭାପତି ନିହାର ରଞ୍ଜନ ମହାନନ୍ଦ କହିଛନ୍ତି, ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସ୍ଥାନୀୟ ଗୋରୁ ମାର୍କେଟ୍‌ରୁ ଏକ ଶୋଭାଯାତ୍ରାରେ ବାହାରି ଦଳୀୟ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ନାମାଙ୍କନପତ୍ର ଦାଖଲ କରିବେ। ସେହିପରି ଗୁରୁବାର ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ବିଜେଡି ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପଦ୍ମପୁର ଉପନିର୍ବାଚନ ପାଇଁ ଭାଜପାରୁ ପ୍ରଦୀପ ପୁରୋହିତ, ବିଜେଡିରୁ ବର୍ଷା ସିଂ ବରିହା, କଂଗ୍ରେସରୁ ସତ୍ୟଭୂଷଣ ସାହୁ, ଓଜେପିରୁ ମୁକ୍ତେଶ୍ୱର ଦାଶ, ଜୟାନନ୍ଦ ଥାପା, ବେଣୁଧର ବରିହା, କର୍ପୂର ମେହେର, ମନୋରଞ୍ଜନ ସିଂହ ବରିହା, ଶେଷଦେବ ସାହୁ, ବୃନ୍ଦାବନ ପୁରୋହିତ, ପ୍ରଶାନ୍ତ ବିଶ୍ୱାଳ, ଜ୍ୟୋତି ବିକାଶ ପ୍ରଧାନ, ରେବତୀ ଗିରୀ, ଚିତ୍ତରଞ୍ଜନ ମେହେର, ଉଦିତ ବୋଣ୍ଡିଆ ପ୍ରମୁଖ ମୋଟ ୧୫ ଜଣ ପ୍ରାର୍ଥିପତ୍ର କିଣିଛନ୍ତି। ଚାଷୀ ଆନ୍ଦୋଳନକୁ ଦୃଷ୍ଟିରେ ରଖି ବୁଧବାର ସୁଦ୍ଧା କେହି ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ଅପରପକ୍ଷେ ସରକାରଙ୍କ ଘୋଷିତ ଇନ୍‌ପୁଟ ସବ୍‌ସିଡିକୁ ଧୁଆଁବାଣ ବୋଲି କହିଛନ୍ତି ଚାଷୀ ନେତା ରମେଶ ମହାପାତ୍ର। ଯେପର୍ଯ୍ୟନ୍ତ ଚାଷୀଙ୍କ ଦାବି ସରକାର ପୂରଣ କରିନାହାନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହାରର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.38/ET/SBP/ENGG/2022-23, ତା.09.11.2022ରିଖ

(1)ଇ-ଟେଣ୍ଡର ସଂ.37-eT-DENW-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ନୂଆପଡ଼ା ରୋଡ୍ (In)-ଟିଟିଲାଗଡ଼ (Ex) ସେକ୍ସନରେ 3.74 କି.ମି. ଲମ୍ବ ନିମନ୍ତେ ବିଭିନ୍ନ ପ୍ୟାଚ୍‌ଗୁଡ଼ିକରେ ସେସ୍ (Cess) ଏବଂ ଟ୍ରାଲି ରିଫ୍ୟୁଜେସ୍‌ର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 85,26,769.04, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,70,600/-।

(2)ଇ-ଟେଣ୍ଡର ସଂ.38-eT-DENW-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଖରିଆର ରୋଡ୍ ଷ୍ଟେସନ ଠାରେ ଫୁଟ୍ ଓଭର ବ୍ରିଜ୍ (FOB)ର ସମ୍ପ୍ରସାରଣ ନିମନ୍ତେ ଅବଶିଷ୍ଟ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 93,70,896.36, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,87,500/-।

(3)ଇ-ଟେଣ୍ଡର ସଂ.39-eT-DENW-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଲାଖୋଲି (Ex)-ଟିଟିଲାଗଡ(Ex) ସେକ୍ସନରେ RV-20, RV-33, RV-41, RV-43, RV-48, RV-61, RV-62, RV-85, RV-91, RV-121, RV-127, RV-155 ଏବଂ RV-157 ଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ନିମନ୍ତେ ଯେକୌଣସି ସ୍ଥାନରୁ ପ୍ରାକୃତିକ ଭାବେ କିମ୍ବା ଜମା ହୋଇଥିବା ଜଳର ନିଷ୍କାସନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 78,43,334.82, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,56,900/-।

କାର୍ଯ୍ୟ ଶେଷ ହେବା ଅବଧି : 06 ମାସ (କ୍ରମ ସଂ.1 ଏବଂ 2 ପାଇଁ) ଏବଂ 12 ମାସ (କ୍ରମ ସଂ.3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.05.12.2022 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-704/N/22-23

# ନାମାଙ୍କନ ପ୍ରତ୍ୟାହାର କଲେ ଏଏପି ପ୍ରାର୍ଥୀ

**ଗୁଜରାଟ ନିର୍ବାଚନ**

**ଭାଜପା ଗୁଣ୍ଡା ଅପହରଣ କରିଥିବା ସିସୋଡିଆଙ୍କ ଅଭିଯୋଗ**


କାଞ୍ଚନ ଜରିୱାଲା

ନୂଆଦିଲ୍ଲୀ,୧୬।୧୧

ଗୁଜରାଟ ବିଧାନସଭା ନିର୍ବାଚନ ଲାଗି ସୁରଟ ପୂର୍ବ ଆସନରୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପ୍ରାର୍ଥୀ ହୋଇଥିବା କାଞ୍ଚନ ଜରିୱାଲା ବୁଧବାର ତାଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଭାଜପା ତାଙ୍କୁ ଅପହରଣ କରିନେଇ ନାମାଙ୍କନପତ୍ର ପ୍ରତ୍ୟାହାର ଲାଗି ଚାପ ପକାଇଥିବା ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଅଭିଯୋଗ କରିଛନ୍ତି। ତେବେ ଏଏପିର ଅଭିଯୋଗକୁ ଭାଜପା ଖଣ୍ଡନ କରିଛି। କାଞ୍ଚନ ଓ ତାଙ୍କ ପରିବାର ସଦସ୍ୟ ମଙ୍ଗଳବାରଠାରୁ ନିଖୋଜ ଥିଲେ ବୋଲି ଏକ ଖବରଦାତା ସମ୍ମିଳନୀରେ ସିସୋଡିଆ କହିଛନ୍ତି। ଚଳିତ ନିର୍ବାଚନରେ ଭାଜପା ଶୋଚନୀୟ ଭାବେ ପରାଜିତ ହେବାକୁ ଥିବାରୁ ପ୍ରାର୍ଥୀ ଅପହରଣ ଭଳି ସ୍ତରକୁ ଖସିଯାଇଛି। ପରାଜୟ ଭୟରେ ଭାଜପା ଗୁଣ୍ଡାମାନେ ସୁରଟରୁ ଏଏପି ପ୍ରାର୍ଥୀଙ୍କୁ ଅପହରଣ କରିଥିବା ସିସୋଡିଆ ଅଭିଯୋଗ କରିଛନ୍ତି।

୧୮୨ ଆସନ ବିଶିଷ୍ଟ ଗୁଜରାଟ ବିଧାନସଭା ନିର୍ବାଚନ ଡିସେମ୍ବର ୧ ଓ ୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବାବେଳେ ୮ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ସୁରଟ ପୂର୍ବ ଆସନରେ ଭାଜପା ବର୍ତ୍ତମାନର ବିଧାୟକ ଅରବିନ୍ଦ ରାଣାଙ୍କୁ ପ୍ରାର୍ଥୀ କରିଛି। ଏଏପି ରାଜ୍ୟ ସଭାପତି ଗୋପାଳ ଇଟାଲିଆଙ୍କ କହିବା ଅନୁଯାୟୀ କାଞ୍ଚନ ବୁଧବାର କଡ଼ା ପୋଲିସ ସୁରକ୍ଷା ମଧ୍ୟରେ ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶାସକ ଦଳର ଚାପରେ ତାଙ୍କୁ ନାମାଙ୍କନପତ୍ର ପ୍ରତ୍ୟାହାର ଲାଗି ଭାଜପା ଗୁଣ୍ଡାମାନେ ବାଧ୍ୟ କରିଥିଲେ ବୋଲି ଇଟାଲିଆ ଅଭିଯୋଗ କରିଛନ୍ତି।

ଏଏପି ପ୍ରାର୍ଥୀଙ୍କୁ ଅପହରଣ ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ବୁଧବାର ନିର୍ବାଚନ କମିଶନ ଗୁଜରାଟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିସୋଡିଆଙ୍କ ନେତୃତ୍ୱରେ ଏଏପିର ୪ ଜଣିଆ ପ୍ରତିନିଧି ଦଳ ବୁଧବାର ସନ୍ଧ୍ୟାରେ ନିର୍ବାଚନ କମିଶନ ଅଧିକାରୀମାନଙ୍କୁ ଭେଟି ଅଭିଯୋଗ ସମ୍ପର୍କରେ ଜଣାଇଥିଲେ। ସେମାନଙ୍କ ଅଭିଯୋଗପତ୍ରକୁ ଗୁଜରାଟ ସିଇଓଙ୍କ ପାଖକୁ ତଦନ୍ତ ନିମନ୍ତେ ପଠାଯାଇଥିବା ଇସି ମୁଖପାତ୍ର କହିଛନ୍ତି।

# କଂଗ୍ରେସ ନୀରବ: ଫାଇଦା ଆଶାରେ ବିଜେଡି, ଭାଜପା

ପ୍ରେମାନନ୍ଦ ଖମାରୀ

ବରଗଡ଼ ଅଫିସ୍,୧୬।୧୧

ବରଗଡ଼ ଜିଲା ପଦ୍ମପୁର ନିର୍ବାଚନ ମଣ୍ଡଳୀ ଏକଦା କଂଗ୍ରେସ ଗଡ଼ ଥିଲା। ହେଲେ ବର୍ତ୍ତମାନ ଉକ୍ତ ନିର୍ବାଚନ ମଣ୍ଡଳୀରେ କଂଗ୍ରେସକୁ କ୍ଷତି ସହିବାକୁ ପଡୁଛି। ବିଗତ କିଛି ସାଧାରଣ ନିର୍ବାଚନକୁ ଅନୁଧ୍ୟାନ କଲେ ତାହା ସ୍ପଷ୍ଟ ହୋଇଛି। ତେବେ ଚଳିତ ଉପନିର୍ବାଚନରେ ଦଳର ନୀରବତା ଆହୁରି ଚର୍ଚ୍ଚାର ବିଷୟ ହୋଇଛି। ଉପନିର୍ବାଚନକୁ ଗୁରୁତ୍ୱ ଦେଇ ଅନ୍ୟ ଦଳ ନାମାଙ୍କନ ଦାଖଲ ପୂର୍ବରୁ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। କିନ୍ତୁ କଂଗ୍ରେସ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନୀରବ ରହିଛି। କଂଗ୍ରେସର ଏଭଳି ନୀରବ ରହିଲେ ବିଜେଡି, ଭାଜପା ଏହାର ଫାଇଦା ଉଠାଇବେ ବୋଲି ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି। ମାତ୍ର ନାମାଙ୍କନପତ୍ର ଦାଖଲ ପରେ ଲଢ଼େଇ ହେବ ଏବଂ କଂଗ୍ରେସ ହିଁ ଏଥର ବିଜୟୀ ହେବ ବୋଲି ଦଳୀୟ ନେତୃବୃନ୍ଦ ଦୃଢୋକ୍ତି ପ୍ରକାଶ କରିଛନ୍ତି।

**IN THE COURT OF THE DISTRICT JUDGE, JAJPUR**

**F.A.O. No. 41/2022**

Sk. Salluddin and Others ... Appellants
- Versus -
Sk. Maqbul and Others ... Respondents

**Notice Under Order - 5, Rule - 20 of C.P.C.**

ଏଥି ପକ୍ଷେ ତୁମ୍ଭେ ଅପରପକ୍ଷ (୧) ସେକ୍ ମକବୁଲ, (୨) ସେକ୍ ମହିଉଦ୍ଦିନ୍ ଏବଂ (୩) ସେକ୍ ବଦିରୁଦ୍ଦିନ୍, ପିତା: ୰କବିରୁଦ୍ଦିନ୍ ଓରଫ କମିରୁଦ୍ଦିନ୍, ସ୍ଥାନ: ତାରାମଦନ, ପୋ./ଥା./ଜି.: ଯାଜପୁର ଓ ଅନ୍ୟମାନଙ୍କ ନାମେ ଉପରୋକ୍ତ ମୋକଦ୍ଦମା ଆଗତ ହୋଇଅଛି। ଏଥି ସହ ଅନ୍ତିମ ଦରଖାସ୍ତ ଷ୍ଟେ ପିଟିସନ୍ ଆଗତ କରାହୋଇଅଛି। ତୁମ୍ଭେ ଉପରୋକ୍ତ ନୋଟିସଧାରୀ ନୋଟିସ ଗ୍ରହଣ ନ କରୁଥିବାରୁ ମାନ୍ୟବର କୋର୍ଟଙ୍କ ଆଦେଶ ମୁତାବକ ଅତ୍ର ନୋଟିସ ଦ୍ୱାରା ଅବଗତ କରାଯାଉଅଛି କି ଉକ୍ତ ମୋକଦ୍ଦମାରେ ନିଜେ କିମ୍ବା ନିଜ ପ୍ରତିନିଧିଙ୍କ ମାଧ୍ୟମରେ ଜଣାଇବାକୁ ଥିଲେ ଆସନ୍ତା ତା୨୮।୧୧।୨୦୨୨ରିଖକୁ ହାଜର ହୋଇ ଜଣାଇବା ହେବେ, ନଚେତ୍ ତୁମ୍ଭ ବିରୁଦ୍ଧରେ ଏକତରଫା ଶୁଣାଣି ହେବ।

**ସମ୍ପତ୍ତି ତାଲିକା:**

ଲଟ୍ ନଂ. ୧– ଜି.: ଯାଜପୁର, ଥା.: ଯାଜପୁର, ମୌଜା: ୟୁନିଟ୍ ନଂ. ୮, ଯଯାତି ନଗର, ଖାତା ନଂ. ୧୫୫, ପ୍ଲଟ୍ ନଂ. ୧୪୪, ଏ୦.୦୭୯, ପ୍ଲଟ୍ ନଂ. ୧୪୫ – ଏ୦.୧୩୫, ପ୍ଲଟ୍ ନଂ. ୧୪୭ – ଏ୦.୬୨୭, ମୋଟ୍: ଏ୦.୮୪୧।
ଲଟ୍ ନଂ. ୨– ଜି.: ଯାଜପୁର, ଥା.: ଯାଜପୁର, ମୌଜା: ୟୁନିଟ୍ ନଂ. ୮, ଯଯାତି ନଗର, ଖାତା ନଂ. ୬୪୩, ପ୍ଲଟ୍ ନଂ. ୧୩୦ – ଏ୦.୧୩୯, ପ୍ଲଟ୍ ନଂ. ୧୩୧ – ଏ୦.୦୬୫, ମୋଟ୍: ଏ୦.୨୦୩।
ଲଟ୍ ନଂ. ୩– ଜି.: ଯାଜପୁର, ଥା.: ଯାଜପୁର, ମୌଜା: ୟୁନିଟ୍ ନଂ. ୮, ଯଯାତି ନଗର, ଖାତା ନଂ. ୪୯୭, ପ୍ଲଟ୍ ନଂ. ୧୪୬ – ଏ୦.୦୯୮।

ସ୍ୱା./– ଜିଲ୍ଲା ଜଜ୍, ଯାଜପୁର

# ପ୍ରଚାରକୁ ଓହ୍ଲାଇଲେ ବର୍ଷା

ପାଇକମାଲ,୧୬।୧୧(ଡି.ଏନ.ଏ.)

ପଦ୍ମପୁର ଉପ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପୂର୍ବରୁ ବୁଧବାର ପ୍ରଥମ କରି ବିଜେଡି ପକ୍ଷରୁ ମାରାଥନ ପ୍ରଚାର କରାଯାଇଛି। ପାଇକମାଲ ଜୋନ–୧ ଅଧୀନ ସାଲେପାଲିଠାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ନବକିଶୋର ଦାସ, ଅତନୁ ସବ୍ୟସାଚୀ ନାୟକ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ବିଧାୟକ ପ୍ରଶାନ୍ତ ମୁଦୁଲି, ସ୍ନେହାଙ୍ଗିନୀ ଛୁରିଆ, ମହୀଧର ରଣା, ପୂର୍ବତନ ବିଧାୟକ ଯୋଗେଶ ସିଂ ପ୍ରମୁଖ ଯୋଗଦେଇ ପଦ୍ମପୁର ଉପନିର୍ବାଚନ ପାଇଁ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କୁ ବିଜୟୀ କରିବା ଲାଗି ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ସେହିପରି ବରତୁଣ୍ଡା ଗ୍ରାମର ସୁରୁଙ୍ଗିଦାଦରଠାରେ ବିଜେଡିର ଏକ ବିଶାଳ ସଭା ଆୟୋଜନ କରାଯାଇଥିଲା। ସଭାରେ ମନ୍ତ୍ରୀ ନବକିଶୋର ଦାସ, ଟୁକୁନି ସାହୁ, ବିଧାୟକ ଅରୁଣ କୁମାର ସାହୁ, ଲତିକା ପ୍ରଧାନ, ବ୍ରଜକିଶୋର ପ୍ରଧାନ, ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରି, ପୂର୍ବତନ ବିଧାୟକ ମାନସ ମାଡକାମୀ ପ୍ରମୁଖ ଯୋଗଦେଇ ଦଳୀୟ ପ୍ରାର୍ଥୀ ବର୍ଷାଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ। ପାଇକମାଲ ଜୋନ–୩ ଅଧୀନ ବାଦିକଟା ସାପଲହରଠାରେ ବିଜେଡିର ଏକ ବିଶାଳ ସମାବେଶରେ ବିଧାୟକ ଦିବ୍ୟଶଙ୍କର ମିଶ୍ର ସଭାପତିତ୍ୱ କରିଥିଲେ। ବିଧାୟକ ରମେଶ ଚନ୍ଦ୍ର ବେହେରା, ଜଗନ୍ନାଥ ନାୟକ, ସୁଶାନ୍ତ ରାଉତ, ମନୋହର ରନ୍ଧାରି, ରଘୁରାମ ପଦାଲ ଏବଂ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ଯୋଗ ଦେଇଥିଲେ। ବର୍ଷା ତାଙ୍କ ଅଭିଭାଷଣରେ ବାପା ବିଜୟ ରଞ୍ଜନ ସିଂ ବରିହାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବା ପାଇଁ ଜନସାଧାରଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଭଟଲି ବିଧାୟକ ସୁଶାନ୍ତ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।


ସାପଲହରଠାରେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ପ୍ରଚାର କରୁଛନ୍ତି।

# ଇନ୍‌ପୁଟ୍ ସବ୍‌ସିଡି: ଭାଜପା–ବିଜେଡି ମୁହାଁମୁହିଁ

- **ପଦ୍ମପୁର ଉପନିର୍ବାଚନ ନ ଥିଲେ ଘୋଷଣା ହୋଇ ନ ଥାଆନ୍ତା: ଭାଜପା**
- **ଫସଲବୀମା ଭଳି ଇନ୍‌ପୁଟ୍ ସବ୍‌ସିଡି ରୋକିବାକୁ ଚାହୁଁଛନ୍ତି: ବିଜେଡି**

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିବା ମରୁଡ଼ି ସବ୍‌ସିଡି ଅର୍ଥ ପ୍ରଦାନ କଥାକୁ ନେଇ ବିଜେଡି ଏବଂ ଭାଜପା ମଧ୍ୟରେ କାଦୁଅ ଫିଙ୍ଗା ଆରମ୍ଭ ହୋଇଯାଇଛି। ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଖବରଦାତା ସମ୍ମିଳନୀ କରି କହିଛନ୍ତି, ବରଗଡ଼ ଜିଲା ପାଇଁ ଇନ୍‌ପୁଟ୍ ସବ୍‌ସିଡି କେତେ ଦିଆଯିବ, ତା'ର ସବିଶେଷ ତଥ୍ୟ ମୁଖ୍ୟମନ୍ତ୍ରୀ ରଖନ୍ତୁ। ୨୦୨୧ ଅକ୍ଟୋବର ୧୧ରେ ଏସ୍‌ଆର୍‌ସି ରାଜ୍ୟର ସବୁ ଜିଲାପାଳଙ୍କୁ ମରୁଡ଼ି ସ୍ଥିତି ନେଇ ଚିଠି ଲେଖିବା ସହ ସବିଶେଷ ରିପୋର୍ଟ ଦେବା ପାଇଁ ଉଲ୍ଲେଖ କରିଥିଲେ। ମାତ୍ର ବରଗଡ଼ ଜିଲାରେ ମରୁଡ଼ି ହୋଇଥିବା ନେଇ ସେ ଚିଠି କୁଆଡ଼େ ଗଲା। ଏହି ଚିଠି ଅଛି ନା ନାହିଁ। ବିଧାନସଭାରେ ମରୁଡ଼ି ପ୍ରସଙ୍ଗ ଉଠିଲା ବେଳକୁ କୌଣସି ଜିଲାରେ ମରୁଡ଼ି ନ ଥିବା କଥା ସରକାରଙ୍କ ପକ୍ଷରୁ କୁହାଗଲା। ସରକାର କେବଳ ମିଛ କହୁଛନ୍ତି। ପଦ୍ମପୁର ଉପନିର୍ବାଚନ ନ ଥିଲେ ସରକାର ଏହି ଘୋଷଣା କରି ନ ଥାନ୍ତେ ବୋଲି ପୃଥ୍ୱୀରାଜ କହିଛନ୍ତି।

ଅପରପକ୍ଷେ ବିଜେଡି ପ୍ରବକ୍ତା ଗୌତମବୁଦ୍ଧ ଦାସ କହିଛନ୍ତି, ଭାଜପାର ଖବରଦାତା ସମ୍ମିଳନୀ ପୁଣି ଥରେ ସେମାନଙ୍କ ଚାଷୀ ବିରୋଧୀ ମନୋଭାବକୁ ପଦାରେ ପକାଇଛି। ଯେପରି ସେମାନେ ଚାଷୀଙ୍କ ଫସଲ ବୀମା ଦେୟକୁ ଅଟକାଇଥିଲେ, ଏବେ ଇନ୍‌ପୁଟ୍ ସବ୍‌ସିଡି ରୋକିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ କହିଛନ୍ତି।

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in

ନଂ.: ସିଡବ୍ଲ୍ୟୁସି/ଆର୍‌ଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୨-୨୩

**ପ୍ରେସ୍ ବିଜ୍ଞପ୍ତି**
(ଇ ଏନ୍‌ଆଇଟି_ଆର୍‌ଓ-ପିଏଟି/ଇଏନ୍‌ଜିଜି/୨୨-୨୩/୦୯)

ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
|---|---|---|---|
| ୧ | ସିଡବ୍ଲ୍ୟୁ, ବଳଜିତପଡ଼ା (ଓଡ଼ିଶା)ଠାରେ ଆଭ୍ୟନ୍ତରୀଣ ସଡ଼କରେ ଖାଲଖମାଗୁଡ଼ିକର ମରାମତି ସହିତ ଅଫିସ୍ ବ୍ଲକ୍‌ର ପୁନଃ ନିର୍ମାଣ। | ୩୫.୭୬ | ୩୦।୧୧।୨୦୨୨ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ–ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ–ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ। ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ। ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ।

**ନିର୍ବାହୀ ଯନ୍ତ୍ରୀ**

**ODISHA UNIVERSITY OF TECHNOLOGY AND RESEARCH**
(Formerly College of Engineering & Technology, Bhubaneswar)
Techno Campus, Ghatikia, P.O.: Mahalaxmi Vihar, Bhubaneswar - 751029, Odisha, India
Ref. No. 3646/OUTR Date: 15.11.2022

**SPOT ADMISSION OF B.TECH. (LATERAL ENTRY), M.TECH., M. PLAN AND MCA COURSE: 2022-23**

No. CAD-2757: The Spot Admission of B.Tech. (Lateral Entry), M.Tech., M. Plan and MCA Courses for the Academic Session 2022-23 into **Odisha University of Technology and Research** (Formerly College of Engineering & Technology), Bhubaneswar will be conducted from 18.11.2022 onwards. For details regarding Spot Admission process refer to OUTR website (**www.cet.edu.in**).

**Sd./- OFFICER ON SPECIAL DUTY**
OIPR-16005/11/0047/2223

**OFFICE OF THE DISTRICT MANAGER O.S.C.S.C. LTD., ANGUL**
**No.3907/Dt.15.11.22**

**TENDER CALL NOTICE**

**No.CAD-2760:**Sealed quotations/tenders are invited from interested reputed Travel Agencies/ Tour operators or private individuals for providing 01 (one) no. of vehicle i.e. "Bolero" for use in Paddy Procurement Operation in the Office of CSO-cum-District Manager, OSCSC Ltd., Angul for the KMS: 2022-23. The details of the tender terms and conditions are available in the District Website www.angul.nic.in. The last date of receipt of tender paper and relevant document fixed on 01.12.2022 by 5.30 P.M.

**Sd./-**
**CSO-cum-District Manager**
**O.S.C.S.C. Ltd., Angul**
OIPR-07064/11/0006/2223

**SMART ODISHA HACKATHON :- 2022**
**ODISHA UNIVERSITY OF TECHNOLOGY AND RESEARCH (OUTR), BHUBANESWAR**
**(FORMERLY CET, BHUBANESWAR)**
No. 3649 Date: 15.11.2022

No. CAD-2758: The **Make in Odisha Conclave - 2022** is scheduled to be held during **30th November, 2022 to 04th December, 2022** in Bhubaneswar. In this MIO-Conclave-2022 **"ODISHA UNIVERSITY OF TECHNOLOGY AND RESEARCH (Formerly CET)", Bhubaneswar** is authorized to conduct the **"SMART ODISHA HACKATHON - 2022"** during **30th November, 2022 to 01st December, 2022** (36 hours) in OUTR Campus It's a big opportunity to get success for solving some social problems with application of Artificial Intelligence and win attractive prizes. For more details visit the website- **https://www.hackerearth.com/challenges/hackathon/smart-odisha-hackathon-2022/**.

**Sd./- Officer on Special Duty**
**OUTR, Bhubaneswar**
OIPR-16005/11/0046/2223

# ଫସଲ ବୀମାକୁ ନେଇ ଟଣାଓଟରା

- **କମ୍ପାନୀଠାରୁ ଚାଷୀଙ୍କୁ ଟଙ୍କା ପ୍ରଦାନ କରନ୍ତୁ ରାଜ୍ୟ ସରକାର: ତୋମାର**
- **ବୀମା ଅର୍ଥ କେନ୍ଦ୍ରକୁ ପ୍ରଦାନ କରିବାକୁ ପଡ଼ିବ: ବିଜେଡି**

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର କୃଷକ ସଙ୍ଗଠନର ଅନୁରୋଧକ୍ରମେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଭେଟି ରାଜ୍ୟର ଚାଷୀଙ୍କ ବୀମାରାଶି ସମେତ ବିଭିନ୍ନ ସମସ୍ୟା ନେଇ ବିସ୍ତୃତ ଆଲୋଚନା କରିବା ସହ ଏ ସଂକ୍ରାନ୍ତୀୟ ଏକ ଚିଠି ପ୍ରଦାନ କରିଛନ୍ତି। ଚାଷୀଙ୍କ ସମସ୍ୟା ବୁଝିବା ସହ ବିଭାଗୀୟ ଅଧିକାରୀଙ୍କୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ତୋମାର ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି।

ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ବରଗଡ଼ ଗସ୍ତ ସମୟରେ ସେଠାକାର ଚାଷୀମାନେ ତାଙ୍କୁ ଭେଟିଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା ଚୟନ କରାଯାଇଥିବା ଏଚ୍‌ଡିଏଫ୍‌ସି ଆଗ୍ରୋ ଜେନେରାଲ ଇନ୍ସ୍ୟୁରାନ୍ସ କମ୍ପାନୀ ମାଧ୍ୟମରେ ୨୦୨୧ ଖରିଫ ଋତୁର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ବୀମାରାଶିକୁ ପୁଣି ଥରେ ସମୀକ୍ଷା କରାଯାଉ। ବୀମା କମ୍ପାନୀ ପାଇକମାଲ, ଝରାବନ୍ଧ, ପଦ୍ମପୁର, ଗାଇସିଲେଟ୍, ସୋହେଲା ଏବଂ ବିଜେପୁର ବ୍ଲକରେ ୨୦୨୧ ଖରିଫ ଋତୁରେ ମରୁଡ଼ି ପରିସ୍ଥିତି ଯୋଗୁ କ୍ଷୟକ୍ଷତି ହୋଇଥିବା ଚାଷର ବୀମା ଅର୍ଥ ବହୁତ କମ୍ ପ୍ରଦାନ କରିବା ନେଇ ଚାଷୀମାନେ ଅଭିଯୋଗ କରିଥିବା ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି। ତେବେ ଏନେଇ ତୋମାର କହିଛନ୍ତି, ଏହି ଯୋଜନା ଚାଷୀଙ୍କ ସୁରକ୍ଷାକବଚ। ଉକ୍ତ ଯୋଜନା ଅନ୍ତର୍ଗତ ଦେଶବ୍ୟାପୀ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଥିବା ଫସଲ ପାଇଁ ଚାଷୀଙ୍କୁ ୧ ଲକ୍ଷ ୨୪ ହଜାର କୋଟିରୁ ଅଧିକ ଟଙ୍କା ବୀମାରାଶି ବ୍ୟାଙ୍କ୍ ଖାତାରେ ଜମା କରାଯାଇଛି। ଉକ୍ତ ଯୋଜନାରେ ବୀମା କମ୍ପାନୀ ଚୟନ ରାଜ୍ୟ ସରକାରମାନେ କରନ୍ତି। ଓଡ଼ିଶାର ଯେବେ ବି ସମସ୍ୟା ଉତ୍ପନ୍ନ ହୋଇଛି କେନ୍ଦ୍ର ସରକାର ହସ୍ତକ୍ଷେପ କରି ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରିଛନ୍ତି। ରାଜ୍ୟ ସରକାର ବୀମା କମ୍ପାନୀଠାରୁ ହିତାଧିକାରୀଙ୍କ ପଇସା ପ୍ରଦାନ କରନ୍ତୁ। ଚାଷୀଙ୍କ ବିଷୟ ତଥା ପିଏମ୍ ଫସଲ ବୀମା ଯୋଜନାର ରାଜନୀତିକରଣ କରିବା ଉଚିତ ନୁହେଁ ବୋଲି ତୋମାର କହିଛନ୍ତି।

ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖି କହିଛନ୍ତି, ଓଡ଼ିଶାର ଲୋକମାନେ ଭାଜପାର ଚାଷୀ ବିରୋଧୀ ମନୋଭାବ ଦେଖୁଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀଙ୍କ ନିୟମିତ ଯୋଗାଯୋଗ ସତ୍ତ୍ୱେ ଚାଷୀଙ୍କ ଫସଲ ବୀମା କେନ୍ଦ୍ର ଅଟକାଇଥିଲା। ଧର୍ମେନ୍ଦ୍ରଙ୍କ ଚିଠି ଉପରେ ଜବାବ ରଖି ତୋମାର କହିଛନ୍ତି, ଚାଷୀଙ୍କ ଚାପ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିରନ୍ତର ଯୋଗାଯୋଗ ପରେ ଫସଲ ବୀମା ଅର୍ଥ ମଞ୍ଜୁର କରାଯାଇଛି। ଓଡ଼ିଶାର ଫସଲବୀମାକୁ ଅଟକାଇବା ନେଇ ଭାଜପା ପ୍ରତି କୃଷକଙ୍କ କ୍ରୋଧ ଦେଖିବାକୁ ମିଳିଛି। ରାଜନୀତି କରିବାକୁ ଆହୁରି ଅନେକ ପ୍ରସଙ୍ଗ ରହିଛି। ଅପରପକ୍ଷେ ଚିଠିର କୌଣସି ସତ୍ୟତା ନ ଥିବା ଧର୍ମେନ୍ଦ୍ର ପ୍ରଧାନ ଭଲରେ ଜାଣିଛନ୍ତି ବୋଲି ସସ୍ମିତ୍ କହିଛନ୍ତି।

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.୪, ଭୁବନେଶ୍ୱର

**Office of the Superintending Engineer Bhubaneswar (R&B) Division No.IV**
**Nirman Soudha, Unit-V, Bhubaneswar**
E-mail ID:eernb4bbsr@gmail.com, Tel- (0674)- 2390245

**INVITATIONS FOR BIDS THROUGH e-Procurement**
**No.6805, Date:15.11.2022**
No.B-833: **Bid Identification No.C.C. (R&B)-04**
**e-Procurement Notice No.37 of 2022-23**

| | | |
|---|---|---|
| 1 | Name of the Work | 1 No. Road Work |
| 2 | Total No. of Works | 1 No. Road Work |
| 3 | Estimated Cost | Rs.39,20,108.00 |
| 4 | Class of Contractor (i) | B Class |
| 5 | Period of Completion | 1 (One) Calendar Month |
| 6 | Type of Tender | Single Cover System |
| 7 | Date & Time of availability of bid document in the Portal | From Dt.21.11.2022 to 17.30 hrs. of Dt.28.11.2022 |
| 8 | Last Date & Time for receipt of bids in the Portal | Dt.28.11.2022 upto 17.30 hrs. |
| 9 | Opening of Bid through online | Dt.29.11.2022 at 11.30 AM onwards |
| 10 | Name & Address of the Officer Inviting Bid | Er. Trinath Behera, Superintending Engineer, Bhubaneswar (R&B) Division No. IV, Bhubaneswar |

Further details can be seen from the e-procurement portal https://tendersorissa.gov.in. The Tender inviting Authority reserves the right to reject/cancel/modify the tender at any time without assigning any reason thereof. **N.B.: Subsequent corrigendum/addendum if required shall be available in the website as indicated above.**

**Sd./- Superintending Engineer**
**BBSR(R&B) Division No.IV, BBSR**
OIPR-34135/11/0019/2223

**MARKFED - ODISHA**
**OLD STATION ROAD, BHUBANESWAR - 751006**
**Ref. No. 4392** **Date: 16.11.2022**
**E&A/1/2020-21 (Part)**

**RETENDER CALL NOTICE**

No. CAD-2762: Sealed tenders (Two Bids) are invited from interested parties for letting out of Godowns of MARKFED-ODISHA. **For details please visit Government of Odisha Tender website (www.odisha.gov.in) or Cooperation Department website (www.coopodisha.in).** Any revision, clarification, addendum, corrigendum, time extension etc. to the above mentioned tender notice will be hoisted on **Cooperation Department** website only. No separate notification shall be issued in press.

**Sd./- Managing Director**
**OIPR-39017/11/0002/2223**

Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ବିପଦର ପଥ



## ସାରଙ୍ଗଧର ସେତୁ



ଢେଙ୍କାନାଳ-କାମାକ୍ଷାନଗର ରାସ୍ତାର ଗେଙ୍ଗୁଟିଆ ଓ କମଗରା ମଧ୍ୟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଉପରେ ପୂର୍ତ୍ତ ବିଭାଗ ପକ୍ଷରୁ ୧୯୯୩ରେ ନିର୍ମାଣ କରାଯାଇଥିଲା ସାରଙ୍ଗଧର ସେତୁ। ରକ୍ଷଣାବେକ୍ଷଣ ଅଭାବରୁ ଏହି ବ୍ରିଜ୍ ଏବେ ବିପଦସଙ୍କୁଳ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ସୁରକ୍ଷା ବାଡ଼ ଭାଙ୍ଗି ଯାଇଥିବାବେଳେ ବର, ଅଶ୍ୱତ୍ଥ ଗଛ ଉଠି ଫାଟ ହୋଇଛି।

## ରାୟଗଡ଼ା ଫ୍ଲାଏଓଭର





ରାୟଗଡ଼ା ସହରସ୍ଥିତ ଫ୍ଲାଏଓଭର ୧୯୯୫-୯୬ରେ ନିର୍ମାଣ ହୋଇଥିଲା। କନ୍ଧମାଳ, କଳାହାଣ୍ଡି, କୋରାପୁଟ ଏବଂ ଗଞ୍ଜାମ ଜିଲା ସମେତ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ଏହି ଫ୍ଲାଏଓଭର ଜାତୀୟ ରାଜପଥ ବିଭାଗ ଅଧୀନରେ ରହିଛି। ୨୦୦ ମିଟର ଲମ୍ବ ଏହି ଫ୍ଲାଏଓଭରର ଚାରିପାର୍ଶ୍ୱରେ ଏବେ ଗଛ ଉଠି ଫାଟ ସୃଷ୍ଟି ହେଲାଣି। ସେହିପରି ଏହା ଉପରେ ୧୦୦୦ରୁ ଊର୍ଦ୍ଧ୍ୱ ଗର୍ତ୍ତ ସୃଷ୍ଟି ହୋଇଛି। ଏହାର ସ୍ଥାୟୀ ସମାଧାନ ବଦଳରେ ଏବେ କେବଳ ପ୍ୟାଚ୍ ପକାଇ ମରାମତି ଚାଲିଛି।

ନଦୀ ଉପରେ ତିଆରି ହୋଇଛି ସେତୁ। ହଟିଛି ବିପଦପୂର୍ଣ୍ଣ ନୌଯାତ୍ରାର ଯନ୍ତ୍ରଣା। ସହରରେ ନିର୍ମିତ ଫ୍ଲାଏ ଓଭର ପାଇଁ କମିଛି ଭିଡ଼। ବର୍ଷ ବର୍ଷ ଧରି ବ୍ୟବହୃତ ବ୍ୟସ୍ତବହୁଳ ବ୍ରିଜ୍‌ଗୁଡ଼ିକ କିନ୍ତୁ ଏବେ ଆଉ ସୁରକ୍ଷିତ ହୋଇ ରହିନାହିଁ। ବ୍ରିଟିଶ ଅମଳର ପୋଲଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ। ୩୦-୪୦ ବର୍ଷ ପୁରୁଣା ସେତୁର ସୁରକ୍ଷା ବାଡ଼ ଭାଙ୍ଗି ମୁକୁଳା ପଡ଼ିଛି। ଦୁର୍ବଳ ସ୍ପାନ୍ ପାଇଁ ମାଲବାହୀ ଗାଡ଼ି ଯିବା ବେଳେ ଦୋହଲୁଛି। ରକ୍ଷଣାବେକ୍ଷଣ ଅଭାବରୁ ବଡ଼ ବଡ଼ ଗଛରେ ପରିପୂର୍ଣ୍ଣ ହୋଇ ଫ୍ଲାଏ ଓଭର ଫାଟି ଆଁ କଲାଣି। ଆପ୍ରୋଚ୍ ରୋଡ୍‌ରେ ବିରାଟକାୟ ଗର୍ତ୍ତ ପାଇଁ ବଡ଼ ଧରଣର ଦୁର୍ଘଟଣା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ଓଡ଼ିଶାରେ ଏବେ ଏଭଳି ଦୃଶ୍ୟ ସଡ଼କପଥରେ ସୁରକ୍ଷିତ ଯାତ୍ରା ଓ ପରିବହନ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏଠାରେ ବିପଦସଙ୍କୁଳ ଅବସ୍ଥାରେ ଥିବା କେତେକ ପୋଲ ଓ ଫ୍ଲାଏଓଭରର ଚିତ୍ର ପ୍ରଦର୍ଶନ କରାଗଲା।

## ନୁଣିଆଯୋଡ଼ି ପୋଲ



ବାଲେଶ୍ୱର ପୌରାଞ୍ଚଳର ୩୧ନଂ. ୱାର୍ଡ଼ ସ୍ଥିତ ଅରଡ଼ବଜାର ନିକଟସ୍ଥ ନୁଣିଆଯୋଡ଼ି ପୋଲ ହରିପୁର ଛକଠାରୁ ମୁକ୍ତିଦ୍ୱାର ପର୍ଯ୍ୟନ୍ତ ଲମ୍ବିଛି। ବ୍ରିଟିଶ୍ ଅମଳରୁ ତିଆରି ହୋଇଥିବା ଏହି ପୋଲର ଉଭୟ ପାର୍ଶ୍ୱରେ ଗଛ ଉଠିବା ସହ ଫାଟ ସୃଷ୍ଟି ହୋଇଛି। ବିପଦ ସଙ୍କୁଳ ଅବସ୍ଥାରେ ପ୍ରତିଦିନ ହଜାର ହଜାର ଲୋକ ତଥା ଭାରିଯାନ ଏହି ପୋଲ ଦେଇ ଯା'ଆସ କରୁଛନ୍ତି।

## ବଡ଼ ପୋଲିଆ ପୋଲ



ବଡ଼ ପୋଲିଆ ପୋଲ କେନ୍ଦୁଝର ଜିଲା ପଶ୍ଚିମ ଯୋଡ଼ାରୁ କୁନ୍ଦୁର ନାଳାକୁ ସଂଯୋଗ କରୁଛି। ୧୯୪୮ ପୂର୍ବରୁ ଖଣିଜ ପରିବହନ ନିମନ୍ତେ ଟାଟା କମ୍ପାନୀ ଏହାକୁ ନିର୍ମାଣ କରିଥିଲା। ପରବର୍ତ୍ତୀ ସମୟରେ ଏଥିରେ ଜନସାଧାରଣ ଯାତାୟାତ କରିଆସୁଛନ୍ତି। ଏହା ଇଟାରେ ନିର୍ମିତ ହୋଇଥିଲା। ଯୋଡ଼ା ଅଞ୍ଚଳର ସର୍ବପୁରାତନ ପୋଲ ହୋଇଥିବା ବେଳେ ବର୍ତ୍ତମାନ ଏଥିରେ ଗଛଲତା ଉଠି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି।

## ଶଙ୍ଖନଦୀ ପୋଲ



ରାଉରକେଲା-ରାଞ୍ଚି ୧୪୩ ନଂ. ଜାତୀୟ ରାଜପଥର ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଯମୁନାନାକି ନିକଟସ୍ଥ ଶଙ୍ଖନଦୀ ଉପରେ ଥିବା ବ୍ରିଟିଶ ଅମଳର ପୋଲର ଶୋଚନୀୟ ଅବସ୍ଥା।

## କବାଟବନ୍ଧ ବ୍ରାହ୍ମଣୀ ସେତୁ





ଯାଜପୁର ଜିଲା ଧର୍ମଶାଳା ବ୍ଲକ କବାଟବନ୍ଧ ନିକଟ ୫୩ନଂ. ଜାତୀୟ ରାଜପଥରେ ରହିଛି ବ୍ରାହ୍ମଣୀ ସେତୁ। ଏହି ସେତୁ ଉପରେ ୭୦ ଦଶକରେ ଯାତାୟାତ ଆରମ୍ଭ ହୋଇଥିଲା। ଆବଶ୍ୟକ ମରାମତି ଅଭାବରୁ ସେତୁର ଅଧିକାଂଶ ଭାଗ ଭାଙ୍ଗିରୁଜି ଯାଇଛି। ସେତୁରେ ଛୋଟ ବଡ଼ ଖାଲ ସୃଷ୍ଟି ହୋଇଛି। ଏହି ସେତୁ ଉପରେ କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରୁ ପାରାଦୀପକୁ ଖଣିଜ ପଦାର୍ଥ ପରିବହନ ହୋଇଥାଏ। ଢେଙ୍କାନାଳ, ଅନୁଗୋଳ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଅଞ୍ଚଳର ଲୋକ ଏହି ସେତୁ ଉପରେ ନିର୍ଭର କରିଥାନ୍ତି।

## ଚାଉଳଧୁଆ ନଦୀ ପୋଲ



କନ୍ଧମାଳ ଜିଲା କୋଟଗଡ ବ୍ଲକ ଜୁଡାବାଲି ପଞ୍ଚାୟତ ରଡିଗୁମା ନିକଟରେ ଗ୍ରାମ୍ୟ ନିର୍ମାଣ ବିଭାଜନ (ଆର୍‌ଡି) ପକ୍ଷରୁ ନିର୍ମିତ ଚାଉଳଧୁଆ ନଦୀ ଉପରେ ହୋଇଥିବା ଏହି ପୋଲର ନିର୍ମାଣ ୩/୪ ମାସ ହେବ ସରିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମିତ ଏହି ପୋଲର ଗୋଟିଏ ପାର୍ଶ୍ୱ ସଂଯୋଗ ରାସ୍ତା ଧୋଇଯାଇଛି।

## ବନ୍ଧପାଲି ପୋଲ




ସୁନ୍ଦରଗଡ଼-ହେମଗିର ଏମ୍‌ସିଏଲ୍ ବସୁନ୍ଧରା ପୂର୍ତ୍ତ ବିଭାଗ ରାସ୍ତାର ସୁନ୍ଦରଗଡ଼ ନିକଟ ଇବ ନଦୀର ବନ୍ଧପାଲି ପୋଲ ୧୯୫୨ ମସିହାରେ ନିର୍ମିତ ହୋଇଥିବାବେଳେ ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ଅଛି।

**ସର୍ବକନିଷ୍ଠ ବିମାନଯାତ୍ରୀ**

ଦିଲ୍ଲୀ ବିମାନବନ୍ଦରରେ ସର୍ବକନିଷ୍ଠ ଯାତ୍ରୀଙ୍କୁ ସ୍ୱାଗତ କରାଯାଇଛି। କର୍ନାଟକର ହୁବ୍‌ଲି ଯିବା ଲାଗି ମଙ୍ଗଳବାର ସକାଳେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିବା ଜଣେ ଗର୍ଭବତୀ ମହିଳା ୩ ନମ୍ବର ଟର୍ମିନାଲରେ ସ୍ୱାମୀଙ୍କ ସହ ବିମାନକୁ ଅପେକ୍ଷା କରିଥିବାବେଳେ ତାଙ୍କର ଗର୍ଭବେଦନା ଆରମ୍ଭ ହୋଇଥିଲା। ତାଙ୍କୁ ଟର୍ମିନାଲ ୩ ନିକଟରେ ଥିବା ମେଦାନ୍ତା କ୍ଲିନିକ୍‌କୁ ନିଆଯାଇଥିଲା। ସେଠାରେ ମହିଳା ପୁତ୍ର ସନ୍ତାନ ଜନ୍ମ କରିଥିଲେ। ବିମାନବନ୍ଦରର ମେଦାନ୍ତା କ୍ଲିନିକ୍‌ରେ ଏହା ପ୍ରଥମ ଶିଶୁ ଜନ୍ମ ବୋଲି ଡାକ୍ତର କହିଛନ୍ତି।

## ସଂକ୍ଷେପରେ

### ୨୦୨୪ ରାଷ୍ଟ୍ରପତି ରେସ୍‌ରେ ପୁଣି ଟ୍ରମ୍ପ୍

**ୱାଶିଂଟନ୍,୧୬।୧୧:** ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୦୨୪ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ନେଇ ବୁଧବାର ଘୋଷଣା



କରିଛନ୍ତି। ରିପବ୍ଲିକାନ୍ ପାର୍ଟି ତରଫରୁ ନିର୍ବାଚନ ଲଢ଼ିବାକୁ ଯାଉଥିବା ଟ୍ରମ୍ପ ବୁଧବାର ସଂଘୀୟ ନିର୍ବାଚନ ଆୟୋଗଙ୍କ ନିକଟରେ ଆବଶ୍ୟକ ଦସ୍ତାବିଦ୍ ଦାଖଲ କରିଛନ୍ତି। ଆମେରିକା ଭଳି ମହାନ ଦେଶ ବିଷୟରେ ସାରା ବିଶ୍ୱକୁ ଅବଗତ କରାଇବା ଉଦ୍ଦେଶ୍ୟରେ ସେ ପୁଣିଥରେ ପ୍ରେସିଡେଣ୍ଟ ରେସ୍‌ରେ ସାମିଲ ହେବାକୁ ଯାଉଛନ୍ତି। ବର୍ତ୍ତମାନର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ନେତୃତ୍ୱାଧୀନ ଶାସନରେ ଆମେରିକାବାସୀ ଅତିଷ୍ଠ ହୋଇପଡ଼ିଥିବା ଟ୍ରମ୍ପ କହିଛନ୍ତି। ତେବେ ଏହାକୁ ମିଶାଇ ଟ୍ରମ୍ପ ତିନିଥର ପାଇଁ ରାଷ୍ଟ୍ରପତି ନିର୍ବାଚନରେ ଅଂଶଗ୍ରହଣ କରିବେ।

### ଅରବିନ୍ଦ ବୀର୍‌ମାନି ନୀତି ଆୟୋଗର ପୂର୍ଣ୍ଣକାଳୀନ ସଦସ୍ୟ

**ନୂଆଦିଲ୍ଲୀ,୧୬।୧୧(ପି.ଟି.):** ପୂର୍ବତନ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଅରବିନ୍ଦ ବୀର୍‌ମାନିଙ୍କୁ ନୀତି ଆୟୋଗର ପୂର୍ଣ୍ଣକାଳୀନ ସଦସ୍ୟ ନିଯୁକ୍ତ କରାଯାଇଛି। ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବୀର୍‌ମାନି



୨୦୦୭ରୁ ୨୦୦୯ ଅର୍ଥ ମନ୍ତ୍ରଣାଳୟ ଅଧୀନରେ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। ସେ ୨୦୧୩ ଫେବୃୟାରୀରୁ ୨୦୧୬ ଅଗଷ୍ଟ ପର୍ଯ୍ୟନ୍ତ ଭାରତର ରିଜର୍ଭ ବ୍ୟାଙ୍କ ର ମୁଦ୍ରାନୀତି ଟେକ୍‌ନିକାଲ ଆଡଭାଇଜରି କମିଟି ସଦସ୍ୟ ରହିଥିଲେ। ଏହା ପୂର୍ବରୁ ସେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଭାରତ, ବାଂଲାଦେଶ, ଶ୍ରୀଲଙ୍କା ଓ ଭୁଟାନର ପ୍ରତିନିଧିତ୍ୱ କରୁଥିଲେ। ନୀତି ଆୟୋଗର ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ଫାଉଣ୍ଡେଶନ ଫର୍ ଇକୋନୋମିକ୍ ଗ୍ରୋଥ୍ ଆଣ୍ଡ ୱେଲ୍‌ଫେୟାରର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ବୀର୍‌ମାନିଙ୍କ ନିଯୁକ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁମୋଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ନୀତି ଆୟୋଗରେ ଭି.କେ. ସାରସ୍ୱତ, ରମେଶ ଚନ୍ଦ୍ର ଏବଂ ଭି.କେ. ପୌଲ ସଦସ୍ୟ ରହିଛନ୍ତି।

### ୨୭୧ ଯାତ୍ରୀ ଥିବା ଇଣ୍ଡୋନେସିଆ ଜାହାଜରେ ନିଆଁ

**ନୁସା ଡୁଆ,୧୬।୧୧:** ଇଣ୍ଡୋନେସିଆର ରିସର୍ଟ ଦ୍ୱୀପ ବାଲି ନିକଟରେ ବୁଧବାର ଏକ ଯାତ୍ରୀବାହୀ ଜାହାଜରେ ନିଆଁ ଲାଗିଯାଇଛି। ସେଥିରେ ୨୭୧ ଯାତ୍ରୀ ଥିଲେ। ତେବେ ଅଗ୍ନିକାଣ୍ଡଜନିତ ମୃତାହତ ସମ୍ପର୍କରେ ଖବର ମିଳିନାହିଁ। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୁଟିଆରା ଟିମୁର-୧ ଜାହାଜରେ ୨୩୬ ଜଣ ଯାତ୍ରୀ ଓ ୩୫ କର୍ମଚାରୀ ଥିଲେ। କାରାଙ୍ଗାସେମ୍ ଉପକୂଳଠାରୁ ୧.୫ କିଲୋମିଟର ଦୂରରେ ବାଲି ପ୍ରଣାଳୀରେ ଉକ୍ତ ଜାହାଜରେ ନିଆଁ ଲାଗିଯାଇଥିଲା। ନୌସେନା ନାବିକ ଏବଂ ସ୍ଥାନୀୟ ମତ୍ସ୍ୟଜୀବୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା ବାଲି ତଲାସି ଓ ଉଦ୍ଧାର ସଂସ୍ଥା ମୁଖ୍ୟ ଗେଡେ ଡାର୍ମଡା କହିଛନ୍ତି।

# ବାଲି ଘୋଷଣାନାମାରେ ଯୁଦ୍ଧକୁ ନେଇ ମତଭେଦ




## ଜି୨୦ ସମିଟ୍

**ବାଲି,୧୬।୧୧(ପି.ଟି.)**

ଇଣ୍ଡୋନେସିଆର ବାଲିଠାରେ ଜି୨୦ ବୈଠକ ବୁଧବାର ଶେଷ ହୋଇଛି। ଏହି ଅବସରରେ ଜି୨୦ ବାଲି ଘୋଷଣାନାମାରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ନେଇ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ମତପାର୍ଥକ୍ୟ ଥିବା ସ୍ୱୀକାର କରାଯାଇଛି। ତେବେ ଯୁଦ୍ଧବେଳେ ବନ୍ଦୀ ଥିବା ସାଧାରଣ ନାଗରିକମାନଙ୍କୁ ସୁରକ୍ଷା ସମେତ ଅନ୍ତର୍ଜାତୀୟ ଆଇନକୁ ମାନିବା ଲାଗି ଘୋଷଣାନାମାରେ ଗୁରୁତ୍ୱ ଦିଆଯାଇଛି। ଆଣବିକ ଅସ୍ତ୍ର ବ୍ୟବହାର କିମ୍ବା ଏଭଳି ଧମକକୁ ସମସ୍ତ ସଦସ୍ୟ ବିରୋଧ କରୁଥିବା ସ୍ପଷ୍ଟ କରିଦେଇଛନ୍ତି। ଶାନ୍ତିପୂର୍ଣ୍ଣ ଉପାୟରେ ଯୁଦ୍ଧର ଅବସାନ ଲାଗି ସେମାନେ ଆହ୍ୱାନ ଦେଇଛନ୍ତି। ତେବେ ଜି୨୦ ବାଲି ନେତୃବୃନ୍ଦଙ୍କ ଘୋଷଣାନାମା ଡ୍ରାଫ୍ଟିଂ ବେଳେ ବିବାଦୀୟ ବିତର୍କ ହୋଇଥିଲା ବୋଲି ଇଣ୍ଡୋନେସିଆ ରାଷ୍ଟ୍ରପତି ଖବରଦାତା ସମ୍ମିଳନୀରେ ସ୍ୱୀକାର କରିଛନ୍ତି।

ଆଜିର ଯୁଗ ଆଦୌ ଯୁଦ୍ଧର ଯୁଗ ନୁହେଁ ବୋଲି ଘୋଷଣାନାମାରେ କୁହାଯାଇଛି। ଗତ ସେପ୍ଟେମ୍ବରରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ଯାହା କହିଥିଲେ, ତାହା ଜି୨୦ରେ ପ୍ରତିଫଳିତ ହୋଇଛି। ମୋଦିଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ଦଳ ସହମତି ଆଣିବା ଦିଗରେ ପ୍ରମୁଖ ଭୂମିକା ନିଭାଇଥିଲେ ବୋଲି ବହିର୍ବ୍ୟାପାର ସଚିବ ବିନୟ କ୍ୱାତ୍ରା କହିଛନ୍ତି।

ଜାତିସଂଘ ସୁରକ୍ଷା ପରିଷଦରେ ଜାତୀୟ ସ୍ଥିତି ଉପରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଯାହା କହିଥିଲେ ଜି୨୦ରେ ତାହା ଦୋହରାଇଥିବା ଘୋଷଣାନାମାରୁ ସ୍ପଷ୍ଟ ହୋଇଛି। ଅଧିକାଂଶ ସଦସ୍ୟ ରାଷ୍ଟ୍ର ୟୁକ୍ରେନ୍ ଯୁଦ୍ଧକୁ ଦୃଢ଼ ନିନ୍ଦା କରିଥିଲେ। ତେବେ କେତେକେ ଏହା ଉପରେ ଭିନ୍ନ ମତ ରଖିଥିଲେ। ଦସ୍ତାବିଜ୍‌ରେ ଯୁଦ୍ଧକୁ ନେଇ ଖୁବ୍ କମ୍ ଲେଖା ହୋଇଥିବାବେଳେ ଏହା ସମିଟ୍‌ର ମୁଖ୍ୟ ବିଷୟବସ୍ତୁ ଥିଲା ବୋଲି ୱିଡୋଡୋ କହିଛନ୍ତି। କୋଭିଡ୍ ମହାମାରୀ ପରେ ଅର୍ଥନୀତି ଉପରେ ଏହା ବିଶ୍ୱର ଯୁଦ୍ଧ ଭଳି ମନେ ହେଉଥିବା ସେ କହିଛନ୍ତି। ଜି୨୦ ସମିଟ୍‌ରେ ରୁଷିଆ ରାଷ୍ଟ୍ରପତି ପୁଟିନ ଯୋଗ ଦେଇ ନ ଥିବାବେଳେ ତାଙ୍କ ତରଫରୁ ଉପସ୍ଥିତ ଥିବା ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭରୋଭ୍ ଘୋଷଣାନାମାର ଦିନକ ପୂର୍ବରୁ ସମିଟ୍ ଛାଡ଼ି ଚାଲିଯାଇଥିଲେ। ଗତ ଫେବୃୟାରୀ ୨୪ରୁ ୟୁକ୍ରେନ୍ ଉପରେ ରୁଷିଆ ଚଳାଇଥିବା ସାମରିକ କାର୍ଯ୍ୟାନୁଷ୍ଠାନକୁ ଆମେରିକା ନେତୃତ୍ୱରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ନିନ୍ଦା କରିଥିଲେ। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଭର୍ଚୁଆଲି ଜି୨୦ ନେତାମାନଙ୍କୁ ଉଦ୍‌ବୋଧନ ଦେଇ ଧ୍ୱଂସାତ୍ମକ ଯୁଦ୍ଧର ଅନ୍ତ ଚାହିଁଥିଲେ।

### ଜି୨୦ ଅଧ୍ୟକ୍ଷତା ଗ୍ରହଣ କଲା ଭାରତ

ଆସନ୍ତା ବର୍ଷ ଲାଗି ଜି୨୦ର ଅଧ୍ୟକ୍ଷତା କରିବ ଭାରତ। ବୁଧବାର ଇଣ୍ଡୋନେସିଆ ଭାରତକୁ ଜି୨୦ ଅଧ୍ୟକ୍ଷତା ହସ୍ତାନ୍ତର କରିଛି। ଏହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ବିଷୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ବାଲିରେ ଦୁଇଦିନିଆ ଜି୨୦ ସମିଟ୍ ଶେଷରେ ଏକ ସଂକ୍ଷିପ୍ତ ଉତ୍ସବରେ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜି୨୦ ଅଧ୍ୟକ୍ଷତା ପ୍ରଦାନ କରିଛନ୍ତି। ପ୍ରତ୍ୟେକ ଦେଶର ମିଳିତ ଉଦ୍ୟମକ୍ରମେ ଜି୨୦ ସମିଟ୍‌କୁ ବିଶ୍ୱ କଲ୍ୟାଣ ଲାଗି ଏକ ଉତ୍‌ପ୍ରେରକରେ ପରିଣତ କରିପାରିବା ବୋଲି ମୋଦି ଏହି ଅବସରରେ କହିଛନ୍ତି। ଅଧ୍ୟକ୍ଷତା କାଳରେ ଭାରତ ଦେଶର ବିଭିନ୍ନ ରାଜ୍ୟ ଓ ସହରରେ ବୈଠକ ଆୟୋଜନ କରିବ। ପୂର୍ବରୁ ଭାରତର ବହିର୍ବ୍ୟାପାର ସଚିବ ବିନୟ କ୍ୱାତ୍ରା କହିଥିଲେ, ଜି୨୦ ଫଳାଫଳ ଦସ୍ତାବିଜ୍ ଡ୍ରାଫ୍ଟିଂରେ ଭାରତର ଗଠନମୂଳକ ଅବଦାନ ରହିଛି।

## ମୋଦି-ସୁନକ ଦ୍ୱିପାକ୍ଷିକ ଆଲୋଚନା



ଜି୨୦ ସମିଟ୍ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ବ୍ରିଟିଶ ପ୍ରତିପକ୍ଷ ଋଷି ସୁନକଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଭାରତ-ବ୍ରିଟେନ ବିସ୍ତୃତ ରଣନୀତିକ ସହଭାଗିତା ଏବଂ ଭବିଷ୍ୟତ ସମ୍ପର୍କ ଲାଗି ରୋଡ୍‌ମ୍ୟାପ୍୨୦୩୦ର ଅଗ୍ରଗତିରେ ଉଭୟ ସନ୍ତୋଷବ୍ୟକ୍ତ କରିଥିଲେ। ଜି୨୦, କମନୱେଲ୍‌ଥ ସମେତ ସମସ୍ତ ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ଫୋରମରେ ଏକାଠି କାର୍ଯ୍ୟ କରିବାର ଗୁରୁତ୍ୱକୁ ଉଭୟ ପ୍ରଶଂସା କରିଥିଲେ। ଗତ ମାସରେ ସୁନକ୍ ବ୍ରିଟେନ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ପରେ ମୋଦିଙ୍କ ସହ ଏହା ପ୍ରଥମ ସାକ୍ଷାତ୍। ମୋଦି ସୁନକ୍‌ଙ୍କୁ ଅଭିନନ୍ଦନ ଜଣାଇଥିଲେ। ବାଣିଜ୍ୟ, ଗମନାଗମନ, ପ୍ରତିରକ୍ଷା ଓ ସୁରକ୍ଷା ଆଦି ସେକ୍ଟରରେ ସହଯୋଗ ଲାଗି ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

### ଭାରତୀୟଙ୍କ ପାଇଁ ଭିଜା ଯୋଜନାକୁ ବ୍ରିଟେନର ମଞ୍ଜୁରୀ

ପ୍ରତିବର୍ଷ ବ୍ରିଟେନରେ କାର୍ଯ୍ୟ କରିବା ଲାଗି ଭାରତୀୟ ଯୁବ ପେସାଦାରମାନଙ୍କ ନିମନ୍ତେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ୩,୦୦୦ ଭିଜା ପ୍ରଦାନ ଲାଗି ମଞ୍ଜୁରୀ ଦେଇଛନ୍ତି। ଏହି ଯୋଜନାରୁ ଉପକୃତ ହେବାରେ ଭାରତ ପ୍ରଥମ ଭିଜା-ଜାତୀୟତା ଦେଶ ବୋଲି ବ୍ରିଟିଶ ସରକାର କହିଛନ୍ତି।



ବୁଧବାର ସକାଳେ କେନେଡି ସ୍ପେସ୍ ସେଣ୍ଟରରୁ ନାସାର ନୂଆ ମୁନ୍ ରକେଟ୍ ମହାକାଶକୁ ଛଡ଼ାଯାଉଥିବାବେଳେ ମେରିଲ୍ୟାଣ୍ଡ ହାର୍ବର ଟାଉନରୁ ଏହାର ଦୃଶ୍ୟ।

## ପୂର୍ବତନ ଜେଡିଏସ୍ ନେତାଙ୍କୁ ହତ୍ୟା

**ବେଙ୍ଗାଲୁରୁ,୧୬।୧୧**

କର୍ନାଟକର କଲାବୁରାଗି ଜିଲା ଅନ୍ତର୍ଗତ ସେଦାମ ସହରରେ ପୂର୍ବତନ ଜେଡିଏସ୍ ନେତା ମଲ୍ଲିକାର୍ଜୁନ ମୁଥ୍ୟାଲଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଦୁର୍ବୃତ୍ତମାନେ ତାଙ୍କୁ ଗଳା ଚିପି ହତ୍ୟା କରିବା ପରେ ଗୁପ୍ତାଙ୍ଗକୁ ପଥରରେ ଛେଚିଦେଇଛନ୍ତି। ତାଙ୍କ ଇଲେକ୍ଟ୍ରୋନିକ୍ ଦୋକାନ ପଛପଟେ ଏହି ହତ୍ୟାକାଣ୍ଡ ଘଟିଛି। ମଲ୍ଲିକାର୍ଜୁନ ଖୁବ୍‌ଶୀଘ୍ର ଭାଜପାରେ ଯୋଗଦେଇଥାନ୍ତେ। ସେ ଦିନକ ପୂର୍ବରୁ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଆଫ୍‌ତାବଙ୍କ ନାର୍କୋ ପରୀକ୍ଷା ହେବ

### ପାର୍ଟନରଙ୍କୁ ୩୫ ଖଣ୍ଡ କରିବା ମାମଲା

**ନୂଆଦିଲ୍ଲୀ,୧୬।୧୧**

ଲିଭ୍-ଇନ୍-ପାର୍ଟନର ଶ୍ରଦ୍ଧା ୱାଲକରଙ୍କୁ ହତ୍ୟା କରିବା ପରେ ଶରୀରକୁ ୩୫ ଖଣ୍ଡ କରି ଦିଲ୍ଲୀର ବିଭିନ୍ନ ସ୍ଥାନରେ ଫିଙ୍ଗିଥିବା ଅଭିଯୁକ୍ତ ଆଫତାବ୍ ପୁନାୱାଲାଙ୍କ ନାର୍କୋ ଆନାଲିସିସ୍ ବା ଲାଇ ଡିଟେକ୍ଟର ପରୀକ୍ଷା ହୋଇପାରେ। ଏଥିପାଇଁ କୋର୍ଟ ଅନୁମତି ଦେଇଥିବା ଜଣାପଡ଼ିଛି। ଆଫତାବଙ୍କ ବୟାନରେ ତାଳମେଳ ରହୁ ନ ଥିବାରୁ ତାଙ୍କର ଲାଇ ଡିଟେକ୍ଟର ପରୀକ୍ଷା କରାଇବାକୁ ପୋଲିସ ଅନୁମତି ଲୋଡ଼ିଥିଲା। ଏଥିପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଗତ ମେ'ରେ ଶ୍ରଦ୍ଧାଙ୍କୁ ଦିଲ୍ଲୀର ଛତରପୁର ଅଞ୍ଚଳରେ ହତ୍ୟା ପରେ ତାଙ୍କ ମୃତଦେହକୁ ଖଣ୍ଡଖଣ୍ଡ କରି ଅଭିଯୁକ୍ତ ଆଫତାବ ୧୮ ଦିନ ଯାଏ ତାହାକୁ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଫିଙ୍ଗିଥିଲେ। ପ୍ରମାଣ ଲୁଚାଇବା ପାଇଁ ସେ ସବୁପ୍ରକାର କୌଶଳ ଆପଣାଇଥିଲେ। ତେବେ ଜେରା ବେଳେ ସେ ଦେଇଥିବା ବୟାନ ପୋଲିସ୍‌ର ସନ୍ଦେହ ବଢ଼ାଇଥିଲା। ମେ' ୧୮ରେ ଶ୍ରଦ୍ଧାଙ୍କୁ ହତ୍ୟା କରାଯାଇଥିବାବେଳେ ଝଗଡ଼ା ପରେ ସେ ମେ' ୨୨ରେ ଘର ଛାଡ଼ିଥିଲେ ବୋଲି ଆଫତାବ କହିଥିଲେ। ପୋଲିସ ସେମାନଙ୍କ ଫୋନ୍‌ର କଲ୍ ରେକର୍ଡ ଯାଞ୍ଚ କଲାପରେ ସତ ପଦାକୁ ଆସିଥିଲା। ଶ୍ରଦ୍ଧାଙ୍କ ନେଟ୍ ବ୍ୟାଙ୍କିଙ୍ଗ୍ ଆପ୍‌ରୁ ମେ' ୨୬ରେ ଆଫତାବଙ୍କ ଆକାଉଣ୍ଟକୁ ୫୪,୦୦୦ ଟଙ୍କା ଟ୍ରାନ୍ସଫର ହୋଇଥିଲା। ଏଥିରୁ ଆଫତାବ୍‌ଙ୍କ ମିଛ ଧରାପଡ଼ିଯାଇଥିଲା।

# ଧନୀ ରାଷ୍ଟ୍ରଙ୍କୁ ଦୋମୁହାଁ କହିଲେ ବେସିକ୍ ଗ୍ରୁପ୍

### ଜାତିସଂଘ ଜଳବାୟୁ ସମିଟ୍

### ଆର୍ଥିକ ସହାୟତା ପ୍ରତିଶ୍ରୁତି ରଖି ନାହାନ୍ତି ବିକଶିତ ରାଷ୍ଟ୍ର

**ନୂଆଦିଲ୍ଲୀ,୧୬।୧୧(ପି.ଟି.)**

ଇଜିପ୍ଟରେ ଚାଲିଥିବା ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମିଟ୍ (କୋପ୍୨୭)ରେ ଭାରତ, ଚାଇନା, ବ୍ରାଜିଲ ଏବଂ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ସଂଗଠନ (ବେସିକ୍ ଗ୍ରୁପ୍) ଧନୀ ରାଷ୍ଟ୍ରଗୁଡ଼ିକୁ ଦୋମୁହାଁ ବୋଲି ଅଭିହିତ କରିଛନ୍ତି। ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇଦେବା ଲାଗି ଧନୀ ରାଷ୍ଟ୍ରଗୁଡ଼ିକ ପ୍ରତିଶ୍ରୁତି ଦେଇ ପଛଘୁଞ୍ଚା ଦେଇଛନ୍ତି। ଅନ୍ୟପକ୍ଷରେ ସେମାନେ ଜୀବାଶ୍ମ ଇନ୍ଧନ ଉତ୍ପାଦନ ଓ ବ୍ୟବହାର ବଢ଼ାଇ ଚାଲିଛନ୍ତି। ଏହି ରାଷ୍ଟ୍ରଗୁଡ଼ିକ ନେତୃତ୍ୱ ନେବା ପାଇଁ ଆଗ୍ରହ ଦେଖାଉ ନାହାନ୍ତି କିମ୍ବା ଜଳବାୟୁ ପରିବର୍ତ୍ତନ ଦିଗରେ ଉଦ୍ୟମ ମଧ୍ୟ କରୁନାହାନ୍ତି। ଗତ କିଛି ବର୍ଷରେ ବିକଶିତ ରାଷ୍ଟ୍ରଗୁଡ଼ିକର ଜୀବାଶ୍ମ ଇନ୍ଧନ ଉତ୍ପାଦନ ଓ ବ୍ୟବହାର ଯଥେଷ୍ଟ ବୃଦ୍ଧି ପାଇଛି। ତେବେ ସେମାନେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ଏଥିରୁ ଦୂରେଇ ରହିବାକୁ ଚାପ ପକାଉଛନ୍ତି। ଜଳବାୟୁ ପରିବର୍ତ୍ତନରେ ସମସ୍ତେ ସମାନ ଭାଗୀଦାରି ହେବା ଦିଗରେ ଧନୀ ରାଷ୍ଟ୍ରଗୁଡ଼ିକର ଡବଲ୍ ଷ୍ଟାଣ୍ଡାର୍ଡ ଗ୍ରହଣୀୟ ନୁହେଁ ବୋଲି ବେସିକ ରାଷ୍ଟ୍ରଗୋଷ୍ଠୀ କହିଛନ୍ତି।

ଜଳବାୟୀ ପରିବର୍ତ୍ତନ ବିରୋଧୀ ଲଢ଼େଇରେ କୌଣସି ସେକ୍ଟର କିମ୍ବା ଇନ୍ଧନ ଉତ୍ସ ବାଦ୍ ପଡ଼ିବା ଉଚିତ ନୁହେଁ ବୋଲି ଭାରତର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କୋପ୍୨୭ରେ ଉଦ୍‌ବୋଧନ ଦେଇ କହିଛନ୍ତି। ସମସ୍ତ ଜୀବାଶ୍ମ ଇନ୍ଧନକୁ ପର୍ଯ୍ୟାୟକ୍ରମେ ବ୍ୟବହାରରୁ ବାଦ୍ ଦେବା ଲାଗି ଗତ ଶନିବାର ଭାରତ ଦେଇଥିବା ପ୍ରସ୍ତାବକୁ ୟୁରୋପୀୟ ସଂଗଠନ ସମର୍ଥନ କରିଥିଲା। ପୂର୍ଣ୍ଣ କାର୍ବନ ବଜେଟରେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ଉପଯୁକ୍ତ ଭାଗ ଯୋଗାଇଦିଆଯିବା ଆବଶ୍ୟକ। ବିକଶିତ ରାଷ୍ଟ୍ରଗୁଡ଼ିକର କାର୍ବନ ଋଣର ମୁଦ୍ରୀକରଣ ଦ୍ୱାରା ତାହା କରାଯାଇପାରିବ ବୋଲି ଭାରତର ପରିବେଶ ମନ୍ତ୍ରୀ କହିଛନ୍ତି। ବିଶ୍ୱର ପଞ୍ଚମ ସର୍ବାଧିକ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକାରୀ ଇଣ୍ଡୋନେସିଆରେ କୋଇଲା ବ୍ୟବହାର ବନ୍ଦ କରି ନବୀକରଣଯୋଗ୍ୟ ଇନ୍ଧନ ସେକ୍ଟର ବଢ଼ାଇବା ଲାଗି ସହାୟତା ନିମନ୍ତେ ଆମେରିକା, ଜାପାନ ଓ ଅନ୍ୟ ଦେଶଗୁଡ଼ିକ ୨୦ ବିଲିୟନ ଡଲାର ପାଣ୍ଠି ସଂଗ୍ରହ କରିବାକୁ ପ୍ରତିଶ୍ରୁତି ଦେଇଥିବାବେଳେ ଭୂପେନ୍ଦ୍ର ଯାଦବ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

## ଗ୍ରାମୀ ୨୦୨୩: ବେୟୋନ୍ସ ସର୍ବାଧିକ ମନୋନୀତ

**ନୂଆଦିଲ୍ଲୀ,୧୬।୧୧**



୨୦୨୩ ବର୍ଷ ଲାଗି ଗ୍ରାମୀ ପୁରସ୍କାର ନିମନ୍ତେ ମନୋନୟନ ତାଲିକା ପ୍ରକାଶ ପାଇଛି। ବେୟୋନ୍ସ ସର୍ବାଧିକ ମନୋନୀତ ଗାୟିକା ମାନ୍ୟତା ପାଇଛନ୍ତି। ଏହି ସେଲିବ୍ରିଟ୍ ସିଙ୍ଗରଙ୍କ 'ବ୍ରେକ୍ ମାଇଁ ସୋଲ୍' ସଙ୍ଗ୍ ଅଫ୍ ଦି ଇୟର ଭାବେ ମନୋନୀତ ହୋଇଥିବାବେଳେ 'ରେନାଇସାନ୍ସ' ଆଲବମ୍ ଅଫ୍ ଦି ଇୟର ପାଇଁ ସହମତି ହାସଲ କରିଛି। ତାଙ୍କ ସ୍ୱାମୀ ଜେ-ଜେଡ୍‌ଙ୍କୁ ମଧ୍ୟ ଏହି ବର୍ଷ ଲାଗି ୫ଟି ବିଭାଗରେ ମନୋନୀତ କରାଯାଇଛି। କେଣ୍ଡ୍ରିକ୍ ଲାମରଙ୍କୁ ୮ଟି ସହମତି ସହ ଦ୍ୱିତୀୟ ସର୍ବାଧିକ ମନୋନୀତ ମ୍ୟୁଜିସିଆନ୍ ମାନ୍ୟତା ମିଳିଥିବାବେଳେ ଆଡେଲେ ଏବଂ ବ୍ରାଣ୍ଡି କାର୍ଲିଲ୍‌ଙ୍କୁ ୭ଟି ଲେଖାଏ ବିଭାଗରେ ନୋମିନେଟ୍ କରାଯାଇଛି। ୨୦୨୩ ଫେବୃୟାରୀ ୫ରେ ୬୫ତମ ଗ୍ରାମୀ ପୁରସ୍କାର ପ୍ରଦାନ କରାଯିବ। ହାସ୍ୟାଭିନେତା ଟ୍ରେଭୋର ନୋଆ ଏହି କାର୍ଯ୍ୟକ୍ରମକୁ ଉପସ୍ଥାପନ କରିବେ।

## ସିଗାରେଟ୍ ଟାଣି ୪୨ କି.ମି. ମାରାଥନ୍ ଦୌଡ଼




**ବେଜିଂ:** ମାରାଥନ୍ ଦୌଡ଼ର ମୁଖ୍ୟ ଉଦ୍ଦେଶ୍ୟ ଶରୀରକୁ ଫିଟ୍ ରଖିବା । ଏକାଧିକ କିଲୋମିଟରର ମାରାଥନ୍‌ରେ ସୁସ୍ଥ ଲୋକ ଭାଗ ନେଉଥିବାର ଦେଖାଯାଏ। କିନ୍ତୁ ଚାଇନାର ବେଶ୍ ଜଣାଶୁଣା ୫୦ ବର୍ଷୀୟ ଚେନ୍ ସ୍ମୋକର ସିଗାରେଟ୍ ଟାଣି ୪୨ କି.ମି. ଦୂର ମାରାଥନ ଦୌଡ଼ିଛନ୍ତି। ସ୍ଥାନୀୟ ଅଞ୍ଚଳରେ ସେ ଅଙ୍କଲ ଚେନ୍ ଭାବେ ଜଣାଶୁଣା। ଆଶ୍ଚର୍ଯ୍ୟର କଥା ମାତ୍ର ୩ ଘଣ୍ଟା ୨୮ ମିନିଟ୍‌ରେ ସେ ଏହି ମାରାଥନ୍ ପୂରା କରିଛନ୍ତି। ନଭେମ୍ବର ୬ରେ ଜିଆନ୍ଦେରେ ଶିନ୍ ଆଞ୍ଜିଆଙ୍ଗରେ ଅନୁଷ୍ଠିତ ହୋଇଥିବା ମାରାଥନରେ ପ୍ରାୟ ୧,୫୦୦ ଜଣ ଭାଗ ନେଇଥିବାବେଳେ ସେମାନଙ୍କ ଭିତରୁ ମାତ୍ର ୫୭୪ ଜଣ ଏହାକୁ ପୂରା କରିପାରିଛନ୍ତି। ମାରାଥନ୍‌ରେ ଦୌଡ଼ିବା ସମୟରେ ଅଙ୍କଲ ଚେନ୍ ନୂଆ କରି ସିଗାରେଟ୍ ଟାଣୁନାହାନ୍ତି ବରଂ ୨୦୧୮ ଗୁଆଙ୍ଗଝୋଉ ମାରାଥନ୍ ଏବଂ ୨୦୧୯ରେ ଅନୁଷ୍ଠିତ ଶିଆମେନ୍ ମାରାଥନରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଅଙ୍କଲ ଚେନ୍‌ଙ୍କ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି।

## ଫୁରସତ୍



### ଅର୍‌ବାଜ୍‌ଙ୍କୁ ମଲାଇକାଙ୍କ ଶୁଭେଚ୍ଛା

**ମୁମ୍ବାଇ:** ବଲିଉଡ୍ ଆଇଟମ୍ ଗାର୍ଲ ମଲାଇକା ଅରୋରା ପୂର୍ବତନ ସ୍ୱାମୀ ଅର୍‌ବାଜ୍ ଖାନ୍‌ଙ୍କୁ ତାଙ୍କ ଅପ୍‌କମିଂ ଫିଲ୍ମ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ତିଆରି ହେବାକୁ ଥିବା ଫିଲ୍ମ 'ପାଟନା ଶୁକ୍ଲା' ସମ୍ପର୍କରେ ଅର୍‌ବାଜ ଇନ୍‌ଷ୍ଟାଗ୍ରାମରେ ଫଟୋ ଶେୟାର କରିଛନ୍ତି। ନିଜ ପ୍ରଡକ୍ସନ ହାଉସ୍ ବ୍ୟାନରରେ ସେ ଏହି ଫିଲ୍ମ ତିଆରି କରିବାକୁ ଯାଉଥିବା ଜଣାପଡ଼ିଛି। ଖାଲି ମଲାଇକା ନୁହେଁ ଅର୍‌ବାଜ୍‌ଙ୍କ ବର୍ତ୍ତମାନର ଗାର୍ଲଫ୍ରେଣ୍ଡ ଜିଓରଜିଆ ଆଣ୍ଡ୍ରିଆନି ମଧ୍ୟ ଏହି ସୋସିଆଲ ମିଡିଆ ପୋଷ୍ଟରେ ନିଜ ରିଆକ୍ସନ ଦେଇଛନ୍ତି। ପାଟନା ଶୁକ୍ଲାରେ ରବୀନା ଟଣ୍ଡନ, ସତିଶ କୌଶିକ, ମାନବ ଭିଜ୍ ପ୍ରମୁଖ ଅଭିନୟ କରିବାକୁ ଥିବାବେଳେ ଏହା ୨୦୨୩ରେ ମୁକ୍ତିଲାଭ କରିବ।

## ରାତିର କୃତ୍ରିମ ଆଲୋକ ମଧୁମେହ ରୋଗୀଙ୍କ ପାଇଁ ଘାତକ

**ୱାଶିଂଟନ୍**

ରାତିର କୃତ୍ରିମ ଆଲୋକ ମଧୁମେହ ଆକ୍ରାନ୍ତ ରୋଗୀଙ୍କ ବିପଦକୁ ବଢ଼ାଉଥିବା ଏକ ଅଧ୍ୟୟନ ରିପୋର୍ଟରୁ ପ୍ରକାଶ ପାଇଛି। ୟୁରୋପିଆନ୍ ଆସୋସିଏଶନ୍ ପକ୍ଷରୁ ପ୍ରକାଶିତ ଜର୍ନାଲରେ ଏ ସମ୍ପର୍କିତ ବିସ୍ତୃତ ବିବରଣୀ ଉଲ୍ଲଖ କରାଯାଇଛି। ରକ୍ତରେ ଥିବା ଗ୍ଲୁକୋଜ୍ ଲେଭଲ୍‌କୁ ପ୍ରଭବିତ କରିଥାଏ (ଲାଇଟ୍ ଆଟ୍ ନାଇଟ୍-ଏଲ୍ଏଏନ୍) ରାତିବେଳାର କୃତ୍ରିମ ଆଲୋକ। ଚାଇନାର ଦୁଇଟି ୟୁନିଭର୍ସିଟି ପକ୍ଷରୁ ଗବେଷଣା କରାଯାଇଥିବା ଡା. ୟୁ ଜୁ କହିଛନ୍ତି। ଅଧ୍ୟୟନରେ ମୋଟ ୧,୦୦,୦୦୦ ମହିଳା ଓ ପୁରୁଷଙ୍କୁ ସାମିଲ କରାଯାଇଥିଲା। କିଛିଦିନ ମଧୁମେହ ରୋଗୀଙ୍କୁ ଏଲ୍ଏଏଲ୍‌ରେ ରଖାଯିବା ପରେ ସେମାନଙ୍କ ଶରୀରରେ ୨୮% ଅଧିକ ମେଟାବୋଲିକ କଣ୍ଡିଶନ୍ (ହାଇବ୍ଲଡ୍ ପ୍ରେସର, ମେହବହୁଳତା ଜରିଆରେ ହୃଦ୍‌ଘାତ ହେବାର ସମସ୍ୟା ଆଶଙ୍କା ରହିଥାଏ) ବୃଦ୍ଧି ପାଇଥିବାର ଦେଖିବାକୁ ମିଳିଥିଲା। ଚାଇନାରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ୯ ନିୟୁତ ଲୋକ ଡାଇବେଟିସ୍‌ରେ ଆକ୍ରାନ୍ତ, ଯାହାର କାରଣ ଏଲ୍ଏଏଲ୍ ବୋଲି କୁହାଯାଉଛି।

# ଗଣମାଧ୍ୟମ ହେଉଛି ପ୍ରଶାସନର ଆଖି



ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସରେ ଜିଲାପାଳ ପାରୁଲ ପଟୱାରୀଙ୍କ ସମେତ ଅନ୍ୟ ଅଧିକାରୀମାନେ।

**ଜଗତ୍‌ସିଂହପୁର ଅଫିସ, ୧୬।୧୧**

ଭାରତ ହେଉଛି ବିଶ୍ୱର ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଆମ ସମ୍ବିଧାନରେ ଫ୍ରିଡମ ଅଫ ସ୍ପିଚ୍ ରହିଛି । ଅର୍ଥାତ୍ ନାଗରିକମାନଙ୍କୁ ବାକ୍ ସ୍ୱାଧୀନତା ଦିଆଯାଇଛି। ଫ୍ରିଡମ୍ ଅଫ ପ୍ରେସ୍ ଅର୍ଥାତ୍ ଗଣମାଧ୍ୟମର ସ୍ୱାଧୀନତା ଏହାର ଅଂଶବିଶେଷ। ଗଣମାଧ୍ୟମର ସ୍ୱାଧୀନତା ବଜାୟ ରଖିବା ପାଇଁ ପ୍ରେସ୍ କାଉନସିଲ୍ ଗଠନ କରାଯାଇଛି। କିନ୍ତୁ ଏବେ ସାମାଜିକ ଗଣମାଧ୍ୟମ ପ୍ରମୁଖ ଭୂମିକା ନିଭାଉଛି। ତେବେ ଯାହା ହେଉନା କାହିଁକି ସାମ୍ବାଦିକତା କଷ୍ଟକର ବୃତ୍ତି। ପ୍ରଶାସନ ପୂର୍ବରୁ ଗଣମାଧ୍ୟମ ଘଟଣାସ୍ଥଳରେ ପହଞ୍ଚିଥାଏ। ଲୋକଙ୍କ ସହ ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ପର୍କ ଏହାର ପ୍ରମାଣ। ଯାହା ପ୍ରଶାସନ ଜାଣି ନ ଥାଏ, ତାହା ଗଣମାଧ୍ୟମ ଜରିଆରେ ଜାଣିବାର ସୁଯୋଗ ସୃଷ୍ଟି ହୁଏ। ତେଣୁ ଗଣମାଧ୍ୟମ ହେଉଛି ପ୍ରଶାସନର ଆଖି। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଅନୁଷ୍ଠିତ ଉତ୍ସବରେ ଯୋଗଦେଇ ଜିଲାପାଳ ପାରୁଲ ପଟାୱରୀ ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ, ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା କ୍ଷେତ୍ରରେ ଗଣମାଧ୍ୟମ ପ୍ରମୁଖ ଭୂମିକା ନିଭାଉଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ମନୋଜ ଭୋଇ ଯୋଗଦେଇ ଗଣତନ୍ତ୍ରରେ ଗଣମାଧ୍ୟମକୁ ୪ର୍ଥ ସ୍ତମ୍ଭ ବୋଲି କହି ନିର୍ଭୀକ ସାମ୍ବାଦିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସତ୍ୟ ଖବର ପରିବେଷଣ ଦ୍ୱାରା ପ୍ରଶାସନ, ରାଜନେତା ଓ ଅମଲାତନ୍ତ୍ର ସଜାଗ ରହିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଯୋଗଦେଇ ସମ୍ବିଧାନର ଆର୍ଟିକିଲ୍ ୧୯ରେ ଥିବା ବାକ୍ ସ୍ୱାଧୀନତା ଉପରେ ବର୍ଣ୍ଣନା କରିଥିଲେ । ଏକଥା ମଧ୍ୟ କହିଥିଲେ, ଖଣ୍ଡାଠାରୁ କଲମର ଶକ୍ତି ଅଧିକ। ନିର୍ଭୀକ ଭାବରେ କଲମ ଚାଲିଲେ ସାମାଜିକ ତ୍ରୁଟି ବିଚ୍ୟୁତି ସୁଧୁରିଯିବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ କହିଥିଲେ, ଭାରତ ହେଉଛି ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର। ପୁରାଣ ଯୁଗରେ ନାରଦ ଥିଲେ ନିର୍ଭୀକ ଖବରଦାତା। ତେଣୁ ସବୁବେଳେ ତଥ୍ୟ ସମ୍ବଳିତ ସତ୍ୟ ଖବର ପ୍ରକାଶ ପାଇଲେ ଗଣମାଧ୍ୟମର ଗରିମା ବୃଦ୍ଧି ପାଇବ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା, ଅତିଥି ପରିଚୟ ଦେବା ସହ ଶେଷରେ ଧନ୍ୟବାଦ ଦେଇଥିଲେ ।

# ଶିକ୍ଷଣ ଆକଳନରୁ ବାଦ୍‌ପଡ଼ିଲା ୭୭ ବିଦ୍ୟାଳୟ

**ଡେରାବିଶ, ୧୬।୧୧(ସ୍ୱ.ପ୍ର.)**

ମହାମାରୀ କରୋନା ସମୟରେ ଛାତ୍ରୀଛାତ୍ରଙ୍କୁ କରୋନା ବିପଦରୁ ରକ୍ଷା ପାଇଁ ରାଜ୍ୟର ସମସ୍ତ ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ କରୋନା କଟକଣା ହଟିବା ପରେ ଶିକ୍ଷାନୁଷ୍ଠାନଗୁଡ଼ିକ ପୁନର୍ବାର ଖୋଲିଥିଲା। ତେବେ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଦୁଇବର୍ଷର ପାଠ୍ୟକ୍ରମକୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେବା ପାଇଁ ଶିକ୍ଷଣ ପରିପୂରଣ ଯୋଜନା ମାଧ୍ୟମରେ ବିଭିନ୍ନ ବିଦ୍ୟାଳୟକୁ ଏକ ବେସରକାରୀ ସଂସ୍ଥା ମାଧ୍ୟମରେ ଗଣଶିକ୍ଷା ବିଭାଗ ପକ୍ଷରୁ ପୁସ୍ତକ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲା। ଏହିକ୍ରମରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଶିକ୍ଷା ସର୍କଲ ଅଧୀନରେ ଥିବା ୨୬ଟି ପଞ୍ଚାୟତର ୧୭୪ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ପ୍ରତ୍ୟେକ ବିଦ୍ୟାଳୟକୁ ସରକାରଙ୍କ ପକ୍ଷରୁ ଶିକ୍ଷାର୍ଥି ଅଭ୍ୟାସ ପୁସ୍ତିକା ଅକ୍ଟୋବର ୧୦ ତାରିଖ ସୁଦ୍ଧା ଯୋଗାଇ ଦିଆଯିବା କଥା। ତେବେ ଅକ୍ଟୋବର ୧୧ ତାରିଖରୁ ଶିକ୍ଷଣ ପରିପୂରଣ ଯୋଜନାରେ ୫୦ଦିନ ପାଇଁ ପ୍ରତ୍ୟେକ ବିଦ୍ୟାଳୟକୁ ଯୋଗାଇ ଦିଆଯାଇଥିବା ଶିକ୍ଷାର୍ଥୀ ଅଭ୍ୟାସ ପୁସ୍ତିକାକୁ ଛାତ୍ରୀଛାତ୍ରଙ୍କୁ ପଢ଼ାଇ ପ୍ରତି ୨୫ ଦିନ ଅନ୍ତରରେ କରୋନା ସମୟରେ କ୍ଷତି ହୋଇଥିବା ପାଠପଢ଼ା ଛାତ୍ରୀଛାତ୍ରଙ୍କ ପାଇଁ କେତେ ସମୃଦ୍ଧ ହୋଇଛି ତାହାର ଆକଳନ କରାଯିବା କଥା। ଚଳିତ ମାସ ୧୭, ୧୮ ଓ ୧୯ ତାରିଖରେ ବ୍ଲକରେ ୨୫ ଦିନିଆ ଆକଳନ ବ୍ୟବସ୍ଥା କରାଯିବ। ତେବେ ଏହି ଆକଳନ କାର୍ଯ୍ୟକ୍ରମରୁ ୭୭ଟି ବିଦ୍ୟାଳୟ ବାଦ ପଡ଼ିଛି। ଏ ବିଷୟରେ ବିଆରସିସି (ସାଧନ କେନ୍ଦ୍ର ସଂଯୋଜକ) ନରହରୀ ସୂତାରଙ୍କ ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟଗୁଡ଼ିକୁ ଏ ଯାଏ ଅଭ୍ୟାସ ପୁସ୍ତିକା ଦିଆଯାଇନାହିଁ। ଯେଉଁଥିପାଇଁ ୨୫ ଦିନିଆ ଆକଳନ ବ୍ୟବସ୍ଥା ୯୭ଟି ବିଦ୍ୟାଳୟରେ କରାଯାଉଥିବା ବେଳେ ଅବଶିଷ୍ଟ ବିଦ୍ୟାଳୟ ପରବର୍ତ୍ତୀ ଅବସ୍ଥାରେ ପୁସ୍ତିକା ଯୋଗାଇ ଦିଆଯିବା ପରେ ଆକଳନ କାର୍ଯ୍ୟକ୍ରମ କରାଯିବ ବୋଲି ସୂତାର କହିଛନ୍ତି। ତେବେ କରୋନା ସମୟର ଶିକ୍ଷାକୁ ଛାତ୍ରୀଛାତ୍ରଙ୍କ ପୂରଣ ପାଇଁ ପରିପୂରଣ ଯୋଜନା ମାଧ୍ୟମରେ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ବ୍ଲକରେ ଏହାର କାହିଁକି ବ୍ୟତିକ୍ରମ ହେଲା ବୋଲି ଶିକ୍ଷାବିତ୍ ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ ପ୍ରଶ୍ନ କରିଛନ୍ତି। ବାଦ ପଡ଼ିଥିବା ୭୭ ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।




ପିଲାଙ୍କୁ ଯୋଗାଇ ଦିଆଯାଉଥିବା ଶିକ୍ଷଣ ପରିପୂରଣ ଯୋଜନାରେ ଅଭ୍ୟାସ ପୁସ୍ତିକା ।

**ଡେରାବିଶରେ ଶିକ୍ଷଣ ପରିପୂରଣ ଯୋଜନା ବିଗହରା**

# ବେଳାଭୂମି ସଫେଇ କଲେ ଖବରଦାତା

**ପାରାଦୀପ, ୧୬।୧୧(ସ୍ୱ.ପ୍ର.)**

ପାରାଦୀପର ନୂଆବଜାରଠାରେ ବୁଧବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟରତ ଖବରଦାତାମାନେ ଏହି ଅବସରରେ ସମୁଦ୍ର ବେଳାଭୂମିକୁ ସଫେଇ କରିଥିଲେ। ପରେ ବିଜୁ ମେମୋରିଆଲ ଟ୍ରଷ୍ଟ ପରିସରରେ ଆଲୋଚନା ସଭା ହୋଇଥିଲା। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ କିଛି ସ୍ୱେଚ୍ଛାସେବୀ ସଙ୍ଗଠନ ସାମିଲ ହୋଇଥିଲେ। ସେହିପରି ଓଜେୟୁ ପକ୍ଷରୁ ଅଲଗା ଭାବେ ପ୍ରେସଦିବସ ପାଳନ କରାଯାଇଥିଲା।



ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଖବରଦାତାମାନେ ।

# ଖବରଦାତାଙ୍କ ସମସ୍ୟାର ସମାଧାନ କର

**ଏରସମା, ୧୬।୧୧(ସ୍ୱ.ପ୍ର.)**

ଏରସମା ଜଗନ୍ନାଥ ମନ୍ଦିର ପରିସରରେ ସାମ୍ବାଦିକ ସଂଘ ପକ୍ଷରୁ ବୁଧବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦୀପ୍ତି ଖଣ୍ଡୁଆଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କାର୍ଯ୍ୟକାରୀ ସଭାପତିଭାବେ ଚନ୍ଦ୍ରଜିତ ଦାସ, ସମ୍ପାଦକ ସ୍ମୃତି ରଞ୍ଜନ ମହାନ୍ତି, ସହ ସମ୍ପାଦକ ପ୍ରଫୁଲ୍ଲ ଦାସ, ରମାକାନ୍ତ ଦାସ, ସଙ୍ଗଠନ ସମ୍ପାଦକ ମନୋଜ କୁମାର ସାହୁ ଓ କୋଷାଧ୍ୟକ୍ଷ ନରେଶ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ। ସଭା ପ୍ରାରମ୍ଭରେ ଜିଲାମୁଖ୍ୟ ହସ୍ପିଟାଲରେ ଚିକିତ୍ସାଧୀନଥିବା ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସୁଶୀଲ କୁମାର ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା ।

# ଗଣମାଧ୍ୟମ ଗଣତାନ୍ତ୍ରିକ ବ୍ୟବସ୍ଥାରେ କାର୍ଯ୍ୟ କରୁ



ଖବରଦାତାଙ୍କ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ କରାଯାଉଛି।

**ତିର୍ତ୍ତୋଲ, ୧୬।୧୧(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅଧୀନ ସରଣୀ ଛକ ନିକଟରେ ଓଡ଼ିଶା ସାମ୍ବାଦିକ ୟୁନିୟନ ତରଫରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ଖବରଦାତା ତଥା ତିର୍ତ୍ତୋଲ ୟୁନିଟ ସଭାପତି ଶ୍ରୀକାନ୍ତ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ତିର୍ତ୍ତୋଲ ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ମଲ୍ଲିକ ଯୋଗଦେଇ ଗଣମାଧ୍ୟମ ଗଣତାନ୍ତ୍ରିକ ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କଲେ ଲୋକଙ୍କ ପାଇଁ ହିତକର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଶୁଭଙ୍କର ଜେନା, ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡ଼ା, ଆର୍ତ୍ତତ୍ରାଣ ପତି, ବରିଷ୍ଠ ସଦସ୍ୟ ପ୍ରତାପ କୁମାର ସିଂ, ସରୋଜ କୁମାର ସାହୁ, ଗୌରାଙ୍ଗ ସ୍ୱାଇଁ, ଉପେନ୍ଦ୍ର କୁମାର ମହାନ୍ତି, ଯଦୁମଣି ସାହୁ, କୁଜଙ୍ଗ ବ୍ଲକ ସଭାପତି ବାବୁଲି ଚନ୍ଦ୍ର ଦାସ, ସୁଶୀଲ କୁମାର ମହାପାତ୍ର ଓ ଅଭୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ପୋଲ ତଳୁ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

**ରୂପସା/ବସ୍ତା, ୧୬।୧୧(ଡି.ଏନ.ଏ.):**

ବାଲେଶ୍ୱର ୬୦ ନମ୍ବର ଜାତୀୟ ରାଜପଥର ସଦର ବ୍ଲକ ଅଧୀନ ହଳଦୀପଦା ବାଇପାସ୍ ନିକଟ ଏକ ପୋଲତଳୁ ବୁଧବାର ଜଣେ ଯୁବକଙ୍କ ଅର୍ଦ୍ଧଦଗ୍ଧ ଗଳିତ ମୃତଦେହ ଜବତ ହୋଇଛି। ପାରିପାର୍ଶ୍ୱିକ ଅବସ୍ଥାରୁ ଯୁବକଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏହି ପୋଲରେ ବ୍ୟବହୃତ ଏକ ପାଇପ୍ ମୁହଁରେ ଏହି ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବସ୍ତା ଥାନା ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।



## OFFICE OF THE SUPERINTENDENT MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL, BRAHMAPUR - 760004, GANJAM, ODISHA

Tel.: 0680 2292624/Fax: 0680 2292752, E-mail: supdtmkcg@gmail.com, mkcgmchberhampur@gmail.com/Website: www.mkcgmch.org
No. 15594/MCH/Dev/2022 Dt./ Berhampur the 14.11.2022

### NOTICE INVITING TENDER

No. E-637: The Superintendent, M.K.C.G. MCH, Berhampur, Ganjam invites sealed tenders from reputed & experienced firms to provide maintenance service under **Comprehensive Annual Maintenance Contract (CAMC/AMC) for Fire Fighting, Fire Alarm & Fire Detection System installed at various locations of M.K.C.G. MCH, Berhampur, Odisha** for a contract period of 12 Months. The tender papers are available in the website **www.ganjam.nic.in**. Interested agencies may download the tender papers, complete the same and send to the office of the undersigned on or before 12.12.2022 upto 3.00 P.M. The sealed tenders will be opened on the same day at 4.30 P.M. in presence of the intending bidders or their authorized representatives. The tender envelope containing quotation shall be super-scribed as **"Quotation for CAMC of Fire Fighting, Fire Alarm & Fire Detection System"** and addressed to the Superintendent, M.K.C.G. MCH, Berhampur, Odisha - 760004. Tenders received after due date & time will not be entertained. The authority is not responsible for any postal delay. Incomplete or conditional tender is liable for rejection. The authority reserves the right to reject any or all the tenders without assigning reasons thereof.

**Sd./- Superintendent**
**MKCG Medical College Hospital, Berhampur**
OIPR-10013/11/0011/2223

## ପୌର କାର୍ଯ୍ୟାଳୟ, ଜୟପୁର
## MUNICIPAL OFFICE: JEYPORE

**Main Road, Jeypore, Dist-Koraput, Odisha**
**Phone No.06854-231098, Email:ulbjeypore@gmail.com**
**Letter No.7036/JM Date:14 November 2022**

### QUOTATION CALL NOTICE FOR PURCHASE OF TRACTOR TROLLEY

**No.C-1580:** Sealed quotations are invited from intending local manufacturing / fabrication units for supply of 01 no. of Cow catcher Trolleys of following specification and as per the instructions given below.

**SPECIFICATION**

| |
|---|
| 14 ft. length & 8 ft width trolley to be pulled by Tractor |
| Axle and Hub 14 X 16 |
| Back Door |
| 1" X 2" MS Pipe Both side Railing |
| Platform sheet 4mm |
| Single disc 900X16 tyre |
| ISO (9001:2015) Certify |
| One Year Warranty |

**Terms and Conditions**
1) Price quoted should be on firm basis and Including all delivery charges, taxes.
2) Place of delivery Jeypore Municipality office.
3) Quality / make of the articles quoted should be specified
4) Quotations shall be received up to 11.00 AM on 23/11/2022 only on working days.
5) The quotations shall be opened at 4.00 PM on 23/11/2022 in presence of the quotationer or their authorized representative.
6) The sealed quotations should reach to the undersigned through registered / speed post on in person only by the stipulated time. The quotations received after the expiry of the specified date shall not be entertained.
7) The cover should be super scribed as "QUOTATION FOR COW CATCHER TROLLEY".
8) The successful bidder has to deposit Performance Security for Rs.10,000/-.
9) Documents to be attached
a) Copy of Registration Certificate / TIN No.
b) GST Registration Certificate
c) Aadhaar Card
d) Any other relevant documents
10) The firm will quote rate of complete system of the trolley
11) The details of rates, taxes, duties etc. should be quoted by the bidder and rates must be clearly written in figure as well as in words.
12) There should not be any cutting or over writing.

**Sd./- Executive Officer, Jeypore Municipality**
OIPR-13079/11/0060/2223

## GOVERNMENT OF ODISHA
## Office of the Superintending Engineer Kanpur Canal Division-I

**At/PO- Jhumpura, Dist-Keonjhar, Pin-758031**

### e-Procurement Notice

**Bid Identification No.SE,KCD-1(KIP)-02/2022-23**
**No.A-729: Email:kcdivn@gmail.com**

| | | |
|---|---|---|
| 1 | Name of the Work | Shifting of obstructing Electric Poles of 11 KV. LT Line Pole along with 16KVA Transformer from the alignment of Hunjaposi Minor within the acquired land in village Hunjaposi. |
| 2 | Estimated Cost | Rs.8.69 Lakh |
| 3 | Period of Completion | 3 (Three) Calendar Months |
| 4 | Date & Time of availability of bid document in the portal | Dt.18.11.2022 from 10.00 Hours to Dt.30.11.2022 upto 17.00 Hours |
| 5 | Last date/time of receipt of bid in the portal | Dt.30.11.2022 upto 17.00 Hours. |
| 6 | Date & Time of Opening of Tender | Dt.01.12.2022 at 11.00 Hour |
| 7 | Name & Address of the Officer Inviting Bid | Er. Ranjan Rashmi Nayak Superintending Engineer, Kanpur Canal Division-1, At/PO- Jhumpura, Dist- Keonjhar, Pin-758031 |

Further details can be seen from e-Procurement portal **www.tendersodisha.gov.in.**

**Sd./-(Er. Ranjan Rashmi Nayak)**
**Superintending Engineer, Kanpur Canal Division-I,**
OIPR-32157/11/0001/2223 **Jhumpura, Keonjhar, Odisha**

## GOVERNMENT OF ODISHA
## DEPARTMENT OF WATER RESOURCES
## Office of the Additional Chief Engineer
## Rushikulya Bahuda Basin, Berhampur-760004

**No.A-727: e-mail id: se_sicbam@yahoo.com**
**e-Procurement Notice No.ACE, RBB-30/2022-23**

1. Type of Work : System improvement work.
2. Total No. of Works : 01 (One) No.
3. Amount put to tender : Rs.966.28 Lakh
4. Period of Completion : 12 (Twelve) Calendar Months

| Procurement Officer | Bid Identification No. | Bid Amount (Rs. in Lakh) | Availability & Submission of Bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB, (BEID)-85/2022-23 | 966.28 | From 19.11.2022 10.00 A.M. to 03.12.2022 5.00 P.M. |

Date of Opening of the Technical Bid : **05.12.2022 at 11.30 A.M.**
Further details can be seen from the Govt. website www.tendersodisha.gov.in.

**Sd./- Additional Chief Engineer**
**Rushikulya Bahuda Basin, Berhampur**
OIPR-32411/11/0042/2223

GOVERNMENT OF ODISHA No. B-830

## OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR

**Mail ID: sepwdsbp@rediffmail.com**

### e-Procurement

**BID IDENTIFICATION No. CCENC (R AND B)/14/2022-23**
**No. 3742 Dtd.28.10.2022**

1. The Chief Construction Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in Double Cover System in ONLINE MODE for the construction of Road/Building/Bridge works as detailed in the DTCN from the eligible class of contractors.
2. No. of Works : 32 (Thirty Two) (Road Works)
3. Tender Cost : Rs.10,000/-
4. Class of Contractor : "B" Class, "A" Class and "Special" Class
5. Date & time of available in website & receipt of Bids : From 18.11.2022 to 17.00 hours of 03.12.2022
6. Date of opening of technical Bid : 05.12.2022 at 11.00 hours
7. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in**.
8. Any corrigendum/addendum will be displayed in the website **www.tendersodisha.gov.in**.

**Sd./- Chief Construction Engineer**
OIPR-34035/11/0020/2223 **Northern (R&B) Circle, Sambalpur**

## KORAPUT MUNICIPALITY

**Phone: 06852-250629, E-mail: eo.nac.koraput@gmail.com**
**No. 6006/2022 Date: 16.11.2022**

### TENDER CALL NOTICE

No. C-1584: Bid consisting of cost of tender paper, performance guarantee, the set terms and conditions of sanitation work (Ward No. 01 to 14) of Koraput Municipality and other necessary document can be seen in official website i.e. **www.koraputmunicipality.in**.

1. Name of Specification : Sanitation work (Ward No. 01 to 14) of Koraput Municipality
2. Date & time of selling of tender paper : From 17.11.2022 upto 5.00 P.M. of 02.12.2022
3. Last date & time for receipt : 5.00 P.M. hours 03.12.2022
4. Bids received shall be Technical opened on : 5.00 P.M. hours 05.12.2022
5. Bid received shall be Financial opened on : 11.00 A.M. hours 08.12.2022
6. Name and address of the Officer Inviting : Executive Officer, Koraput Municipality
7. Further details can be seen from the procurement portal : **www.koraputmunicipality.in**

**Sd./- Executive Officer**
**Koraput Municipality**
OIPR-13074/11/0053/2223

## DIRECTORATE OF HEALTH SERVICES, ODISHA, BHUBANESWAR

**NOTICE No. 22919/OE-XX-19/22 Date: 15.11.2022**

### ADVERTISEMENT FOR ENGAGEMENT OF RETIRED WILLING GOVERNMENT SERVANTS AS OSDs IN COMBINED HEALTH DIRECTORATE (O)

No. E-636: Applications are invited from the willing retired Government Servant in enclosed format (Application Form) for engagement of 14 numbers of retired Govt. Servants as O.S.Ds on contractual basis for the period of one year or till the vacancies are filled up, which ever is earlier with the following conditions & eligibility.

1. The engagement shall remain valid for one year of the vacancies in the rank of base level posts are filled up by regular recruitment whichever is earlier.
2. The selection procedure will be governed by the procedure and rule laid down in G.A. Department Resolution No. 23750/Gen. dated 27.08.2014.
3. Re-employed officers shall be governed by the provisions of Government Servants' Conduct Rules, 1957 and shall be liable to be proceeded against for their misconduct, omissions and commissions as per the provisions under the Odisha Pension Rules, 1992.
4. Monthly remuneration of engaged officers shall be fixed as per the Finance Department Office Memorandum No. 24533/F dated 29.09.2022.
5. Officers who have retired from Government Service on attaining the age of superannuation and not beyond the age of 65 (Sixty five) years having good service records and are physically fit shall be eligible to be considered for engagement. In any case the candidate should have minimum of one year of time left while computing 65 years of age to be eligible for engagement.
6. Officers against whom Departmental Proceedings/Criminal Cases/Vigilance cases are contemplated/pending or who have been penalized for misconduct during the period of preceding five years will not be eligible for consideration.
7. The performance of the officers is to be reviewed periodically and documented at least once in a quarter.
8. On review of their performance, if their performance is found unsatisfactory, their engagement will be terminated without giving any reason thereof within the contract period and the decision of the appointing authority i.e. Director of Health Services, Odisha by giving one month Notice to the concerned engaged employee. On the contrary if any re-employed officer desires to resign he shall do so by giving one month's written notice to the competent authority.
9. Officer should have operational computer knowledge to work in OSWAS/OBDRS/MS-Office.
10. Eligible willing candidates who are interested to be engaged shall apply to the Office of **the Director of Health Services, Odisha, At: Heads of Department Building, 2nd Floor, Unit - V, Bhubaneswar, PIN - 751001, Odisha** in the given format by Registered Post/Speed Post only which should reach within a period of 15 (Fifteen) days from the date of publication of the Advertisement in the daily Odia/English Newspapers & DHS(O) website.
11. Application received in any other mode and after due date will not be accepted.
12. The shortlisted candidates are required to appear for an interview before the Selection Committee for engagement as OSD in the Combined Health Directorate, Odisha.

**Sd./- Director of Health Services, Odisha**
OIPR-10002/11/0011/2223

# ପୌରାଧ୍ୟକ୍ଷଙ୍କ ଫାଇଲ୍ ଫିଙ୍ଗା ଭିଡିଓ ଭାଇରାଲ

ଯାଜପୁର ରୋଡ୍, ୧୬।୧୧ (ଡି.ଏନ୍.ଏ.)




ଭାଇରାଲ ହୋଇଥିବା ଭିଡିଓରେ ବ୍ୟାସନଗର ପୌରାଧ୍ୟକ୍ଷ ଜଣେ ଅଧିକାରୀଙ୍କ ଉପରକୁ ଫାଇଲ୍ ଫୋପାଡୁଛନ୍ତି ।

ସହରର ବିକାଶ ଓ ପରିମଳ ବ୍ୟବସ୍ଥାକୁ ଗତିଶୀଳ କରାଯିବାକୁ ପ୍ରତିଶ୍ରୁତି ଦେଇ ବିଜେଡି ଗତ ୨ ପୌର ନିର୍ବାଚନରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ବଳରେ କ୍ଷମତାସୀନ ହୋଇ ଆସୁଛି। ହେଲେ ସହରର ପରିମଳ ବ୍ୟବସ୍ଥାକୁ ନେଇ ସମସ୍ୟା ଯେମିତିକୁ ସେମିତି ରହିଛି। ବିଭିନ୍ନ ରାସ୍ତାପାର୍ଶ୍ୱ ଓ ଛକ ସ୍ଥାନରେ କୁଢ କୁଢ ଆବର୍ଜନା ଜମା ରହୁଛି। ଅନ୍ୟପକ୍ଷେ ସହରର ବିଭିନ୍ନ ରାସ୍ତାର ଉନ୍ନୟନ ପାଇଁ ଆବଶ୍ୟକ ଅନୁଦାନରେ କଂକ୍ରିଟ ରାସ୍ତା ନିର୍ମାଣ ହେଉଥିଲେ ହେଁ ୨ ମାସ ମଧ୍ୟରେ ତାହା ଫାଟି ଯାଇଥିବା ଦେଖିବାକୁ ମିଳିଛି। ଏହିସବୁର ପ୍ରମୁଖ କାରଣ ପିସି(ପର୍ସେଣ୍ଟେଜ) ରାଜ୍ ବୋଲି ସହରରେ ଆଲୋଚନା ହେଉଛି। ଏଥିପାଇଁ ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଏବଂ ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କ ମଧ୍ୟରେ ବିବାଦ ତେଜି ଏକ ଫାଇଲ୍ ଫିଙ୍ଗା ଭିଡିଓ ଭାଇରାଲ ହୋଇ ବ୍ୟାସନଗର ପୌର ପରିଷଦ ଚର୍ଚ୍ଚାକୁ ଆସିଛି। ତେଣୁ ଏହା ପଛରେ ଥିବା ଗୂଢ଼ ରହସ୍ୟ ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ନିର୍ବାହୀ ଅଧିକାରୀଙ୍କ ଅଭିଯୋଗ କ୍ରମେ ଯାଜପୁର ରୋଡ୍ ଥାନାରେ ପୌରାଧ୍ୟକ୍ଷା ପିଙ୍ଗୁଆଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି ।

ପ୍ରଶାସନରେ ସ୍ୱଚ୍ଛତା ଏବଂ ପିସିରାଜ୍‌ର ଅବସାନ ପାଇଁ ରାଜ୍ୟ ସରକାର ସ୍ଲୋଗାନ ଦେଇ ଚାଲିଥିବାବେଳେ ଏହାର ବିପରୀତ ଦୃଶ୍ୟ ଯାଜପୁର ଜିଲା ବ୍ୟାସନଗର ପୌରପରିଷଦରେ ଦେଖିବାକୁ ମିଳୁଥିବା କୁହାଯାଉଛି। ବିନା ପିସିରେ ଫାଇଲ୍ ଏଠାରେ ଘୁଞ୍ଚେ ନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଠାରେ ପରିମଳ ସେବା ପାଇଁ ମାସିକ ପ୍ରାୟ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାରୁ ପିସି ଆକାରରେ ସିଂହଭାଗ ଅର୍ଥ ବାଟମାରଣା ହୋଇଯାଉଛି ବୋଲି ଲୋକେ ସହରର ବିପର୍ଯ୍ୟସ୍ତ ପରିମଳ ଅବସ୍ଥାକୁ ଦେଖି ଅଭିଯୋଗ କରୁଛନ୍ତି। ସହରର ପରିମଳ ବ୍ୟବସ୍ଥାରେ ନିୟୋଜିତ ହୋଇଛି ଠିକାସଂସ୍ଥା 'ସବ୍ୟସାଚୀ ମହାକୁଡ଼'। ୨୦୨୨ ମାର୍ଚ୍ଚରେ ଠିକାସଂସ୍ଥାର ଅବଧି ସରିଯାଇଛି। ଏହାପରେ କୌଣସି ଟେଣ୍ଡର କରା ନ ଯାଇ ଏହି ଠିକାସଂସ୍ଥାକୁ କାର୍ଯ୍ୟକୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇଛି। ଠିକାସଂସ୍ଥା ପୌର ପରିଷଦର ଲୋକ ପ୍ରତିନିଧି, ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଆପ୍ୟାୟିତ କରି ସଫେଇ କାମ କରୁଥିବା ଅଭିଯୋଗ ହେଉଛି। ସହରରେ ୧୬୦ ଜଣ ଶ୍ରମିକଙ୍କୁ ନିୟୋଜନ କରିବାକୁ ଚୁକ୍ତି ହୋଇଥିଲେ ହେଁ ୭୦/୮୦ ଜଣ ଶ୍ରମିକଙ୍କୁ ନିୟୋଜନ କରି କାମ ହେଉଛି। ମାସ ମାସ ଧରି ଡ୍ରେନଗୁଡିକ ସଫା କରାଯାଉ ନାହିଁ। ଫଳରେ ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏହାକୁ ବ୍ୟବସ୍ଥିତ କରିବାକୁ ଗତ ଜୁନରେ ସଫେଇ କର୍ମଚାରୀଙ୍କ ପାଇଁ ବାୟୋମେଟ୍ରିକ ବ୍ୟବସ୍ଥା କରାଯାଇଥିଲା। ଠିକ୍ ଭାବେ ସଫେଇ କାର୍ଯ୍ୟ ନ ହେଲେ ବିଲ ପାସ୍ ହେବ ନାହିଁ ବୋଲି ନିର୍ବାହୀ ଅଧିକାରୀ କୁଆଡେ କଡାକଡି ନିୟମ ପାଳନ କରୁଥିଲେ। ଫଳରେ କେତେଜଣଙ୍କ ସ୍ୱାର୍ଥରେ ବାଧା ଉପୁଜିବାରୁ ରାଜନୈତିକ ଚାପରେ ନିର୍ବାହୀ ଅଧିକାରୀଙ୍କୁ ମଙ୍ଗଳବାର ବଦଳି ନିର୍ଦ୍ଦେଶ ହୋଇଥିବା କୁହାଯାଉଛି। ଏହାପରେ ନିର୍ବାହୀ ଅଧିକାରୀଙ୍କୁ ପୌରାଧ୍ୟକ୍ଷାଙ୍କ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଭିଡିଓ ବୁଧବାର ଭାଇରାଲ ହେଉଛି। ଏଥିରେ ପୌରାଧ୍ୟକ୍ଷା ଏକ ଫାଇଲକୁ ନିର୍ବାହୀ ଅଧିକାରୀଙ୍କ ଉପରକୁ ଫିଙ୍ଗିଥିବା ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ଆଡଭୋକେଟ୍ ଚନ୍ଦ୍ରଶେଖର ପଣ୍ଡା କୁହନ୍ତି, ଏହା ଏକ ଅସୌଜନ୍ୟ ବ୍ୟବହାର। ଯଦି କିଛି ଭୁଲତ୍ରୁଟି ଥିଲା, ତେବେ ଆଇନ ଅନୁଯାୟୀ ପଦକ୍ଷେପ ନେବାର ଥିଲା। କାଉନସିଲର ଶିବାନନ୍ଦ ନାୟକ କୁହନ୍ତି, ନିର୍ବାହୀ ଅଧିକାରୀଙ୍କ ଉପରକୁ ଫାଇଲ ଫୋପାଡିବା ଉଚିତ ନୁହେଁ, ଯାହା ବି ଅଫିସ ମଧ୍ୟରେ ହୋଇଥିଲେ ଠିକ ହୋଇଥାନ୍ତା। ବିଦ୍ୟାଧର ମହାନ୍ତି କୁହନ୍ତି, ରାତିଅଧିଆ ନିର୍ବାହୀ ଅଧିକାରୀଙ୍କୁ ବଦଳି ପଛରେ ୩ ମାସର ନାଟକ ରହିଛି। ଦୁର୍ନୀତି ପାଇଁ କିମ୍ବା ଦୁର୍ନୀତିକୁ ବିରୋଧ କରିବାରୁ ତାଙ୍କ ବଦଳି ହୋଇଛି ତାହାର ତଦନ୍ତ ହେଉ। ଭିଡିଓରେ ପୌରାଧ୍ୟକ୍ଷାଙ୍କ ବ୍ୟବହାର ସହରବାସୀଙ୍କ ପାଇଁ ଲଜ୍ଜାକର ଘଟଣା ବୋଲି ମହାନ୍ତି କହିଛନ୍ତି ଅନ୍ୟପକ୍ଷେ ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ କୁହନ୍ତି, ସେଭଳି କୌଣସି ଆଭିମୁଖ୍ୟ ନଥିଲା। ନିର୍ବାହୀ ଅଧିକାରୀ ଦୂରରେ ବସିଥିବାରୁ ଫାଇଲଟିକୁ ତାଙ୍କୁ ଦିଆଯାଇଥିଲା।

## ଚର୍ଚ୍ଚାରେ ବ୍ୟାସନଗର ପୌର ପରିଷଦ

କେବଳ ପରିମଳ ନୁହେଁ, ଉନ୍ନୟନ କାର୍ଯ୍ୟରେ ମଧ୍ୟ ପିସିରାଜ୍ ଚାଲିଛି, ଯାହାକି ବିକାଶରେ ଅନ୍ତରାୟ ସୃଷ୍ଟି ବୋଲି କୁହାଯାଉଛି। ଏଠାରେ ୨୫ ନମ୍ବର ୱାର୍ଡ ଗୋଶାଳା ଛକଠାରୁ ମହତାବନଗର ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ରାସ୍ତା ପାଇଁ ୨୦୨୦-୨୧ରେ ୮ ଲକ୍ଷ ୨୫ ହଜାର ୫୦୦ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଗତ ଜୁନରେ ଏହି କଂକ୍ରିଟକରଣ ଶେଷ ହୋଇଥିଲା। ହେଲେ ରାସ୍ତା ନିର୍ମାଣ ପୂର୍ବରୁ ଯନ୍ତ୍ରୀଙ୍କ ଏଷ୍ଟିମେଟରେ ତ୍ରୁଟି ଏବଂ ନିମ୍ନମାନର କାର୍ଯ୍ୟ କାରଣରୁ ରାସ୍ତା ମଝିରେ ଦୁଇଫାଳ ହେବାକୁ ବସିଛି। ଆଉ କିଛି ଦିନ ପରେ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ଗମନାଗମନ ଅନୁପଯୋଗୀ ହୋଇଯିବ ବୋଲି ସ୍ପଷ୍ଟ ଜଣାପଡୁଛି। ସେହିପରି ଚୂନଭାଟି ଆଦିବାସୀ ସାହିରେ ନିର୍ମିତ ଫେଵର ରାସ୍ତାର ୱାଲ ମାସକ ମଧ୍ୟରେ ଭାଙ୍ଗି ଯାଇ ଚୂନା ହେବାକୁ ବସିଛି। ସହରରେ ଏଭଳି ଅନେକ ରାସ୍ତା ପିସିରାଜ୍ ପାଇଁ ଲୋକଙ୍କ କାମରେ ଲାଗିପାରୁ ନାହିଁ ବୋଲି ମତପ୍ରକାଶ ପାଇଛି।


ରାସ୍ତା ପାର୍ଶ୍ୱରେ ଜମା ହୋଇଥିବା ଆବର୍ଜନା ।


ମହତାବ ନଗର ରାସ୍ତା ମଝିରେ ଫାଟ ସୃଷ୍ଟି ହୋଇଛି ।

# ୨ ବିଡିଓଙ୍କ ସମେତ ୧୦ ଜଣଙ୍କୁ ଜବାବ ତଲବ

ଯାଜପୁର ଅଫିସ, ୧୬।୧୧

## ଦୁର୍ନୀତି ଚପାଇବାକୁ ୨ ପଞ୍ଚାୟତର ଫାଇଲ୍ ପୋଡ଼ି ମାମଲା

- ୯ ସୁଦ୍ଧା ଜବାବ ଦେବାକୁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

ଯାଜପୁର ଜିଲା ଦଶରଥପୁର ବ୍ଲକ ଗ୍ରାମନନ୍ଦିପୁର ଓ ବିରୁହାଁ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ବ୍ୟାପକ ହରିଲୁଟ ସମ୍ପର୍କରେ ପର୍ଦ୍ଦାଫାଶ ହୋଇଛି। ଅନେକ ସରକାରୀ ପ୍ରକଳ୍ପରେ ହୋଇଥିବା ଦୁର୍ନୀତି ଲୁଚାଇବା ପାଇଁ ଏହି ୨ ପଞ୍ଚାୟତର ଫାଇଲ୍ ପୋଡ଼ି ହୋଇଥିବା ଅଭିଯୋଗ ହୋଇଥିଲା। ଏହାର ଭିଜିଲାନ୍ସ ତଦନ୍ତ ରିପୋର୍ଟ ଆଧାରରେ ଲୋକାୟୁକ୍ତ ୨ ଜଣ ବିଡିଓଙ୍କ ସମେତ ୧୦ ଜଣଙ୍କୁ ଆସନ୍ତା ଡିସେମ୍ବର ୯ ସୁଦ୍ଧା ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଜିପିଟିଏ ପ୍ରଦୋଷ ରଞ୍ଜନ ଦାସ, ଆକାଉଣ୍ଟାଣ୍ଟ ବେଣୁଧର ନାୟକ, ଦଶରଥପୁର ପୂର୍ବତନ ବିଡିଓ ନାରାୟଣ ଚନ୍ଦ୍ର ନାୟକ, ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଳ, ବିରୁହାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାନୁମତୀ ମଲ୍ଲିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ବେହେରା, ଜିପିଟିଏ ଅମିୟ କୁମାର ରାଉତ, ପୂର୍ବତନ ଜୁନିୟର ଇଞ୍ଜିନିୟର ମାନସ ରଞ୍ଜନ ପଣ୍ଡା, ଦଶରଥପୁର ପୂର୍ବତନ ବିଡିଓ ଦେବରାଜ ସେଠୀ, ନନ୍ଦିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନବକିଶୋର ମଲ୍ଲିକ ରହିଛନ୍ତି।

ଯାଜପୁର ଜିଲା ଦଶରଥପୁର ବ୍ଲକ ଗ୍ରାମନନ୍ଦିପୁର ଓ ବିରୁହାଁ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍, ମୋ ଘୁହାଳ, ଆବାସ, ରାସ୍ତା, ବୃକ୍ଷରୋପଣ ଆଦି ବିଭିନ୍ନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଫଳରେ ଯାଜପୁର ତତ୍କାଳୀନ ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଏହାର ତଦନ୍ତ କରିବାକୁ କାର୍ଯ୍ୟସୂଚୀ ସ୍ଥିର କରିଥିଲେ। ହେଲେ ଏହା ପୂର୍ବରୁ ୧୭।୪।୨୦୨୧ ପୂର୍ବାହ୍ନ ୧୦ଟାରେ ଦୁଇ ପଞ୍ଚାୟତ କାର୍ଯ୍ୟାଳୟରେ ନିଆଁ ଲାଗି ଫାଇଲ୍ ପୋଡ଼ି ଯାଇଥିଲା। ଏନେଇ ବିଡିଓ ଓ ସରପଞ୍ଚଙ୍କ ନାମରେ କେତେଜଣ ସାମାଜିକ କର୍ମୀ ମଙ୍ଗଳପୁର ଥାନାରେ ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏହି ଘଟଣାର ତଦନ୍ତ ଠିକ ନ ହେବାରୁ ବିଜୟ କେତନ ମହାପାତ୍ର ଓ ପ୍ରତାପ କୁମାର ନାୟକ ଲୋକାୟୁକ୍ତରେ ୭୦୩/୨୦୨୧ରେ ଏକ ମାମଲା ରୁଜୁ କରିଥିଲେ। ଲୋକାୟୁକ୍ତ ଏହି ଘଟଣାର ଛାନ୍‌ଭିନ କରି ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଥିଲେ। ଭିଜିଲାନ୍ସ ବିଭାଗ ତଦନ୍ତ କରି ଦାଖଲ କରିଥିବା ରିପୋର୍ଟ ଆଧାରରେ ଲୋକାୟୁକ୍ତ ଗତ ଅକ୍ଟୋବର ୧୭ରେ ଉପରୋକ୍ତ ୧୦ ଜଣଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଭିଜିଲାନ୍ସ ତଦନ୍ତରେ ନନ୍ଦିପୁର ପଞ୍ଚାୟତର ୨୦ଟି ଓ ବିରୁହାଁ ପଞ୍ଚାୟତର ୧୮ଟି ପ୍ରକଳ୍ପରେ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ଏହି ସମ୍ପର୍କରେ ଭିଜିଲାନ୍ସ ବିଭାଗ ପକ୍ଷରୁ ରାଜ୍ୟ ସରକାର ଓ ଯାଜପୁର ଜିଲା ପ୍ରଶାସନକୁ ପତ୍ରସଂଖ୍ୟା ୧୧୭୫/୨୮।୯।୨୨ରେ ଅବଗତ କରାଯିବା ସହିତ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରାଯାଇଛି।

# ମହିଳାଙ୍କ ବ୍ୟାଙ୍କ ଖାତାରୁ ୯ ହଜାର ଉଭାନ୍

ଏରସମା, ୧୬।୧୧ (ସ୍ୱ.ପ୍ର.):

## ଶ୍ରମିକ କାର୍ଡ କରାଇଦେବାକୁ କହି ଠକେଇ ଅଭିଯୋଗ

ଏରସମା ଥାନା ଅନ୍ତର୍ଗତ ନାରଦିଆ ପଞ୍ଚାୟତସ୍ଥିତ ପାଣିଏଣ୍ଡୁଳା ଗ୍ରାମର ଜଣେ ବିଧବାଙ୍କ ବ୍ୟାଙ୍କ ଖାତାରୁ ୯ ହଜାର ଟଙ୍କା ଉଭାନ୍ ହୋଇଯାଇଥିବା ନେଇ ବୁଧବାର ଅଭିଯୋଗ ହୋଇଛି। ବିଧବା ସବିତା ଦାସଙ୍କ ଅଭିଯୋଗ ଅନୁଯାୟୀ, ରେଢୁଆ ଅଞ୍ଚଳର ଜଣେ ଯୁବକ କିଛିଦିନ ତଳେ ସବିତାଙ୍କ ଘରେ ପହଞ୍ଚି ଦୂର ସମ୍ପର୍କୀୟ ବୋଲି ପରିଚୟଦେଇ ପୁଅ ନାଁରେ ଶ୍ରମିକ କାର୍ଡ କରାଇଦେବେ ବୋଲି କହିଥିଲେ। ଏହାଦ୍ୱାରା ବିଭିନ୍ନ ସରକାରୀ ସୁବିଧା ମିଳିପାରିବ ବୋଲି କହି ପ୍ରଲୋଭନ ଦେଖାଇଥିଲେ। ତାଙ୍କ କଥାରେ ବିଶ୍ୱାସ କରି ସବିତା ନିଜର ଓ ପୁଅର ଆଧାର କାର୍ଡ, ବ୍ୟାଙ୍କ ବହି ଓ ଅନ୍ୟାନ୍ୟ କାଗଜପତ୍ରର ଜେରକ୍ସ କପି ସହ ଟିପ ଚିହ୍ନ ଦେଇଥିଲେ । ମଙ୍ଗଳବାର ଟଙ୍କା ଉଠାଇବା ପାଇଁ ସବିତା ନିକଟସ୍ଥ ବ୍ୟାଙ୍କକୁ ଯାଇଥିଲେ। ଏହି ସମୟରେ ବ୍ୟାଙ୍କ ଖାତାରୁ ୯ହଜାର ଟଙ୍କା ଉଠାଯାଇଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଭାବଗ୍ରାହୀ ରାଉତ କହିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଭରତ



@ ପ୍ରଣୟ


@ ଅବନୀ


@ ସୁବେଶ


@ ସାଗର


@ କ୍ଷମାନିଧି

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୋ ସ୍କୁଲ ଅଭିଯାନ ପାଇଁ ୭୦ ଲକ୍ଷ ସହାୟତା


ପିପିଏଲ୍ କମ୍ପାନୀ ପକ୍ଷରୁ ଜଗତ୍‌ସିଂହପୁର ଜିଲାପାଳ ପାରୁଲ୍ ପଟୱାରୀଙ୍କୁ ୭୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଉଛି ।

ପାରାଦୀପ, ୧୬।୧୧ (ସ୍ୱ.ପ୍ର.)

ରାଜ୍ୟରେ ୫-ଟି ଅଧୀନରେ ହାଇସ୍କୁଲଗୁଡ଼ିକୁ ରୂପାନ୍ତରଣ କରାଯାଉଛି। ଏହି କାର୍ଯ୍ୟକ୍ରମ ପାଇଁ ପିପିଏଲ୍ ପକ୍ଷରୁ ବୁଧବାର ୭୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କମ୍ପାନୀର ମୁଖ୍ୟ ପ୍ରଣବ ଭଟ୍ଟାଚାର୍ଯ୍ୟ ଓ କର୍ପୋରେଟ ଆଫେୟାର୍ସ ମୁଖ୍ୟ ସୁଧିରଞ୍ଜନ ମିଶ୍ର ଏହି ଅର୍ଥ ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରୀଙ୍କୁ ପ୍ରଦାନ କରିଛନ୍ତି। ଜଗତ୍‌ସିଂହପୁର ଜିଲାର ୧୯ ଟି ହାଇସ୍କୁଲରେ ଏହି ଅର୍ଥ ବିନିଯୋଗ କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

# ବିଦ୍ୟୁତ୍ ସଂଯୋଗ କଟିବାରୁ ପାଠପଢ଼ା ବ୍ୟାହତ

ନାଉଗାଁ, ୧୬।୧୧ (ସ୍ୱ.ପ୍ର)

## ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟ

- ସ୍ମାର୍ଟ ସ୍କୁଲରେ ଅବ୍ୟବସ୍ଥା
- ପ୍ରିପେଡ୍ ମିଟର ଲାଗିବାର ୧୫ ଦିନ ପରେ ବିଦ୍ୟୁତ୍ ବିଚ୍ଛିନ୍ନ



ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟ ।

ପିଲାମାନଙ୍କୁ ଉନ୍ନତମାନର ଶିକ୍ଷା ଦେବା ପାଇଁ ସରକାର ୫-ଟି ଯୋଜନାରେ ବିଦ୍ୟାଳୟଗୁଡ଼ିକୁ ରୂପାନ୍ତରଣ କରୁଛନ୍ତି। ଏହି ଯୋଜନାରେ ବିଦ୍ୟାଳୟର ଖେଳପଡ଼ିଆଠାରୁ ଆରମ୍ଭ କରି ଶ୍ରେଣୀଗୃହ ପର୍ଯ୍ୟନ୍ତ ସବୁ ପରିବର୍ତ୍ତନ କରାଯାଉଛି। ଶ୍ରେଣୀ ଗୃହଗୁଡ଼ିକୁ ସ୍ମାର୍ଟ କ୍ଲାସରେ ପରିବର୍ତ୍ତନ କରିବା ପାଇଁ ଇ-ଲାଇବ୍ରେରୀ ଓ ବିଜ୍ଞାନାଗାର ଆଦିର ବ୍ୟବସ୍ଥା କରାଯାଉଛି। ଏସବୁ କରିବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର କେଉଁଠି ବିଦ୍ୟୁତ୍ ସଂଯୋଗ ନ ଥିବାବେଳେ ଆଉ କେଉଁଠି କଟିଯାଇଛି। ଫଳରେ ପିଲାମାନେ ଏହାର ଲାଭ ଉଠାଇ ପାରୁନାହାନ୍ତି। ନାଉଗାଁ ବ୍ଲକ ଅନ୍ତର୍ଗତ ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ବିଦ୍ୟାଳୟକୁ ୫-ଟି ଯୋଜନାର ପ୍ରଥମ ପର୍ଯ୍ୟାୟରେ ରୂପାନ୍ତରଣ କରାଯାଇଥିଲା। ଏଠାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ସେଥିରୁ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନବମ ଓ ଦଶମ ଶ୍ରେଣୀରେ ପଢ଼ନ୍ତି । ଏହି ଦୁଇ ଶ୍ରେଣୀକୁ ସ୍ମାର୍ଟ କ୍ଲାସରେ ଅନ୍ତର୍ଭୁକ୍ତ କରାଯାଇଛି। ଏଠାରେ ବିଦ୍ୟୁତ ବିଭାଗ ପକ୍ଷରୁ ଦୀର୍ଘ ଦିନ ହେବ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଗତ ୨୧ ଅକ୍ଟୋବର ୨୦୨୨ରେ ଟାଟା ପାୱାର ପକ୍ଷରୁ ପୁରୁଣା ମିଟର୍‌କୁ ପରିବର୍ତ୍ତନ କରାଯାଇ ପ୍ରିପେଡ ମିଟର ଲଗାଯାଇଛି। ପ୍ରଧାନ ଶିକ୍ଷକଙ୍କ କହିବା ମୁତାବକ, ମିଟର ପରିବର୍ତ୍ତନ କରିବା ସମୟରେ ଉକ୍ତ ମିଟର ୩ ମାସ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଥିଲା। କିନ୍ତୁ ମିଟର ଲଗାଇବାର ୧୫ ଦିନ ପରେ ଏଠାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି।

ଫଳରେ ଛାତ୍ରୀଛାତ୍ରମାନେ ସ୍ମାର୍ଟ କ୍ଲାସରେ ପାଠ ପଢି ପାରୁ ନ ଥିବା ବେଳେ ଇ-ଲାଇବ୍ରେରୀ, ଅତ୍ୟାଧୁନିକ ବିଜ୍ଞାନାଗାର ବ୍ୟବହାର କରି ପାରୁନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯାଇଥିବାରୁ ପାନୀୟ ଜଳର ସମସ୍ୟା ସୃଷ୍ଟି ହୋଇଛି। ପିଇବା ପାଣି ନ ଥିବାରୁ ମଧ୍ୟାହ୍ନ ଭୋଜନରେ ବି ସମସ୍ୟା ଦେଖାଦେଇଛି। ଆଗକୁ ନବମ ଓ ଦଶମ ଶ୍ରେଣୀର ବୋର୍ଡ ପରୀକ୍ଷା ଥିବାବେଳେ ଠିକ୍ ଭାବେ ପାଠପଢ଼ା ହେଉ ନଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ବିଦ୍ୟୁତ୍ ବିଚ୍ଛିନ୍ନ ସମ୍ପର୍କରେ ଟାଟା ପାୱାର ଲିଡ ମ୍ୟାନେଜର ଦୀପକ ଭୂୟାଁ କହିଛନ୍ତି, ବିଦ୍ୟାଳୟରେ ପୂର୍ବରୁ ବକେୟା ବିଲ ରହିଛି। ଯେଉଁମାନଙ୍କର ୫ ହଜାରରୁ ଊର୍ଦ୍ଧ୍ୱ ବିଲ ବକେୟା ରହିଛି, ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ଏ ବିଷୟରେ କୌଣସି ନୋଟିସ ଦିଆଯିବ ନାହିଁ ବୋଲି ପୂର୍ବରୁ ବିଲରେ ବିଭାଗ ପକ୍ଷରୁ ଦର୍ଶାଯାଇଛି।

ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ବେହେରା କୁହନ୍ତି, ପ୍ରିପେଡ ମିଟର ଲାଗିବା ସମୟରେ ୩ ମାସ ଚାଲିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ମାତ୍ର ୧୫ ଦିନ ପରେ ଅର୍ଥାତ୍ ୧୨ ନଭେମ୍ବର ଶନିବାରଠାରୁ ବିନା ନୋଟିସରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ଏଥିଯୋଗୁ ପିଲାଙ୍କ ପାଠପଢ଼ାରେ ଅସୁବିଧା ହେଉଛି। ଏ ସମ୍ପର୍କରେ ଆମେ ବିଦ୍ୟୁତ ବିଭାଗକୁ ଜଣାଇଛୁ। ବିଦ୍ୟାଳୟରେ ଶିକ୍ଷାପରିଚାଳନା କମିଟି ଏପର୍ଯ୍ୟନ୍ତ ଗଠନ ହୋଇ ନଥିବାରୁ ବକେୟା ବିଲ ଦିଆଯାଇ ନାହିଁ। ଏ ବିଷୟରେ ଜିଲା ଶିକ୍ଷାଧିକାରୀଙ୍କୁ ଆବଶ୍ୟ କାଗଜପତ୍ର ପ୍ରଦାନ କରାଯିବା ସହ ବିଦ୍ୟୁତ ବିଚ୍ଛିନ୍ନ ସମ୍ପର୍କରେ ଅବଗତ କରାଯାଇଛି ବୋଲି କହିଥିଲେ।

## ସଂକ୍ଷେପରେ

### ଏବିଇଓ ଗଣିବେ ୧୫ ହଜାର ତଣ୍ଡ

**ସୂଚନା ଅଧିକାର ଆଇନ ଉଲ୍ଲଂଘନ**

ବୈଶିଙ୍ଗା,୧୬।୧୧(ଡି.ଏନ.ଏ.): ସୂଚନା ଅଧିକାର ଆଇନର ଉଲ୍ଲଂଘନ କାରଣରୁ ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ(ଏବିଇଓ)ଙ୍କୁ ୧୫ହଜାର ଟଙ୍କା ତଣ୍ଡ ଗଣିବାକୁ ପଡ଼ିବ ବୋଲି ଜାଣିବାକୁ ମିଳିଛି। ସୂଚନା ଅନୁଯାୟୀ, ନହଣ୍ଡାଶୋଳ ଗ୍ରାମର ସୂଚନା ଅଧିକାର କର୍ମୀ ରାଧାମୋହନ ମହାନ୍ତ ୨୦୨୦ ଜାନୁୟାରୀ ୧୫ରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ସିଆର୍‌ସିସିମାନଙ୍କୁ ଶିକ୍ଷାଦାନ ସମ୍ପର୍କିତ ଦାୟିତ୍ୱ ନିର୍ବାହ ନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ମାତ୍ର ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା। ଫଳରେ ସେ ପୁନର୍ବାର ତଥ୍ୟ ପାଇବା ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ସୂଚନା ଦିଆ ଯାଇ ନ ଥିଲା। ପରେ ବାଧହୋଇ ସେ ରାଜ୍ୟ ସୂଚନା କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ। ସୂଚନା କମିଶନର ବିକ୍ରମ ସେନାପତି ତାଙ୍କ ଅଭିଯୋଗକୁ ଗ୍ରହଣ କରି ୨୦୨୨ ଜୁଲାଇ ୧୯ରେ ନିଜ ପକ୍ଷ ରଖିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ଏବିଇଓ ବଳରାମ ନାୟକଙ୍କୁ ନୋଟିସ ଜାରି କରିଥିଲେ। ତେବେ ସନ୍ତୋଷଜନକ କାରଣ ଦର୍ଶାଇ ନ ପାରିବାରୁ ଏବିଇଓ ନାୟକଙ୍କୁ ତୁରନ୍ତ ୧୫ହଜାର ଟଙ୍କା ରାଜ୍ୟ ରାଜକୋଷରେ ଜମା କରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ଏବିଇଓ ନାୟକଙ୍କ ଦରମାରୁ ୨ ମାସରେ ଦୁଇଟି କିସ୍ତିରେ ଏହି ଅର୍ଥରାଶି କାଟିରଖି ରାଜକୋଷରେ ଜମା କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

### କନିଷ୍ଠ ଯନ୍ତ୍ରୀଙ୍କୁ ମାଡ଼ମାରି ପୂର୍ବତନ ସରପଞ୍ଚ ଗିରଫ

ଆନନ୍ଦପୁର,୧୬।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ବିଦ୍ୟୁତ୍ ସେକ୍ସସନ୍ କନିଷ୍ଠ ଯନ୍ତ୍ରୀ ରାକେଶ ପଲଙ୍କୁ ମାଡ଼ମାରି ସାଇଁକୁଳ ପୂର୍ବତନ ସରପଞ୍ଚ ବିଭାସ ନାୟକ ଗିରଫ ହୋଇଛନ୍ତି। ମଙ୍ଗଳବାର ଏକ ବେଆଇନ୍ ବିଦ୍ୟୁତ୍ ସଂଯୋଗ ଅଭିଯୋଗରେ ସାଇଁକୁଳ ଗ୍ରାମର ସୁଜିତ୍ ମହାନ୍ତିଙ୍କ ଘରେ ବିଦ୍ୟୁତ୍ ବିଭାଗ ଚଢ଼ାଉ କରିଥିଲା। ଏହି ସମୟରେ ପୂର୍ବତନ ସରପଞ୍ଚ ବିଦ୍ୟୁତ୍ କର୍ମଚାରୀଙ୍କୁ ଗାଳିଗୁଲଜ ସହ କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ରାମଚନ୍ଦ୍ରପୁର ପୋଲିସ ମାମଲା (ନଂ .୨୭୭/୨୨) ରୁଜୁ କରି ତଦନ୍ତ କରୁଛି।

### ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ

ଭଦ୍ରକ ଅଫିସ,୧୬।୧୧: ଭଦ୍ରକ ସହର ଉପକଣ୍ଠ ରାଣୀତାଲ ଓ ଚରମ୍ପାରେ ବୁଧବାର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବିଭିନ୍ନ ହୋଟେଲ, ଢାବା,ବ୍ୟାକେରି ୟୁନିଟ୍‌ଗୁଡ଼ିକରେ ଚଢ଼ାଉ କରାଯାଇଥିଲା। ଖାଦ୍ୟ ନିରାପତ୍ତା ଆଇନ-୨୦୦୬ ଅବମାନନା କରିଥିବା ୨ ହୋଟେଲ ମାଲିକଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ବିଭାଗର ଡେଜିଗନେଟେଡ୍ ଅଧିକାରୀ ଡିପିଏଚ୍‌ଓ ଡା. ଭାରତୀ ରାଉତ, ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସ, ଏମ୍‌ଟିଏସ୍‌ର ଅଧିକାରୀ ସୁଶାନ୍ତ ନନ୍ଦ ଓ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ଥିଲେ।

# କେନାଲ ନାହିଁ, ଜଳକର ଦାବିକୁ ବିରୋଧ

**କେନ୍ଦ୍ରାପଡ଼ା ଅଫିସ, ୧୬।୧୧**

କେନ୍ଦ୍ରାପଡ଼ା ତହସିଲ ଅନ୍ତର୍ଗତ ଦୋବନ୍ଧା, ସୋବଳା, ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ଚନ୍ଦନପୁର, ନୀଳକଣ୍ଠପୁର, ତମାଳଶାସନ, ଅରୁଆ, କେଶପୁର ଆଦି ଜମିକୁ ଏ ପର୍ଯ୍ୟନ୍ତ ଜଳସେଚନ ପାଇଁ କେନାଲ ନାହିଁ। ତେବେ ରାଜସ୍ୱ ବିଭାଗ ଏହି ଅଞ୍ଚଳର ଅଧିବାସୀଙ୍କଠାରୁ ଜଳକର ଦାବି କରୁଛନ୍ତି। ଏହାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିବା ସହିତ କେନାଲ ଖନନ ଅଥବା ଜଳକର ଉଚ୍ଛେଦ ଦାବି କରିଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ରଞ୍ଜନ କୁମାର ସାହୁ, ପାରେଶ୍ୱର ସାମଲ, ଛତିଶ କୁମାର ପରିଡା, ପ୍ରଫୁଲ୍ଲ କୁମାର ପରିଡା ପ୍ରମୁଖ କହିଛନ୍ତି, ଏହି ମାମଲାର ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନ ହେଲେ ଚାଷୀ ଆନ୍ଦୋଳନ କରାଯିବ । ସେମାନେ କହିଛନ୍ତି, ଦୀର୍ଘଦିନ ହେବ ରାଜସ୍ୱ ବିଭାଗ ପକ୍ଷରୁ ଏହି ଅଞ୍ଚଳର କ୍ଷେତକୁ ଜଳକର ଦେବା ପାଇଁ କର ଧାର୍ଯ୍ୟ ହୋଇଛି। ଏହାକୁ ନେଇ ଆପତ୍ତି ପରେ ୧୯୯୭ ଜୁଲାଇ ୨୨ରେ ଚିଠି ନଂ. ୩୩୨୮୪ରେ ଜିଲାପାଳ ତଦନ୍ତ କରିବା ପାଇଁ ସୁପାରିସ ହୋଇଥିଲା। ସେହିବର୍ଷ ଅଗଷ୍ଟ ୪ରେ ତତ୍କାଳୀନ ଜିଲାପାଳ ଚିଠି ନଂ. ୯୩୫୪ରେ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ଏ ନେଇ ପ୍ରକୃତ ଯାଞ୍ଚ ନ କରିବାରୁ ୧୯୯୮ରେ ଚାଷୀମାନେ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ପକ୍ଷରୁ କ୍ଷେତକୁ ଜଳସେଚନ ନ କରିବା ପର୍ଯ୍ୟନ୍ତ ଜଳକର ନ ନେବା ପାଇଁ ପରାମର୍ଶ ଦେଇଥିଲେ। ସେବେଠାରୁ ଗ୍ରାମବାସୀ କେବଳ ଭୂମିକର ଦେଇ ଆସୁଛନ୍ତି। ଏବେ ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷା ପାଇଁ ଆବଶ୍ୟକ ପ୍ରମାଣପତ୍ର ସଂଗ୍ରହ ସମୟରେ ରାଜସ୍ୱ ବିଭାଗ ବକେୟା ଜଳକର ଦାବି କରୁଛନ୍ତି। ଜଳକର ନ ଦେଲେ ଜାତି ଓ ଅନ୍ୟାନ୍ୟ ପ୍ରମାଣପତ୍ର ଯୋଗାଇ ଦିଆଯାଉନାହିଁ। ଯାହା ଅନ୍ୟାୟ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ଅନୁଧ୍ୟାନ ହେବ। ତୁରନ୍ତ ଏ ନେଇ ରାଜସ୍ୱ ବିଭାଗ ତଦନ୍ତ କରି ଆବଶ୍ୟକ ପ୍ରମାଣପତ୍ର ଯୋଗାଇବା ବ୍ୟବସ୍ଥା କରିବ। ଏଥିସହ ଜଳସେଚନ ସମସ୍ୟା ଦୂର ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ



ବୈଠକରେ ଯୋଗଦେଇଥିବା ଖବରଦାତାମାନେ।

**ମାର୍ଶାଘାଇ, ୧୬।୧୧ (ଡି.ଏନ.ଏ.)**

ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଖବରଦାତାମାନେ ଗଣତନ୍ତ୍ରର ଜାଗ୍ରତପ୍ରହରୀ। ତେଣୁ ଏହା ସାଧାରଣ ଲୋକଙ୍କ ସ୍ୱର ହୋଇ ସମାଜରେ ଦଳିତ, ନିଷ୍ପେଷିତ ଓ ସାମାଜିକ ନ୍ୟାୟରୁ ବଞ୍ଚିତ ଲୋକମାନଙ୍କ ପାଇଁ ଲଢେଇ ଜାରି ରଖିଲେ ଗଣତନ୍ତ୍ର ଆହୁରି ସୁଦୃଢ଼ ହୋଇପାରିବ ବୋଲି ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ଆୟୋଜିତ ଉତ୍ସବରେ ବକ୍ତାମାନେ ପ୍ରକାଶ କରିଛନ୍ତି। ମାର୍ଶାଘାଇ ପ୍ରେସ୍ କ୍ଲବର ସଭାପତି ମାଧବ ନାୟକଙ୍କ ସଭାପତିତ୍ୱରେ ମାର୍ଶାଘାଇ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ଅଶୋକ କୁମାର ବେହେରା, ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟାପକ ସୁକାନ୍ତ ପ୍ରଧାନ, ବ୍ଲକ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଶ୍ରେୟାଂଶୁ କର, ଜିପିଓ ନିରଞ୍ଜନ ଦାସ ଓ ବ୍ଲକ ମୁଖ୍ୟ ଦପ୍ତରୀ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ଗଣମାଧ୍ୟମରେ ଖବରଦାତାମାନଙ୍କ ଭୂମିକା ଉପରେ ମତ ରଖିଥିଲେ। ପ୍ରେସ୍ କ୍ଲବର ସମ୍ପାଦକ ପ୍ରମୋଦ କୁମାର ଦାସ ସମ୍ପାଦକୀୟ ଅଭିଭାଷଣ ରଖିଥିବାବେଳେ ଉପସଭାପତି ସୁବାସ ସାହୁ ଓ ସହ ସମ୍ପାଦକ ହିମାଂଶୁ ନାୟକ ସକ୍ରିୟ ସହଯୋଗ କରିଥିଲେ। କୋଷାଧ୍ୟକ୍ଷ ବିଚିତ୍ରାନନ୍ଦ ବେହେରା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଶୁଭେନ୍ଦୁ ପ୍ରସାଦ ଚୌଧୁରୀ, ଶୁଭେନ୍ଦୁ ଦାସ, ସୂର୍ଯ୍ୟକାନ୍ତ ଦାସ, ପ୍ରମୋଦ ସ୍ୱାଇଁ, ରାଜେନ୍ଦ୍ର ନାୟକ, ମନୋଜ ଦାସ, କମଳ ଲୋଚନ ସାମଲ, ବିଶ୍ୱଜିତ ପ୍ରଧାନ ଓ ସୁନନ୍ଦା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ବଳିଷ୍ଠ ଗଣମାଧ୍ୟମ ରାଷ୍ଟ୍ର ଗଠନରେ ସହାୟକ



ଜିଲାସ୍ତରୀୟ ପ୍ରେସ୍ ଦିବସରେ ପ୍ରଶାସନିକ ଅଧିକାରୀ ଓ ଖବରଦାତାମାନେ।

**କେନ୍ଦ୍ରାପଡ଼ା ଅଫିସ, ୧୬।୧୧**

ଏକ ବଳିଷ୍ଠ ଓ ଶକ୍ତିଶାଳୀ ଗଣମାଧ୍ୟମ ସମାଜକୁ ଆଗେଇ ନେଇଥାଏ। ସତ୍ୟନିଷ୍ଠ, ନିରପେକ୍ଷ ଓ ପ୍ରତିବଦ୍ଧ ଗଣମାଧ୍ୟମ ସର୍ବଦା ଜନମତକୁ ଜାଗ୍ରତ କରିଥାଏ। ସମାଲୋଚନା ଗଠନମୂଳକ ହେଲେ ରାଷ୍ଟ୍ର ଗଠନରେ ସହାୟକ ହେବ ବୋଲି ଜାତୀୟ ପ୍ରେସ୍ ଦିବସରେ ବୁଧବାର ମତପ୍ରକାଶ ପାଇଛି। ଡିଆରଡିଏ ହଲ୍ ପରିସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଏଡିଏମ୍ ପୀତାମ୍ବର ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଯେ, ଶୀଘ୍ର ପ୍ରକାଶନ ଉଦ୍ଦେଶ୍ୟରେ ଭ୍ରମାତ୍ମକ ଓ ଉପଯୁକ୍ତ ତର୍ଜମା ବିହୀନ ଖବର ପ୍ରକାଶ କରିବା ବାଞ୍ଛନୀୟ ନୁହେଁ। ତଥ୍ୟଭିତ୍ତିକ ଖବର ନାଗରିକ ଆଦୃତି ଓ ଜନମତ ଜାଗୃତିରେ ସହାୟକ ହେବ। ଏହା ପ୍ରଶାସନ ଓ ବ୍ୟବସ୍ଥାକୁ ଦିଗଦର୍ଶନ ଦେଇଥାଏ ବୋଲି ଏଡିଏମ୍ ସାମଲ ପ୍ରକାଶ କରିଥିଲେ। ଏହି ଆଲୋଚନା ଚକ୍ରରେ ବରିଷ୍ଠ ଖବରଦାତା ପରିକ୍ଷିତ ପାତ୍ର, ଶିବାଶିଷ ମହାନ୍ତି, ଚିତ୍ତରଞ୍ଜନ ଦାସ, ରବି ନାରାୟଣ ପତି, ଅସିତ କୁମାର ପଣ୍ଡା, ପ୍ରଶାନ୍ତ କୁମାର ନାୟକ, ମହେଶ କୁମାର ପାଢ଼ୀ, ପଦ୍ମ୍ୟୁମ୍ନ ରାଉତ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ସେମାନେ କହିଥିଲେ ଯେ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ସ୍ୱରକୁ ଚାପି ଦେବାକୁ ଚେଷ୍ଟା ଜାରି ରହିଛି। ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କ କାର୍ଯ୍ୟକଳାପ ଅସହିଷ୍ଣୁତାର ସୀମା ଟପୁଛି। ଗଣମାଧ୍ୟମ ପାଇଁ ଲକ୍ଷ୍ମଣରେଖା ନ ଥିବା ନିକଟରେ ସୁପ୍ରିମକୋର୍ଟ ଏକ ରାୟରେ ଉଲ୍ଲେଖ କରିଛନ୍ତି। ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଯଥେଷ୍ଟ ଭୂମିକା ଅଛି। ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେମାନେ ମତ ରଖିଥିଲେ। ଏଡିପିଆର୍‌ଓ ଅଶୋକ କୁମାର ସିଂ ଆଲୋଚନାଚକ୍ରକୁ ପରିଚାଳନା କରିଥିବା ବେଳେ ବିଭାଗୀୟ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## ବଡ଼ଚଣା ବିଡ଼ିଓଙ୍କୁ ଦାୟିତ୍ୱ ମୁକ୍ତ କଲେ ଜିଲାପାଳ

**ଚଣ୍ଡିଖୋଲ,୧୬।୧୧(ଡି.ଏନ.ଏ.)**

ବଡ଼ଚଣା ବିଡ଼ିଓ ଅଜିତ୍ ନାରାୟଣ ପ୍ରସାଦଗିରିଙ୍କର ଅକ୍ଟୋବର ୨୧ତାରିଖରେ ବଦଳି ହୋଇଥିଲା। ତେବେ ତାଙ୍କ ସ୍ଥାନରେ କୌଣସି ଅଧିକାରୀଙ୍କୁ ବିଡ଼ିଓ ଭାବେ ଯୋଗଦେବାକୁ ସିଦ୍ଧାନ୍ତ ନ ହୋଇଥିବାରୁ ଗିରି ଆଜି ପର୍ଯ୍ୟନ୍ତ କାମ କରି ଆସୁଥିଲେ। ତାଙ୍କର ବଦଳି ସ୍ଥାନକୁ ଯାଉ ନ ଥିଲେ। ଯାହାକୁ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ବୁଧବାର ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀସିଂହ ରାଠୋର ପତ୍ର ସଂଖ୍ୟା -୫୨୮୬ରେ ତାଙ୍କୁ ଭାରମୁକ୍ତ କରି ଧର୍ମଶାଳା ବିଡ଼ିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଅତିରିକ୍ତ ନିଯୁକ୍ତି ଦେଇଛନ୍ତି। ବୁଧବାରଠାରୁ ଧର୍ମଶାଳା ବିଡ଼ିଓ କାର୍ଯ୍ୟଭାର ଗ୍ରହଣ କରିବେ ବୋଲି ଚିଠିରେ ଉଲ୍ଲେଖ ରହିଥିବା ସହ ଗିରି ତୁରନ୍ତ ତାଙ୍କ ନିଜସ୍ୱ ନୂତନ ସ୍ଥାନରେ ଯୋଗଦେବାକୁ ଚିଠିରେ ଉଲ୍ଲେଖ ରହିଛି। ଜିଲାପାଳଙ୍କ ଏହି ନିର୍ଦ୍ଦେଶନାମା ବଡ଼ଚଣାରେ ଚର୍ଚ୍ଚାର ବିଷୟ ପାଲଟିଛି।

# ବଡ଼ବେତରା ପଞ୍ଚାୟତ କାର୍ଯ୍ୟାଳୟରେ ରକ୍ତଦାନ ଶିବିର



**ଡେରାବିଶ/ପାଟକୁରା, ୧୬।୧୧(ସ୍ୱପ୍ର./ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଅନ୍ତର୍ଗତ ବଡ଼ବେତରା ପଞ୍ଚାୟତ କାର୍ଯ୍ୟାଳୟରେ ସମ୍ପ୍ରତି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବଡ଼ବେତରା ପଞ୍ଚାୟତ ଓ ରାୟ ଫାଉଣ୍ଡେଶନ୍ ୱେଲ୍‌ଫେୟାର ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ ଉଦ୍‌ଘାଟନ କରିଥିଲେ। ଏଥିରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ସରପଞ୍ଚ ସଂଯୁକ୍ତା ମହାପାତ୍ର, ଫାଉଣ୍ଡେଶନର ଟ୍ରଷ୍ଟି ବିଜନ ରାୟ ଓ ସ୍ମିତା ରାୟ, ସାମାଜିକ କର୍ମୀ କିଶୋର ମହାପାତ୍ର, ଇଂ. ନଳିନୀକାନ୍ତ ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାୟ ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଭଳି ମହତ ଦାନ କାର୍ଯ୍ୟକ୍ରମକୁ ବିଭିନ୍ନ ସ୍ଥାନରେ ଶିବିର ଅନୁଷ୍ଠିତ କରୁଥିବାରୁ ପ୍ରଶଂସା କରିଥିଲେ। ଏହି ଶିବିରରେ ୬୦ ୟୁନିଟ୍‌ରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇଥିଲା। କେନ୍ଦ୍ରାପଡ଼ା ବ୍ଲଡ ବ୍ୟାଙ୍କ ପକ୍ଷରୁ ରାକେଶ କୁମାର ମିଶ୍ର, ସୌମ୍ୟରଞ୍ଜନ ସେଠୀ, ମନୋଜ କୁମାର ଦାସ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମକୁ ମନୋରଞ୍ଜନ ପରିଡା, ସେକ୍ ମେହେରବାନ୍, ଆଲୋକ ମାହାଳି, ସରୋଜ କୁମାର କର ଓ ସ୍ଥାନୀୟ ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଆଳିରେ କୃଷି ସମବାୟ ସେବା ସମିତିର ବୈଠକ

**ଆଳି,୧୬।୧୧(ଡି.ଏନ.ଏ.)**




ବୈଠକରେ ଯୋଗଦେଇଥିବା ଭାଜପା ନେତାମାନେ।

ଆଳି ନିର୍ବାଚନମଣ୍ଡଳୀ ସ୍ତରୀୟ ସମବାୟ ପ୍ରକୋଷ୍ଠର ବୈଠକ ଚଣ୍ଡିଆଗଡ଼ି ପଞ୍ଚାୟତ ବୈଦିମାଳଠାରେ ଥିବା ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ଭାଜପା ସମବାୟ ସେବା ସମିତିର ସଂଯୋଜକ ବ୍ରଜସୁନ୍ଦର ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭାଜପାର ଆଗଧାଡିର ନେତୃତ୍ୱଙ୍କ ସମେତ କର୍ମୀମାନେ ଯୋଗ ଦେଇଥିଲେ।

ଏଥିରେ ଆଳି ଓ ରାଜକନିକା ବ୍ଲକରେ ଥିବା ୨୭ଟି ସମବାୟ ସମିତିରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହେଉଥିବା ସମ୍ପର୍କରେ ଉପସ୍ଥିତ ନେତୃବୃନ୍ଦ ପ୍ରକାଶ କରିଥିଲେ। ଆଗାମୀଦିନରେ ଏହା ବିରୋଧରେ ଆନ୍ଦୋଳନ କରାଯିବାକୁ ଭାଜପା ନେତା ଭୂୟାଁ ଘୋଷଣା କରିଥିଲେ। ଆଗାମୀଦିନରେ ନିର୍ବାଚନ ମଣ୍ଡଳୀର ସମସ୍ତ ୭ ଟି ଜୋନରେ ସଂଯୋଜକ ନିଯୁକ୍ତି କରାଯାଇ ସମବାୟ ଆନ୍ଦୋଳନକୁ ବ୍ୟାପକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ସେଠୀ, ବୈକୁଣ୍ଠ ପରିଡା, କରୁଣାକର ତ୍ରିପାଠୀ, ରଞ୍ଜନ ମହାନ୍ତି, ସୁବାସ ପାତ୍ର, ଦେବାଶିଷ କୁଅଁର, ରାଜେନ୍ଦ୍ର ସାମଲ, ପରେଶ ଦାସ, ଶ୍ରୀକାନ୍ତ ପାଣ୍ଡବ, ନବଘନ ପଳାର, ମଦନ ସେଠୀ, ଯଯାତି ସାମଲ, ଉତ୍କଳ ସାମଲ, ବରାହ ପଣ୍ଡା, ଅରବିନ୍ଦ ମଥାନ, ଯଯାତି ପଟ୍ଟନାୟକ, ବିଜୟ ସାହୁ, ସୁଧୀର ବେହେରା, ମନୋଜ ମଲ୍ଲିକ, ରାଜେନ୍ଦ୍ର ବେହେରା, ଅକ୍ଷୟ ଦାସଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଆଳି ସଂଯୋଜକ ହିମାଂଶୁ ପରିଡା ଧନ୍ୟବାଦ ଦେଇଥିବା ବେଳେ ପରେଶ ଦାସ, ବିଜୟ ସାହୁ, ଜଗନ୍ନାଥ କଣ୍ଟ, ଅଞ୍ଜନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଆହତ ବୃଦ୍ଧଙ୍କ ମୃତ୍ୟୁ

**ପାଣିକୋଇଲି,୧୬।୧୧(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଗୋଲେଇପୁର ଛକ ନିକଟରେ ମଙ୍ଗଳବାର ବାଇକ୍ ଦୁର୍ଘଟଣାରେ ଆହତ ସାନ ବିରୁହାଁ (ଟିକର) ଗ୍ରାମର ଅଙ୍କୁର ବେହେରା (୫୮)ଙ୍କୁ ପୋଲିସ ପାଟ୍ରୋଲିଂ ଗାଡ଼ିରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଯାଇଥିଲା । ତେବେ କଟକ ଯିବା ବାଟରେ ଅଙ୍କୁରଙ୍କ ମୃତ୍ୟୁ ଘଟିଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ଜାତୀୟ ସମ୍ପତ୍ତିର ସୁରକ୍ଷା ପାଇଁ ସୈନିକ ସାଜନ୍ତୁ ଖବରଦାତା

**ରାଜନଗର, ୧୬।୧୧(ଡି.ଏନ.ଏ.)**

ରାଜନଗର ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ବୁଧବାର ପାଳିତ ହୋଇଯାଇଛି। ରାଜନଗର ବ୍ଲକ ତ୍ରିନାଥବଜାରସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟଙ୍କ ପୌରୋହିତ୍ୟରେ ୫୬ତମ ଜାତୀୟ ପ୍ରେସ ଦିବସ ପାଳିତ ହୋଇଥିଲା। ମଖ୍ୟ ଅତିଥି ଭାବେ ରାଜନଗର ଡିଏଫ୍‌ଓ ସଦର୍ଶନ ଗୋପୀନାଥ ଯାଦବ ଯୋଗଦେଇ ଗଣମାଧ୍ୟମ ଗଣଙ୍କ ଉତ୍ତର ଦାୟିତ୍ୱ ବହନ କଲେ ଶ୍ରେଷ୍ଠ ସମାଜ ଗଠନରେ ସହାୟକ ହେବ। ଭିତରକନିକା ଓ ଗହୀରମଥା ଆମର ଜାତୀୟ ସମ୍ପତ୍ତି। ଗଣମାଧ୍ୟମର ପ୍ରତିନିଧିମାନେ ଜାତୀୟ ସମ୍ପତ୍ତିକୁ ସୁରକ୍ଷା ପାଇଁ ସୈନିକ ସାଜନ୍ତୁ ବୋଲି କହିଥିଲେ। ଏଥିରେ କେନ୍ଦ୍ରାପଡା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଆଇଆଇସି ଶ୍ରୀକାନ୍ତ କୁମାର ବାରିକ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଅବସରପ୍ରାପ୍ତ ପ୍ରାଧ୍ୟାପକ ସତ୍ୟବାଦୀ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମାଜର ବିକାଶରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତୃଣମୂଳସ୍ତରରେ ଲୋକଙ୍କର ସ୍ୱରକୁ ଉତ୍ଥାପନ କରିବାରେ ଗଣମାଧ୍ୟମ ତାର ଦାୟିତ୍ୱ ତୁଲାଇ ଆସୁଛି। ମହାମାରୀ କରୋନା ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ନିଜ ଜୀବନକୁ ବାଜି ଲଗାଇ ଆଗଧାଡିରେ ଯୋଦ୍ଧା ସାଜି ନିୟମିତ ଖବର ଲୋକଙ୍କ ପାଖରେ ପହଞ୍ଚାଉଥିଲେ। ଗଣମାଧ୍ୟମ ଯେତେ ସ୍ୱାଧୀନ ହେବ, ଗଣତନ୍ତ୍ର ସେତେ ସୁଦୃଢ଼ ହେବ ବୋଲି ବକ୍ତାମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବସନ୍ତ କୁମାର ହାତି, ଜଗନ୍ନାଥ ଦାସ, ପବିତ୍ର ବ୍ରହ୍ମପୁତ୍ର ନାୟକ ନିଜର ମତ ରଖିଥିବା ବେଳେ ସାମ୍ବାଦିକ ଦୋଳ ଗୋବିନ୍ଦ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସାମ୍ବାଦିକ ବ୍ରଜ କିଶୋର ମିଶ୍ର, ସୂର୍ଯ୍ୟ ନାରାୟଣ ଲେଙ୍କା, ତାପସ କୁମାର ପରିଡା, କୃତ୍ତିବାସ ପ୍ରଧାନ, ରଞ୍ଜନ କୁମାର ପ୍ରଧାନ, ତ୍ରିଲୋଚନ ଦାସ, ରତିକାନ୍ତ ବିଶ୍ୱାଳ, ଜଗନ୍ନାଥ ବିଶ୍ୱାଳ, ଅଲେଖ କୁମାର ପରିଡା, ଅଭିରାମ ଦାସ, ନିରଞ୍ଜନ ରାଉତ, ପିଣ୍ଟୁ ମହାରଣା, ରାଜେନ୍ଦ୍ର କୁମାର ପଡିହାରୀ ପ୍ରମୁଖ ଯୋଗଦେଇଥିଲେ।




ରାଜନଗରରେ ଅନୁଷ୍ଠିତ ପ୍ରେସ୍ ଦିବସରେ ଉପସ୍ଥିତ ଅତିଥି ଓ ଖବରଦାତାମାନେ।

# ସାନମୋହନପୁର ଉତ୍କଳମଣି ନୋଡାଲ ସ୍କୁଲ ଅବସ୍ଥା ଶୋଚନୀୟ

**ପଟ୍ଟାମୁଣ୍ଡାଇ, ୧୬।୧୧(ସ୍ୱ.ପ୍ର.)**

ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଆରୋପ କରି ମୋ ସ୍କୁଲ ଅଭିଯାନ ସହ ସ୍କୁଲ ରୂପାନ୍ତକରଣ କାର୍ଯ୍ୟ ହାତକୁ ନେଇଛନ୍ତି। ମାତ୍ର ସରକାରଙ୍କ ଦୃଷ୍ଟି ଆଢୁଆଳରେ ଅନେକ ସ୍କୁଲ ଅବହେଳିତ ଅବସ୍ଥାରେ ରହିଛି ଯାହାର ନିଛକ ପ୍ରତିଛବି ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୋହନପୁର ପଞ୍ଚାୟତ ସାନମୋହନପୁର ଉତ୍କଳମଣି ନୋଡାଲ ଉପ୍ରା ସ୍କୁଲର ଶୋଚନୀୟ ଅବସ୍ଥା ଦେଖିଲେ ସ୍ପଷ୍ଟ ପ୍ରତୀୟମାନ ହେଉଛି। ଏହି ସ୍କୁଲର ବହୁ ପୁରାତନ ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ। ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ସ୍କୁଲରେ ୮୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଉତ୍ତମ ଶିକ୍ଷାଦାନ ପାଇଁ ୮ ଜଣ ଶିକ୍ଷକ ଆବଶ୍ୟକ ହେଉଥିବାବେଳେ ମାତ୍ର ୩ ଜଣ ଶିକ୍ଷକ ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବାକୁ ଆବଶ୍ୟକ ଶ୍ରେଣୀ ଗୃହର ଅଭାବ ରହିଛି। ଦୁଇଟି ଶ୍ରେଣୀ ଗୃହ ବିପଦଜନକ ଅବସ୍ଥାରେ ଥିବାରୁ ତାହାକୁ ବନ୍ଦ ରଖାଯାଇଛି। ଏଥିସହ ସ୍କୁଲ ଅଫିସ ଗୃହ ମଧ୍ୟ ଶୋଚନୀୟ ହୋଇପଡିଛି। ଶ୍ରେଣୀ ଗୃହ ଅଭାବରୁ ୮ମ ଶ୍ରେଣୀରେ ପିଲାମାନେ ପାଠ ପଢି ପାରୁନାହାନ୍ତି। ନିକଟରେ ଉକ୍ତ ପଞ୍ଚାୟତର ସମିତିସଭ୍ୟ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ସ୍କୁଲରେ ନବନିର୍ମିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚନ କରିବାକୁ ଯାଇଥିବାବେଳେ ସ୍କୁଲର ଶୋଚନୀୟ ଅବସ୍ଥା ସମ୍ପର୍କରେ ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ସରପଞ୍ଚ ଯଶୋମତି ରାଉତ, ସାନଜରିଆ ସୋସାଇଟି ସଭାପତି ନିକୁଞ୍ଜ ଦାଶ, ରାମଚନ୍ଦ୍ର ରାଉତ, ସ୍କୁଲ ପରିଚାଳନା କମିଟି ସଭାପତି ରମାକାନ୍ତ ଦାସ, ପ୍ରଧାନ ଶିକ୍ଷକ ଅଭିରାମ ସାହୁ, ଶିକ୍ଷାବିତ ବ୍ରହ୍ମାନନ୍ଦ ସାମନ୍ତରାୟ, ସୂର୍ଯ୍ୟକାନ୍ତ ରାଉତ, ଆରସିଏମ୍‌ଏସ୍ ସଭାପତି କିଶୋର ଜେନା ଓ ସଂଗ୍ରାମ ସ୍ୱାଇଁ ପ୍ରମୁଖ ସ୍କୁଲର ଶୋଚନୀୟ ଅବସ୍ଥା ସମ୍ପର୍କରେ ବ୍ଲକ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ଅଧ୍ୟକ୍ଷ ସାମନ୍ତରାୟ ସ୍କୁଲର ଶୋଚନୀୟ ଅବସ୍ଥା ସମ୍ପର୍କରେ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ।




ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ଓ ଅନ୍ୟମାନେ ବିଦ୍ୟାଳୟର ସ୍ଥିତି ପରଖୁଛନ୍ତି।

## ଏଲ୍ଆଇସିର ବଜାର ଅଂଶରେ ବୃଦ୍ଧି

ନୂଆଦିଲ୍ଲୀ: ଭାରତୀୟ ଜୀବନବୀମା ନିଗମ (ଏଲ୍ଆଇସି)ର ବଜାର ଅଂଶ ବୃଦ୍ଧି ପାଇଛି। ଏପରିକି ନୂଆ ପ୍ରିମିୟମ ବ୍ୟବସାୟରେ ଏଲ୍ଆଇସିର ବଜାର ଅଂଶ ୨୦୨୨-୨୩ ଆର୍ଥିକ ବର୍ଷର ଅକ୍ଟୋବର ଶେଷ ସୁଦ୍ଧା ପ୍ରାୟ ୬୮% (୬୭.୭୨%) ରେ ପହଞ୍ଚିଛି। ବିଶେଷ କରି ପୂର୍ବ ଆର୍ଥିକ ବର୍ଷ ତୁଳନାରେ ନିଗମର ବଜାର ଅଂଶ ୪% (୪.୪୭%) ରୁ ଅଧିକ ବୃଦ୍ଧି ଘଟିଛି। ମୁଖ୍ୟତଃ ଗ୍ରୁପ୍ ବିଜ୍ନେସ୍‌ରେ ବୃଦ୍ଧି ଯାଗୁ ଏହା ସମ୍ଭବ ହୋଇପାରିଛି ବୋଲି ନିଗମ ପକ୍ଷରୁ କୁହାଯାଇଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସାଇ ଶୁଭମ୍ ପରିବାରବର୍ଗ


ଅଂଶୁମାନ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଷ୍ଟ୍ରବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣପତ୍ର ପ୍ରୋତ୍ସାହନ ଅଭିଯାନ

### ୧୯ରେ କଟକ, ଆଜି ବାଲେଶ୍ୱରରେ ଶିବିର

ଭୁବନେଶ୍ୱର,୧୬।୧୧

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଏକ ଡିଜିଟାଲ ଜୀବନ ପ୍ରମାଣପତ୍ର ପଞ୍ଜୀକରଣ ଶିବିର ଆୟୋଜିତ ହୋଇଯାଇଛି। ଏପରିକି ପେନ୍‌ସନ ଏବଂ ପେନ୍‌ସନଭୋଗୀ କଲ୍ୟାଣ ବିଭାଗ ଓ ଏସ୍‌ବିଆଇ ସିପିପିସି ଭୁବନେଶ୍ୱର ସହଭାଗିତାରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭାରତ ସରକାରଙ୍କ ଅନୁ ସଚିବ ବିଶାଲ କୁମାର,ୟୁଆଇଡିଏଆଇର ବରିଷ୍ଠ ଅଧିକାରୀ, ଏସ୍‌ବିଆଇର ଡିଜିଟାଲ ଏବଂ ଟ୍ରାଞ୍ଜାକ୍ସନ ବ୍ୟାଙ୍କିଙ୍ଗ୍ ବିଭାଗ ଡିଜିଏମ୍ ଅମରେନ୍ଦ୍ର କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶେଷକରି ଜୀବନ ପ୍ରମାଣ ଆପ୍ ଦ୍ୱାରା ଫେସ୍ ଅଥେଣ୍ଟିକେସନ ଟେକ୍ନୋଲୋଜିର ବ୍ୟବହାର କରାଯାଇ ଜୀବନ ପ୍ରମାଣପତ୍ର ବା ଲାଇଫ୍ ସାର୍ଟିଫିକେଟ ଦାଖଲ କରାଯାଇଥିଲା।




ସେହିଭଳି ପେନ୍‌ସନଭୋଗୀଙ୍କୁ ଜୀବନ ପ୍ରମାଣପତ୍ର ଦାଖଲ ସୁବିଧା ପ୍ରଦାନ କରିବା ଲାଗି ଭାରତ ସରକାରଙ୍କ ପକ୍ଷରୁ ଏଭଳି ଏକ ନୂଆ ପ୍ରୟାସ ଆରମ୍ଭ କରାଯାଇଛି। ପେନ୍‌ସନଭୋଗୀମାନେ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଫେସ୍ ଅଥେଣ୍ଟିକେଶନ ପ୍ରଯୁକ୍ତି ବ୍ୟବହାରକରି ମଧ୍ୟ ପେନ୍‌ସନଭୋଗୀମାନେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଏହାଛଡ଼ା ଆଣ୍ଡ୍ରଏଡ୍ ଅପରେଟିଂ ସିଷ୍ଟମ ଥିବା ସ୍ମାର୍ଟଫୋନରେ ଜୀବନ ପ୍ରମାଣ ମୋବାଇଲ ଏପ୍ଲିକେଶନ ମାଧ୍ୟମରେ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ ଦାଖଲ କରାଯାଇପାରିବ। ଉପରୋକ୍ତ ଯୋଜନା ସମ୍ପର୍କରେ ବ୍ୟାପକ ପ୍ରଚାରପ୍ରସାର କରିବା ଲାଗି ଭାରତ ସରକାରଙ୍କ ପେନ୍‌ସନ ଏବଂ ପେନ୍‌ସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ କେନ୍ଦ୍ରୀୟ ପେନ୍‌ସନଭୋଗୀଙ୍କ ପାଇଁ ରାଷ୍ଟ୍ରବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣପତ୍ର ପ୍ରୋତ୍ସାହନ ଅଭିଯାନ ଆରମ୍ଭ କରାଯାଇଛି।

ସେହିପରି ପେନ୍‌ସନ ଏବଂ ପେନ୍‌ସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ଦେଶର ୩୭ଟି ଏବଂ ଓଡ଼ିଶାର ୩ଟି ସହରରେ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ ଦାଖଲ ଶିବିରର ଆୟୋଜନ କରାଯାଉଛି। ଭୁବନେଶ୍ୱର, କଟକ ଏବଂ ବାଲେଶ୍ୱରଠାରେ ଏହି ସଚେତନତା ଶିବିର ଆୟୋଜନ ହେଉଛି। ସୂଚନାଯୋଗ୍ୟ, ଆଜି (ନଭେମ୍ବର ୧୭) ବାଲେଶ୍ୱରଠାରେ ଏବଂ ନଭେମ୍ବର ୧୯ରେ ଉକ୍ତ କାର୍ଯ୍ୟକ୍ରମ କଟକଠାରେ ମଧ୍ୟ ଆୟୋଜନ କରାଯାଉଛି।

# ନୁଭୋକୋ ପ୍ଲାଣ୍ଟକୁ ଗ୍ରୀନ୍ ପ୍ରୋ ଇକୋଲେବଲ ସ୍ୱୀକୃତି

ନୂଆଦିଲ୍ଲୀ,୧୬।୧୧

ଦେଶର ପ୍ରମୁଖ ସିମେଣ୍ଟ କମ୍ପାନୀ ନୁଭୋକୋ ଭିଷ୍ଟାସ୍ କର୍ପୋରେଶନ ଲିମିଟେଡ୍(ଏନ୍‌ଭିସିଏଲ୍)ର ୬ଟି ରେଡି-ମିକ୍ସ କଂକ୍ରିଟ ପ୍ଲାଣ୍ଟକୁ ସମ୍ମାନଜନକ ଗ୍ରୀନ୍ ପ୍ରୋ ପ୍ରମାଣପତ୍ର ମିଳିଛି। ବିଶେଷକରି କମ୍ପାନୀର ପାଟେନଚେରୁ, ମିୟାପୁର(ହାଇଦ୍ରାବାଦ), ହ୍ୱାଇଟ୍‌ଫିଲ୍ଡ (ବେଙ୍ଗାଲୁରୁ), ସନଥଲ୍ (ଗୁଜରାଟ), ନୋଏଡା (ଉତ୍ତରପ୍ରଦେଶ) ଏବଂ ଗୁର୍‌ଗାଓଁ (ହରିୟାଣା)ଠାରେ ଅବସ୍ଥିତ ପ୍ଲାଣ୍ଟକୁ ଉପରୋକ୍ତ ସ୍ୱୀକୃତି ପ୍ରଦାନ କରାଯାଇଛି। ଏପରିକି ଉପରୋକ୍ତ ପ୍ଲାଣ୍ଟଗୁଡ଼ିକ ଇକୋ ଡ୍ୟୋର-ଗ୍ରୀନ୍ କଂକ୍ରିଟ ଉତ୍ପାଦନ ପାଇଁ ଇଣ୍ଡିଆନ ଗ୍ରୀନ୍ ବିଲ୍ଡିଂ କାଉନସିଲ (ଆଇଜିବିସି-ସିଆଇଆଇ) ଦ୍ୱାରା ଗ୍ରୀନ୍ ପ୍ରୋର ମାନ୍ୟତା ହାସଲ କରିଛି। ସେହିଭଳି ଗ୍ରୀନ ପ୍ରୋ ଇକୋଲେବଲ ଗ୍ଲୋବାଲ ଇକୋଲେବଲ ନେଟ୍‌ୱର୍କ (ଜିଇଏନ୍) ଦ୍ୱାରା ଜେନିସେସ୍ (ଜିଇଏନ ଇଣ୍ଟରନ୍ୟାଶନାଲ କୋ-ଅର୍ଡିନେଟେଡ୍ ଇକୋଲେବଲ ସିଷ୍ଟମ) ମାଧ୍ୟମରେ ମାନ୍ୟତା ଲାଭ କରିଛି। ଏ ସମ୍ପର୍କରେ ନୁଭୋକୋ ଭିଷ୍ଟାସ୍ କର୍ପୋରେଶନ ଲିମିଟେଡ୍‌ର ଚିଫ୍ ଷ୍ଟ୍ରାଟେଜି ଏବଂ ମାର୍କେଟିଂ ଅଫିସର ମଧୁସ୍ମିତା ବାସୁ କହିଛନ୍ତି, କମ୍ପାନୀର କନ୍‌ଷ୍ଟ୍ରକ୍ସନ ଡେଭଲପମେଣ୍ଟ ଏବଂ ଇନୋଭେସନ ସେଣ୍ଟରରୁ ଅଭିନବ ଏବଂ ସ୍ଥାୟୀ ଉତ୍ପାଦ ଉଭୟ ଅଂଶୀଦାର ଏବଂ ଗ୍ରାହକଙ୍କୁ ଯୋଗାଇ ଦେଇଆସୁଛୁ। ବିଶେଷ କରି ଆମର ହିତାଧିକାରୀଙ୍କ ପାଇଁ ମୂଲ୍ୟବୋଧ ସୃଷ୍ଟି କରିବା ପାଇଁ କମ୍ପାନୀକୁ ଏହା ହେଉଛି ଏକ ପ୍ରତିବଦ୍ଧତାର ଏକ ପ୍ରମାଣ। ପ୍ରୋଟେକ୍ଟ ଆୱାର ପ୍ଲାନେଟ୍ (ପିଓପି) ସ୍ଥାୟିତ୍ୱ ଏଜେଣ୍ଡାର ଏକ ଅଂଶ ଭାବେ ନୁଭୋକୋ ଏକ ବିସ୍ତୃତ ରଣନୀତି ପ୍ରସ୍ତୁତ କରିଛି।





ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ସନ୍ କିଙ୍ଗ୍ ଇନ୍‌ଫିନିଟିର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୧୬।୧୧

ଦେଶର ପ୍ରମୁଖ ସୋଲାର ଏନର୍ଜି ପ୍ରଡକ୍ଟ କମ୍ପାନୀ ସନ୍ କିଙ୍ଗ୍‌ର ସବ୍-ବ୍ରାଣ୍ଡ ସନ୍ କିଙ୍ଗ୍ ଇନ୍‌ଫିନିଟି ପକ୍ଷରୁ ନିକଟରେ ନୂତନ ଉତ୍ପାଦର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ନୂଆ ଏଲ୍ଇଡି ଲାଇଟିଂ ପ୍ରଡକ୍ଟ ରେଞ୍ଜର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହି ରେଞ୍ଜର ହାଇ-କ୍ୱାଲିଟି ପ୍ରଡକ୍ଟଗୁଡିକ ୩୦,୦୦୦ ଘଣ୍ଟା ପର୍ଯ୍ୟନ୍ତ ଆଲୋକ ପ୍ରଦାନ କରୁଛି। ବିଶେଷକରି ସନ୍ କିଙ୍ଗ୍ ଇନ୍‌ଫିନିଟି ରେଞ୍ଜ ୩ଟି ସବ୍-କାଟେଗୋରି ଯଥା ଇନ୍‌ଭର୍ଟର ବଲ୍‌ବ,ୱାରେଣ୍ଟି ପ୍ଲସ୍ ଏବଂ ଟ୍ରେଣ୍ଡଲାଇନ ଇତ୍ୟାଦିକୁ ନେଇ ଗଠିତ ହୋଇଛି। ଏ ସମ୍ପର୍କରେ ସନ୍ କିଙ୍ଗ୍‌ର ଏସିଆ ଓ ଲାଟିନ୍ ଆମେରିକାର ଜେନେରାଲ ମ୍ୟାନେଜର, ସାହିଲ ଖାନ୍ନା କହିଛନ୍ତି, ଗ୍ରାମୀଣ ଭାରତରେ ବିଦ୍ୟୁତୀକରଣ ବୃଦ୍ଧି ହେବା ସହ ଆମେ ମଧ୍ୟ ଆମର ବିଦ୍ୟମାନ ଅଫ୍-ଗ୍ରୀଡ୍ ସୋଲାର କାଟେଗୋରିକୁ ସମ୍ପ୍ରସାରିତ କରିଛୁ। ଏପରିକି କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ କାଟେଗୋରିକୁ ଏକ ପ୍ରାକୃତିକ ସମ୍ପ୍ରସାରଣ ଭାବେ ବିସ୍ତାର କରିବାର ସୁଯୋଗକୁ ମଧ୍ୟ ଚିହ୍ନଟ କରିଛୁ। ସେହିଭଳି କମ୍ପାନୀର ବିତରଣ ଓ ରିଟେଲ୍ ନେଟ୍‌ୱର୍କର ସମ୍ପ୍ରସାରଣ ସହ ଆମେ ମଧ୍ୟ ସମ୍ପୂର୍ଣ୍ଣ ଅପହଞ୍ଚ ସ୍ଥିତିରେ ଥିବା ଗ୍ରାମାଞ୍ଚଳ କ୍ଷେତ୍ର ସମେତ ସହରାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ପହଞ୍ଚୁଛୁ।

# ସେନ୍‌ସେକ୍ସରେ ୧୦୮ ପଏଣ୍ଟ ବୃଦ୍ଧି

ନୂଆଦିଲ୍ଲୀ,୧୬।୧୧

କ୍ରମଗାତ ୨ୟ ଦିନ ଲାଗି ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଫଳରେ ଆଶା ଓ ଆଶଙ୍କା ମଧ୍ୟରେ ଥିବା ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ କିଛି ପରିମାଣରେ ଲାଭବାନ୍ ହୋଇଛନ୍ତି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୦୮ (୧୦୭.୭୩) ପଏଣ୍ଟ ବୃଦ୍ଧି ଘଟି ୬୧,୯୮୧ (୬୧,୯୮୦.୭୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୬ (୬.୨୫) ପଏଣ୍ଟ ବଢ଼ି ୧୮,୪୧୦ (୧୮,୪୦୯.୬୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ସେହିଭଳି ବୁଧବାର ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧% ଅଭିବୃଦ୍ଧି ଘଟିଛି। ବିଶେଷକରି କୋଟାକ ମହିନ୍ଦ୍ରା ବ୍ୟାଙ୍କ ସର୍ବାଧିକ ଲାଭବାନ୍ ହୋଇଥିବା ବେଳେ ଏଚ୍‌ୟୁଏଲ୍,ଡକ୍ଟର ରେଡ୍ଡୀ ଲାବ୍,ଟିସିଏସ୍, ଏୟାରଟେଲ, ଏଚ୍‌ଡିଏଫ୍‌ସି (ବ) ଏଚ୍‌ଡିଏଫସି (ଏଚ୍), ପାୱାର ଗ୍ରୀଡ୍ ସମେତ ସନ୍ ଫାର୍ମା ଏବଂ ଇନ୍‌ଫୋସିସ୍ ଓ ଏଲ୍ଆଣ୍ଡଟି ଭଳି ନିବେଶକଙ୍କ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଛି।

# ଏସ୍‌ବିଆଇର ଋଣ ସୁଧ ହାର ବୃଦ୍ଧି

ନୂଆଦିଲ୍ଲୀ,୧୬।୧୧

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଋଣ ସୁଧ ହାର ବୃଦ୍ଧି କରାଯାଇଛି। ଏପରିକି ବ୍ୟାଙ୍କ ୧୦ ରୁ ୧୫ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ଋଣ ସୁଧ ହାର ବୃଦ୍ଧି କରିଛି। ଫଳରେ ଏସ୍‌ବିଆଇରୁ ଋଣ କରିବାକୁ ହେଲେ ଗ୍ରାହକଙ୍କୁ ଅଧିକ ପରିମାଣରେ ସୁଧ ଗଣିବାକୁ ହେବ। ଏହାଦ୍ୱାରା ଋଣଗ୍ରହୀତାମାନେ ମାସିକ କିସ୍ତି ବାବଦରେ ଅଧିକ ଅର୍ଥ ପଇଠ କରିବାକୁ ହେବ। ଏପରିକି ବର୍ଦ୍ଧିତ ସୁଧ ହାରକୁ ବ୍ୟାଙ୍କ ନିକଟରେ କାର୍ଯ୍ୟକାରୀ କରିଛି। ଉଲେଖଯୋଗ୍ୟ, ପୂର୍ବରୁ ବ୍ୟାଙ୍କ ସେପ୍ଟେମ୍ବର ୧୫ରେ ମଧ୍ୟ ତା'ର ଏମ୍‌ସିଏଲ୍‌ଆର୍‌ରେ ୦.୨୫% ବୃଦ୍ଧି କରିଥିଲା।

# ଉତ୍ପାଦନକୁ ହଁ, ବିକ୍ରିକୁ ନା

ନୂଆଦିଲ୍ଲୀ,୧୬।୧୧

ଅନ୍ତଃରାଷ୍ଟ୍ରୀୟ ସାମଗ୍ରୀ ଉତ୍ପାଦକ କମ୍ପାନୀ 'ଜନ୍‌ସନ୍ ଆଣ୍ଡ ଜନ୍‌ସନ୍'ର ବେବି ପାଉଡର ଗୁଣାତ୍ମକ ମାନକୁ ନେଇ ଉଭୟ ଭାରତ ଏବଂ ବିଦେଶରେ ମଧ୍ୟ ବିବାଦ ଦେଖାଦେଇଛି। ଏପରିକି କମ୍ପାନୀ ବିରୋଧରେ ମହାରାଷ୍ଟ୍ର ସରକାର କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଉକ୍ତ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି କମ୍ପାନୀ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସେହିଭଳି ବୁଧବାର କୋର୍ଟ କମ୍ପାନୀ ଦ୍ୱାରା ପ୍ରସ୍ତୁତ ବେବି ପାଉଡର ନମୁନାର ନୂତନ ପରୀକ୍ଷଣ ପାଇଁ ଜନ୍‌ସନ୍ ଆଣ୍ଡ ଜନ୍‌ସନ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ବେବି ପାଉଡର ଉତ୍ପାଦନ କରିବାକୁ କୋର୍ଟ କମ୍ପାନୀକୁ ଅନୁମତି ଦେଇଥିଲେ ମଧ୍ୟ ମହାରାଷ୍ଟ୍ର ସରକାରଙ୍କ ଆଦେଶ ଅନୁଯାୟୀ ଏହାକୁ ବିକ୍ରି ନ କରିବାକୁ କମ୍ପାନୀକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ମହାରାଷ୍ଟ୍ର ସରକାରଙ୍କ ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଏଫ୍‌ଡିଏ)ର ଯୁଗ୍ମ କମିଶନର ଏବଂ ଲାଇସେନ୍ସ କର୍ତ୍ତୃପକ୍ଷ କମ୍ପାନୀ ବିରୋଧରେ ଏଭଳି ଆଦେଶନାମା ଜାରି କରିଥିଲେ।


# Classified Everyday
0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର ବାଲିଅନ୍ତା Police Station ପାଖରେ ଘରବାରି ପ୍ଲଟ୍ 30' Road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 9337922588. D-74152

**Gharabari plot sale. Jhintisasan, Balakati, 8700 sqft., road side. 6372755567.** D-1912

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General-350/-. 9439660381. D-74146

**Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658.** D-74145

Commercial Cum residential gharabari plot for sale in Khurda Puri Road, just 2K.M. from Khurda Collector Office, Plotsize-90'x112'.Contact Owner- 9439101373, 7750068828. D-2013

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73659

CV Raman କଲେଜ ନିକଟରେ 3150sqft. ଘରବାରି ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ- 9937910363, 9778928492. D-73661

ଭୁବନେଶ୍ୱର ଗଙ୍ଗପଡ଼ା ପିତାପଲ୍ଲୀ ପାଖରେ ୩୦ ଫୁଟ୍ ରୋଡ୍ ଘରବାଡ଼ି ପ୍ଲଟ୍ sqft.-850/- (20 plot available). 9938016295. D-74149

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200 mtr. ଦୂରତାରେ BDA yellow zone ପ୍ଲଟ୍ Boundary ସହ ମିଳୁଛି। 7848882166.** D-74142

ସତ୍ୟନଗରରେ 20000 sqft. ଘରବାରି ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ- 9937910363, 9778928492. D-73662


CONSTRUCTION

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74140




A building consists of 6 rooms (3 toilets, 3 kitchens, store rooms) with 24x7 water supply (Motor facility) on prime location of Badadanda Sahi, Old Town (Side of Baiya Kora Khai Shop), Bhubaneswar for rent. Specially for Hostel, Guest House, Coaching Centre, Patholab, Office, Godown etc. Contact: 9090077774, 9777336666. D-73729




Newly open full body massage ladies and gents. 8327740003, 8093860513. D-73999

Newly open health benefits SPA Diwali Offer @ 999/- Jaidevbihar. 9439676695. D-73663

Newly open SPA positively health benefits expert therapist, Jagamara. 7849011931. D-73664

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73995

Ayurvedic fullbody massage, refresh your mind with relaxed by expert lady therapist. Contact: 8480939300. D-2025

**AFFIDAVIT**

ଏତଦ୍ୱାରା ଘୋଷଣା କରୁଅଛି, ମୋ ନାମ ସୁରେଶ ଚନ୍ଦ୍ର ରାୟମହାପାତ୍ର ଧୀରେଶ ଚନ୍ଦ୍ର ରାୟମହାପାତ୍ରରୁ ଧୀରେଶ ଚନ୍ଦ୍ର ରାୟମହାପାତ୍ରଙ୍କୁ ପରିବର୍ତ୍ତନ ହୋଇଛି । ପିତାଙ୍କ ନାମ ସୁରେଶ ଚନ୍ଦ୍ର ରାୟମହାପାତ୍ର। ଉଭୟ ନାମଧାରୀ ବ୍ୟକ୍ତି ସମାନ ଅଟନ୍ତି । ଧ-୨୦୩୧

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନ ଶୁଭେଚ୍ଛା**


**ସାଇ ଶୁଭମ୍ ସ୍ୱାଇଁ**
ପ୍ଲଟ୍ ନଂ.୧୫୮୭, ଶାସ୍ତ୍ରୀନଗର, ଭୁବନେଶ୍ୱର
M.B.S. Public School (Std-I)
ଆଜି ତୁମର ଜନ୍ମବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଜୀବନରେ ସର୍ବଦା ସୁଖ, ଶାନ୍ତି ଭରିଦିଅନ୍ତୁ । ଶୁଭେଚ୍ଛା ସହ- ପିତା: ଶିଶିର କୁମାର ସ୍ୱାଇଁ, ମାତା- ରଶ୍ମିତା ସ୍ୱାଇଁ। ଧ-୨୦୨୧

**ଓ.ଏସ୍.ଏସ୍. କେସ୍ ନଂ. ୨୧୯୬/୨୦୧୬**
**ଜୟସେନ ପଲାଇ ଓ ଅନ୍ୟ ୩ ଜଣ ... ବାଦୀ**
**ବନାମ**
**ପ୍ରଫୁଲ୍ଲ କୁମାର ଛୋଟରାୟ ଏବଂ ଓଗେର... ପ୍ରତିବାଦୀ**
ପ୍ରାପ୍ତେଷୁ,
ପ୍ରତିବାଦୀ ନଂ. ୨- ନମିତା କୁମାରୀ ମହାପାତ୍ର, ସ୍ୱା.- ଗୋବିନ୍ଦ ଚନ୍ଦ୍ର ମହାପାତ୍ର, (୩) ଅହଲ୍ୟା ରଥ, ସ୍ୱା.- ୰ଦୁର୍ଯ୍ୟୋଧନ ରଥ, (୪) ହେମନ୍ତ ରଥ, (୫) ବାସୁଦେବ ରଥ, (୬) ନିବାସ ରଥ, ପି ୰ଦୁର୍ଯ୍ୟୋଧନ ରଥ, (୭) ନରୋତ୍ତମ ରଥ, ପି ୰ଧୋବେଇ ରଥ ସମସ୍ତଙ୍କ ବାସସ୍ଥାନ ଦାରୁଠେଙ୍ଗ, ଥା: ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା କବଲା ଅନୁସାରେ ପ୍ରତିବାଦୀ ୩ ରୁ ୭ ପର୍ଯ୍ୟନ୍ତଙ୍କ ବାସସ୍ଥାନ- ସା/ପୋ- ଗୟଳବାଙ୍କ, ଥାନା- ବାଙ୍କୀ, ଜିଲ୍ଲା: କଟକ, (୮) ବିକ୍ରମ କୁମାର ଜେନା, ପି- ବରେନ୍ଦ୍ରନାଥ ଜେନା, ସା/ପୋ- ତଭୁଜ, ଥା/ଜି- ବାଲେଶ୍ୱର।
**ନୋଟିସ**
ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀ ୨ ଠାରୁ ୮ ପର୍ଯ୍ୟନ୍ତ ବ୍ୟକ୍ତିମାନଙ୍କୁ ସି.ପି.ସି. ଅର୍ଡର - ୫, ରୁଲ୍ ୨୦ ମୁତାବକ ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ କେସ୍‌ର ଶୁଣାଣି ମାନ୍ୟବର ଶ୍ରୀଯୁକ୍ତ ବିଶ୍ୱନାଥ ସାହୁ, ଅତିରିକ୍ତ କମିଶନର, ଆଡିସନାଲ ରିଭିଜନାଲ କୋର୍ଟ ନଂ.୧ଙ୍କ ୟୁନିଟ୍-୫, ୪ର୍ଥ ମହଲା, ମୁଖ୍ୟ ବିଭାଗୀୟ ଅଧିକାରୀଙ୍କ ମହଲାରେ ଆସନ୍ତା ତା୨୧ ଡିସେମ୍ବର ୨୦୨୨ରିଖ ଦିବା ୧୧ ଘଟିକା ୩୦ ମିନିଟ ସମୟରେ ଶୁଣାଣି ନିମନ୍ତେ ଧାର୍ଯ୍ୟ କରାଯାଇଅଛି । ଜମିର ବିବରଣୀ: ମୌଜା- ପଥରଗାଡ଼ିଆ, ଥା- ଚନ୍ଦକା, ସାବକ ଖାତା ନଂ.-୨୬୯, ସାବକ ପ୍ଲଟ୍ ନଂ.-୭୧୬, ହାଲ ଖାତା ନଂ. ୯୪୧, ସାବକ ହାଲ ପ୍ଲଟ୍ ନଂ.୩୬୭୫, ଏରିଆ- ଏ୦.୦୧୦୦ ଡିସିମିଲ ସ୍ଥିତିବାନ। ଉପରୋକ୍ତ ପ୍ରତିବାଦୀ ନିଜେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପରୋକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ନିଜ ପକ୍ଷ ରଖିବେ । ଅନ୍ୟଥା ଆଇନ ଅନୁସାରେ ମୋକଦ୍ଦମା ବିଚାର କରାଯିବ।
**ସହିମୋହର ନକଲ**
**ଅତିରିକ୍ତ କମିଶନର, ଆଡିସନାଲ ରିଭିଜନ**
**କୋର୍ଟ ନଂ.୧, ଭୁବନେଶ୍ୱର**
D-2022

**ନିରୁଦ୍ଦିଷ୍ଟ**


**ନାମ- ଗୌରାଙ୍ଗ ବସନ୍ତିଆ**
ବୟସ-୩୩, ପିତା- ପୁରୁଷୋତ୍ତମ ବସନ୍ତିଆ, ଗ୍ରାମ- ଅଭୟପୁର, ଥାନା- ଧର୍ମଶାଳା, ଜିଲ୍ଲା- ଯାଜପୁର ଉପରୋକ୍ତ ନିରୁଦ୍ଦିଷ୍ଟ ବ୍ୟକ୍ତି ଗତ ୨୦୧୪ ମସିହା ଏପ୍ରିଲ ମାସ ୧୫ ତାରିଖରୁ ଯାଜପୁରରୋଡଠାରୁ କେଉଁଆଡେ ନିଖୋଜ ଅଛନ୍ତି । ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ଯେକୌଣସି ସନ୍ଧାନ ବା ତଥ୍ୟ ପାଆନ୍ତି ନିମ୍ନଲିଖିତ ଫୋନ୍ ନମ୍ବର ଓ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଉଛି । ସଠିକ୍ ତଥ୍ୟ ପ୍ରଦାନ କରିବା ବ୍ୟକ୍ତିଙ୍କୁ ଆର୍ଥିକ ରାଶି ଟ୧୦,୦୦୦/-ଙ୍କା ପୁରସ୍କୃତ କରାଯିବ। ଫୋନ ନଂ.-୯୪୩୭୩୪୨୮୫୫/ ୯୪୩୮୯୧୬୨୪୫/ ୯୪୩୮୯୧୬୪୮୭, **ଧର୍ମଶାଳା ଥାନା, ଜି.- ଯାଜପୁର ।**
ଧ-୨୦୨୮

**ଘୋଷଣାନାମା**

ଆମ୍ଭେ ଭେଙ୍କଟ ରମଣ ସ୍ୱାଇଁ, ପିତା- ୰ଯୁଧିଷ୍ଠିର ସ୍ୱାଇଁ, ସା- ସନ୍ତରା, ଥାନା- କୁଜଙ୍ଗ, ଜିଲ୍ଲା- ଜଗତ୍‌ସିଂହପୁର। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛୁ କି, କୁଜଙ୍ଗ ତହସିଲ, ମୌଜା- ସନ୍ତରାରେ ଥିବା ଖାତା ନଂ.୪୦ମ୍ବର, ପ୍ଲଟ୍ ନଂ.୨୨୮ମ୍ବର, ଏ୦.୦୯ଡି., ପ୍ଲଟ୍ ନଂ.୨୨୯ମ୍ବର ଏ୦.୦୭ଡି., ପ୍ଲଟ୍ ନଂ.୨୩୦ମ୍ବର, ଏ୦.୧୪ଡି., ପ୍ଲଟ୍ ନଂ.-୨୩୧ମ୍ବର, ଏ୦.୦୫ଡି. ମ୍ୟୁଟେସନ୍ ଖାତା ନଂ.୩୫୫/୯୨ମ୍ବର, ପ୍ଲଟ୍ ନଂ. ୨୨୮/୧୦୧୦ମ୍ବର, ଏ୦.୦୮ଡି., ଖାତା ନଂ.୩୫୫/୯୩ମ୍ବର, ପ୍ଲଟ୍ ନଂ.୨୨୮/୧୦୧୧ମ୍ବର, ଏ୦.୦୮ଡି. ସମ୍ପତ୍ତି ଉପରେ କୁଜଙ୍ଗ ସିଭିଲ୍ ଜଜ୍, ସିନିୟର ଡିଭିଜନଙ୍କ ଅଦାଲତ ତରଫରୁ କେସ୍ ନଂ.୨୩୩/୨୨ ଓ ଆଇଏ ନଂ.୧୯୦/୨୦୨୨ରେ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ବ୍ୟକ୍ତି ଉପରୋକ୍ତ ସମ୍ପତ୍ତିକୁ କ୍ରୟ ବା ହସ୍ତଗତ କରନ୍ତି ତେବେ ଆମ୍ଭେ ଦାୟୀ ରହିବୁନାହିଁ।
ଧ-୨୦୩୦

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


**୰ରାମଚନ୍ଦ୍ର ମିଶ୍ର**
ଅବସରପ୍ରାପ୍ତ ଶିକ୍ଷକ
ଖଣ୍ଡିତର ଶାସନ, ରସୁଲପୁର ବ୍ଲକ୍, ଜିଲ୍ଲା- ଯାଜପୁର
ଆବିର୍ଭାବ: ୨୪।୦୬।୧୯୩୨
ତିରୋଧାନ: ୦୬।୧୧।୨୦୨୨
ଆପଣଙ୍କ ଆଦର୍ଶ, ତ୍ୟାଗ, ଅନାବିଳ ସ୍ନେହ, ଶ୍ରଦ୍ଧା, ଦୃଢ଼ ମନୋବଳ ଆମ ଜୀବନର ପଥପ୍ରଦର୍ଶକ ହେଉ। ଆପଣଙ୍କୁ ଆମର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ: ପୁତ୍ର- ସତ୍ୟବ୍ରତ, ଦେବବ୍ରତ, ପ୍ରଦୀପ୍ତ, ପ୍ରିୟବ୍ରତ, ପୁତ୍ରବଧୂ: ଅମିତା, ଆଶା, ସୁକାନ୍ତି, ଲିଲୁ, ଭ୍ରାତା- ପଞ୍ଚାନନ, ଭ୍ରାତାବଧୂ- ଶଶୀକଳା, ନାତି, ନାତୁଣୀ, ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୨୦୨୭

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**


**୰ ଡାକ୍ତର ବିଜୟ କୁମାର ପରିଡ଼ା**
ଜନ୍ମ-୨୮.୧୨.୧୯୩୬
ତିରୋଧାନ- ୧୦।୧୦।୨୦୦୯
ମାର୍ଗଶୀର ମାସ କୃଷ୍ଣପକ୍ଷ ନବମୀ ତିଥି
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପରମେଶ୍ୱରଙ୍କଠାରେ ବିନମ୍ର ପ୍ରାର୍ଥନା ।
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ
ଧ-୨୦୩୨

Your classified advertisement published in Dharitri will be listed free in Dharitri online edition: dharitriepaper.in

# ଚକଡ଼ା ଏକ୍ସପ୍ରେସ୍


ଅନୁଷ୍କା

କ୍ରିକେଟ ଖେଳାଳିଙ୍କ ଜୀବନୀକୁ ନେଇ ହିନ୍ଦୀ ସିନେମା ନିର୍ମିତ ହେବା ନୂଆ କଥା ନୁହେଁ। ପୂର୍ବରୁ କପିଳ ଦେବ, ସଚିନ ତେନ୍ଦୁଲକର, ଏମ.ଏସ. ଧୋନିଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ର ମୁକ୍ତିଲାଭ କରିସାରିଛି। ବର୍ତ୍ତମାନ ଅନ୍ୟତମ ଲୋକପ୍ରିୟ ମହିଳା କ୍ରିକେଟ ଖେଳାଳି ଝୁଲଣ ଗୋସ୍ୱାମୀଙ୍କ ଜୀବନୀକୁ ନେଇ ଏକ ହିନ୍ଦୀ ସିନେମା ନିର୍ମିତ ହେଉଛି। ଏହାର ଟାଇଟଲ ରହିଛି 'ଚକଡ଼ା ଏକ୍ସପ୍ରେସ୍', ଯେଉଁଥିରେ ଝୁଲଣ ଭୂମିକାରେ ଅଭିନୟ କରୁଛନ୍ତି ଅନୁଷ୍କା ଶର୍ମା। ନିଜର କ୍ୟାରିୟର ଭିତରେ ସେ ନିଜକୁ ଜଣେ ଦକ୍ଷ ଫାଷ୍ଟ ବୋଲର ଭାବରେ ପରିଚିତ କରାଇପାରିଥିଲେ। ତା'ସହ ଅନ୍ତର୍ଜାତୀୟ କ୍ରିକେଟରେ ଝୁଲଣ ଜଣେ ମହିଳା ପେସ୍ ବୋଲର ଭାବରେ ବିଶ୍ୱରେ ସର୍ବାଧିକ ଉଇକେଟ ନେବାର ଗୌରବ ଅର୍ଜନ କରିଛନ୍ତି। ଏପରି ସୁଯୋଗ ସମ୍ପର୍କରେ ଅନୁଷ୍କା କହନ୍ତି, 'ଏହି ଅଫର ମିଳିବା ପରେ ମୁଁ ଥଣ୍ଡା ମିଜାଜରେ ଚିନ୍ତା କରିଥିଲି। କେବଳ ସେତିକି ନୁହେଁ, ଏ ନେଇ ବିଶଦ ଭାବରେ ବିରାଟଙ୍କ ସହ ଆଲୋଚନା ମଧ୍ୟ କରିଥିଲି। ଶୁଟିଂ ସମୟରେ କ୍ରିକେଟକୁ ନେଇ ଅନେକ ନୂଆ କଥା ଶିଖିଛି। ସତ କଥା କହିବାକୁ ଗଲେ ବାୟୋପିକ୍‌ରେ ଅଭିନୟ କରିବାର ମଜା ନିଆରା।

# କରୀନାଙ୍କ ପ୍ରିୟ ଖାଦ୍ୟ


କରୀନା

କରୀନା ନିଜ ଫିଟ୍‌ନେସକୁ ନେଇ ବେଶ୍ ସଚେତନ। ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏକ୍ସରସାଇଜ ସାଙ୍ଗକୁ ଯୋଗ, ପ୍ରାଣାୟାମ କରିବାକୁ ଆଦୌ ଭୁଲନ୍ତି ନାହିଁ। ହେଲେ ଏକ ପ୍ରକାର ଖାଦ୍ୟ ପ୍ରତି ତାଙ୍କର ଦୁର୍ବଳତା ରହିଛି। ତାହା ହେଲା ଆଳୁ ପରଟା। ଏହି ଖାଦ୍ୟ ଦେଖିବା ମାତ୍ରେ ସେ ନିଜ ଲୋଭ ସମ୍ବରଣ କରିପାରନ୍ତି ନାହିଁ। ଏପରି କି ଶୁଟିଂ ପାଇଁ ଯିବା ସମୟରେ ଘର ପ୍ରସ୍ତୁତ ଖାଦ୍ୟ ସାଙ୍ଗରେ ସେ ଆଳୁ ପରଟା ନେବାକୁ ଭୁଲନ୍ତି ନାହିଁ। ସେ ସବୁବେଳେ ଜିନ୍ସ ଏବଂ ଟି-ଶାର୍ଟ ପିନ୍ଧିବାକୁ ପସନ୍ଦ କରନ୍ତି। ଶପିଂ କରିବାକୁ ଗଲେ ସେ ପ୍ରଥମେ ଏହାକୁ କିଣିବା ପରେ ଆଉ ଯାହା କିଣିଥାଆନ୍ତି। ବଜାରକୁ କୌଣସି ନୂଆ ବ୍ରାଣ୍ଡର ଜିନ୍ସ ଏବଂ ଟି-ଶାର୍ଟ ଆସିବା ମାତ୍ରେ ସେ ବିଳମ୍ବ ନ କରି ତାହାକୁ କଲେକ୍‌ଶନ କରିଥାଆନ୍ତି। ପିଲାଟି ଦିନରୁ ତାଙ୍କର ଏକ ଅଭ୍ୟାସ ରହିଛି। ଅନେକ ସମୟରେ ସେ ନଖ କାମୁଡ଼ି ଥାଆନ୍ତି। ନିଜ ବଲିଉଡ୍ କ୍ୟାରିୟରରେ ସେ ଗୋଟିଏ କଥାକୁ ନେଇ ସବୁବେଳେ ଅବସୋସ କରିଥାଆନ୍ତି। 'କହୋନା ପ୍ୟାର୍ ହୈ', 'କଲ୍ ହୋ ନା ହୋ', ଏବଂ 'କୁଇନ୍' ପରି ହିଟ୍ ସିନେମାରେ ନାୟିକା ସାଜିବାକୁ ତାଙ୍କୁ ଅଫର ଦିଆଯାଇଥିଲା। କିନ୍ତୁ ସେ ଏହି ଅଫରଗୁଡ଼ିକୁ ଗ୍ରହଣ କରି ନ ଥିଲେ।

# କାହାଣୀ ସିଶନ


ତାପସୀ

ତାପସୀ ପାନ୍ନୁ ଅଭିନୟରେ କେତେ ଦକ୍ଷ ତାହା କହିବା ଅନାବଶ୍ୟକ। ମାତ୍ର ବର୍ଷ କେଇଟାରେ ସେ ନିଜକୁ ବେଶ୍ ଲୋକପ୍ରିୟ କରାଇପାରିଛନ୍ତି। ହେଲେ ଏବେ ସେ ଏକ ନୂଆ ଦାୟିତ୍ୱ ତୁଲାଉଛନ୍ତି। ତାହା କ'ଣ ଜାଣନ୍ତି ? ଅସଲ କଥା ହେଲା ସେ ଏକ କାହାଣୀ ସନ୍ଧାନରେ ଅଛନ୍ତି। ନିକଟରେ ଜଣେ ନୂଆ ପ୍ରଯୋଜକଙ୍କ ସହ ତାଙ୍କର ଭେଟ ହୋଇଥିଲା। ଏ ନେଇ ତାପସୀ କହନ୍ତି, 'କିଛିଦିନ ପୂର୍ବରୁ ଜଣେ ନୂଆ ପ୍ରଯୋଜକଙ୍କ ସହ ମୋର ଭେଟ ହୋଇଥିଲା। ଆଲୋଚନା ପ୍ରସଙ୍ଗରେ ସେ ମୋତେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି କାହାଣୀଟିଏ ଖୋଜିବାକୁ କହିଥିଲେ। ତାଙ୍କ କଥା ରଖିବା ପାଇଁ ମୁଁ ଏବେ କାହାଣୀ ସନ୍ଧାନରେ ରହିଛି। ସମାଜରେ ଘଟୁଥିବା ଘଟଣାକୁ ନେଇ ଏକ କାହାଣୀଟିଏ ପରିକଳ୍ପନା କରିଛି।' ତେବେ କେଉଁଭଳି କାହାଣୀଟିଏ ତାପସୀ ଖୋଜି ପାଉଛନ୍ତି ତାହା ଜାଣିବାକୁ ଆମକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡ଼ିବ।

## ଅତୀତରୁ

- ନିତାଇ ପାଲିତଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ଅନୁରାଗ'। ଏହାର ମୁଖ୍ୟ ଭୂମିକାରେ ମାଳବିକା ମହାନ୍ତି, ବୀରେନ୍ ରାଉତରାୟ, ଅରୁଣ ନନ୍ଦ, ବିନି ମିଶ୍ର, ରବି ରଥ, ନରି, ଜୟୀ ପ୍ରମୁଖ କଳାକାର ଅଭିନୟ କରିଥିଲେ।
- ଓଡ଼ିଆ ସିନେମା 'ବାଟ ଅବାଟ'ର ନିର୍ଦ୍ଦେଶନା ଦେଇଥିଲେ ବୃନ୍ଦାବନ ଜେନା। ଅଜିତ ଦାସ, ମହାଶ୍ୱେତା ରାୟ, ଡଲି ଜେନାଙ୍କୁ ଚିତ୍ରର ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିଥିଲା।
- ଜୟନ୍ତ କୁମାରଙ୍କ ପ୍ରଯୋଜନାରେ ତଥା ମଳୟ ମିତ୍ରଙ୍କ ନିର୍ଦ୍ଦେଶନରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମାନସୀ'। ଏହାର ନାୟକ ଶ୍ରୀରାମ ପଣ୍ଡା ସାଜିଥିଲେ ଏବଂ ତାଙ୍କର ନାୟିକା ଭୂମିକାରେ ଅଭିନୟ କରିଥିଲେ ତ୍ରିପୁରା ମିଶ୍ର।

# ନୀରବତା ଅନ୍ତରାଳେ...


ପରିଣୀତି

ପରିଣୀତି ଚୋପ୍ରାଙ୍କ ନୀରବତାକୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ବର୍ତ୍ତମାନ ଅଧିକାଂଶ ସମୟ ସେ ନୀରବ ରହୁଛନ୍ତି। ଅତି ଆବଶ୍ୟକ ନ ହେଲେ ପ୍ରାୟ ଚୁପ୍ ରହୁଛନ୍ତି। ଏହା ପଛରେ ସେପରି ନିଶ୍ଚୟ କିଛି କାରଣ ଥିବ। ଅସଲ କଥା ହେଲା, ନିଜ କ୍ୟାରିୟରକୁ ନୂଆ ରୂପ ଦେବା ପାଇଁ ପରିଣୀତି ନିକଟରେ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଣିକି ସତର୍କତାର ସହ ଆଗକୁ ବଢ଼ିବେ। ଫିଲ୍ମଟିଏ ସାଇନ୍ କରିବା ପୂର୍ବରୁ ତାହାକୁ ଭଲ ଭାବରେ ତର୍ଜମା କରିବା ପରେ ଯାହା ନିଷ୍ପତ୍ତି ନେବେ। ତେବେ ନିଜର ନୀରବତାକୁ ନେଇ ପରିଣୀତି କହନ୍ତି, 'ମୁଁ ଏବେ ଅଧିକାଂଶ ସମୟ ନୀରବ ରହୁଛି। ଏହାପଛରେ ଅବଶ୍ୟ ସେପରି କିଛି କାରଣ ନାହିଁ। ହେଲେ ମୋ ନୀରବତାକୁ ନେଇ ଅନେକ ଆଲୋଚନା ହେଉଛି। ବର୍ତ୍ତମାନ ମୁଁ ଅନାବଶ୍ୟକ କଥାକୁ ନେଇ ଆଦୌ ଆଲୋଚନା କରୁନାହିଁ। ନିଜ କ୍ୟାରିୟରକୁ କିପରି ସୁରୁଖୁରୁରେ ଆଗେଇବି ସେ ନେଇ ଯୋଜନା କରିଛି। ଏଣିକି ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବି। ତେଣୁ ଫିଲ୍ମଟିଏ ସାଇନ୍ କରିବା ପୂର୍ବରୁ ମୋତେ ସତର୍କ ହେବାକୁ ପଡ଼ିବ।' ତେବେ ପରିଣୀତିଙ୍କର ଏହି ନୂଆ ଯୋଜନା ତାଙ୍କୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।

# ଘାରିଛି ପରିବେଶ ଚିନ୍ତା

ଭିକି କୌଶଲଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ତାହା ହେଲା କିପରି ପରିବେଶ ସୁରକ୍ଷା କରାଯାଇପାରିବ। ତାଙ୍କର ଜଣେ ସାଙ୍ଗ ଏ କ୍ଷେତ୍ରରେ କାମ କରୁଛନ୍ତି। ଏକ ଆଲୋଚନା ସମୟରେ ଭିକିଙ୍କ ମନ ପରିବେଶ ସୁରକ୍ଷା ଦିଗକୁ ଢଳିଥିଲା। ଏ ନେଇ ସେ କହନ୍ତି, 'ବର୍ତ୍ତମାନ ସାରା ବିଶ୍ୱରେ ପରିବେଶ ଏକ ପ୍ରମୁଖ ସମସ୍ୟା ହୋଇ ଉଭା ହୋଇଛି। ମୋର ଜଣେ ସାଙ୍ଗ ପରିବେଶ ସୁରକ୍ଷା ପାଇଁ କାମ କରୁଛନ୍ତି। ତାଙ୍କ ସହ ଆଲୋଚନା ସମୟରେ ମୋର ଏଥିପ୍ରତି ଆଗ୍ରହ ପ୍ରକାଶ ପାଇଛି। ମୁଁ ଜାଣିଛି ଏହା ଏକ ସହଜ କାମ ନୁହେଁ। ସେପଟେ ମୋତେ ନିଜ କ୍ୟାରିୟର ପ୍ରତି ମଧ୍ୟ ନଜର ରଖିବାକୁ ପଡ଼ିବ। ତେଣୁ ଦୁଇଟି ଜିନିଷକୁ କିପରି ଠିକ୍ ଭାବରେ ଆଗେଇ ନେଇ ପାରିବି ସେଥିଲାଗି ମୋତେ ପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡ଼ିବ। ତା'ପରେ ଏ କ୍ଷେତ୍ରରେ ଆଗେଇବି। ଏ ନେଇ ମୋ ସାଙ୍ଗ ମଧ୍ୟ ମୋତେ ସହଯୋଗ କରିବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଛି।' ଭିକିଙ୍କ ରିଲିଜ ହୋଇଥିବା ଶେଷ ଫିଲ୍ମ ଥିଲା 'ସର୍ଦ୍ଦାର ଉଦ୍ଧାମ'। ଏବେ ତାଙ୍କର ଆଗାମୀ ଫିଲ୍ମଗୁଡ଼ିକ ହେଉଛି 'ଗୋବିନ୍ଦା ନାମ୍ ମେରା', 'ଦ ଗ୍ରେଟ୍ ଇଣ୍ଡିଆନ୍ ଫ୍ୟାମିଲି', 'ଡୁନ୍‌କି', 'ଶ୍ୟାମ ବାହାଦୁର' ଏବଂ ଆଉ ଦୁଇଟି ଟାଇଟଲ ଫାଇନାଲ ହୋଇ ନ ଥିବା ଫିଲ୍ମ।

# ପୃଥ୍ୱୀରାଜ ଯାହା ଚାହୁଁଥିଲେ...



ଅଭିନେତା ପୃଥ୍ୱୀରାଜ ଆଚାର୍ଯ୍ୟଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କୁ ମିଳିଥିବା ମନଲାଖି ଭୂମିକା ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ହଁ, ତାଙ୍କୁ ଏଭଳି ସଫଳତା ମିଳିଛି ଛୋଟ ପରଦାରେ। କଥା କ'ଣ କି ତରଙ୍ଗ ଟିଭି ଏବଂ ତରଙ୍ଗ ପ୍ଲସ୍ ଚାନେଲରେ ପ୍ରସାରିତ ହେଉଛି ମେଗା ଧାରାବାହିକ 'ମାୟାବିନୀ'। ଏଥିରେ ସେ ଭୈରବ ଭୂମିକାରେ ଅଭିନୟ କରୁଛନ୍ତି। ଏ ସମ୍ପର୍କରେ ପୃଥ୍ୱୀରାଜ କହନ୍ତି, 'ଏହି ଭୂମିକାଟି ମୋତେ ବେଶ୍ ମାଇଲେଜ ଦେଇଛି। ଏ ନେଇ ମୁଁ ଏହି ସିରିଏଲ୍‌ର ନିର୍ଦ୍ଦେଶକ ମହେଶ ହାଜରାଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।' ପ୍ରଥମେ ଥିଏଟର ନାଟକ ପରେ ଫିଲ୍ମ ତା' ପରେ ଧାରାବାହିକ ସୁହାଗ ସିନ୍ଦୂର (ଷ୍ଟାର କିରଣ)ରେ ଖଳନାୟକ ଭାବରେ ଅବତୀର୍ଣ୍ଣ ହୋଇସାରିଛନ୍ତି ସେ। 'ମାୟାବିନୀ' ଧାରାବାହିକଟି ନାଗ-ନାଗୁଣୀ କାହାଣୀ ଉପରେ ଆଧାରିତ। ଏହି ଧାରାବାହିକଟି ତରଙ୍ଗ ଟିଭି ଏବଂ ତରଙ୍ଗ ପ୍ଲସ୍ ଆପ୍‌ରେ ସନ୍ଧ୍ୟା ୬.୩୦ ସମୟରେ ପ୍ରସାରିତ ହେଉଛି।

## ଅପେରା ହାଲ୍‌ଚାଲ୍

# ଟ୍ରାଜେଡି କୁଇନ୍

ଇମୋଶନାଲ ଭୂମିକାକୁ କିପରି ତୁଲାଇବାକୁ ହୁଏ ତାହାର କାଇଦା ତାଙ୍କୁ ଭଲ ଭାବରେ ମାଲୁମ୍। ଏଭଳି ରୋଲ୍ ତାଙ୍କୁ ଆଜି ଜଲିଉଡ୍‌ରେ 'ଟ୍ରାଜେଡି କୁଇନ୍' ଭାବରେ ପରିଚିତ କରାଇପାରିଛି। ୧୯ବର୍ଷର ଅପେରା କ୍ୟାରିୟରରେ ସେ ପାଲଟି ଯାଇଛନ୍ତି ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ। ସେ ହେଲେ କାବେରୀ ପାଢ଼ୀ। ଗଙ୍ଗୋତ୍ରୀ, ତାରିଣୀ, ଗୌରୀ, ଶିବାନୀ ଏବଂ କଳିଙ୍ଗ ଗଣନାଟ୍ୟ ପରେ ବର୍ତ୍ତମାନ ଅପେରା ସ୍ୱର୍ଣ୍ଣମହଲରେ ନିଜ ଅଭିନୟ କ୍ୟାରିୟର ଜାରି ରଖିଛନ୍ତି । କାବେରୀଙ୍କର ଯାତ୍ରା ଜଗତରେ ଏଣ୍ଟ୍ରି ହୁଏ ଗଙ୍ଗୋତ୍ରୀ ଗଣନାଟ୍ୟ (୨୦୦୩)ରୁ। 'ବାହା ହେବିନି ମୁଁ ଆଉ କାହାକୁ' ଥିଲା ତାଙ୍କ ଅଭିନୀତ ପ୍ରଥମ ନାଟକ। ହେଲେ ଶିବାନୀ ଗଣନାଟ୍ୟର ଅନନ୍ତ ଓଝାଙ୍କ ରଚିତ ଏବଂ ବିନୋଦ ରାଉତଙ୍କ ନିର୍ଦ୍ଦେଶିତ ସୁପରହିଟ୍ ନାଟକ 'ସୁନା ଝିଅ ଶିବାନୀ' ତାଙ୍କୁ ରାତାରାତି ନାୟିକା ଦୌଡ଼ରେ ସାମିଲ କରିଦେଇଥିଲା। ଆଉ ତା'ପରେ କାବେରୀ ପଛକୁ ଫେରି ଚାହିଁ ନାହାନ୍ତି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ଗାଁରେ ଜନ୍ମିତା କାବେରୀଙ୍କ ଅଭିନୀତ ପ୍ରମୁଖ ତଥା ଦର୍ଶକାଦୃତ ନାଟକଗୁଡ଼ିକ ମଧ୍ୟରେ ରହିଛି ହାଟ ବସେଇଛି ହାଟ ନଗରୀ, ସିନ୍ଦୂର ହାଟରେ ନାହିଁ ସିନ୍ଦୂର, ଆହ୍ଲାର ସେ ଗେହ୍ଲା ପୁଅ, ଅଧା ବାଟରେ ଅନ୍ଧାର ହେଲା, ଅସତୀ ତୁଳସୀ ସତୀ ଚଉରା, ହାଟରୁ କିଣିଛି ବାଟର ସାଥୀ, ରଙ୍ଗବତୀ ରୁଷିଛି, ଥ୍ୟାଙ୍କ୍ୟୁ ଡାଡି ଏବଂ ଗୀତାକୁ ଛୁଇଁଲେ ପାପ ଆଦି ଅନେକ ନାଟକ। ନିଜର ଏହି ସଫଳତାର ଶ୍ରେୟ ସେ ସ୍ୱାମୀ ତଥା ସ୍ୱର୍ଣ୍ଣମହଲର ମୁଖ୍ୟ ପରିଚାଳକ ସୁଶାନ୍ତ ବାବୁ (ସୁଶାନ୍ତ ସାହୁ)ଙ୍କୁ ଦିଅନ୍ତି।


କାବେରୀ

# ଜୀ ସାର୍ଥକରେ 'ଦିଲ୍ ମୋର ମାନେନା'


'ଦିଲ୍ ମୋର ମାନେନା' ଫିଲ୍ମରେ ସ୍ୱରାଜ-ଶିବାନୀ

ଚଳିତ ବର୍ଷ ମୁକ୍ତିଲାଭ କରି ହିଟ୍ ସାବ୍ୟସ୍ତ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର 'ଦିଲ୍ ମୋର ମାନେନା' ଚଳିତ ମାସ ୨୦ ତାରିଖ ଅର୍ଥାତ୍ ରବିବାର ଦିନ ସନ୍ଧ୍ୟା ୬.୩୦ରେ ପ୍ରସାରିତ ହେବାକୁ ଯାଉଛି। ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ହିମାଂଶୁ ପରିଜା (ଚଣ୍ଡୀ)। ଏହାର ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ୟଙ୍ଗ ସେନସେସନ ଯୋଡି ସ୍ୱରାଜ-ଶିବାନୀ। ବସନ୍ତରାଜ ସାମଲଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଓଲିଉଡ୍‌ର ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମାନନ୍ଦ। କୋରିଓଗ୍ରାଫି ଦାୟିତ୍ୱ ତୁଲାଇନ୍ତି ମାଷ୍ଟର ମୁରଲୀ। ଏକ ବଳିଷ୍ଠ ପ୍ରେମ କାହାଣୀ ଉପରେ ଫିଲ୍ମଟି ଆଧାରିତ। ଅନେକ ବାଧା ବିଘ୍ନ ସତ୍ତ୍ୱେ ପ୍ରେମ କିପରି ଭାବରେ ସମସ୍ତଙ୍କର ହୃଦୟ ଜିତିଛି ତାହା ହିଁ ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା ଭରିରହିଛି ଯାହା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଯୋଗାଇବ ବୋଲି କହନ୍ତି ଏହାର ନିର୍ଦ୍ଦେଶକ ହିମାଂଶୁ। 'ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ଏହି ଫିଲ୍ମଟିର ୱାର୍ଲ୍ଡ ଟିଭି ପ୍ରିମିୟର ମଧ୍ୟ ଦର୍ଶକାଦୃତ ହେବ ବୋଲି ଆଶା ରଖିଛନ୍ତି ଉକ୍ତ ଚ୍ୟାନେଲର ବ୍ୟବସାୟିକ ମୁଖ୍ୟ ପ୍ରତୀକ ସିଲ୍ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୭/୨୦୨୨ Bhubaneswar, Thursday, November 17/ 2022

# ‘ପୁଅଙ୍କ ସହ ମ୍ୟାଚ ମୋଡ଼ ବଦଳାଇଥିଲା’

ଭୁବନେଶ୍ୱର, ୧୬।୧୧
(ତପନ ସ୍ୱାଇଁ)

ଭାରତରେ ଏବେ ମହିଳା କ୍ରିକେଟ ଉତ୍‌ଥାନ ପଥରେ ରହିଛି। ଭାରତୀୟ ଦଳ ବିଶ୍ୱର ଯେ କୌଣସି ଦଳକୁ ଚ୍ୟାଲେଞ୍ଜ ଦେବାକୁ ସକ୍ଷମ। ଘରୋଇ କ୍ରିକେଟରେ ଚାଲେଞ୍ଜର ଟ୍ରଫି ଏବଂ ଫ୍ରାଞ୍ଚାଇଜ୍‌ଭିତ୍ତିକ ମହିଳା ଆଇପିଏଲ୍ ଦେଶର ଖେଳାଳିଙ୍କ ପ୍ରଦର୍ଶନରେ ବିଶେଷ ଉନ୍ନତି ଆଣି ପାରିଛି। ଅଧିକରୁ ଅଧିକ ଖେଳାଳି ଉଚ୍ଚସ୍ତରରେ ଖେଳିବା ସୁଯୋଗ ମଧ୍ୟ ପାଉଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶାରେ ମଧ୍ୟ ମହିଳା କ୍ରିକେଟ ଆଶାନୁରୂପ ଆଗକୁ ବଢୁଛି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ବିଭିନ୍ନ ପଦକ୍ଷେପ ଏବଂ କେତେକ କୋଚ୍‌ଙ୍କ ବ୍ୟକ୍ତିଗତ ଉଦ୍ୟମରେ ଓଡ଼ିଶା ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିବାରେ ସକ୍ଷମ ହେଉଛନ୍ତି। ଅଫ୍‌ସ୍ପିନ୍ ଯାଦୁ ମାଧ୍ୟମରେ କ୍ରମାଗତ ସ୍ଥିର ପ୍ରଦର୍ଶନ ଦେଇ ଚାଲିଥିବା ଏପରି ଜଣେ ଖେଳାଳି ହେଲେ ପ୍ରିୟଙ୍କା ପ୍ରିୟଦର୍ଶିନୀ। ସେ ନିକଟରେ ଲକ୍ଷ୍ନୌରେ ଜୋନ୍ ଟୁର୍ନାମେଣ୍ଟରେ ଖେଳିବା ପରେ ଏବେ ଦ୍ୱିତୀୟ ଥର ପାଇଁ ଚ୍ୟାଲେଞ୍ଜର ଟ୍ରଫିରେ ସୁଯୋଗ ପାଇଛନ୍ତି। ରାୟପୁରଠାରେ ଚଳିତ ମାସ ୨୦ରୁ ଆରମ୍ଭ ହେବାକୁ ଥିବା ଚ୍ୟାଲେଞ୍ଜର ଟ୍ରଫିରେ ସେ ସ୍ନେହ ରାଣାଙ୍କ ନେତୃତ୍ୱାଧୀନ ଭାରତ ‘ଡି’ ପକ୍ଷରୁ ଖେଳିବାକୁ ମନୋନୀତ ହୋଇଛନ୍ତି। ନୟାପଲ୍ଲୀ ଇନ୍ଦିରା ମଇଦାନସ୍ଥିତ ଜାଗୃତି କ୍ରିକେଟ ଏକାଡେମୀ (ଏସ୍‌ଜିଓ କ୍ଲବ)ରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣ ନେଇ ଆଗକୁ ଯିବାର ସ୍ୱପ୍ନ ଜାରି ରଖିଛନ୍ତି ପ୍ରିୟଙ୍କା। କ୍ରିକେଟ ଜୀବନ ଆରମ୍ଭରେ ପୁଅପିଲାଙ୍କ ସହ ଏକ ମ୍ୟାଚ କିପରି ତାଙ୍କ କ୍ୟାରିୟରର ମୋଡ଼ ପରିବର୍ତ୍ତନ କରିଥିଲା ସେ ସମ୍ପର୍କରେ ପ୍ରକାଶ କରିଛନ୍ତି ଏହି ତାରକା ଖେଳାଳି।



ପ୍ରିୟଙ୍କା ପ୍ରିୟଦର୍ଶିନୀ

**● ପରିବାର ସମ୍ପର୍କରେ କିଛି କୁହନ୍ତୁ ?**

▸▸ ବାପା କିଶୋର ଚନ୍ଦ୍ର ସାହୁ, ମା’ ଗୌରୀ ସାହୁ। ୪ ଭଉଣୀରେ ମୁଁ ସବୁଠୁ ସାନ। ରଶ୍ମିତା ସାହୁ, ଗୀତାଞ୍ଜଳି ସାହୁ ଓ ରୀତାରାଣୀ ସାହୁ ଅନ୍ୟ ୩ ଭଉଣୀ। ଗଞ୍ଜାମ ହିଞ୍ଜିଳିକାଟୁର ରାଜାସାହିରେ ଆମର ପୈତୃକ ଗୃହ ଅଛି। ଏବେ କିନ୍ତୁ ଆମେ ଭୁବନେଶ୍ୱର ନୟାପଲ୍ଲୀରେ ରହୁଛୁ।

**● କ୍ୟାରିୟର ଆରମ୍ଭ କେମିତି ଥିଲା ?**

▸▸ ଛୋଟବେଳରୁ କ୍ରିକେଟ ପ୍ରତି ଦୁର୍ବଳତା ଥିଲା। ପିଲାଦିନରୁ ସାହିରେ ପୁଅପିଲାଙ୍କ ସହ କ୍ରିକେଟ ଖେଳୁଥିଲି। ଝିଅଙ୍କ ପାଇଁ ସ୍ୱତନ୍ତ୍ର କ୍ରିକେଟ ଅଛି ବୋଲି ସେତେବେଳେ ଜ୍ଞାନ ନ ଥିଲା। କଳିଙ୍ଗ ଷ୍ଟାଡିୟମରେ ଝିଅମାନେ ଖେଳୁଛନ୍ତି ଜାଣିବା ପରେ ସେଠାରେ ବିଧିବଦ୍ଧ ଖେଳିବା ଆରମ୍ଭ କରିଥିଲି।

**● ଜାଗୃତି କ୍ରିକେଟ ଏକାଡେମୀକୁ କିପରି ଆସିଲେ ?**

▸▸ ୨୦୦୫-୦୬ରେ ମୁଁ ଏକ ମ୍ୟାଚ ଖେଳୁଥିବାବେଳେ କୋଚ୍ କ୍ଷୀରୋଦ ବେହେରାଙ୍କ ନଜରକୁ ଆସିଥିଲି। ସେ ମୋ ଖେଳରେ ପ୍ରଭାବିତ ହୋଇଥିଲେ। ମୋ ସହ କଥା ହେବା ପରେ କୋଚିଂ ଦେବାକୁ ନିଷ୍ପତ୍ତି ନେଇଥିଲେ। ସେତେବେଳେ ସେ ଓୟୁଏଟିରେ ଖେଳ ଶିଖାଉଥିଲେ। ସେଠାରୁ ମୁଁ ତାଙ୍କ ନିକଟରୁ କୋଚିଂ ନେବା ଆରମ୍ଭ କରିଥିଲି। ତା’ପରେ ଜାଗୃତି କ୍ରିକେଟ ଏକାଡେମୀରେ ପ୍ରଶିକ୍ଷଣ ନେଲି।

**● କ୍ୟାରିୟର ଆରମ୍ଭ ସମୟର କିଛି ସ୍ମରଣୀୟ ସ୍ମୃତି ଅଛି ?**

▸▸ ୨୦୦୭ରେ ଓୟୁଏଟି ଗ୍ରାଉଣ୍ଡରେ ରାଇଜିଂ ଷ୍ଟୁଡେଣ୍ଟ ସହିତ ଜାଗୃତି କ୍ରିକେଟ ଏକାଡେମୀର ଏକ ମ୍ୟାଚ ଥିଲା। ଏହା ପୁଅଙ୍କ ମ୍ୟାଚ ଥିଲେ ହେଁ କ୍ଷୀରୋଦ ସାର୍‌ଙ୍କ ଉଦ୍ୟମରେ ମୁଁ ଜାଗୃତି ପକ୍ଷରୁ ଖେଳିବା ସୁଯୋଗ ପାଇଥିଲି ଏବଂ ୬ ଉଇକେଟ ନେଇଥିଲି। ସେଠାରୁ ହିଁ ମୋର ପ୍ରକୃତ କ୍ରିକେଟ ଯାତ୍ରା ଆରମ୍ଭ ହୋଇଥିଲା। ଖେଳ ଦେଖିବା ପାଇଁ ଆସିଥିବା ଓଡ଼ିଶାର ନାମୀ କ୍ରିକେଟରମାନେ ମଧ୍ୟ ମୋ ଖେଳ ଦେଖି ଖୁସି ହୋଇଥିଲେ ଏବଂ ପ୍ରଶଂସା ମଧ୍ୟ କରିଥିଲେ। ଏହା ହିଁ ମୋ କ୍ୟାରିୟରର ମୋଡ଼ ପରିବର୍ତ୍ତନ କରିଥିଲା। ମୁଁ ୧୯ ବର୍ଷରୁ କମ୍ ଏବଂ ଓଡ଼ିଶା ସିନିୟର ଦଳ ପାଇଁ ମନୋନୀତ ହୋଇଥିଲି।

**● ସିନିୟର ସ୍ତରରେ ଓଡ଼ିଶାରୁ କେବେ ଖେଳିବା ଆରମ୍ଭ ହେଲା ?**

▸▸ ଓଡ଼ିଶା ପକ୍ଷରୁ ମୁଁ ୨୦୦୭ରେ ଖେଳିବା ଆରମ୍ଭ କଲି। ପ୍ରଥମବର୍ଷ ମ୍ୟାଚ ପାଇ ନ ଥିଲି। ୨୦୦୮ରେ କିଛି ମ୍ୟାଚ ଖେଳିଥିଲି। ତେବେ ୨୦୦୯ରେ ହିଁ ମୁଁ ଶ୍ରେଷ୍ଠ ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଥିଲି ଏବଂ ରାଜ୍ୟ ପକ୍ଷରୁ ସର୍ବାଧିକ ଉଇକେଟ ହାସଲକାରୀ ହୋଇଥିଲି। ୫୨ଟି ଉଇକେଟ ନେଇଥିବାରୁ ଭାରତୀୟ ୧୯ ବର୍ଷରୁ କମ୍ କ୍ୟାମ୍ପ ପାଇଁ ଡାକରା ଆସିଥିଲା। ୨୦୦୯ରେ ଧର୍ମଶାଳାରେ ମୁଁ ୧୯ ବର୍ଷରୁ କମ୍ ଭାରତୀୟ କ୍ୟାମ୍ପରେ ଯୋଗ ଦେଇଥିଲି। ଇତିମଧ୍ୟରେ ମୁଁ ଓଡ଼ିଶା ପକ୍ଷରୁ ୧୦୦ରୁ ଊର୍ଦ୍ଧ୍ୱ ମ୍ୟାଚ ଖେଳି ସାରିଲିଣି।

**● ସ୍ମରଣୀୟ ମ୍ୟାଚ ?**

▸▸ ମୁଁ ୨୦୧୦ ଓ ୨୦୧୧ରେ ୨ ବର୍ଷ ଓଡ଼ିଶା ଦଳର ଅଧିନାୟିକା ଥିଲି। ମୋ ନେତୃତ୍ୱରେ ଦଳ ଦିନିକିଆ ଓ ଟି୨୦ ଖେଳିଥିଲା। ଇଷ୍ଟଜୋନ୍‌ରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଶକ୍ତିଶାଳୀ ଦଳ ବୋଲି ସମସ୍ତେ ଜାଣନ୍ତି। ମୋ ନେତୃତ୍ୱରେ ଆମେ ପ୍ରଥମ ଥର ପାଇଁ ଏକ ମ୍ୟାଚରେ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲୁ। ଏହା ମୋ ପାଇଁ ସବୁଠାରୁ ସ୍ମରଣୀୟ ମ୍ୟାଚ। ଏକଦା ହାରିବା ସ୍ଥିତିରେ ଥିଲେ ମଧ୍ୟ ଆମେ ସେ ମ୍ୟାଚ ଛଡ଼ାଇ ଆଣିଥିଲୁ।

**● ପୂର୍ବ ଚ୍ୟାଲେଞ୍ଜର ଟ୍ରଫି ଏବଂ ମହିଳା ଆଇପିଏଲ୍‌ର ସ୍ମୃତି କିପରି ରହିଛି ?**

▸▸ ମୁଁ ପୂର୍ବରୁ ୨୦୧୮ ଚ୍ୟାଲେଞ୍ଜର ଟ୍ରଫିରେ ୨ଟି ମ୍ୟାଚ ଖେଳିଥିଲି। ଉଇକେଟ ବିଶେଷ ମିଳି ନ ଥିଲେ ହେଁ ଇକୋନୋମି ଦୃଷ୍ଟିରୁ ବୋଲିଂ ଭଲ ରହିଥିଲା। ୨୦୨୨ ମହିଳା ଆଇପିଏଲ୍‌ରେ ଟ୍ରେଲବ୍ଲେଜର୍ସ ପାଇଁ ମନୋନୀତ ହୋଇଥିଲି। ମ୍ୟାଚ ଖେଳିବା ସୁଯୋଗ ପାଇ ନ ଥିଲେ ମଧ୍ୟ ଅନେକ କିଛି ଶିଖିବାକୁ ମିଳିଥିଲା। ସ୍ମୃତି ମନ୍ଧାନାଙ୍କ ନେତୃତ୍ୱରେ ଆମ ଦଳରେ ବିଦେଶୀ ଖେଳାଳି ଭାବେ ଇଂଲଣ୍ଡର ସେଫିଆ ଡଙ୍କଲେ, ୱେଷ୍ଟଇଣ୍ଡିଜର ହିଲି ମାଥ୍ୟୁସ, ବାଂଲାଦେଶର ସଲ୍‌ମା ଖାତୁନ ଓ ସରମିନ ଅଖତର ସାମିଲ ଥିଲେ। ବିଭିନ୍ନ ପରିସ୍ଥିତିରେ ସେମାନେ କିପରି ଶାରୀରିକ ଓ ମାନସିକ ଭାବେ ନିଜକୁ ପ୍ରସ୍ତୁତ ରଖୁଛନ୍ତି, ଟି୨୦ କ୍ରିକେଟ କେତେ ଫାଷ୍ଟ ହେଲାଣି ଏବଂ ସେଥିପାଇଁ କିପରି ପ୍ରସ୍ତୁତ ରହିବାକୁ ପଡ଼ିବ ସେ ସମ୍ପର୍କରେ ଅନେକ କିଛି ଶିଖିବାକୁ ମିଳିଥିଲା। ଏହା ମୋତେ କ୍ୟାରିୟରରେ ବହୁତ ସାହାଯ୍ୟ କରୁଛି।

**● ଆଗାମୀ ଚ୍ୟାଲେଞ୍ଜର ଟ୍ରଫିକୁ କିପରି ଦେଖୁଛନ୍ତି ?**

▸▸ ଆଗାମୀ ଚ୍ୟାଲେଞ୍ଜର ଟ୍ରଫିରେ ସ୍ନେହ ରାଣା ଭାରତ ‘ଡି’ ଦଳର ଅଧିନାୟିକା ଅଛନ୍ତି। ସେ ମଧ୍ୟ ଜଣେ ଅଫ୍‌ସ୍ପିନର। ମୋତେ ନିଶ୍ଚିତ ମ୍ୟାଚ ମିଳିବ ବୋଲି ମୋର ଆଶା ରହିଛି। ଘରୋଇ କ୍ରିକେଟ ଏବଂ ଜୋନ୍‌ରେ ଭଲ ପ୍ରଦର୍ଶନ କରିଥିବାରୁ ଚ୍ୟାଲେଞ୍ଜରରେ ମଧ୍ୟ ଭଲ ଖେଳିବାନେଇ ଆଶା ରଖିଛି। ମ୍ୟାଚ ମିଳିଲେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ନିଶ୍ଚିତ ଚେଷ୍ଟା କରିବି। କଠିନ ପରିଶ୍ରମ ଜାରି ରଖିଥିବାରୁ କୋଚ୍‌ଙ୍କ ସହ ସମସ୍ତଙ୍କ ବିଶ୍ୱାସ ଓ ଆଶୀର୍ବାଦକୁ ପାଥେୟ କରି ମୁଁ ଭଲ ଖେଳିବା ନେଇ ବେଶ୍ ଆଶାବାଦୀ ଅଛି।

**● ଭବିଷ୍ୟତର ଲକ୍ଷ୍ୟ କ’ଣ ଅଛି ?**

▸▸ ପ୍ରତି ଖେଳାଳି ପ୍ରଥମେ ଅନୁଷ୍ଠାନ, ପରେ ଜିଲା, ରାଜ୍ୟ, ଜୋନ୍ ଏବଂ ଜାତୀୟ ଦଳ ପକ୍ଷରୁ ଖେଳିବା ଇଚ୍ଛା ରଖିଥାଏ। ମୁଁ ଭାରତ ‘ଏ’ ପକ୍ଷରୁ ଖେଳି ସାରିଥିବାରୁ ସ୍ୱାଭାବିକ ଭାବେ ଜାତୀୟ ଦଳରୁ ଖେଳିବା ସ୍ୱପ୍ନ ରହିଛି। ଟ୍ରେନିଂ ସମୟରେ କୋଚ୍‌ଙ୍କ ସମେତ ଜାଗୃତି ଏକାଡେମୀର ଖେଳାଳିମାନେ ବହୁତ ସାହାଯ୍ୟ କରୁଛନ୍ତି। ପରିଶ୍ରମ ଜାରି ରଖିଥିବାରୁ ମୁଁ ଜାତୀୟ ଦଳ ପକ୍ଷରୁ ଦିନେ ଡାକରା ପାଇବି ବୋଲି ଆଶା ରଖିଛି।

**● ଆଦର୍ଶ ଖେଳାଳି କିଏ ?**

▸▸ ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡଙ୍କ ଖେଳ ମୋତେ ବହୁତ ପସନ୍ଦ। ସେ କଷ୍ଟସାଧ୍ୟ ପରିସ୍ଥିତିରେ ମଧ୍ୟ ଶାନ୍ତ ସ୍ୱଭାବରେ ଥାଆନ୍ତି। ଏହା ବ୍ୟତୀତ ମହେନ୍ଦ୍ର ସିଂ ଧୋନୀଙ୍କ ଖେଳ ଏବଂ ତାଙ୍କ ଅଧିନାୟକ ଦକ୍ଷତାରୁ ମୁଁ ବହୁତ ପ୍ରେରଣା ପାଇଛି। ଗେମ୍‌କୁ ସେ ଯେପରି ଚଳାନ୍ତି ଓ ଫିନିଶ୍ କରନ୍ତି ସେଥିରେ ମୁଁ ବିଶେଷ ପ୍ରଭାବିତ। ଅଫ୍‌ସ୍ପିନର ଭାବେ ମୁଁ ହରଭଜନ ସିଂ ଏବଂ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଅନୁସରଣ କରିଥାଏ।

**● ସଫଳତାର ଶ୍ରେୟ କାହାକୁ ଦେବାକୁ ଚାହିଁବେ ?**

▸▸ ମା’ ବାପାଙ୍କ ଆଶୀର୍ବାଦ ଯୋଗୁ ମୁଁ ଆଜି ଏତେବାଟ ଆସିଛି। ତାଙ୍କ ସହ କୋଚ୍ କ୍ଷୀରୋଦ ସାର୍‌ଙ୍କୁ ମୁଁ ନିଶ୍ଚିତ ଶ୍ରେୟ ଦେବାକୁ ଚାହିଁବି। ତୃଣମୂଳ ସ୍ତରରୁ ପିଲାଙ୍କୁ ବାହାର କରିବା ସହଜ କଥା ନୁହେଁ। ଏଥିପାଇଁ ତାଙ୍କର ଉଦ୍ୟମକୁ ଯେତେ ପ୍ରଶଂସା କଲେ କମ୍ ହେବ। ପଢ଼ିଆରେ ପିଲାମାନେ କେବେ କେବେ ଅନୁପସ୍ଥିତ ରହିଥାନ୍ତି, ମାତ୍ର ସେ ବର୍ଷକ ୧୨ ମାସ କେବେହେଲେ ଗ୍ରାଉଣ୍ଡରେ ଅନୁପସ୍ଥିତ ନ ଥାନ୍ତି। ଏଥିରୁ ଅନେକ କିଛି ଶିଖିବାକୁ ମଧ୍ୟ ମିଳିଥାଏ।

**● ଓଡ଼ିଶାରେ ମହିଳା କ୍ରିକେଟର ସ୍ଥିତି କିପରି ଅଛି ?**

▸▸ ଗତ ୪-୫ ବର୍ଷ ଧରି ଓଡ଼ିଶା ମହିଳା ଦଳର ପ୍ରଦର୍ଶନ ବହୁତ ଭଲ ରହୁଛି। ଅନେକ ସମୟରେ ଆମେ ନକ୍‌ଆଉଟକୁ ଯାଉଛୁ। କେତେବେଳେ ରେଲୱେ ପରି ଶକ୍ତିଶାଳୀ ଦଳ ବିପକ୍ଷରେ ଆମେ ପଛରେ ପଡ଼ିଯାଉଛୁ, ନ ହେଲେ ପ୍ରାୟ ଅନ୍ୟ ସମସ୍ତ ଦଳକୁ ହରାଇ ସାରିଛୁ। ଓଡ଼ିଶା ମହିଳା କ୍ରିକେଟରେ ବ୍ୟାପକ ପରିବର୍ତ୍ତନ ହୋଇଛି। କ୍ରମାଗତ କୌଣସି ଦଳ ନକ୍‌ଆଉଟକୁ ଯିବା ସହଜ ନୁହେଁ। ଓଡ଼ିଶା କ୍ରିକେଟ ଆସୋସିଏଶନ କ୍ରିକେଟର ଉନ୍ନତି ପାଇଁ ଅନେକ ପଦକ୍ଷେପ ନେଉଛି। ଟି୨୦ ଲିଗ୍ ଆରମ୍ଭ ହୋଇଛି। ତା’ଦ୍ୱାରା ବହୁତ ନୂଆପିଲା ସୁଯୋଗ ପାଉଛନ୍ତି। ଏଥିପାଇଁ ଓସିଏକୁ ନିଶ୍ଚିତ ଧନ୍ୟବାଦ ଦେବାକୁ ହେବ।

## ଜଗା ୟୁନାଇଟେଡ୍ କ୍ଲବ ସେମିରେ



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

**ଢେଙ୍କାନାଳ ଅଫିସ,୧୬।୧୧:** ଢେଙ୍କାନାଳ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ତଥା ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ସ୍ୱର୍ଗତ ଅଧିକାରୀ ସାମଲ ମେମୋରିଆଲ ଟ୍ରଷ୍ଟର ମିଳିତ ସହଯୋଗରେ ୪ର୍ଥ ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତା ବୁଧବାର ଢେଙ୍କାନାଳରେ ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ସଂଘ ସଭାପତି ତଥା ଜିଲାପାଳ ସରୋଜ କୁମାର ସେଠୀ ଓ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ଅପରାହ୍ନ ୩ଟାରେ ଉଦ୍‌ଘାଟନୀ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ମା’ ମଙ୍ଗଳା କ୍ଲବ ଢେଙ୍କାନାଳକୁ ୪-୦ ଗୋଲରେ ପରାସ୍ତ କରି ଜଗା ୟୁନାଇଟେଡ୍ ଭୁବନେଶ୍ୱର ସେମି ଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମାର୍ଦ୍ଧରେ ମ୍ୟାଚ ଗୋଲଶୂନ୍ୟ ରହିଥିଲା। ହେଲେ ଦ୍ୱିତୀୟାର୍ଦ୍ଧର ଅନ୍ତିମ ୫ ମିନିଟରେ ୪ଟି ଗୋଲ ଦେଇ ଜଗା ୟୁନାଇଟେଡ୍ କ୍ଲବ ଭୁବନେଶ୍ୱର ବିଜୟୀ ହୋଇଥିଲା। ଦଳ ପକ୍ଷରୁ ୨ନଂ ଖେଳାଳି ଗୁମନ ସିଂହ ପ୍ରଥମ ଗୋଲ୍, ୯ନଂ ଖେଳାଳି ବୋରିସ ଦ୍ୱିତୀୟ, ୧୧ନଂ ଖେଳାଳି ପିଟାରୀ ତୃତୀୟ ଓ ୪ର୍ଥ ଗୋଲ ସ୍କୋର କରିଥିଲେ। ବିଜୟୀ ଦଳର ଖେଳାଳି ପିଟାରୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ରେଫରି ଅରୁଣ ନାୟକ ଏବଂ ସହଯୋଗୀ ଜ୍ୟୋତି ରଞ୍ଜନ ପରିଡା, ଶଶିକାନ୍ତ ଦାସିଆ, ଅନିଲ ପ୍ରସାଦ ନନ୍ଦ ଖେଳ ପରିଚାଳନା କରିଥିବା ବେଳେ ମାୟାଧର ସାହୁ ମ୍ୟାଚ କମିଶନର ରହିଥିଲେ।

**ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ଉଦ୍‌ଘାଟିତ**






## ଫିଫା ବିଶ୍ୱକପ୍


ଇଟାଲୀର ଟୁରିନଠାରେ ସାଥୀ ଖେଳାଳିଙ୍କ ସହ ବ୍ରାଜିଲର ନେମାରଙ୍କ ଅଭ୍ୟାସ।

## ବ୍ରାଜିଲ ଦଳରେ ଯୋଗଦେଲେ ନେମାର

କାତାର ଫିଫା ବିଶ୍ୱକପ ଆରମ୍ଭ ହେବାକୁ ଆଉ ମାତ୍ର ହାତଗଣତି କେତୋଟି ଦିନ ବାକିଥିବାବେଳେ ବ୍ରାଜିଲ ଏହାର ପ୍ରସ୍ତୁତି ଇଟାଲୀର ଟୁରିନରେ ଆରମ୍ଭ କରିଛି। ମଙ୍ଗଳବାର ଜାତୀୟ ଦଳ ସହ ଯୋଗ ଦେଇଛନ୍ତି ତାରକା ଖେଳାଳି ନେମାର। ଫ୍ରାନ୍ସରୁ ବିମାନରେ ଆସିବାରେ କିଛି ସମସ୍ୟା ରହିଥିବାରୁ ସେ ବିଳମ୍ବରେ ବ୍ରାଜିଲ ଟ୍ରେନିଂ ସେସନରେ ଯୋଗ ଦେଇଛନ୍ତି। ଫ୍ରାନ୍ସରେ ସେ ପ୍ୟାରିସ ସେଣ୍ଟ-ଜର୍ମନ (ପିଏସ୍‌ଜି) ଦଳ ପକ୍ଷରୁ ସିଜନର ପ୍ରଥମଭାଗ ଖେଳ ଶେଷ କରି ଏଠାକୁ ଆସିଛନ୍ତି। ଟୁରିନରେ ପହଞ୍ଚିବା ପରେ ସେ ଦଳୀୟ ସାଥି ଖେଳାଳିଙ୍କ ସହ ପାଖାପାଖି ୩୦ ମିନିଟ ଅଭ୍ୟାସ କରିଥିଲେ। ନେମାରଙ୍କ ପିଏସ୍‌ଜି ଟିମ୍‌ମେଟ୍ ମର୍କ୍ୱିନୋ ମଧ୍ୟ ବିଳମ୍ବରେ ଆସି ବ୍ରାଜିଲ ଦଳ ସହ ହାଲୁକା ଅଭ୍ୟାସ କରିଥିଲେ। ବ୍ରାଜିଲ ଦଳ ଟ୍ରେନିଂ ସେସନ ଶେଷ କରିବା ପରେ ଟୁରିନରୁ ସିଧା କାତାର ଯିବ। ୫ ଥର ବିଶ୍ୱକପ ଚାମ୍ପିୟନ ଏହି ଦଳ ୨ ଦଶନ୍ଧି ବ୍ୟବଧାନରେ ଟାଇଟଲ ଜିତିବା ଲକ୍ଷ୍ୟରେ ଅଛି। ଆସନ୍ତା ୨୪ ତାରିଖରେ ସର୍ବିଆ ବିପକ୍ଷରେ ମ୍ୟାଚ ଖେଳି ବ୍ରାଜିଲ ଅଭିଯାନ ଆରମ୍ଭ କରିବ। ଏହାପରେ ଗ୍ରୁପ୍ ‘ଜି’ରେ ସୁଇଜରଲାଣ୍ଡ ଓ କାମେରୁନ ବିପକ୍ଷରେ ମ୍ୟାଚ ଖେଳିବ।

## କ୍ରାଉନ୍ କମ୍‌ବ୍ୟାକ୍ ଲକ୍ଷ୍ୟରେ ବେଞ୍ଜେମା

ଫ୍ରାନ୍ସ ଦଳର ତାରକା ଷ୍ଟ୍ରାଇକର ତଥା ଚଳିତ ବର୍ଷର ବାଲନ୍ ଡି ଓର୍ ପୁରସ୍କାରପ୍ରାପ୍ତ କରିମ ବେଞ୍ଜେମା ଟ୍ରଫି ସହିତ ଅନ୍ତର୍ଜାତୀୟ ପ୍ରତ୍ୟାବର୍ତ୍ତନର ଲକ୍ଷ୍ୟ ରଖିଛନ୍ତି। ସେକ୍ସ ଟେପ୍ ସ୍କାଣ୍ଡାଲ ମାମଲାରେ ସେ ଦୀର୍ଘ ଦିନ ଧରି ଜାତୀୟ ଦଳରୁ ବାଦ୍ ପଡିଥିଲେ। ତେବେ ୟୁରୋପର ଶ୍ରେଷ୍ଠ ଖେଳାଳି ଭାବରେ ବାଲନ୍ ଡି ଓର୍ ହାସଲ କରିବା ପରେ ବେଞ୍ଜେମା ବର୍ତ୍ତମାନ ଟ୍ରଫି ସହିତ ପ୍ରତ୍ୟାବର୍ତ୍ତନ(କ୍ରାଉନ୍ କମ୍‌ବ୍ୟାକ୍) ଲକ୍ଷ୍ୟରେ ରହିଛନ୍ତି। ଚତୁର୍ଥ ଫ୍ରାନ୍ସ ଖେଳାଳି ଭାବେ ବେଞ୍ଜେମା ବାଲନ୍ ଡି ଓର୍ ପୁରସ୍କାର ହାସଲ କରିଛନ୍ତି। ଶେଷ ଥର ପାଇଁ ଜିନେଡାଇନ୍ ଜିଡାନ୍ ୧୯୯୮ରେ ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ନିଜର ଅନ୍ତିମ ୧୬ ଅନ୍ତର୍ଜାତୀୟ ମ୍ୟାଚରୁ ସେ ୧୦ ଗୋଲ ସ୍କୋର କରିଥିବା ବେଳେ ୟୁରୋ କପ୍‌ରେ ୪ ଗୋଲ ସ୍କୋର କରିଥିଲେ। ମେସି ଓ ରୋନାଲ୍ଡୋଙ୍କ ପରି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫରୱାର୍ଡ ଅଟନ୍ତି ବେଞ୍ଜେମା। ରିୟଲ ମାଡ୍ରିଡରେ ବେଞ୍ଜେମାଙ୍କ କୋଚ ଥିବା ଜୋସ ମୋରିନୋ ମଧ୍ୟ ତାଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ନିଜ ଅପେକ୍ଷା ସେ ଟିମ୍‌କୁ ସର୍ବଦା ପ୍ରାଥମିକତା ଦେଇଥାନ୍ତି ବୋଲି ମୋରିନୋ କହିଛନ୍ତି।



ଆଉ ୩ ଦିନ


କରିମ ବେଞ୍ଜେମା






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ସୂତାଖିଅରେ ଝୁଲିଲା ଆଉଟ୍‌ସୋର୍ସିଂ ଚାକିରି

**ନୟାଗଡ଼ ଅଫିସ,୧୬।୧୧**

- ନିୟମିତ ହେବା ଆଶା ମଉଳିଲା
- ଏଜେନ୍ସି ବଦଳିଲେ ଚାକିରି ଉପରେ ଉଠୁଛି ପ୍ରଶ୍ନ
- ଡିଏଲସିଙ୍କ ଉପରେ ନିଷ୍ପତ୍ତି ଛାଡିଲେ ସିଡିଏମ୍‌ଓ

ଆଉଟ୍‌ସୋର୍ସିଂ ମାଧ୍ୟମରେ ନିୟୋଜିତ କର୍ମଚାରୀଙ୍କ ଚାକିରି ନିୟମିତ ହେବା ନେଇ ସରକାରୀ ବ୍ୟବସ୍ଥା ନ ଥିବା ସିଡିଏମ୍‌ଓ ପ୍ରଭାଗୀୟ ଶ୍ରମ ଆୟୁକ୍ତ(ଡିଏଲସି)ଙ୍କୁ ଜଣାଇବା ପରେ ସୂତାଖିଅରେ ଝୁଲିଛି ଚାକିରି। ଆଉଟ୍‌ସୋର୍ସିଂ ମାଧ୍ୟମରେ ନିୟୋଜିତ ଅସ୍ଥାୟୀ କର୍ମଚାରୀଙ୍କ ନିୟମିତ ହେବାର ଆଶା ମଉଳି ଯାଇଛି। ଅନ୍ୟପକ୍ଷେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଉଟ୍‌ସୋର୍ସିଂ ଏଜେନ୍ସିର ସମୟ ସୀମା ଶେଷ ହୋଇଥିବାରୁ ଅସ୍ଥାୟୀ କର୍ମଚାରୀଙ୍କ ଚାକିରି ସୁତାଖିଅରେ ଝୁଲିବା ଆରମ୍ଭ ହୋଇଛି। ଯେଉଁ ନୂଆ ଆଉଟ ସୋର୍ସିଂ ସଂସ୍ଥା ଦାୟିତ୍ୱ ନେବ ସେ ପୁଣି ପୁରୁଣା କର୍ମଚାରୀଙ୍କୁ ରଖିବା ଉପରେ କହି ହେବ ନାହିଁ ବୋଲି ମତ ପ୍ରକାଶ ପାଇଛି।

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ୫ଟି ଆଉଟ ସୋର୍ସିଂ ସଂସ୍ଥା ମାଧ୍ୟମରେ ଅନେକ କର୍ମଚାରୀ ନିଯୁକ୍ତି ପାଇଛନ୍ତି। ଆଉଟ୍ ସୋର୍ସିଂ ସଂସ୍ଥାଗୁଡିକର ସମୟ ସୀମା ଶେଷ ହୋଇଥିବାବେଳେ ନୂଆ ସଂସ୍ଥା ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲିଛି। ଇତି ମଧ୍ୟରେ ନୂଆ ଆଉଟ୍ ସୋର୍ସିଂ ସଂସ୍ଥା ଚୟନ ନ ହେବା ପର୍ଯ୍ୟନ୍ତ ପୁରୁଣା ସଂସ୍ଥା ଦ୍ୱାରା ନିୟୋଜିତ କର୍ମଚାରୀ କାମ କରିବେ। ତେବେ ପୂର୍ବ ଆଉଟ୍ ସୋର୍ସିଂ ସଂସ୍ଥା ଦ୍ୱାରା ନିୟୋଜିତ ସିକ୍ୟୁରିଟି ଗାର୍ଡ, ଡାଟା ଏଣ୍ଟ୍ରି ଅପରେଟର, ଫାର୍ମାସିଷ୍ଟ, ଲାବୋରେଟାରୀ ଟେକନସିଆନ, ସଫେଇ କର୍ମଚାରୀ, ଲିଫ୍ଟ ଅପରେଟର, ଇଲେକ୍ଟ୍ରିସିୟାନ ପ୍ରମୁଖ ଅସ୍ଥାୟୀ କର୍ମଚାରୀ ସେମାନଙ୍କ ଚାକିରିକୁ ସ୍ଥାୟୀ କରିବାକୁ ଦାବି କରିଥିଲେ। କୋଭିଡ ପରି ସମୟରେ ପରିବାରକୁ ପଛରେ ପକାଇ ସେମାନେ ରୋଗୀ ସେବାକୁ ଗୁରୁତ୍ୱ ଦେଇଥିବାରୁ ସେମାନଙ୍କୁ ସରକାର ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ଏ ନେଇ ଅସ୍ଥାୟୀ କର୍ମଚାରୀମାନେ ସୋମବାର ଜିଲା ଶ୍ରମ ଅଧିକାରୀ ଓ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ଭେଟି ସେମାନଙ୍କ ଦାବି ଉତ୍ଥାପନ କରିଥିଲେ। ଏପରିକି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଜିଲାପାଳ, ସିଡିଏମ୍‌ଓ, ଜିଲା ଶ୍ରମ ଅଧିକାରୀ ଓ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅସ୍ଥାୟୀ କର୍ମଚାରୀଙ୍କ ଚିଠି ପାଇବା ପରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ(ଡିଏଲସି) ସିଡିଏମଓଙ୍କୁ ଏହାର ଉତ୍ତର ମାଗି କାହିଁକି ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ କରାଯିବ ନାହିଁ ସେ ନେଇ ଉତ୍ତର ମାଗିଥିଲେ। ଏ ସମ୍ପର୍କରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସହସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ ଓ ମେଡିକାଲ କର୍ମଚାରୀ ସଂଘର ସଭାପତି ତଥାଗତ ଦାସ କୁହନ୍ତି, ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ କରିବାର ଦାବି ଯଥାର୍ଥ ରହିଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ, ଭୁବନେଶ୍ୱର ବିଏମ୍‌ସି ଡାକ୍ତରଖାନାରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ଏଜେନ୍ସି ଗ୍ରହଣ କରୁଥିବାବେଳେ ନୟାଗନ ସିଡିଏମ୍‌ଓ ସେଭଳି ଚୁକ୍ତିନାମା କରି ନୟାଗଡର ଅସ୍ଥାୟୀ କର୍ମଚାରୀଙ୍କୁ ଏଜେନ୍ସି ଗ୍ରହଣ କରିବାକୁ ପଦକ୍ଷେପ ନିଅନ୍ତୁ ବୋଲି କହିଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ମକରନ୍ଦ ବେଉରା କୁହନ୍ତି, ଆଉଟ୍ ସୋର୍ସିଂ ମାଧ୍ୟମରେ ନିୟୋଜିତ କର୍ମଚାରୀ ନିୟମିତ ହୋଇପାରିବେ ବୋଲି ସରକାରଙ୍କ ସେପରି ଗାଇଡ ଲାଇନ ନାହିଁ। ସରକାର ଏଜେନ୍ସି ମାଧ୍ୟମରେ ନିଯୁକ୍ତି ବ୍ୟବସ୍ଥା କରିବାକୁ ଏକ ପଲିସି କରିଛନ୍ତି। ଯାହାଦ୍ୱାରା ଏଜେନ୍ସି କର୍ମଚାରୀ ଓ ନିୟୋଜିତ ସଂସ୍ଥାର ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି ନିଯୁକ୍ତି ଦେବେ। କର୍ମଚାରୀଙ୍କୁ ରଖିବା କାଢ଼ିବା ଦାୟିତ୍ୱ ଏଜେନ୍ସିର ଅଟେ। ଆଉଟ୍ ସୋର୍ସିଂ ମାଧ୍ୟମରେ ନିୟୋଜିତ କର୍ମଚାରୀ ନିୟମିତ ହେବା ନେଇ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଯେଉଁ ଚିଠି କରିଥିଲେ ତା'ର ଉତ୍ତର ପ୍ରଦାନ କରିସାରିଛି। ଆଉଟ୍ ସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରିବା ଆମ କ୍ଷମତା ବାହାରେ। ଯଦି କିଛି ହାଇକୋର୍ଟ ଅର୍ଡର ଅଛି ସେ ନେଇ ଡିଏଲ୍‌ସି ଅଥବା ଅସ୍ଥାୟୀ କର୍ମଚାରୀ ଦେଇନାହାନ୍ତି। ପ୍ରଭାଗୀୟ ଶ୍ରମ ଆୟୁକ୍ତ ଆଇନର ଦିଗ ଉପରେ ତର୍ଜମା କରି ପଦକ୍ଷେପ ନେଇପାରନ୍ତି ବୋଲି କହିଛନ୍ତି। ଅପରପକ୍ଷେ ଟେଣ୍ଡର ପ୍ରକ୍ରିୟା ଚାଲିଛି। ନୂଆ ଏଜେନ୍ସି ନିୟୋଜିତ ହେବେ। ପୁରୁଣା ଆଉଟ୍ ସୋର୍ସିଂ ସଂସ୍ଥାର ସମୟସୀମା ଶେଷ ହୋଇଛି। ନୂଆ ସଂସ୍ଥା କେଉଁ କର୍ମଚାରୀ ରଖିବ କହି ହେବନାହିଁ। ତେବେ ପୁରୁଣା କର୍ମଚାରୀଙ୍କୁ ରଖିବାକୁ ଆମେ ଅନୁରୋଧ କରିବୁ ବୋଲି କହିଛନ୍ତି। ପୁରୁଣା କର୍ମଚାରୀ ରହିଲେ ସ୍ୱାସ୍ଥ୍ୟ ବିଭାଗ ପାଇଁ ଭଲ ହେବ ବୋଲି ସେ କହିଛନ୍ତି। ଆଉଟ୍ ସୋର୍ସିଂ ମାଧ୍ୟମରେ ନିୟୋଜିତ କର୍ମଚାରୀଙ୍କ ଚାକିରି ନିୟମିତ ଉପରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପି.କେ. ମହାନ୍ତିଙ୍କ ମୋବାଇଲ ନଂ. ୭୦୦୮୪୪ ୨୦୦୬କୁ ଯୋଗା ଯୋଗ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିଲେ।

# ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ


ଉପସ୍ଥିତ ଅତିଥିମାନେ।

**ଓଡ଼ଗାଁରେ ବ୍ଲକ ସ୍ତରୀୟ ଜାତୀୟ ପ୍ରେସ ଦିବସ**

**ଓଡ଼ଗାଁ, ୧୬।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ସମ୍ମିଳନୀ ଗୃହରେ ବୁଧବାର ବ୍ଲକସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଓଡ଼ଗାଁ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଆୟୋଜିତ ପ୍ରେସ୍ ଦିବସରେ ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ ଉମାକାନ୍ତ ମଲିକ, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଉପାଧ୍ୟକ୍ଷା ମୀରା ନାୟକ, ତହସିଲଦାର ବିଜୟିତା ସାମନ୍ତସିଂହାର, ବିଡିଓ ସ୍ୱାତିଲେଖା ଦାସ, ଜିଲା ପରିଷଦ ସଦସ୍ୟା ଝିଲି ପ୍ରଧାନ ମଞ୍ଚାସୀନ ଅତିଥି ଥିଲେ। ପ୍ରେସ ଦିବସ ଅବସରରେ ପ୍ରେସ, ପୋଲିସ, ପ୍ରଶାସନ, ପବ୍ଲିକ ଓ ପିଆରଆଇ ମେମ୍ବରଙ୍କ ମଧ୍ୟରେ ସମନ୍ୱୟତା ସମ୍ପର୍କିତ ଆଲୋଚନଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଚାସୀନ ଅତିଥିଙ୍କ ସମେତ ଆଇନଜିବୀ ଗୋବିନ୍ଦ ଚନ୍ଦ୍ର ସାହୁ, ବାର ଆସୋସିଏଶନ ସଭାପତି ଇନ୍ଦୁଭୂଷଣ ମିଶ୍ର, ରଘୁନାଥ ସମବାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ସାହୁ, ପରିବେଶବିତ୍ ସୁକାନ୍ତ ଚୌଧୁରୀ, କ୍ରୀଡା ସଂଯୋଜକ ଦିବକାର ନାୟକ, ପ୍ରଜାପିତା ବ୍ରହ୍ମକୁମାର ସୁର୍ଯ୍ୟନାରାୟଣ ଚୌଧୁରୀ ଅଂଶଗ୍ରହଣ କରିଥିଲେ। ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟପକ୍ଷେ ସମସ୍ତ ସ୍ତମ୍ଭର ପଦପଦବୀରେ ରହିଥିବା ବ୍ୟକ୍ତିତ୍ୱ ସମୟେ ସମୟେ ନିଜ ନିଜର ଆତ୍ମ ସମୀକ୍ଷା କଲେ ବିକାଶକୁ ଆଗେଇ ନିଆଯାଇ ପାରିବ ବୋଲି ବକ୍ତା ଦିବାକର ନାୟକ କହିଥିଲେ। ହେଲେ ସମ୍ବିଧାନରେ ଚୁତର୍ଥ ସ୍ତମ୍ଭରେ କାର୍ଯ୍ୟ କରୁଥିବା ପ୍ରତିନିଧି ଓ ସଂସ୍ଥା ଅସୁରକ୍ଷିତ ଅନୁଭବ କରୁଥିବା କାରଣରୁ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ସରକାରଙ୍କ ନିକଟରେ ଦାବି କରିବାକୁ ସମ୍ବାଦିକ ସଂଘ ଉପସଭାପତି ଆଦର୍ଶ କୁମାର ପଟ୍ଟନାୟକ ମତପ୍ରକାଶ କରିଥିଲେ। ଏଥିରେ ସ୍ଥାନୀୟ ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ, ଶରଣକୁଳ ଏସ୍‌ଡିପିଓ କିରନ ହେମ୍ବ୍ରମଙ୍କ ସମେତ ସମସ୍ତ ସଂଘ ସଦସ୍ୟ ଓ ଅନ୍ୟମାନେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ସମସ୍ତ ମଞ୍ଚାସୀନ ଅତିଥିଙ୍କ ସମେତ ଉପସ୍ଥିତ ଆଇନଜୀବୀ, ପୋଲିସ, ପ୍ରଶାସନିକ ଅଧିକାରୀ ଓ ପିଆରଆଇ ମେମ୍ବରଙ୍କୁ ସାମ୍ବାଦିକ ସଂଘ ପକ୍ଷରୁ ଫୁଲତୋଡା ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ସାହୁ ଖୁବ୍‌ଶୀଘ୍ର ବ୍ଲକ ସାମ୍ବାଦିକଙ୍କୁ ନିଜସ୍ୱ ସାମ୍ବାଦିକ ଭବନ ଉପଲବ୍ଧ କରାଯିବ ବୋଲି ଘୋଷଣା କରିଥିଲେ। ସମ୍ପାଦକ ଗଣେଶ୍ୱର ସାହୁ, କୋଷାଧ୍ୟକ୍ଷ ସାରସ କୁମାର ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆବାସ ଯୋଜନାରେ ସମସ୍ତଙ୍କ ପାଇଁ ବାସଗୃହ ଉପରେ କର୍ମଶାଳା

**ନୟାଗଡ଼ ଅଫିସ,୧୬।୧୧**

ନୟାଗଡ଼ ମ୍ୟୁନିସିପାଲିଟି ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମସ୍ତଙ୍କ ପାଇଁ ବାସଗୃହ ସମ୍ପର୍କୀୟ କର୍ମଶାଳା ବୁଧବାର ମହାବୀରପାଟଣା ବସ୍ତିର ପରିଚୟ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଗୃହ ପାଇଥିବା ୧୬୩ ଜଣ ହିତାଧିକାରୀ ଏଥିରେ ଯୋଗ ଦେଇଥିଲେ। ପୌରାଧ୍ୟକ୍ଷା ନିରୂପମା ଖଟେଇ, ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର, ପୂର୍ବତନ କାଉନସିଲର ନେତ୍ରାନନ୍ଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କ ପାଇଁ ବାସଗୃହ ସମ୍ପର୍କରେ ଟିପଣୀ ଦେଇଥିଲେ।

ଅନ୍ୟପକ୍ଷେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଜୀବନ ଜୀବିକା ପାଇଁ ଧନ୍ଦାମୂଳକ ଶିକ୍ଷା ସଂସ୍ଥାର ବରିଷ୍ଠ ଅଧିକାରୀ ଲକ୍ଷ୍ମୀକାନ୍ତ ପାଇକରା ଓ ମୁରଲୀଧର ବରାଡ ପ୍ରମୁଖ ଦୁଇଜଣିଆ ଟିମ୍ ଯୋଗଦେଇ ଗୋଷ୍ଠୀଗତ ଆଲୋଚନା କରିଥିଲେ। ଆବାସର ଚୟନ ପ୍ରକ୍ରିୟା, କାର୍ଯ୍ୟାଦେଶ ବଣ୍ଟନ, ଗୃହ ନିର୍ମାଣର ସ୍ତର, କର୍ମଚାରୀଙ୍କ ସହଯୋଗ ଓ ହିତାଧିକାରୀଙ୍କ ଆନ୍ତରିକତାର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଯୋଜନାର ଅଧିକ କାର୍ଯ୍ୟକାରିତା ଓ ସମନ୍ୱୟ ପାଇଁ ୫ ଟି ସବକମିଟି ଗଠନ କରଯାଇଥିଲା। ୧୦ ଜଣ ଭିନ୍ନକ୍ଷମ ଓ ୨ ଜଣ ତୃତୀୟ ଲିଙ୍ଗ ପରିବାରକୁ ଆବାସ ଯୋଜନାରେ ଗୃହ ଦିଆଯାଇଥିବାରୁ ଟିମ୍ ସନ୍ତୋଷ ପ୍ରକାଶ କରିଥିଲେ। ଆବାସ ବିଶେଷଜ୍ଞ ନିଗମ ମହାପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗଜେନ୍ଦ୍ର ମହାରଣା, ରଞ୍ଜନ ମହାପାତ୍ର ଓ ତ୍ରିଲୋଚନ ସାହୁ ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ। ଗୁରୁବାର ଜଜାଙ୍ଗୀସାହି ବସ୍ତିରେ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ୩ ଦିନିଆ ଗସ୍ତରେ ଟିମ ପ୍ରାୟ ୮୦ଟି ପରିବାରକୁ ସାକ୍ଷାତ କରିବା କାର୍ଯ୍ୟକ୍ରମ ରହିଛି।



କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ନାବାଳିକା ଅପହରଣ, ବଳାତ୍କାର ମାମଲା**

# ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**ନୟାଗଡ଼ ଅଫିସ,୧୬।୧୧**

ନୟାଗଡ଼ ଫାଷ୍ଟ ଟ୍ରକ୍ ପୋକ୍‌ସୋ କୋର୍ଟରେ ନୟାଗଡ଼ ଟାଉନ ଥାନା ଅଞ୍ଚଳରେ ଘଟିଥିବା ନାବାଳିକା କଲେଜ ଛାତ୍ରୀଙ୍କ ବଳାତ୍କାର ଓ ଅପହରଣ ଘଟଣାର ରାୟ ବୁଧବାର ପ୍ରକାଶ ପାଇଛି। ପୋକ୍‌ସୋ କୋର୍ଟ ବିଚାରପତି ବିରଞ୍ଚି କୁମାର ରଥ ୧୪ଜଣଙ୍କର ସାକ୍ଷ୍ୟ, ଡାକ୍ତରୀ ରିପୋର୍ଟ, ପ୍ରତିପକ୍ଷ ଓ ସରକାରୀ ଓକିଲଙ୍କ ଜବାବ ସୁଆଲକୁ ଆଧାର କରି ଅଭିଯୁକ୍ତ ଖୋର୍ଦ୍ଧା ଜିଲା ଜଟଣୀ ଥାନା ବେଣାପଞ୍ଜରୀ ଗାଁର ସଦ୍ଦାମ ହୁସେନ ଗାଁ ଓରଫ ବିଜୁଳି (୨୫)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟପକ୍ଷେ ୧୦ ହଜାର ଜରିମାନା କରିଛନ୍ତି। ବେଣାପଞ୍ଜରୀ ଗାଁର ସଦ୍ଦାମ ୨୦୧୨ ନଭେମ୍ବର ୨୫ରେ ନୟାଗଡ଼ ଥାନା ଅଞ୍ଚଳର ଏକ କଲେଜରୁ ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରି ନେଇଥିଲେ। ନାବଳିକାଙ୍କୁ ଭୁବନେଶ୍ୱରରେ ରଖି ବିବାହ କରିଥିଲେ। ଖବରପାଇ ପୋଲିସ ଭୁବନେଶ୍ୱରରେ ଚଢ଼ାଉ କରି ପୀଡିତାଙ୍କୁ ଉଦ୍ଧାର କରିବା ସହ ସଦ୍ଦାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସ୍ୱତନ୍ତ୍ର ପବ୍ଲିକ ପ୍ରେସିକ୍ୟୁଟର ଅମୀୟ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ଶରଣକୁଳ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ: ଭବାନୀପାଟଣା ପରାସ୍ତ

**ନୟାଗଡ଼ ଅଫିସ, ୧୬।୧୧**

ଲଡୁକେଶ ଆଥଲେଟିକ ଆସୋସିଏଶନ ଶରଣକୁଳ ପକ୍ଷରୁ ସ୍ଥାନୀୟ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ୬୧ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଚାଲୁ ରହିଛି। ବୁଧବାର ଚତୁର୍ଥ ଦିବସ ମ୍ୟାଚରେ ସାଇ ହାଲ ସୁନାବେଡା ୩-୧ ଗୋଲରେ ସ୍ପୋର୍ଟସ ହଷ୍ଟେଲ ଭବାନୀପାଟଣା ଦଳକୁ ପରାସ୍ତ କରି ବିଜୟୀ ହୋଇଛି। ଖେଳର ପ୍ରଥମାର୍ଦ୍ଧ ବେଶ ସଂଘର୍ଷ ପୂର୍ଣ୍ଣ ଥିବାବେଳେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ତେବେ ଦ୍ୱିତୀୟାର୍ଦ୍ଧ ଖେଳର ୧୦ତମ ମିନିଟ୍‌ରେ ସାଇ ହାଲ ସୁନାବେଡାର ୧୦ ନଂ. ଜର୍ସି ଖେଳାଳି କାର୍ତ୍ତିକ ହନ୍ତାଳ ଗୋଟିଏ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ପୁଣି ୨୬ତମ ମିନିଟ୍‌ରେ କାର୍ତ୍ତିକ ହନ୍ତାଳ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ସେହିପରି ୮ନଂ. ଜର୍ସି ଖେଳାଳି ଚନ୍ଦ୍ର ମୁଦୁଲି ୩ୟ ଗୋଲ ଦେଇଥିଲେ। ଖେଳର ଶେଷ ସମୟରେ ଭବାନୀପାଟଣା ଦଳର ୬ ନଂ. ଜର୍ସି ଖେଳାଳି ସୁରଜ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ସନ୍ତୋଷ କୁମାର ପାତ୍ର ଓ ମନସୁର ବକ୍ସ ଅତିଥି ରୂପେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ପ୍ରସନ୍ନ କୁମାର ନାୟକ, ଅଶୋକ କହଁର ଓ ପ୍ରଦୀପ୍ତ ମହାନ୍ତି ଲାଇନରେ ସହାୟତା କରିଥିଲେ। କାର୍ତ୍ତିକ ହେନ୍ତାଳଙ୍କୁ ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା। ଗୁରୁବାର ପ୍ରଥମ ସେମିଫାଇନାଲ ଖେଳ ଆଚିଭର କଟକ ଓ ହାଇଦ୍ରାବାଦ ଆର୍ମି ମଧ୍ୟରେ ଅନୁଷ୍ଠିତ ହେବ ବୋଲି କୁହାଯାଇଛି।


ଟୁର୍ନାମେଣ୍ଟରେ ଖେଳର ଏକ ଝଲକ।

# ଅଭିଯୋଗ, ଆନ୍ଦୋଳନ ସତ୍ତ୍ୱେ ଶୁଣୁନାହାନ୍ତି ସରକାର

**ନୟାଗଡ଼ ଅଫିସ,୧୬।୧୧**

- ଅବହେଳାର ପ୍ରତିବାଦ
- ୧୯ରେ ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନ

ବାରମ୍ବାର ଆନ୍ଦୋଳନ, ପ୍ରତିବାଦ ସତ୍ତ୍ୱେ ରାଜ୍ୟ ସରକାର କ୍ରମାଗତ ଭାବେ ପ୍ରାଥମିକ ଶିକ୍ଷକମାନଙ୍କୁ ଅବହେଳା କରିଚାଲିଛନ୍ତି। ଶିକ୍ଷକମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଦାବି ପୂରଣ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଭଳିସ୍ଥଳେ ପ୍ରାଥମିକ ଶିକ୍ଷକମାନେ ଏହାର ପ୍ରତିବାଦ କରି ଆସନ୍ତା ୧୯ ତାରିଖରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ବ୍ଲକ ଏଲିମେଣ୍ଟାରୀ ଶିକ୍ଷକ ସଂଘ ପକ୍ଷରୁ ପ୍ରସ୍ତୁତି ବୈଠକ ପ୍ରାଥମିକ ଶିକ୍ଷକ ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ପୀତବାସ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଆସନ୍ତା ୧୯ ତାରିଖରେ ଶିକ୍ଷକମାନଙ୍କର ଶୋଭାଯାତ୍ରା ନୟାଗଡ଼ ନ୍ୟୁ ଟାଉନଠାରୁ ବାହାରି ବଜାର ପରିକ୍ରମା କରିବା ସହ ନୟାଗଡ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ପହଞ୍ଚିବ। ସମ୍ପୃକ୍ତ ସ୍ଥାନରେ ପ୍ରତିବାଦ ସଭାର ଆୟୋଜନ କରାଯାଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ପରେ ଯଦି ରାଜ୍ୟ ସରକାର କାଳକ୍ଷେପଣ ନୀତି ଅବଲମ୍ବନ କରନ୍ତି ତେବେ ଆଗାମୀଦିନରେ ଆନ୍ଦୋଳନକୁ ବ୍ୟାପକ କରାଯାଇ ଜିଲାସ୍ତରରୁ ଆରମ୍ଭ କରି ରାଜ୍ୟସ୍ତରରେ ଜୋରଦାର ଆନ୍ଦୋଳନ କରାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ଦେବା, ୬ ବର୍ଷ ଠିକା ନିଯୁକ୍ତି ସମୟକୁ ନିୟମିତ କରି ୬ଟି ଇନ୍‌କ୍ରିମେଣ୍ଟ ଦେବା, ନିୟମିତ ପଦୋନ୍ନତି ଓ ପୁରୁଣା ପେନ୍‌ସନ ପ୍ରଚଳନ କରିବା ଆଦି ଦାବି ନେଇ ଶିକ୍ଷକମାନେ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି। ସରକାର ଦାବି ସମ୍ପର୍କରେ ଅବଗତ ଥାଇ ଏଡ଼ାଇ ଚାଲିଛନ୍ତି। ନିକଟରେ ରାଜ୍ୟ ସରକାର ୨୦୧୩ରୁ ମାଧ୍ୟମିକ ସ୍ତରରେ ଠିକାରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କ ଚୁକ୍ତିକାଳକୁ ନିୟମିତ ମାନ୍ୟତା ପ୍ରଦାନ କରି ୬ଟି ଇନ୍‌କ୍ରିମେଣ୍ଟ ପ୍ରଦାନ କରିଛନ୍ତି। ଏଣୁ ଏଲିମେଣ୍ଟାରୀ ଶିକ୍ଷକମାନଙ୍କୁ ଦେବାରେ କିଛି ଅସୁବିଧା ନାହିଁ। ତେବେ ପ୍ରାଥମିକ ଶିକ୍ଷକମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ଅବହେଳା ପ୍ରତିବାଦରେ ଆଗାମୀ ବିଧାନସଭା ଅଧିବେଶନ କାଳରେ ରାଜ୍ୟ ସଂଘ ଜୋରଦାର ଆନ୍ଦୋଳନ କରିବା ପାଇଁ ପ୍ରସ୍ତୁତି ଚଳାଇଛି। ପ୍ରସ୍ତୁତି ବୈଠକରେ ପ୍ରାଥମିକ ଶିକ୍ଷକ ସଂଘ ନୟାଗଡ଼ ବ୍ଲକ ସମ୍ପାଦକ ଭକ୍ତବଲ୍ଲଭ ବଟକୃଷ୍ଣ ମିଶ୍ର ଅତିଥି ଭାବେ ଯୋଗଦେଇ ଆଗାମୀ ଶିକ୍ଷକ ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ କରିଛନ୍ତି। ଅନ୍ୟପକ୍ଷେ ଏଲିମେଣ୍ଟାରୀ ଶିକ୍ଷକ ସଂଘ ସମ୍ପାଦକ ସୁରେଶ ସେଠୀ, ଶିକ୍ଷକ ନେତା ଲକ୍ଷ୍ମୀଧର ସାହୁ, ମୃତ୍ୟୁଞ୍ଜୟ ଷଡଙ୍ଗୀ, ସଂଗ୍ରାମ ସାହୁ, ରମାକାନ୍ତ ମହାନ୍ତି, ସଞ୍ଜୟ ସୁବୁଦ୍ଧି, ସଲିମ ଇବ୍ରାହିମ, ଜୀବନଜ୍ୟୋତି ହୋତା, ମନ୍ମଥ କିଶୋର ନାୟକ, ଅଜୟ ସାଥୁଆ, ମନୋଜ ବେହେରା, ମୀନାକ୍ଷୀ କର, ଶୁଚିସ୍ମିତା ମିଶ୍ର, ନମିତା ରଥ, ଗାୟତ୍ରୀ ଚମ୍ପତିରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଆଗାମୀ ଶିକ୍ଷକ ଆନ୍ଦୋଳନକୁ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ।


ବୈଠକରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

**ସେଲ୍ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ଭରତ



@ ପ୍ରଣୟ


@ ଅବନି


@ ସୁବେଶ


@ ସାଗର


@ କ୍ଷମାନିଧି

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୭ ନଭେମ୍ବର, ୨୦୨୨



# ବିଧାୟିକା ବିରୋଧୀ ମେଳିରେ ଫାଟ

## ରସୁଲପୁରର ୧୦ ପଞ୍ଚାୟତରେ ନୂଆ ସମୀକରଣ

ରସୁଲପୁର,୧୬।୧୧(ଡି.ଏନ୍.ଏ.)

ଯାଜପୁର ଜିଲା ବରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଥିବା ରସୁଲପୁର ବ୍ଲକର ୧୦ ପଞ୍ଚାୟତରେ ବିଜେଡି ରାଜନୀତିରେ ନୂଆ ସମୀକରଣ ଦେଖାଦେଇଛି। ସେହି ୧୦ ପଞ୍ଚାୟତ ପ୍ରଥମାଖଣ୍ଡି, ରାଜେନ୍ଦ୍ରପୁର, ଅତଲାପୁର, ସାମନ୍ତରାପୁର, ମଙ୍ଗରାଜପୁର, ଅର୍ଥଗାଁ, ବ୍ରହ୍ମବରଦା, ବନ୍ଧଡ଼ିହ, ରାଉତରାପୁର, ମହେଶ୍ୱରପୁରରେ ବିଜେଡିର ପତିଆରା ରହିଆସିଛି। ଏଗୁଡ଼ିକରେ ବିଜେଡି ନେତ୍ରୀ ତଥା ବରୀ ବିଧାୟିକା ସୁନନ୍ଦା ଦାସଙ୍କ ବିରୋଧରେ ଦଳର ତୃଣମୂଳ ନେତାଙ୍କର ମେଳି ଦେଖିବାକୁ ମିଳିଛି। ହେଲେ ଗୋଟିଏ ମଞ୍ଚରେ ବିରୋଧୀମାନେ ବିଧାୟିକାଙ୍କ ବିରୋଧରେ ମେଳି ହେବାର ମାସକ ମଧ୍ୟରେ ଏବେ ଫାଟ ଦେଖାଦେଇଛି।

୨୦୦୯ ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ହୋଇଥିଲା। ବରୀ ବ୍ଲକର ୨୭, ରସୁଲପୁର ବ୍ଲକର ୧୦ ଏବଂ ଯାଜପୁର ବ୍ଲକର ୮ ପଞ୍ଚାୟତକୁ ନେଇ ବରୀ ନିର୍ବାଚନ ମଣ୍ଡଳୀ ଗଠିତ ହୋଇଥିଲା। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକଙ୍କୁ ଟିକେଟ ଦେଇ ନ ଥିଲା। ତାଙ୍କ ସ୍ଥାନରେ ନୂଆରେ ଦଳରେ ଯୋଗଦେଇଥିବା ଭାଜପା ନେତ୍ରୀ ସୁନନ୍ଦା ଦାସଙ୍କୁ ପ୍ରାର୍ଥୀ କରାଯାଇଥିଲା। ତାଙ୍କୁ ଜିତାଇବାରେ ରସୁଲପୁର ବ୍ଲକର ୧୦ ପଞ୍ଚାୟତର ଭୋଟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ବିଧାୟିକାଙ୍କ କାର୍ଯ୍ୟ ଅବଧିର ସାଢେ ୩ବର୍ଷ ମଧ୍ୟରେ ଏହିସବୁ ପଞ୍ଚାୟତରେ ବିଜେଡି ମୂଳକର୍ମୀମାନଙ୍କୁ ଅଣଦେଖା କରାଯାଉଥିବା କେତେଜଣ ନେତା ଅଭିଯୋଗ କରି ମେଳି ବାନ୍ଧିଥିଲେ। ଗତ ଅକ୍ଟୋବର ୧୨ରେ ପୂର୍ବତନ ସରପଞ୍ଚ ସୁଶାନ୍ତ ବେହେରା, ଅଭିମନ୍ୟୁ ମହାଳିକ, ପ୍ରଫୁଲ୍ଲ ସାହୁ, ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ବନ୍ଧଡ଼ିହ ପଞ୍ଚାୟତର ଯୁବନେତା ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖଙ୍କ ନେତୃତ୍ୱରେ ୧୦ ପଞ୍ଚାୟତର ବିଧାୟକ ବିରୋଧୀମାନଙ୍କୁ ନେଇ ମେଳି ହୋଇଥିଲା। ମଙ୍ଗରାଜପୁର ପଞ୍ଚାୟତରେ ଆୟୋଜିତ ଏକ ସାଧାରଣ ସଭାରେ ବିରୋଧୀମାନେ ବିଜେଡି ବ୍ୟାନର ତଳେ ଏକତ୍ର ହୋଇ ବିଧାୟିକାଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରିଥିଲେ। ବିଧାୟକ ଏବଂ ବିଶ୍ୱରଞ୍ଜନ ମଲ୍ଲିକ (ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭାଜପା ଛାଡି ବିଜେଡିରେ ଯୋଗଦେଇଥିଲେ)ଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରାଯାଇଥିଲା। ଉଭୟ ନେତାଙ୍କୁ ୨୦୨୪ ସାଧାରଣ ନିର୍ବାଚନରେ ଦଳୀୟ ଟିକେଟରୁ ବାଦ୍ କରିବା ପାଇଁ ସେମାନେ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ଉକ୍ତ ସଭା ଜରିଆରେ ନିବେଦନ କରିଥିଲେ। ଏହି ୨ଜଣ ଆମଦାନୀ ନେତା ମୂଳ ବିଜେଡି କର୍ମୀ ଓ ଜନପ୍ରତିନିଧିମାନଙ୍କୁ ଅଣଦେଖା କରିବା ଏବଂ ନିଜର ସମର୍ଥକ ଓ ଭାଜପା ନେତାମାନଙ୍କୁ ଗୁରୁତ୍ୱ ଦେଉଥିବା ସେମାନେ ଅଭିଯୋଗ କରିଥିଲେ। ଏପରି କି ବିଧାୟିକା ଏବଂ ବିଶ୍ୱରଞ୍ଜନଙ୍କ ବିରୋଧରେ ନାନା ଦୁର୍ନୀତି ଆଣିବା ସହ ପଞ୍ଚାୟତସ୍ତରୀୟ ଭୋଟ ଅଙ୍କ ସମ୍ପର୍କରେ ସେମାନେ ଖବରଦାତା ସମ୍ମିଳନୀ ଓ ସମାବେଶ ଜରିଆରେ ଦଳୀୟ ନେତୃତ୍ୱଙ୍କୁ ଅବଗତ କରାଇଥିଲେ। କିନ୍ତୁ ଏବେ ବିରୋଧୀ ମେଳିରେ ଫାଟ ଦେଖାଦେଇଛି । ଗତ ୧୨ ତାରିଖରେ ପ୍ରଥମାଖଣ୍ଡି ପଞ୍ଚାୟତ ମୂଳାପାଳ ଛକଠାରେ ଆୟୋଜିତ ଏକ ଶିଳାନ୍ୟାସ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟିକା ଦାସଙ୍କ ସହ ବିରୋଧୀମାନଙ୍କ ପକ୍ଷରୁ ସୁଶାନ୍ତ ବେହେରା, ଅଭିମନ୍ୟୁ ମହାଳିକ, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ସୁଶାନ୍ତ ବେହେରାଙ୍କୁ ପଚାରିବାରୁ ବିଧାୟିକାଙ୍କ ସହ ରହିଥିବା ମତାନ୍ତର ଦୂର ହୋଇଛି। ଉଭୟଙ୍କ ମଧ୍ୟରେ ଆଲୋଚନା ପରେ ବିବାଦ ତୁଟି ଯାଇଛି। ଆଗକୁ ବିଧାୟିକାଙ୍କ ସହ ରହି ଦଳୀୟ ସାଂଗଠନିକ କାର୍ଯ୍ୟ କରିବେ ବୋଲି ସେ କହିଥିଲେ। ମେଳିର ନେତୃତ୍ୱ ନେଉଥିବା ପୂର୍ବତନ ସରପଞ୍ଚ ତଥା ବିଧାୟକ ପ୍ରତିନିଧି ପ୍ରଫୁଲ୍ଲ ସାହୁଙ୍କୁ ପଚାରିବାରୁ ତାଙ୍କର କେତେଜଣ ସହଯୋଗୀ ଆତ୍ମଘାତୀ କାର୍ଯ୍ୟ କରିଛନ୍ତି । ଲାଭଲୋଭକୁ ଗୁରୁତ୍ୱ ଦେଇ ସେମାନେ ସଂଗଠନ ଛାଡ଼ି ଦେଇଛନ୍ତି । ହେଲେ ଏ ସବୁ ସତ୍ତ୍ୱେ ତାଙ୍କର ବିଧାୟିକା ବିରୋଧୀ ଅଭିଯାନ ଜାରି ରହିବ। ସହଯୋଗୀମାନେ ଛାଡ଼ି ଚାଲିଗଲେ ବି ତାଙ୍କ ସଂଗଠନକୁ କିଛି ଫରକ ପଡ଼ିବନାହିଁ ବୋଲି ସେ କହିଛନ୍ତି। ଅନ୍ୟତମ ପ୍ରମୁଖ ବିରୋଧୀ ନେତା ପ୍ରଦୀପ ଦାସଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ପଚାରିବାରୁ ଦଳରେ ମତାନ୍ତର ଓ ମନାନ୍ତର ହେବା କିଛି ନୂଆକଥା ନୁହେଁ। ସେ କାହାରିକୁ ବିରୋଧୀ ଦୃଷ୍ଟିରେ ଦେଖନ୍ତି ନାହିଁ। ଘରେ କେହି ପୁଅ ଅବୁଝା ହେଲେ ସେମାନଙ୍କୁ ବୁଝାଇବା ତାଙ୍କର କାମ । ସେ କାର୍ଯ୍ୟ କରିବାରେ ସର୍ବଦା ଚେଷ୍ଟିତ। ବରୀ ବିଜେଡିକୁ ଅଖଣ୍ଡ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମ୍ମାନକୁ ଉଚ୍ଚା କରିବାକୁ ସେ ସବୁବେଳେ ପ୍ରୟାସ ଜାରି ରଖିଆସୁଛନ୍ତି ବୋଲି କହିଛନ୍ତି।

## ସଂକ୍ଷେପରେ

### ଫେଙ୍କର ବେଦାନ୍ତ ପକ୍ଷରୁ କିଚେନ ଗାର୍ଡେନ ପାଇଁ ପ୍ରଶିକ୍ଷଣ

କାଳିଆପାଣି,୧୬।୧୧(ଡି.ଏନ.ଏ.): ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖଣି ଅଞ୍ଚଳର କାଳିଆପାଣି ପଞ୍ଚାୟତରେ ୧୦ ସ୍ୱୟଂ ସହାୟକ ଗୋଷ୍ଠୀକୁ କିଚେନ ଗାର୍ଡେନ ପାଇଁ ପ୍ରଶିକ୍ଷଣ ଓ ମଞ୍ଜି ଯୋଗାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗତ ମଙ୍ଗଳବାର କାଳିଆପାଣି ପଞ୍ଚାୟତ କାର୍ଯ୍ୟାଳୟରେ କାଳିଆପାଣି ଓ ରାଁସୋଳ ପଞ୍ଚାୟତର ୧୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ କିଚେନ ଗାର୍ଡେନ ପାଇଁ ଦିନିକିଆ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରରେ ତାରାତାରିଣୀ, ଗାୟତ୍ରୀ, ଚଣ୍ଡୀମାତା ,ମା'ତାରିଣୀ, ନିର୍ଝରଣୀ, ମା'ଦୁର୍ଗା, ମା'ତୁଳସୀ ,ନାରାୟଣୀ , ଜୟ ବଜରଙ୍ଗବାଲି ଆଦି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ପ୍ରଶିକ୍ଷକ ମାନସ କୁମାର ଜେନା ପ୍ରଶିକ୍ଷଣ ଦେଇଥିଲେ । ପ୍ରଶିକ୍ଷଣ ପରେ ସନ୍ଧ୍ୟାରେ ସମସ୍ତେ ସଦସ୍ୟଙ୍କୁ ବିଭିନ୍ନ ପରିବା ମଞ୍ଜି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କମ୍ପାନୀର ସିଏସ୍ଆର ମୁଖ୍ୟ ନିଳେନ୍ଦ୍ରୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର ମୁଖ୍ୟଅତିଥି ଓ କମ୍ପାନୀର ପରିବହନ ବିଭାଗ ମୁଖ୍ୟ ଅଜୟ କୁମାର ପାତ୍ର , କାଳିଆପାଣି ସରପଞ୍ଚ ବିକାଶ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଞ୍ଜି ବଣ୍ଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସିଏସ୍ଆର ଟିମ ସଦସ୍ୟ ୱାକର ରହମାନ ଓ ସହଯୋଗୀମାନେ ପରିଚାଳନା କରିଥିଲେ ।

### ଦୁର୍ଘଟଣାରେ ଆହତ ବୃଦ୍ଧଙ୍କ ମୃତ୍ୟୁ

ପାଣିକୋଇଲି,୧୬।୧୧(ଡି.ଏନ.ଏ.): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଗୋଳେଇପୁର ଛକ ନିକଟରେ ମଙ୍ଗଳବାର ବାଇକ୍ ଦୁର୍ଘଟଣାରେ ଆହତ ସାନ ବିରୁହାଁ (ଟିକର) ଗ୍ରାମର ଅଙ୍କୁର ବେହେରା (୫୮)ଙ୍କୁ ପୋଲିସ ପାଟ୍ରୋଲିଂ ଗାଡ଼ିରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଯାଇଥିଲା । ତେବେ କଟକ ଯିବା ବାଟରେ ଅଙ୍କୁରଙ୍କ ମୃତ୍ୟୁ ଘଟିଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ନିଆରା ଢଙ୍ଗରେ ପ୍ରଥମାଷ୍ଟମୀ ପାଳିତ

କାଏମା,୧୬।୧୧(ଡି.ଏନ.ଏ.): ଅସହାୟର ବନ୍ଧୁ ସେବା ସଙ୍ଗଠନ ବୁଧବାର ଏକ ନିଆରା ଢଙ୍ଗରେ ପ୍ରଥମାଷ୍ଟମୀ ପାଳନ କରିଛି । ଧର୍ମଶାଳା ବ୍ଲକର ସୁନ୍ଦୁରିଆ ପଞ୍ଚାୟତର ତରାପୁର ଗ୍ରାମର ବସ୍ତିରେ ଥିବା ଅସହାୟ ଲୋକମାନଙ୍କୁ ପ୍ରଥମାଷ୍ଟମୀ ଉପଲକ୍ଷେ ଅସହାୟର ବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ଏଣ୍ଡୁରି ପିଠା,ମିଠା, ତରକାରୀ ଏବଂ ନୂତନ ବସ୍ତ୍ର ପ୍ରଦାନ କରାଯାଇଛି । ଏଥିରେ ସଙ୍ଗଠନର ସଭାପତି କିଶୋର ଚନ୍ଦ୍ର ସାହୁ, ପ୍ରତିଷ୍ଠାତା ତଥା ସମ୍ପାଦକ ଶ୍ରୀଗଣେଶ୍ୱର ନାୟକ, କାଦମ୍ବିନୀ ମିଶ୍ର, ଅଜୟ କୁମାର ସେଠୀ ଓ ଅନ୍ୟ ସଦସ୍ୟ ମାନେ ଯୋଗଦେଇଥିଲେ ।

# ଧର୍ମଶାଳା ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟା

ଧର୍ମଶାଳା,୧୬।୧୧(ଡି.ଏନ୍.ଏ.)

ଧର୍ମଶାଳା ସାଧାରଣତନ୍ତ୍ର ଦିବସ ପାଳନ କମିଟି ପକ୍ଷରୁ ବାଣୀପୀଠ ପଡ଼ିଆରେ ଚଳିଥିବା ୫ମ ଧର୍ମଶାଳା ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟାରେ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ବ୍ରଜ କିଶୋର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କବି ଡ. ନୃସିଂହ ଷଡ଼ଙ୍ଗୀ ଯୋଗଦେଇ ପ୍ରାଚୀନ କାଳରେ ତାଳପତ୍ର ପୋଥି ଥିଲା । କ୍ରମେ ଏହା ପୁସ୍ତକରେ ପରିଣତ ହୋଇଛି । ଲକ୍ଷ୍ମୀ ପୁରାଣ ପୁସ୍ତକ ଏବେ ବି ଘରେ ଘରେ ରହିଛି । ଏହି ପୁସ୍ତକଟି ଓଡିଆମାନଙ୍କ ଗର୍ବ ଓ ଗୌରବ । ଯେଉଁଥିରେ ଜାତିପ୍ରଥା ଓ ଆଧ୍ୟାତ୍ମିକ ଭାବ ପୁରି ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଗାଳ୍ପିକ ଅର୍ଜ୍ଜୁନ ପୃଷ୍ଟି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମନୋଜ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଧର୍ମଶାଳା ବାଣୀପୀଠ, ଜାରକା ହାଇସ୍କୁଲ, ଚୋରମୁହାଁ ଉପ୍ରା ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଧର୍ମଶାଳାର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ ।

# ଗଣମାଧ୍ୟମ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରହିଲେ ଲୋକେ ଉପକୃତ ହେବେ




ଜାତୀୟ ପ୍ରେସ୍ ଦିବସ ପାଳନ ସଭାରେ ଜିଲାପାଳ ଓ ଅନ୍ୟମାନେ ।

## ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ଯାଜପୁର ଟାଉନ,୧୬।୧୧(ଡି.ଏନ.ଏ.)

ଜିଲା ପରିଷଦ ସମ୍ମିଳନୀ ଗୃହରେ ଜିଲାସ୍ତରୀୟ ପ୍ରେସ୍ ଦିବସ ବୁଧବାର ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଯୋଗଦେଇ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଗଣମାଧ୍ୟମ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରହିଲେ ସାଧାରଣ ଜନତାଙ୍କ ମୌଳିକ ଆବଶ୍ୟକତା ପୂରଣ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଉକ୍ତ ଆଲୋଚନା ଚକ୍ରରେ ଅଧ୍ୟକ୍ଷତା କରି ଜନସାଧାରଣ, ସରକାର ଓ ପ୍ରଶାସନ ମଧ୍ୟରେ ଏକ ସେତୁ ସଦୃଶ ଭଳି କାମ କରିଥାଏ ଗଣମାଧ୍ୟମ । ପ୍ରତିଦିନ ଲୋକଙ୍କ ସମସ୍ୟା, ସେମାନଙ୍କ ଆବଶ୍ୟକତା, ଯୋଜନାର ପ୍ରସାର ପ୍ରଚାର କରୁଥିବାରୁ ଗଣମାଧ୍ୟମ ରାଷ୍ଟ୍ର ଗଠନରେ ସହାୟକ ହୋଇଥାଏ । ଗଣମାଧ୍ୟମର ସୁରକ୍ଷା ଓ ମୌଳିକ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ଦୁଃଖବନ୍ଧୁ ନାୟକ ଯୋଗଦେଇ ଗଣମାଧ୍ୟମର କାର୍ଯ୍ୟ ଏକ ସାମାଜିକ ସେବା ବୋଲି ଅଭିହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିମାନେ ସମାଜର ବୃହତ୍ତର ସ୍ୱାର୍ଥ ପାଇଁ କାର୍ଯ୍ୟ କରିଥାନ୍ତି । ନିରପେକ୍ଷ ଭାବେ ସୁସ୍ଥ ସମାଲୋଚନା ଗଣତନ୍ତ୍ରକୁ ଦୃଢ କରିବ ବୋଲି ସେ ମତ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଯାଜପୁର ପ୍ରେସ୍ କ୍ଲବର ସଭାପତି ରାଜୀବ କୁମାର ମହାନ୍ତି ଯୋଗଦେଇ ଗଣତନ୍ତ୍ରରେ ଗଣମାଧ୍ୟମ ଏକ ନିରପେକ୍ଷ ଏବଂ ନିର୍ଭିକ ଭାବେ ତାର ଦାୟିତ୍ୱ ପ୍ରତିପାଦନ କରି ପ୍ରକାରାନ୍ତରେ ରାଷ୍ଟ୍ର ଗଠନରେ ସହାୟକ ହୋଇପାରିଛି ବୋଲି କହିଥିଲେ ।

ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କଅଧିକାରୀ ସରୋଜ କୁମାର ଶତପଥୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଗଣମାଧ୍ୟମ ପ୍ରତିନିଧି ଆନନ୍ଦ ଚନ୍ଦ୍ର ସାହୁ, ଜୟନ୍ତ କୁମାର ଗୋସ୍ୱାମୀ, ଆଦିତ୍ୟ ମେକାପ୍, କୈଳାସ ଚନ୍ଦ୍ର ନାୟକ, ଅଜୟ ରାଉଳ, ପରମେଶ୍ୱର ବେହୁରିଆ, ସମର ବିଜୟ ସରଣ, ଅଜୟ କୁମାର ରଣା, ଦିଲ୍ଲୀପ କୁମାର ଦାସ ଓ ତପନ କୁମାର ମହାରଣ୍ୟ ପ୍ରମୁଖ ବିବିଧ ସମସ୍ୟା, ଆବଶ୍ୟକତା, ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟିପିଏନ୍ଓଡିଏଲ୍ର ଗ୍ରାହକ ସେବାକେନ୍ଦ୍ର ଉଦ୍‌ଘାଟିତ



ଗ୍ରାହକ ସେବାକେନ୍ଦ୍ରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଯାଜପୁର ଅଫିସ,୧୬।୧୧

ଟାଟା ପାୱାର ନର୍ଦ୍ଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏନ୍ଓଡିଏଲ୍) ପକ୍ଷରୁ ଯାଜପୁର ଟାଉନ୍ର ରକ୍ଷାକାଳୀ ମନ୍ଦିର ନିକଟସ୍ଥ କଲ୍ୟାଣପୁରଠାରେ ବୁଧବାର ଏକ ନୂଆ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟନ କରାଯାଇଛି। ଏହାକୁ ମିଶାଇ ଟିପିଏନ୍ଓଡିଏଲ୍ର ବିଦ୍ୟୁତ୍ ବଣ୍ଟନ ପାଇଁ ଲାଇସେନ୍ସପ୍ରାପ୍ତ ଅଞ୍ଚଳରେ ଗ୍ରାହକ ସେବା କେନ୍ଦ୍ର ସଂଖ୍ୟା ୧୦ରେ ପହଞ୍ଚିଛି। ନୂଆ ଗ୍ରାହକ ସେବା କେନ୍ଦ୍ରକୁ ଟିପିଏନ୍ଓଡିଏଲ୍ର ସିଇଓ ଭାସ୍କର ସରକାର ଉଦ୍‌ଘାଟନ କରିଥିଲେ। ଯାଜପୁର ଟାଉନ୍ର ଏଡିଏମ୍ ଅକ୍ଷୟ କୁମାର ମଲ୍ଲିକ, କମ୍ପାନୀର ଚିଫ୍ ଅଫ୍ କମର୍ସ ଦୁଷ୍ମନ୍ତ କୁମାର ତ୍ୟାଗୀ, ଗ୍ରାହକ ସେବା ମୁଖ୍ୟ ବିନୋଦ କୁମାର ବିଏନ୍, ଯାଜପୁର ରୋଡ୍ର ଏସ୍ଇ ବିଭୁ ରଞ୍ଜନ ସାହୁ, ଯାଜପୁର ଟାଉନ୍ର ଏକ୍ଜିକ୍ୟୁଟିଭ୍ ଇଞ୍ଜିନିୟର ଗୌରହରି ମଣ୍ଡଳ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସିଇଓ ଭାସ୍କର କହିଥିଲେ ବାସ୍ତବ ଗ୍ରାହକଙ୍କ ସନ୍ତୁଷ୍ଟି ପାଇଁ ଲକ୍ଷ୍ୟ ରଖିଛୁ। ପେସାଦାରମାନଙ୍କ ଉଚ୍ଚ ପ୍ରଶିକ୍ଷିତ ଟିମ୍ ସମେତ ଗ୍ରାହକ ସେବା କେନ୍ଦ୍ରଗୁଡ଼ିକର ଏହି ଶୃଙ୍ଖଳା ଆମ ଗ୍ରାହକମାନଙ୍କୁ ଉତ୍ତମ ଅନୁଭୂତି ପ୍ରଦାନ କରିବା ଲାଗି ରହିଥିବା ଲକ୍ଷ୍ୟ ଦିଗରେ ସେବା ପ୍ରଦାନ କରିବେ। ଗ୍ରାହକମାନେ ସମସ୍ୟା ଓ ପ୍ରଶ୍ନ ପାଇଁ ଟିପିଏନ୍ଓଡିଏଲ୍ର ଟୋଲ୍ ଫ୍ରି ନମ୍ବର ୧୮୦୦-୩୪୫-୬୭୧୮/୧୯୧୨ ରହିଛି। ଟିପିଏନ୍ଓଡିଏଲ୍ ଅଧୀନରେ ଥିବା ୧୫୯ଟି ସେକ୍ସନରୁ ପ୍ରତି ସେକ୍ସନରେ ଜଣେ ଲେଖାଏ ଗ୍ରାହକ ସେବା କେନ୍ଦ୍ର ଏକ୍ଜିକ୍ୟୁଟିଭ୍ ନିଯୁକ୍ତ କରାଯାଇଛି। ଏହାବ୍ୟତୀତ, ଉତ୍ତର ଓଡ଼ିଶା ସମ୍ପର୍କିତ ବିଦ୍ୟୁତ୍ ପାଇଁ ଯେକୌଣସି ସେବା ନିମନ୍ତେ ଗ୍ରାହକମାନେ ମାଇଁ ଟାଟା ପାୱାର ମୋବାଇଲ୍ ଆପ୍ ଡାଉନ୍‌ଲୋଡ୍ କରିପାରିବେ।

# କୋରେଇ ବିଧାୟକଙ୍କ ଦ୍ୱାରା ଉନ୍ନୟନ କାର୍ଯ୍ୟର ସମୀକ୍ଷା

ରସୁଲପୁର,୧୬।୧୧(ଡି.ଏନ.ଏ.)

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ସନ୍ଧ୍ୟାରେ କୋରେଇ ବିଧାୟକ ଅଶୋକ କୁମାର ବଳଙ୍କ ଦ୍ୱାରା ଏହି ବ୍ଲକରୁ ତାଙ୍କ ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଥିବା ୯ ପଞ୍ଚାୟତର ଉନ୍ନୟନ କାର୍ଯ୍ୟକୁ ସମୀକ୍ଷା କରିଛନ୍ତି । ବିଭିନ୍ନ ପଞ୍ଚାୟତରେ ଅଧୁରା ରହିଥିବା କାର୍ଯ୍ୟ ଶେଷ କରିବା, ଖର୍ଚ୍ଚ ହୋଇପାରୁ ନ ଥିବା ଅର୍ଥର ସୁ-ବିନିଯୋଗ, ପଞ୍ଚାୟତ ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟରେ ସମନ୍ୱୟ ରଖି ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ବିଧାୟକ ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରସୁଲପୁର ବିଡିଓ ଅବନୀକାନ୍ତ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ ଜେନା, କନିଷ୍ଠ ଯନ୍ତ୍ରୀ, ସରପଞ୍ଚ, ସମିତିସଭ୍ୟା/ସଭ୍ୟ, ନିର୍ବାହୀ ଅଧିକାରୀ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉକ୍ତ ବୈଠକରେ ବନ୍ୟା ପ୍ରଭାବିତ ରାସ୍ତା ମରାମତି ପାଇଁ ଅନୁଦାନ, ପଞ୍ଚଦଶ କେନ୍ଦ୍ରୀୟ ଓ ୫ମ ରାଜ୍ୟ କମିଶନ ଅନୁଦାନ, ସ୍ୱତନ୍ତ୍ର ସମସ୍ୟା ସମାଧାନ ପାଣ୍ଠି ଆଦିକୁ ତୁରନ୍ତ ଖର୍ଚ୍ଚ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା । ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଇ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବ୍ଲକ ଓ ପଞ୍ଚାୟତ ପ୍ରଶାସନକୁ ପରାମର୍ଶ ଦିଆଯାଇଛି । ବିଭିନ୍ନ ସମସ୍ୟାକୁ ନେଇ ବନ୍ଦ ପଡିଥିବା ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଡିଓ ସାହୁଙ୍କୁ ବିଧାୟକ ବଳଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ଉନ୍ନୟନ କାର୍ଯ୍ୟକୁ ଅଗ୍ରାଧିକାର ଦିଆଯାଇ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି ।

# ଆବାସ ଯୋଜନାରୁ ବଞ୍ଚିତ ୨ ଦିବ୍ୟାଙ୍ଗ ପରିବାର





ଭଙ୍ଗାଘର ସମ୍ମୁଖରେ ପୁରୁଷୋତ୍ତମ ସେଠୀ ଓ ଶୁଭ୍ରଦୀପ ରାୟ।

ବରୀ,୧୬।୧୧(ଡି.ଏନ.ଏ.)

ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ସେଥି ମଧ୍ୟରୁ ଆବାସ ଯୋଜନା ଅନ୍ୟତମ । କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ହେଲେ ପ୍ରକୃତ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି । ବିଶେଷ କରି ପ୍ରଶାସନିକ ଅଧିକାରୀମାନେ ଏଥିରେ ପ୍ରତିବନ୍ଧକ ସାଜିଥିବା ଅଭିଯୋଗ ହୋଇଛି । ଫଳରେ ସେହି ହିତାଧିକାରୀମାନେ କେବଳ ଭାଗ୍ୟ, ଭଗବାନଙ୍କୁ ଏଥିପାଇଁ ଦାୟୀ କରି ଖୋଲା ଆକାଶ ତଳେ ପଡି ରହିଛନ୍ତି।

ସୂଚନା ଅନୁଯାୟୀ, ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ କଳାମାଟିଆ ପଞ୍ଚାୟତ ଉପରକାଇପଡ଼ା ଗ୍ରାମ ୭ନଂ. ୱାର୍ଡର ପର୍ଶୁରାମ ସେଠୀ ଓ ଶୁଭ୍ରଦୀପ ରାୟଙ୍କୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ୧୯୯୯ ମହାବାତ୍ୟାରେ ଦିବ୍ୟାଙ୍ଗ ଶୁଭ୍ରଦୀପଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା । ସେଦିନଠାରୁ ତାଙ୍କ ପରିବାର ଖୋଲା ଆକାଶ ତଳେ ପଡି ରହିଛନ୍ତି । ଅପରପକ୍ଷେ ପର୍ଶୁରାମଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଲିକାଭୁକ୍ତ ଥିବା ବେଳେ ତଦନ୍ତ ଦାୟିତ୍ୱରେ ଥିବା କେତେଜଣ ଅଧିକାରୀଙ୍କ ଲାଞ୍ଚଖୋର ମନୋଭାବ ଯୋଗୁ ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆମେ ସାମିଲ ହୋଇପାରିଲୁ ନାହିଁ ବୋଲି କୋହଭରା କଣ୍ଠରେ ପର୍ଶୁରାମ କହିଛନ୍ତି। ଯଦି ଦିବ୍ୟାଙ୍ଗ ପର୍ଶୁରାମ ଓ ଶୁଭ୍ରଦୀପଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାଭୁକ୍ତ ହୋଇଥିଲା ତା'ହେଲେ ସେମାନେ ବାଦ୍ ପଡିଲେ କେମିତି। କେଉଁ କାରଣରୁ ତାଙ୍କ ନାମକୁ ବାଦ୍ ଦିଆଗଲା ବୋଲି ପ୍ରଶ୍ନ ଉଠିଛି । ଉଭୟ ଦିବ୍ୟାଙ୍ଗ ପରିବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ବରୀ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କ କଥାକୁ ଗୁରୁତ୍ୱ ଦିଆ ନ ଯିବା ଘଟଣା ବିବାଦ ସୃଷ୍ଟି କରିଛି । ଏହି ଦୁଇ ଦିବ୍ୟାଙ୍ଗ ପରିବାରକୁ ତୁରନ୍ତ ଉକ୍ତ ଯୋଜନାରେ ସାମିଲ କରାଯାଇ ବାସଗୃହ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# 'ଗାଁ ମାଟି ମୋତେ ଲେଖକ, ଚିତ୍ରଶିଳ୍ପୀ କରିଛି'

## ସମ୍ମାନସୂଚକ ଫେଲୋଶିପ୍ ପାଇବା ପରେ ପ୍ରଫୁଲ୍ଲ ମହାନ୍ତିଙ୍କ ପ୍ରତିକ୍ରିୟା

ପ୍ରଦୀପ୍ତ କୁମାର ପୃଷ୍ଟି
ଚଣ୍ଡିଖୋଲ,୧୬।୧୧

ମୋ ଗାଁ ପାଇଁ ମୁଁ ଆଜି ଏହି ସମ୍ମାନ ପାଇଛି। କାରଣ ମୋ ଗାଁ ମୋତେ ଗଢିଛି। ତା'ର ମାଟି, ପାଣି ଓ ପବନ ମୋତେ ଆଜି ଜଣେ ଲେଖକ ଓ ଚିତ୍ରଶିଳ୍ପୀ ଭାବେ ସାରା ପୃଥିବୀରେ ପରିଚୟ କରାଇଛି। ତେଣୁ ଆଜି ଯେଉଁ ସମ୍ମାନ ପାଇଲି ଏହାକୁ ମୁଁ ମୋର ଗାଁ ସମେତ ଭାରତର ସବୁ ଗାଁ ପାଇଁ ଉତ୍ସର୍ଗ କରୁଛି ବୋଲି କହିଛନ୍ତି ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ଆନ୍ତର୍ଜାତୀୟ ଲେଖକ ପ୍ରଫୁଲ୍ଲ ମହାନ୍ତି। ମଙ୍ଗଳବାର ନୂଆଦିଲ୍ଲୀରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ସାହିତ୍ୟ ଏକାଡେମୀ ପୁସ୍ତକମେଳା ଅବସରରେ ତାଙ୍କୁ ସମ୍ମାନସୂଚକ ଫେଲୋଶିପ୍ ପ୍ରଦାନ କରାଯାଇଛି। ଏହା ପାଇବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ।

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ନାନ୍‌ପୁର ଗ୍ରାମରେ ଜନ୍ମିତ ପ୍ରଫୁଲ୍ଲ ଦୀର୍ଘବର୍ଷ ଧରି ଲଣ୍ଡନରେ ରହୁଛନ୍ତି। ଏହାପରେ ବି ସେ ଗାଁ ମାଟିର ବାସ୍ନାକୁ ଭୁଲି ପାରନ୍ତିନି। ସେଥିପାଇଁ ପ୍ରତିବର୍ଷ ୨ମାସ ଲାଗି ଗାଁ କୁ ଆସନ୍ତି ଏବଂ ଗ୍ରାମର ଲୋକମାନଙ୍କ ସହିତ ମିଳିମିଶି ସମୟ କାଟି ଯାଆନ୍ତି। ମଙ୍ଗଳବାର ସେ ଏହି ସମ୍ମାନ ପାଇବା ପରେ ନିଜ ପ୍ରତିକ୍ରିୟାରେ କହିଛନ୍ତି, ମୁଁ ହେଉଛି ଗାଁର ଜଣେ ବ୍ୟକ୍ତି ଯିଏ ଗାଁର କଥାକୁ ନେଇ ବହି ଲେଖିଛି ଆଉ ସେହି ବହି ୮ଟି ଦେଶରେ ଚାଲୁଛି। ମୋ ଗାଁ ଏବଂ ଓଡ଼ିଶାର ବିଭିନ୍ନ ପାହାଡ଼, ପର୍ବତ, ନଦୀ, ଝରଣା, ତାଳବଣ ଏପରି କି ଚଉରା ମୂଳରେ ପଡୁଥିବା ମୁରୁଜକୁ ନେଇ ବହି ଲେଖାଯାଇଛି। ଓଡ଼ିଶାର ଏକ ନିକଟ ମଫସଲ ଗାଁରୁ ଯାଇ ଲଣ୍ଡନରେ ରହିବା ଏକ ସଂଘର୍ଷର କାହାଣୀ। ମୁଁ ପ୍ରଥମେ ଡାକ୍ତର ହେବାକୁ ଇଚ୍ଛା ପ୍ରକାଶ କରିଥିଲି କିନ୍ତୁ ଡାକ୍ତର ବଦଳରେ ଜଣେ ଚିତ୍ରଶିଳ୍ପୀ ଓ ଲେଖକ ହୋଇଗଲି।



ଲେଖକ ଓ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତି।

୧୯୩୫ ଏପ୍ରିଲ ୧୬ରେ ବିରୂପା ନଦୀକୂଳ ନାନ୍‌ପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ଏହି ଚିତ୍ରଶିଳ୍ପୀ ବିଭିନ୍ନ ଦେଶରେ ଚିତ୍ର ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ସେ ଇଂଲଣ୍ଡ, ଜର୍ମାନ, ଫ୍ରାନ୍ସ , ନରୱେ, ଇଟାଲୀ, ଆମେରିକା, ଜାପାନ, ଫିଲିପାଇନ୍ସ ଓ ଭାରତର ବହୁ ସ୍ଥାନରେ ଚିତ୍ରକଳା ପ୍ରଦର୍ଶନୀରେ ଭାଗ ନେଇ ସମ୍ମାନିତ ହୋଇଛନ୍ତି। ଏପରି କି ତାଙ୍କ ଚିତ୍ରକୁ ଇଂଲଣ୍ଡ ସରକାର ୧୫ ହଜାର ପାଉଣ୍ଡରେ କିଣି ନେଇ ମ୍ୟୁଜିୟମରେ ସ୍ଥାନିତ କରିଛନ୍ତି। ତାଙ୍କର ପ୍ରଥମ ପୁସ୍ତକ 'ମାଇଁ ଭିଲେଜ୍ ମାଇଁ ଲାଇଫ୍' ୧୯୭୩ରେ ପ୍ରଥମେ ଲଣ୍ଡନରେ ପ୍ରକାଶିତ ହୋଇଥିଲା, ଯାହାକୁ ଅକ୍ସଫୋର୍ଡ ୟୁନିଭରସିଟି ପ୍ରେସ୍ ପ୍ରକାଶନ କରିଥିଲା। ସେହି ପୁସ୍ତକଟି ଧୀରେ ଧୀରେ ବହୁଳ ବିକ୍ରି ହୋଇ ୮ଟି ଦେଶରେ ପ୍ରଚଳିତ ହେଲା। ପ୍ରଫୁଲ୍ଲ ସମସ୍ତ ପୁସ୍ତକ ଇଂଲିଶ ଭାଷାରେ ଲେଖିଛନ୍ତି। ସେଗୁଡ଼ିକ ହେଲା 'ମାଇଁ ଭିଲେଜ୍ ମାଇଁ ଲାଇଫ', 'ଇଣ୍ଡିଆନ୍ ଭିଲେଜ ଟିଅର୍ସ', 'ଥ୍ରୋ ବ୍ରାଉନ୍ ଆଇଜ୍','ଚେଞ୍ଜିଂ ଭିଲେଜ୍ ଚେଞ୍ଜିଂ ଲାଇଫ', 'ଲଗିଙ୍ଗ ଓ ଶୂନ୍ୟ' ଏହିସବୁ ପୁସ୍ତକ ବିଭିନ୍ନ ଦେଶରେ ପ୍ରଚଳିତ ହେଉଅଛି। ମଙ୍ଗଳବାର ପ୍ରଫୁଲ୍ଲ ସମ୍ମାନ ପାଇବା ପରେ ବଡ଼ଚଣା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, କବି ଓ ରାଜନୈତିକ ବ୍ୟକ୍ତିବିଶେଷ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସଂକ୍ଷେପରେ

### ପାକିଡି ପାହାଡ଼କୁ ଇକୋ ଟୁରିଜମ କେନ୍ଦ୍ର ଲାଗି ସ୍ମାରକପତ୍ର

ଆସିକା,୧୬।୧୧(ଡି.ଏନ.ଏ.)-ଆସିକା-ବ୍ରହ୍ମପୁର ୫୯ ନଂ ଜାତୀୟ ରାଜପଥ କଡ଼ରେ ଥିବା ପାକିଡି ପାହାଡ ଜାତୀୟ ପକ୍ଷୀ ମୟୂରଙ୍କ ଆବାସସ୍ଥଳି ଭାବେ ବେଶ ଜଣାଶୁଣା। ଏହି ପାହାଡର ସାମଗ୍ରୀକ ଉନ୍ନତିକରଣ ପୂର୍ବକ ଏହାକୁ ଏକ ଇକୋ ଟୁରିଜମ କେନ୍ଦ୍ରରେ ପରିଣତ କରିବା ଲାଗି ମୟୂର ସୁରକ୍ଷା ସମିତି ପକ୍ଷରୁ ରାଜ୍ୟ ସରକାରଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ବୁଧବାର ସ୍ଥାନୀୟ ଚିନିଶିଳ୍ପ ଅତିଥି ଭବନଠାରେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ସହ ସାକ୍ଷାତ କରି ସୁରକ୍ଷା ସମିତିର ସଭାପତି ସମୀର କୁମାର ପ୍ରଧାନ ଏହି ସ୍ମାରକ ପତ୍ର ପ୍ରଦାନ କରିଥିଲେ। ପ୍ରାୟ ୨ହଜାର ହେକ୍ଟର ପରିମିତ ଅଞ୍ଚଳରେ ରହିଥିବା ଏହି ଲଣ୍ଡା ପାହାଡକୁ ସବୁଜୀକରଣ କରିବା ଦିଗରେ ଏମ୍‌ପି. ପ୍ରମିଳା ବିଷୋୟୀଙ୍କ ଆପ୍ରାଣ ଉଦ୍ୟମ ଓ ପାହାଡ ଚତୁଃପାର୍ଶ୍ୱରେ ଥିବା ବନ ସଂରକ୍ଷଣ ସମିତିମାନଙ୍କର ସଂକଳ୍ପବଦ୍ଧ ପ୍ରୟାସ ଯୋଗୁ ବର୍ତ୍ତମାନ ଏହା ଜଙ୍ଗଲ ପରିପୂର୍ଣ୍ଣ ଅବସ୍ଥାକୁ ଆସିଛି। ଏଥିଲାଗି ମୟୂର ସଂରକ୍ଷଣ ସମିତିକୁ ୨୦୦୬ରେ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସୁରକ୍ଷା ସମ୍ମାନ ଓ ୨୦୦୯ରେ ରାଜ୍ୟ ସ୍ତରରେ ପ୍ରକୃତି ମିତ୍ର ସମ୍ମାନ ମଧ ଦିଆଯାଇଛି । ଏତଦ ପରିସ୍ଥିତିରେ ଏଠାରେ ରହୁଥିବା ମୟୂର ଛୁଆଙ୍କ ସୁରକ୍ଷା ସାଙ୍ଗକୁ ଏହାର ବଂଶ ବୃଦ୍ଧି ଦିଗରେ ବିହିତ ପଦକ୍ଷେପ ସାଙ୍ଗକୁ ଏକ ପର୍ଯ୍ୟଟନ ସ୍ଥଳିରେ ପରିଣତ କରାଗଲେ ଅଞ୍ଚଳବାସୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ଏହା ଯଥେଷ୍ଟ ସହାୟକ ହେବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ।

### ଆର୍. ସତ୍ୟମଙ୍କୁ କଳାରତ୍ନ ଜାତୀୟ ପୁରସ୍କାର

ଛତ୍ରପୁର,୧୬।୧୧(ଡି.ଏନ.ଏ.)-ଛତ୍ରପୁର ବ୍ଲକ ଅନ୍ତର୍ଗତ ଘଡଘଡାପଲ୍ଲୀର ଲକ୍ଷ୍ମୀନୃସିଂହ କାମିନୀ ଦାସୁଡୁ ସତ୍ୟମ ସେବା ନୃତ୍ୟକଳା କେନ୍ଦ୍ର (ଭଗବତ ଗାଦି)ର ସଭାପତି ତଥା ଜୟଦେବ ପୁରସ୍କାର ପ୍ରାପ୍ତ ବଡଦାସୁଡୁ ନୃତ୍ୟଗୁରୁ ଆର୍. ସତ୍ୟମ ରେଡ୍ଡୀଙ୍କୁ ବହୁଜନ ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀ ତରଫରୁ କଳାରତ୍ନ ଜାତୀୟ ପୁରସ୍କାର-୨୦୨୨ ସମ୍ମାନରେ ସମ୍ମାନିତ କରାଯାଇଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ତୃତୀୟ ଅଲ ଇଣ୍ଡିଆ କନଫେରେନ୍ସିରେ ଏକ ବିରାଟ ସମାବେଶରେ ବହୁଜନ ସାହିତ୍ୟ ଏକାଡେମୀର ଜାତୀୟ ସଭାପତି ନାର୍ଲା ରାଧାକ୍ରିଷ୍ଣା ଏବଂ ବହୁ ଗଣ୍ୟମାନ୍ୟ ଅତିଥି ଏହି ପୁରସ୍କାର ଦେଇଛନ୍ତି । ବୁଧବାର ଅପରାହ୍ନରେ ଆର୍. ସତ୍ୟମ ରେଡ୍ଡୀ ପୁରସ୍କାର ଧରି ଛତ୍ରପୁରରେ ପହଞ୍ଚିବା ପରେ ଜିଲାର ବହୁ ଆଧାତ୍ମିକ କଳା ସଂଗଠନର କର୍ମକର୍ତ୍ତା ଓ ନୃତ୍ୟ କଳାକାର ଏବଂ ଛତ୍ରପୁରବାସୀ ସ୍ଥାନୀୟ ବଡ଼ ଷ୍ଟେସନଠାରେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ଜାତୀୟ ପ୍ରେସ ଦିବସ

ଆସିକା,୧୬।୧୧(ଡି.ଏନ.ଏ.)-ଆସିକାରେ ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ବୁଧବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଥିଲା। ପୂର୍ବାହ୍ନରେ ସ୍ଥାନୀୟ ଲାୟନ୍ସ କ୍ଲବ ସଭାଗୃହରେ ଉତ୍କଳ ସାମ୍ବାଦିକ ସଂଘ ଓ ଆସିକା ଜୋର୍ଣ୍ଣାଲିଷ୍ଟ ଆସୋସିଏସନର ମିଳିତ ଉଦ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଷୀରୋଦ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ, ମୁଖ୍ୟବକ୍ତା ଭାବେ ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ ଏବଂ ସମ୍ମାନିତ ଅତିଥି ଭାବେ ଆସିକା ଏମ୍‌ପି. ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଅତିରିକ୍ତ ଜିଲା ଲୋକ ସମ୍ପର୍କ ଅଧିକାରୀ ଗୌରୀଶଙ୍କର ଶତପଥୀ, ଚିନିଶିଳ୍ପ ସଭାପତି ରବୀନ୍ଦ୍ର ପଣ୍ଡା, ଏମ୍‌ପିସିଏସ ସଭାପତି କାର୍ତ୍ତିକେଶ୍ୱର ପରିଡ଼ା, ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ଯୁବନେତା ନଚିକେତା ସ୍ୱାଇଁ, ଶିବ ନାହାକ, ଭଗବାନ ସାହୁ, ସତ୍ୟନାରାୟଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଆସିକା ଜର୍ଣ୍ଣାଲିଷ୍ଟ ଆସୋସିଏଶନର ସଭାପତି ଅନିଲ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିଭଳି ସନ୍ଧ୍ୟାରେ ସ୍ଥାନୀୟ ଅଶୋକ କନଫେରେନ୍ସ ହଲ ଠାରେ ଆସିକା ପ୍ରେସ କ୍ଲବ ପକ୍ଷରୁ କ୍ଲବର ସଭାପତି ସତ୍ୟନାରାୟଣ ରଥଙ୍କ ଅଧ୍ୟକ୍ଷତାରେ ପ୍ରେସ ଦିବସ ପାଳିତ ହୋଇଥିଲା ।

# ମହୁଲରୁ ପ୍ରସ୍ତୁତ ଲଡୁର ଚାହିଦା ବଢୁଛି

**ରାକେଶ ରାଉତ**
**ଫୁଲବାଣୀ ଅଫିସ, ୧୬।୧୧**

ମହୁଲରୁ ପ୍ରସ୍ତୁତ ଲଡୁର ଚାହିଦା ବଢୁଥିବା ତାହା ଅଳ୍ପ କେତେଜଣ ଜାଣିଥିବେ । ମହୁଲ ଲଡୁ ନାଁ ଶୁଣିବାକୁ ଅଜବ ଲଗୁଥିଲେ ମଧ ଏହା ଆଦିବାସୀମାନଙ୍କ ପ୍ରିୟ ମିଷ୍ଟାନ। ମହୁଲ ଲଡୁକୁ ଆଦିବାସୀମାନେ ପୂଜାପର୍ବାଣୀ, ଭୋଜିଭାତରେ ମଧ ବ୍ୟବହାର କରନ୍ତି। ଏବେ ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ ମହୁଲରୁ କିପରି ଲଡୁ ତିଆରି କରାଯାଇ ପାରିବ, ସେଥିପାଇଁ ବ୍ଲକ ଜୀବିକା ମିଶନ ଜରିଆରେ ତାଲିମ ଦିଆଯାଉଛି । ମହୁଲକୁ ଲୋକେ କିଲୋ ପ୍ରତି ଅତିକମ୍ ଦାମ୍ ୨୦/୩୦ ଟଙ୍କାରେ ବିକ୍ରି କରୁଛନ୍ତି। ବର୍ତ୍ତମାନ କିଛି ସ୍ୱୟଂ ସହାୟିକା ଗୋଷ୍ଠୀ ମହୁଲ ଲଡୁ ତିଆରି କରି କିଲୋ ପିଛା ୧୫୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରି ପାରୁଛନ୍ତି। ମହୁଲ ଆଦିବାସୀମାନଙ୍କ ପାରମ୍ପରିକ ଖାଦ୍ୟ ଆଦିମ କାଳରୁ ସେମାନେ ମହୁଲରୁ ମଦ ପ୍ରସ୍ତୁତ କରି ଆସୁଛନ୍ତି। ସେହିପରି ମହୁଲ ପିଠା, ଲେଥା ଓ ମହୁଲ ଫଳ ଗରାରୁ ଖାଇବା ତେଲ ଆଦି ହେଉଛି। ମହୁଲରୁ ପ୍ରସ୍ତୁତ ମଦ ପୂଜା ପାର୍ବଣରେ ନିହାତି ଆବଶ୍ୟକ ହୋଇଥାଏ।



ମହିଳାମାନେ ଲଡୁ ପ୍ରସ୍ତୁତି ତାଲିମ ନେଉଛନ୍ତି।

ବର୍ତ୍ତମାନ ଆଦିବାସୀ ମହିଳାମାନଙ୍କୁ ଆତ୍ମ ନିର୍ଭରଶୀଳ କରାଇବା ଲାଗି ଓଡିଶା ଜୀବିକା ମିଶନ କର୍ମଚାରୀମାନେ ଗାଁ କୁ ଗାଁ ଯାଇ ମହୁଲରୁ ଲଡୁ ପ୍ରସ୍ତୁତି ପ୍ରଣାଳୀ ଶିକ୍ଷା ଦେଉଛନ୍ତି। ଯାହା ଫଳରେ ସେମାନେ ଘରେ ସାଇତି ରଖିଥିବା ମହୁଲରୁ ଲଡୁ ତିଆରି କରି ଲାଭବାନ ହୋଇପାରିବେ। ପ୍ରତିବର୍ଷ ମାର୍ଚ୍ଚରୁ ଏପ୍ରିଲ ମଧରେ ଗଛରେ ମହୁଲ ହୁଏ । ଏହାକୁ ସଂଗ୍ରହ କରି ଖରାରେ ଭଲ ଭାବରେ ଶୁଖାଇ ଦିଆଯାଏ। ଲଡୁ ପ୍ରସ୍ତୁତ ପୂର୍ବରୁ ୪/୫ ଦିନ ପୁଣି ଖରାରେ ମହୁଲକୁ ଶୁଖାଯାଏ। ଏହାପରେ ପାଖୁଡାକୁ ଭଲ ଭାବେ ଛଡାଇବା ପରେ ଭାଜି ପାଗ କରାଯାଏ । ଭଜା ମହୁଲରେ ରାଶି ଓ ବାଦାମ ମିଶାଇ ଗୁଡରେ ପାଗ କରାଯାଏ । ଯାହା ଅନ୍ୟ ମିଠା ଭଳି ସ୍ୱାଦିଷ୍ଟ ଲାଗେ। ମହୁଲ ମିଠା କରି ଭଲ ରୋଜଗାର କରିପାରୁଛୁ । ୧୦ଟି ଲଡୁରେ ଗୋଟିଏ ପ୍ୟାକେଟ କରାଯାଉଛି। ତାହାକୁ ୫୦ ଟଙ୍କାରେ ବିକ୍ରି କରାଯାଉଛି । ଏକ କିଲୋ ମହୁଲରେ ୩୦ଟି ଲଡୁ ତିଆରି ହେଉଛି। ଫୁଲବାଣୀ ବଜାର ସମେତ ଅନ୍ୟସ୍ଥାନରେ ବିକ୍ରି କରୁଛୁ ବୋଲି ମା' ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠି ସଦସ୍ୟ ପଙ୍କଜିନୀ ମଲ୍ଲିକ, ଶାନ୍ତିଲତା କହଁର, ସୁମିତ୍ରା କହଁର ପ୍ରମୁଖ ପ୍ରକାଶ କରିଛନ୍ତି।

## ଅଙ୍ଗନୱାଡି କେନ୍ଦ୍ର ବୁଲିଲେ ୫ ଶିକ୍ଷାନବିସ

**ସୋରଡା,୧୬।୧୧(ଡି.ଏନ୍.ଏ.)**

ସୋରଡା ବ୍ଲକକୁ ଆସିଥିବା ୫ ଶିକ୍ଷାନବିସ ବୁଧବାର ଆଦିବାସୀ ବହୁଳ ଗୋଛା ପଞ୍ଚାୟତରେ ପହଞ୍ଚି ବାଲାପଙ୍କା ଗ୍ରାମକୁ ଯାଇ ଅଙ୍ଗନବାଡି କେନ୍ଦ୍ର ବୁଲିବା ସହ କେନ୍ଦ୍ର ପରିଚାଳକ କୁସୁମ ପଟ୍ଟନାୟକଙ୍କ ସହ ଶିଶୁ ବିକାଶ କାର୍ଯ୍ୟକ୍ରମ ଉପରେ ପଚାରି ବୁଝିଥିଲେ। ଛୋଟ ଶିଶୁମାନଙ୍କ ସହ ନାଚ ଗୀତ କରି ଖୁସି କରାଇଥିଲେ। ଗୋଛାରେ ପହଞ୍ଚି ରାଶନ ବଣ୍ଟନ, ଭତ୍ତା ବଣ୍ଟନ ସହ ଗ୍ରାମସଭାରେ ଯୋଗଦେଇଥିଲେ। ସେଠାକାର ଆଦର୍ଶା ଗାଈ ଗୁହାଳ ,ବାଇଗଣ ଚାଷ , ମିଶନ ଶକ୍ତି ବ୍ୟବସ୍ଥା ବୁଲି ଦେଖିଥିଲେ। ପରେ ଗ୍ରାମର ଜନସାଧାରଣଙ୍କ ସହ ଭାବ ବିନିମୟ କରି କଂସାରେ ପଖାଳ ସହ ବଡି ଚୂରା, ଶାଗ, ଭେଣ୍ଡି ଭଜା, ବାଇଗଣ ଭରତା, ଆଚାର, ସାରୁ , କଦଳୀ ଭଜା ଖାଇଥିଲେ। ଆଦିବାସୀମାନେ ଫୁଲ ତୋଡା ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସରପଞ୍ଚ ତ୍ରିଲୋଚନ ସାହୁ , ଜିଲା ପରିଷଦ ରାଜେଶ କୁମାର ସାହୁଙ୍କ ପରିଚାଳନାରେ ସମସ୍ତ ଶିକ୍ଷନବିସ ସେଠାକାର ବିଭିନ୍ନ ଯୋଜନା ରୂପାୟନ ଉପରେ ବୁଲିଦେଖିଥିଲେ। ବି ସିମାଞ୍ଚଳ ମଣ୍ଡଳ, ଗଣ୍ଡିଳ ଅଧିକାରୀ ସଞ୍ଜୀବ ରାଜ ସେନାପତି ଉପସ୍ଥିତ ରହି ସଂଯୋଜନା କରିଥିଲେ ।



୫ ଶିକ୍ଷାନବିସ ପଖାଳ ଖାଉଛନ୍ତି।

# ମଙ୍ଗୁଲୁଧର ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି



ନବନିର୍ବାଚିତ ସଭାପତିଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଉଛି ।

**ଆସିକା,୧୬।୧୧(ଡି.ଏନ.ଏ)**

ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ସଭାପତି ରୂପେ ମଙ୍ଗୁଲୁଧର ସାହୁ ଅପ୍ରତିଦ୍ୱନ୍ଦ୍ୱୀ ନିର୍ବାଚିତ ହୋଇଛନ୍ତି । ବୁଧବାର ସଭାପତି ନିର୍ବାଚନ ଲାଗି ନାମାଙ୍କନ ଦାଖଲର ସମୟସୀମା ମଧ୍ୟରେ ଏହି ବ୍ୟାଙ୍କର ୧୫ ନମ୍ବର ଜୋନର ଅପ୍ରତିଦ୍ୱନ୍ଦ୍ୱୀ ଡାଇରେକ୍ଟର ମଙ୍ଗୁଲୁଧରଙ୍କ ଏକମାତ୍ର ନାମାଙ୍କନ ଦାଖଲ ହୋଇଥିବାରୁ ନିର୍ବାଚନ ଅଧିକାରୀ ସଞ୍ଜୟ କୁମାର ସାମନ୍ତରାୟ ତାଙ୍କୁ ନିର୍ବାଚିତ ସଭାପତି ଘୋଷଣା କରିଛନ୍ତି। ମଙ୍ଗୁଲୁଧରଙ୍କ ଏହି ବିଜୟରେ ଗଞ୍ଜାମ ଜିଲା ବିଜେଡି ପ୍ରଭାରୀ ତଥା ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଆସିକା ଏମପି. ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସାନଖେମୁଣ୍ଡି ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ଚିନିଶିଳ୍ପ ସଭାପତି ରବିନ୍ଦ୍ର ପଣ୍ଡା, ଏମ୍‌ପିସିଏସ ସଭାପତି କାର୍ତ୍ତିକେଶ୍ୱର ପରିଡା, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଯୁବନେତା ଭଗବାନ ସାହୁ, ଶିବ ନାହାକ, ସତ୍ୟନାରାୟଣ ସ୍ୱାଇଁ, ଆସିକା ବ୍ଲକ ଉପାଧ୍ୟକ୍ଷା ରେସମା ଦୋରା, ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁଙ୍କ ସମେତ ବହୁ ଆଗଧାଡିର ବିଜେଡି ନେତା ନବନିର୍ବାଚିତ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ ।

## ଦୋକାନରୁ ମୋବାଇଲ ଓ ଲାପ୍‌ଟପ ଚୋରି ଘଟଣା
# ୨ କୋର୍ଟ ଚାଲାଣ, ଦୁଇ ଫେରାର

**ଶେରଗଡ଼,୧୬।୧୧(ଡି.ଏନ.ଏ.)**

ଶେରଗଡ଼ର ଡାକରଡା ବାଇପାସ ରାସ୍ତାରେ ଥିବା ଏକ ଦୋକାନରୁ ଗତ ୫ ତାରିଖରେ ଦୁର୍ବୃତ୍ତମାନେ ଦୋକାନ ଭାଙ୍ଗି ବହୁ ମୋବାଇଲ ଓ ଲାପଟପ ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବୁଧବାର ଶେରଗଡ଼ ପୋଲିସ ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଇକ ଜଗନ୍ନାଥପୁର ଗ୍ରାମର ଦିଲୀପ ବିଷୋୟୀ ଓ ବିଭୁ ସେଠୀ। ସେମାନଙ୍କଠାରୁ ୧୦୦ରୁ ଅଧିକ ଦାମୀ ମୋବାଇଲ ଓ ଲାପ୍‌ଟପ ମଧ ଜବତ ହୋଇଛି। ଏ ନେଇ ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି। ଦୋକାନ ମାଲିକ ଶ୍ୟାମସୁନ୍ଦର ପାଣିଗ୍ରାହୀ ଦୋକାନ ଖୋଲିବା ପାଇଁ ଆସିବା ବେଳେ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ



ପୋଲିସ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛି।

କରିଥିଲେ। ପୋଲିସ ନଂ.୩୮୫/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୨ ଫେରାର ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ବ୍ରିଜେଶ କୁମାର ରଏ, ଗଞ୍ଜାମ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପିକେ ଦଳେଇ, ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଉମାକାନ୍ତ ସିଂ ଓ ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ, ଏଏସ୍‌ଆଇ କୃଷ୍ଣଚନ୍ଦ୍ର ଦାଶ ଉପସ୍ଥିତ ଥିଲେ।

## ବାହାଲପୁର, ହଂସପୁର ଓ ମଲାଡ଼ରୁ ବାଲି ଉତ୍ତୋଳନ ରାସ୍ତା ସଫା
# ପରିବେଶ ମଞ୍ଜୁରୀ ପାଇଁ ଜନଶୁଣାଣି

**ଗଞ୍ଜାମ,୧୬।୧୧(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ପଞ୍ଚାୟତର ମାଳି ଜଗନ୍ନାଥପୁର ଗ୍ରାମ ସ୍ଥିତ ବାଲି ଲୋକନାଥ ଶୈବପୀଠ ପ୍ରାଙ୍ଗଣରେ ଏକ ଜନ ଶୁଣାଣି ହୋଇଯାଇଛି। ଏଥିରେ ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର, ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ, ଛତ୍ରପୁର ତହସିଲଦାର ପ୍ରକାଶ କୁମାର ମିଶ୍ର, ଦିଲ୍ଲୀ ନୋଏଡାରୁ ଆସିଥିବା କେନ୍ଦ୍ର ପଲ୍ୟୁଶନ ବିଭାଗୀୟ ଅଧିକାରୀ ପ୍ରମୁଖଙ୍କ ଉପସ୍ଥିତିରେ ଜନଶୁଣାଣି ହୋଇଥିଲା। ସ୍ଥାନୀୟ କାଇଁଚପୁର ମଲାଡ଼ ଓ ଛତ୍ରପୁର ବ୍ଲକ ଅନ୍ତର୍ଗତ ହଂସପୁର ପଞ୍ଚାୟତର ଜନ ପ୍ରତିନିଧି ଓ ଅଞ୍ଚଳବାସୀ ଉପସ୍ଥିତ ରହି ବାୟୁପ୍ରଦୂଷଣ ନେଇ ନିଜ ନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। ଲୋକମତକୁ ନେଇ ସ୍ଥାନୀୟ ଅଞ୍ଚଳରେ ବାୟୁ ପ୍ରଦୂଷଣ ମୁକ୍ତ ପାଇଁ ବିଭିନ୍ନ ଅଞ୍ଚଳରେ ଚାରା ରୋପଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବାଲି ବୋଝେଇ ହୋଇ ଯାଉଥିବା ଯାନବାହନଗୁଡ଼ିକରେ ପାଲ ଢାଙ୍କି ନେବା, ଯାନବାହନଗୁଡ଼ିକୁ ୨୦କିମି ବେଗରେ ଚଲାଇବା ଏବଂ ରାସ୍ତାରେ ଜଳ ସିଞ୍ଚନ କରିବାକୁ ନେଇ ପ୍ରଶାସନ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥିଲା। ଗଞ୍ଜାମ ବ୍ଲକର ବାହାଲପୁର, ଶ୍ରୀବଣା ବାଲିଘାଟ ଓ ଛତ୍ରପୁର ବ୍ଲକର ହଂସପୁର ବାଲିଘାଟ କ୍ଷେତ୍ରରେ ପରିବେଶ ମଞ୍ଜୁରୀ ପାଇଁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପୃକ୍ତ କ୍ଷେତ୍ର ଅଞ୍ଚଳର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ, ଲୋକପ୍ରତିନିଧି, ପୋଲିସ ପ୍ରଶାସନ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ହାତୀ ମୃତ୍ୟୁ ଘଟଣା: ୪ ଗିରଫ, ଜଣେ ଫେରାର

**ବୁଗୁଡ଼ା,୧୬।୧୧(ଡି.ଏନ.ଏ.)**

ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବେଲପଡା ଗ୍ରାମ ନିକଟସ୍ଥ ଧାନ କିଆରିରୁ ବିଦ୍ୟୁତ ଫାସରେ ପଡି ଏକ ଦନ୍ତା ହାତୀ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ୪ ଜଣଙ୍କୁ ବନ ବିଭାଗ ପକ୍ଷରୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜଣେ ଫେରାର୍ ଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ବେଲପଡା ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକ (୪୭), ମହେଶ୍ୱର ନାୟକ (୫୦), କୃଷ୍ଣଚନ୍ଦ୍ର ନାୟକ (୩୫) ଓ ଭିକାରୀ ସ୍ୱାଇଁ (୩୫) । ଏ ନେଇ ବୁଗୁଡା ବନ ବିଭାଗ ପକ୍ଷରୁ ଓଆର କେସ୍ ନଂ ୨୫୬/୨୦୨୨-୨୩ରେ ଏକ ମାମଲା ରୁଜୁ ହୋଇଥିବା ଏସିଏଫ୍ ପ୍ରଭାକର ନାୟକଙ୍କ ଠାରୁ ପ୍ରକାଶ। ପ୍ରକାଶଥାଉ କି, ଗତ ସୋମବାର ଉକ୍ତ ମୃତ ହାତୀକୁ ଠାବ



ଗିରଫ ଅଭିଯୁକ୍ତ।

କରାଯାଇଥିଲା। ହାତୀଟିର ମୃତଦେହ ବ୍ୟବଚ୍ଛେଦ ପରେ ତାହା ବିଦ୍ୟୁତ ଆଘାତ ଜନିତ ମୃତ୍ୟୁ ବୋଲି ସ୍ପଷ୍ଟ ହୋଇଥିଲା। ତାପରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲ୍ଲୀପ କୁମାର ରାଉତଙ୍କ ନିର୍ଦ୍ଦେଶରେ ଏସିଏଫ୍ ପ୍ରଭାକର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ତନାଘନା ଜାରି ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ଜଣଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସିଏଫ୍ କହିଥିଲେ।

# ୧୯ରେ ଶିକ୍ଷକ ସଂଘର ବିଇଓ ଅଫିସ୍ ଘେରାଉ

**ଭଞ୍ଜନଗର,୧୬।୧୧(ଡି.ଏନ୍.ଏ.)**

## ୨୭ରେ ବିଧାନସଭା ସମ୍ମୁଖରେ ଧାରଣା

ରାଜ୍ୟ ମିଳିତ ଶିକ୍ଷକ ସଂଘର ଆହ୍ୱାନକ୍ରମେ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଦେଢ ଲକ୍ଷରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ବିଧାନ ସଭା ବସିଲେ ୩ଦଫା ଦାବି ନେଇ ଆନ୍ଦୋଳନ କରିବେ। ଆନ୍ଦୋଳନକୁ ସଫଳ କରିବା ପାଇଁ ଭଞ୍ଜନଗର ବ୍ଲକ ମିଳିତ ଶିକ୍ଷକ ସଂଘ ପକ୍ଷରୁ ବୁଧବାର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଗୋପାଳ ସମାଜ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୯ ତାରିଖରେ ସଂଘ ପକ୍ଷରୁ ବିଇଓ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ସରକାର ଅବହେଳା କଲେ ଶିକ୍ଷକମାନେ ୨୭ରୁ ବିଧାନସଭା ସମ୍ମୁଖରେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ କରିବେ। ଆନ୍ଦୋଳନକୁ କିଭଳି ସଫଳ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଶିକ୍ଷକମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟି ଆବେଦନ



ବୈଠକରେ ଉପସ୍ଥିତ ଶିକ୍ଷକ।

କରି ଆନ୍ଦୋଳନରେ ସାମିଲ ହେବେ । ୬ବର୍ଷ ଚାକିରି କରିଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ଚାକିରିକୁ ନିୟମିତ ଚାକିରି ସହ ଯୋଡ଼ିବା, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପୁରୁଣା ପେନସନ ଦାବିରେ ଏହି ଆନ୍ଦୋଳନ କରାଯିବ। ବୈଠକରେ ସଞ୍ଜୟ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଶିକ୍ଷକ ନେତା ସିଦ୍ଧାର୍ଥ ଶତପଥୀ, ସନ୍ତୋଷ ରଥ, ସୁଦାମ ଦଳବେହେରା, କାଳୁ ସେଠୀ, ଜଗଦୀଶ ନାୟକ, ମନ୍ମଥ ବିଶୋଇ, ନିର୍ମଳ ସ୍ୱାଇଁ, ବାବୁ ନାୟକ, ଅବିନାଶ ପଣ୍ଡା, ସଙ୍ଗୀତା ପଣ୍ଡା, ମନବିନ ଜେନା, ବଳରାମ ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆନ୍ଦୋଳନକୁ ସଫଳ କରିବା ପାଇଁ ଏକ କମିଟି ଗଠନ ହୋଇଛି ବୋଲି ଶିକ୍ଷକ ନେତା ସିଦ୍ଧାର୍ଥ ଶତପଥୀ ପ୍ରକାଶ କରିଛନ୍ତି।

# ବିଦ୍ୟୁତ୍ କର୍ମଚାରୀଙ୍କ ସୁରକ୍ଷିତ କର୍ମ ସମ୍ପାଦନ ନିମନ୍ତେ ଶପଥ

**ଜି.ଉଦୟଗିରି,୧୬।୧୧(ଡି.ଏନ.ଏ.)**

ଜି.ଉଦୟଗିରି ବ୍ଲକ ପ୍ରେକ୍ଷାଳୟଠାରେ ବୁଧବାର ସ୍ଥାନୀୟ ଟିପିଏସ୍‌ଓଡିଏଲ୍‌ର ବିଦ୍ୟୁତ୍ କାର୍ଯ୍ୟାଳୟ ଅଧିକାରୀ ଏସ୍‌ଡିଓ ଶ୍ୟାମସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ବିଦ୍ୟୁତ୍ କର୍ମଚାରୀଙ୍କ ସୁରକ୍ଷିତ କର୍ମ ସମ୍ପାଦନ କରିବା ନିମନ୍ତେ ଶପଥ ଗ୍ରହଣ ସହ ସୁରକ୍ଷା ସମ୍ବନ୍ଧିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲା ଜି.ଉଦୟଗିରି ସବ୍‌ଡିଭିଜନ ବିଦ୍ୟୁତ୍ କାର୍ଯ୍ୟାଳୟ ଅନ୍ତର୍ଗତ ଟିକାବାଲି, ରାଇକିଆ, ଜି.ଉଦୟଗିରି, ଚକାପାଦ କାର୍ଯ୍ୟାଳୟର ବିଦ୍ୟୁତ୍ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କର୍ମଚାରୀ ନିଜେ ସୁରକ୍ଷିତ ରହି କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। କାର୍ଯ୍ୟ ସମ୍ପାଦନ କରିବା ନେଇ ଟାଟା ପାୱାର କର୍ପୋରେଶନ ସୁରକ୍ଷା ବିଭାଗ ତରଫରୁ ଟିମ୍ ଲିଡର ଗଙ୍ଗାଧର ସାହୁଙ୍କ ନେତୃତ୍ୱରେ ବିକାଶ ରଞ୍ଜନ ସାହୁ, ଦିନେଶ କୁମାର ସାହୁ ପ୍ରମୁଖ ବିଭିନ୍ନ ବିଷୟ ଉପରେ ତାଲିମ ପ୍ରଦାନ କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ପ୍ରତିଜ୍ଞା ନେବା ଓ ତାଲିମ ଶିବିରରେ କନ୍ଧମାଳ ଜିଲା ଓ ଭଞ୍ଜନଗର ବିଦ୍ୟୁତ୍ କାର୍ଯ୍ୟାଳୟର ଉଚ୍ଚ ପଦସ୍ଥ ଅଧିକାରୀ ତଥା ଫୁଲବାଣୀ ଅଧୀକ୍ଷଣ ଯନ୍ତ୍ରୀ ମନୋଜ କୁମାର ମହାନ୍ତି, ଭଞ୍ଜନଗର ଅଧୀକ୍ଷଣ ଯନ୍ତ୍ରୀ ନୃସିଂହ ନାରାୟଣ ପଣ୍ଡା, ଜି.ଉଦୟଗିରି ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମସୁନ୍ଦର ବେହେରାଙ୍କ ସମେତ ଅନେକ ଅଧିକାରୀ ଯୋଗ ଦେଇଥିଲେ।